# ବଣ ମୁଲକର ସଙ୍ଗୀତ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ବଣ ମୁଲକର ସଙ୍ଗୀତ

ଡ଼ଃ. ବିନୋଦ କୁମାର ନାୟକ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ବଣ ମୁଲକର ସଙ୍ଗୀତ

*ରଚନା* : ଡ଼ଃ. ବିନୋଦ କୁମାର ନାୟକ

*ସମ୍ପାଦନା* : ଡ଼ଃ. ପରମାନନ୍ଦ ପଟେଲ

©*ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଜାନୁୟାରୀ, ୨୦୧୬

*ମୁଦ୍ରଣ* : ଭୋଲାନାଥ ପ୍ରେସ୍
ବମିଖାଲ, ଭୁବନେଶ୍ୱର

**BANA MULAKARA SANGITA**

**Compilation :** **Dr. Binod Kumar Nayak**

***Editor*** : Dr. Paramananda Patel

©***Publisher :*** Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

First Edition : January 2016.

Printed at : Bholanath Press
Bomikhal, Bhubaneswar.

# ମୁଖବନ୍ଧ

ବାଲେଶ୍ୱର ଜିଲ୍ଲାର ନୀଳଗିରି ଅନୁମଣ୍ଡଳରେ ଅବସ୍ଥିତ କୁଳଡିହା ଅଭୟାରଣ୍ୟ (ଚନ୍ଦ୍ରଚୂଡ ପର୍ବତମାଳା), ମୟୂରଭଞ୍ଜ ଜିଲ୍ଲାର ମଧ୍ୟ ଭାଗରେ ଅବସ୍ଥିତ ଶିମିଳିପାଳ ଜୈବମଣ୍ଡଳ (ମେଘାସନ ପର୍ବତମାଳା) ଓ କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତ ତଥା ଚମ୍ପୁଆ ଅନୁମଣ୍ଡଳରେ ଅବସ୍ଥିତ ସେରେଣ୍ଡା ଜଙ୍ଗଲ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଓ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ୍‌କୁ ପରିବ୍ୟାପ୍ତ । ଏହିସବୁ ବନାଞ୍ଚଳକୁ ବଣମୁଲକ ରୂପେ ଗ୍ରହଣ କରାଯାଇଛି । ଏହି ବନାଞ୍ଚଳ ପରିବେଶରେ ବାସ କରନ୍ତି ବହୁ ଆଦିବାସୀ ଗୋଷ୍ଠୀ ଓ ଅଣ ଆଦିବାସୀ ଗୋଷ୍ଠୀର ଲୋକମାନେ । ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ଅଛନ୍ତି-ସାନ୍ତାଳ, କୋହ୍ଲ-ହୋ, ଭୂମିଜ, ମୁଣ୍ଡା, ଲୋଧା, ମାଙ୍କିଡିଆ, ଖଡିଆ, ବିରହଲ୍, ବାଥୁଡ଼ି, ଭୂୟାଁ, ଗଣ୍ଡ, ସାଉଁତି, ଜୁଆଙ୍ଗ ଆଦି ଆଦିବାସୀ ଓ ପ୍ରାଚୀନ ଆଦିବାସୀ, ଅଣ ଆଦିବାସୀ ଜାତିର ଲୋକମାନଙ୍କ ମଧ୍ୟରେ ରହିଛନ୍ତି- କୁଳମି (ମହାନ୍ତ), କମାର, କୁମ୍ଭାର, ପାତ୍ରତନ୍ତୀ, ଗୌଡ଼, ପୁରାଣ, ବ୍ରାହ୍ମଣ, କରଣ, ଖଣ୍ଡାୟତ, ମହାନ୍ତି ଆଦି । ଏହି ଅଞ୍ଚଳରେ ମୁଖ୍ୟତଃ ଦୁଇ ଭାଷା ଗୋଷ୍ଠୀର ଲୋକ ଦେଖାଯାଆନ୍ତି । ମୁଣ୍ଡା ଭାଷା ଗୋଷ୍ଠୀ ଓ ଭାରତୀୟ ଆର୍ଯ୍ୟଭାଷା ଗୋଷ୍ଠୀ । ସାନ୍ତାଳୀ, ହୋ, ଭୂମିଜ, ମୁଣ୍ଡା, ବିରହଲ ଜୁଆଙ୍ଗ, ମାହାଲି, ଆଦିଙ୍କ ଭାଷା ହେଉଛି ମୁଣ୍ଡା ଭାଷା ଗୋଷ୍ଠୀର ଭାଷା । ଗଣ୍ଡ, ସାଉଁତି, ଭୂୟାଁ, ବାଥୁଡ଼ି, ଖଡିଆ ଆଦି ଆଦିବାସୀ ଓ ବ୍ରାହ୍ମଣ, କରଣ -ମହାନ୍ତି, ଖଣ୍ଡାୟତ ଗୌଡ଼, ପାତ୍ରତନ୍ତୀ ଆଦି ଜାତିର ଲୋକ କହୁଥିବା ଓଡିଆ (ମୟୂରଭଞ୍ଜିଆ) ଭାଷା ଓ କମାର, କୁମ୍ଭାର, ଲୋଧା, କୁଳମି (ମହାନ୍ତ) ମାନେ କହୁଥିବା କୁଳମାଲୀ ଭାଷା ଆଦି ଭାରତୀୟ ଆର୍ଯ୍ୟଭାଷା ଗୋଷ୍ଠୀର । କୁଳମାଲୀ ଭାଷା ହେଉଛି ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ଭାଷାର ମିଶ୍ରିତ ରୂପ । ଏଥିରେ ମୁଣ୍ଡାଭାଷା ଗୋଷ୍ଠୀର ଶବ୍ଦ ମଧ୍ୟ ଦେଖିବାକୁ ମିଳେ । ଏ ଅଞ୍ଚଳର ସବୁ ଅଧିବାସୀ ସ୍ଥାନୀୟ ଓଡ଼ିଆକୁ ଭାବଗତ ଆଦାନ ପ୍ରଦାନ ପାଇଁ ବ୍ୟବହାର କରନ୍ତି ।

ବାତ୍ସ୍ୟାୟନଙ୍କ ଚୌଷଠି କଳା ମଧ୍ୟରୁ ପ୍ରଥମ ତିନୋଟି କଳା ହେଉଛି- ଗୀତ, ବାଦ୍ୟ ଓ ନୃତ୍ୟ । ଭାରତୀୟ କଳାମାନଙ୍କ ମଧ୍ୟରେ ସଙ୍ଗୀତ ସର୍ବୋତ୍କୃଷ୍ଟ କଳା ।

ଏହା ଯେ କେବଳ ମନକୁ ସାମୟିକ ଆନନ୍ଦଦିଏ ତା ନୁହେଁ, ସମଗ୍ର ଜୀବନକୁ ସରସ କରିବାରେ ଏହା ପ୍ରଧାନ ସହାୟକ ହୋଇଥାଏ । ଶାଶ୍ୱତ ପ୍ରେମ ବା ବ୍ରହ୍ମାନନ୍ଦ ପ୍ରାପ୍ତିପାଇଁ ସଙ୍ଗୀତ ଏକ ସୁଗମ ପନ୍ଥା । ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଙ୍ଗୀତର ସମ୍ପର୍କ ଅକ୍ଷୁର୍ଣ୍ଣ ଭାବରେ ଜଡ଼ିତ କହିଲେ ଅତ୍ୟୁକ୍ତି ହେବନାହିଁ । ସଙ୍ଗୀତକୁ ବାଦଦେଲେ ଜୀବନ ଧାରଣ ମଧ୍ୟ ଅସମ୍ଭବ ହୋଇପଡିବ ।

ଆଦିବାସୀ ମୂଲକରେ ଶାଳଗଛ ଓ ମହୁଲ ଗଛର ପ୍ରାଧାନ୍ୟ ରହିଛି । ଶାଳଫୁଲ ଓ ମହୁଲ ଫୁଲ; ଫଗୁଣ ଆସିଲେ ଫୁଟିଥାଏ । ଏତିକିବେଳେ ଏ ଅଞ୍ଚଳର ଆଦିବାସୀ, ସାନ୍ତାଳ, କୋହ୍ଲ-ହୋ, ମୁଣ୍ଡା, ଭୂମିଜ ସମ୍ପ୍ରଦାୟ ଫୁଲର ପର୍ବ, ବସନ୍ତ ଉତ୍ସବ-ବାହା ପାରାବ୍ ପାଳନ ଅବସରରେ ସଙ୍ଗୀତ ଆସରରେ ବାଦ୍ୟ (ମାଦଳ) ବଜାଇ, ଗୀତ ଗାଇ ନୃତ୍ୟ କରି ନିଜକୁ ପ୍ରକୃତିର ମତୁଆଲା ପରିବେଶରେ ହଜାଇ ଦିଅନ୍ତି । ପରିବେଶ ସଂଗୀତମୟ ହୋଇଉଠେ ।

ଏହି ଅବସରଟାକୁ କେବଳ ଯେ ଆଦିବାସୀ ସମାଜ ମନଭରି ଉପଭୋଗ କରନ୍ତି ତା ନୁହଁ; ପରନ୍ତୁ ଅଣ-ଆଦିବାସୀ ସମାଜ ମଧ୍ୟ ସାମିଲ ହୁଅନ୍ତି । ସମସ୍ତେ ଏକାକାର ହୋଇଯାଆନ୍ତି ଏ ଅବସରରେ । ଆଦିବାସୀ ପରମ୍ପରା ଓ ଲୋକ ପରମ୍ପରାର ମଧୁର ମିଳନରେ ଝଙ୍କୃତ ବନରାଜୀର ସଂଗୀତ କାଳଜୟୀ ।

ସେଇ କାଳଜୟୀ ସଂଗୀତ ଓ ତାର ଉତ୍ସକୁ ମୂର୍ତ୍ତକରିବାର ଉଦ୍ଦେଶ୍ୟରେ "ବଣମୂଲକର ସଂଗୀତ"ର ପରିକଳ୍ପନା । ଉତ୍ତର ଓଡ଼ିଶାର ଜନଜାତିଙ୍କ ନୃତ୍ୟ ସଂଗୀତର ଏ ଏକ ପ୍ରଥମ ଉଦ୍ୟମ ।

ଡ. ବିନୋଦ କୁମାର ନାୟକ ପୂର୍ବରୁ ଜଣେ ପେଶାଦାର ବ୍ୟାଙ୍କ ଅଧିକାରୀ ଥିଲେ ମାତ୍ର ତାଙ୍କ ନିଶାଥିଲା ଲୋକ ସଙ୍ଗୀତର ଗ୍ରନ୍ଥିମୋଚନ । ଅଜସ୍ର ଉଦ୍ୟମ ମଧ୍ୟରୁ "ବଣ ମୂଲକର ସଂଗୀତ" ତାଙ୍କର ଅନବଦ୍ୟ କୃତି । ପ୍ରକାଶନ ଅବସରରେ ଏହି ପୁସ୍ତକ ଗବେଷଣାର ମାର୍ଗ ଉନ୍ମୁକ୍ତ କରିବ ବୋଲି ଆଶା ଓ ବିଶ୍ୱାସ ।

ଅଖିଳ ବିହାରୀ ଓତା
ସଦସ୍ୟ ସଚିବ

# ଆଦିବାସୀ ଲୋକ ସଙ୍ଗୀତ

ଲୋକ ସଙ୍ଗୀତ, ଲୋକ ସମାଜର ପ୍ରତ୍ୟେକ ସାଂସ୍କୃତିକ ବିଭବକୁ ନେଇ ଚର୍ଚ୍ଚିତ । ବିଶେଷଭାବରେ ଏହା ପର୍ବପର୍ବାଣି, କୃଷି କର୍ମାଣି, ଧାର୍ମିକ ଅନୁଷ୍ଠାନ ଓ ବିବାହ ଉତ୍ସବରେ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଯୁବ ସମାଜ ମଧ୍ୟରେ ପ୍ରେମ ନିବେଦନ ଓ ଭାବବିନିମୟରେ ସଙ୍ଗୀତ ଏକ ମାଧ୍ୟମ ରୂପେ ବ୍ୟବହାର ହୁଏ । ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିବା ପାଇଁ ବହୁ ଅଭ୍ୟାସ କରିବାକୁ ପଡ଼ିଥାଏ, କିନ୍ତୁ ଲୋକ ସଂଗୀତ କ୍ଷେତ୍ରରେ ତାହାର ଆବଶ୍ୟକତା ନଥାଏ । ଏହା ଲୋକ ହୃଦୟରୁ ସ୍ୱତଃ ସ୍ଫୁରିତ ହୋଇ କ୍ରମେ ଲୋକ ସମାଜର ଏକ ଅଙ୍ଗବିଶେଷରେ ପରିଣତ ହୁଏ । ଲୋକ ସଙ୍ଗୀତ ରଚନାରେ ବିଶେଷତ୍ୱ ନଥାଏ । କୁଶଳୀ ଗାୟକର ସଂଗୀତ ପରିବେଷଣ କାଳରେ ଆଶୁ ଗୀତ ରଚିତ ହୋଇଥାଏ । ସେଥିପାଇଁ ସମାଜରେ ତା'ର ପ୍ରତିଷ୍ଠା ପରିଲକ୍ଷିତ ହୁଏ । ଲୋକ ସମାଜରେ ସର୍ବଦା ସମଷ୍ଟିର ପରକାଷ୍ଠା ପରିଲକ୍ଷିତ ହୁଏ ।

ଆଦିବାସୀ ସଙ୍ଗୀତ ଓ ଗୀତ ମୌଖିକ ପ୍ରକ୍ରିୟା ଦ୍ୱାରା ସଞ୍ଚାରିତ ଓ ଐତିହ୍ୟ ରୂପେ ପ୍ରଚଳିତ । ଏହା ପିଢି ପରେ ପିଢି-ଯୁଗ ଯୁଗର କ୍ରମବିବର୍ତ୍ତିତ ଅଭିବ୍ୟକ୍ତି । ଏହା କୌଣସି ନିର୍ଦ୍ଦିଷ୍ଟ କାଳର କୃତି ନୁହେଁ । ତେଣୁ ଏହା ଏକ ସାମାଜିକ ବିବର୍ତ୍ତନର ସୁନୀୟନ୍ତ୍ରିତ ବ୍ୟବସ୍ଥା ଯାହାକୁ ଆଧାର କରି, ସଂସ୍କୃତିର ଭବିଷ୍ୟତ ରୂପରେଖ କିପରି ହେବ ଓ ଏହା ଏବେ କିପରି ଅଛି, ଜାଣିହୁଏ । ସଂଗୀତ ହେଉଛି ସାମାଜିକ-ଐତିହାସିକ ସ୍ଥିତିର ସଂଜ୍ଞା । ସଙ୍ଗୀତ, କାଳର ସୃଷ୍ଟି ଓ ଶ୍ରାବ୍ୟ । ଏବେ କି କି ଘଟଣା ଘଟିଯାଉଛି, ପୂର୍ବ କାଳରେ କି କି ଘଟଣା ଘଟିଥିଲା, ଭବିଷ୍ୟତରେ କ'ଣ କ'ଣ ଘଟଣା ଘଟିବ, ଏସବୁକୁ ସୂଚିତ କରିବାର କ୍ଷମତା ରଖେ । ସଙ୍ଗୀତ ହେଉଛି ପ୍ରତ୍ୟେକ ଅଞ୍ଚଳ ବା ପ୍ରତ୍ୟେକ ସାମାଜିକ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ସଂସ୍କୃତିର ପରିଚାୟକ । ଅନ୍ୟ ଗୋଷ୍ଠୀର ଲୋକ-ଯେଉମାନେ କି ସଂସ୍କୃତି ବାହାରର ତାଙ୍କ-ପାଇଁ ଏହା ଗୁରୁତ୍ୱ ପୂର୍ଣ୍ଣ ହୋଇପାରେ ବା ନ ହୋଇପାରେ, କିନ୍ତୁ ସେହି ସଂସ୍କୃତିର ଲୋକଙ୍କ ପାଇଁ ଏହା ହୃଦୟ ଗ୍ରାହୀ ହୋଇଥାଏ ।

ନୃତ୍ୟ, ଗୀତ ଆଦିବାସୀ ଲୋକସଂସ୍କୃତିର ପ୍ରଧାନ ବିଭବ । ନାଚ, ଗୀତର ତାଳେ ତାଳେ ଗ୍ରଥିତ ହୁଏ କଥିତ, ସାହିତ୍ୟର ଅସରନ୍ତି ଧାରା । ଏଥିରେ ରୂପାୟିତ ହୋଇଥାଏ ଜୀବନ ଓ ଜୀବିକାର ଅନ୍ତରଙ୍ଗ ଚିତ୍ର । କାର୍ଯ୍ୟ ଓ କାମନାର ସୁମଧୁର ସଂହତି

ଏହା ଶୂନ୍ୟ ସଞ୍ଚାରୀ ଭାବୋଚ୍ଛାସ ନୁହେଁ । ସେମାନଙ୍କର ଶୀକାର ଗୀତ, ନଳଗୀତ, ଶବର-ଶବରୀ ଗୀତ ଏବଂ ଚଇତି ପର୍ବ ଆଦି ଗୀତରେ ଭରି ରହିଛି, ସେମାନଙ୍କର ଦୈନନ୍ଦିନ ଚଳଣିର ଅପୂର୍ବ ରୂପ, ରସ, ରଙ୍ଗ । ଗୀତ ଗାଇ ପ୍ରାଚୀନ ଅଧିବାସୀ ଦେହ ଓ ମନରେ ଶକ୍ତି ଓ ବିଶ୍ୱାସ ଲାଭ କରେ ଏବଂ ଜୀବନ ସଂଗ୍ରାମର ସମ୍ମୁଖୀନ ହୁଏ ।

ଡଃ କୁଞ୍ଜ ବିହାରୀ ଦାସଙ୍କ ମତରେ, ନାଚ ଗୀତ ଆଦିମର ଅବସର ବିନୋଦନ ନୁହେଁ, ସୌନ୍ଦର୍ଯ୍ୟର ଉପଭୋଗ୍ୟ ନୁହେଁ, ଏହା ତାର କାର୍ଯ୍ୟର ଅଂଶ ବିଶେଷ । ତାର ନୃତ୍ୟ-ଗୀତ-କାର୍ଯ୍ୟ ଏକ ସୂତ୍ରରେ ଗ୍ରଥିତ ।

ଫସଲ ଉତ୍ପାଦନ ଲାଗି ବର୍ଷା ଲୋଡା । ସେଥି ଲାଗି ସେ ଠାକୁରଙ୍କ ପାଖରେ ଗୁହାରି ପଡେ ନାହିଁକି ଗୀତ ଗାଇ ଲାଞ୍ଜ ଯାଚେନାହିଁ.....ସେ ବରଷା ନାଚ ନାଚେ । ନୃତ୍ୟ କରୁ କରୁ ଗୀତ ଗାଆନ୍ତି । ଗୀତରେ କାମନା ରୂପାୟିତ ହୁଏ । ଏହି କାମନା ହେଉଛି- ଗଛ ବଢୁ, ଫୁଲ ଫୁଟୁ, ଫଳ ଫଳୁ । ପ୍ରକୃତରେ ଫୁଲ ଫୁଟେଇବା ବା ଫଳ ଫଳେଇବା ଉପରେ ନାଚଗୀତର କିଛି ପ୍ରଭାବ ନଥାଏ । ଏହାର ପ୍ରକୃତ ପ୍ରଭାବ ପଡେ ନାଚୁଣୀ ଉପରେ । ତାର ଆତ୍ମବିଶ୍ୱାସ ଓ ଶକ୍ତି ସାମ୍ୟର୍ଥ ବୃଦ୍ଧିହୁଏ । ସେ ଗଛଟିର ବିଶେଷ ଯତ୍ନନିଏ । ସେହିପରି ଶୀକାରକୁ ଯିବା ପୂର୍ବରୁ ସେ ଶୀକାର ମିଳୁ ବୋଲି ଦେବତାଙ୍କୁ ଜଣାଣ କରେନାହିଁ । ସେ ଅଂଶବଂଶକୁ ଡାକି ଶୀକାର ନାଚ ନାଚେ. ଏହି ନାଚରେ ହିଁ ତାର କାମନାକୁ ବଳିଷ୍ଠ ଭାବରେ ଫୁଟାଏ ।

ଆଦିବାସୀଙ୍କର ନୃତ୍ୟ ଦୈନନ୍ଦିନ ଆନନ୍ଦ ବ୍ୟତିରେକ ବିଶେଷ ପର୍ବପର୍ବାଣିରେ ଦେବଦେବୀଙ୍କର ପୂଜାପାଇଁ ମଧ୍ୟ ଉଦ୍ଦିଷ୍ଟ । ଦେବଦେବୀ ପୂଜାରେ ସଭ୍ୟସମାଜ ନତଜାନୁ ହୋଇ ପ୍ରାର୍ଥନା କରେ, କିନ୍ତୁ ପୃଥିବୀର ସର୍ବତ୍ର ଆଦିବାସୀମାନେ ନିଜ ଭକ୍ତି ଓ ଅନୁରକ୍ତି ପ୍ରକାଶ ପାଇଁ ନୃତ୍ୟ କରିଥାନ୍ତି । ଦେବଦେବୀଙ୍କୁ ନୃତ୍ୟ ମାଧମରେ ତୁଷ୍ଟ କରିବା ପାଇଁ ହିନ୍ଦୁ ଦେବାଳୟ ମାନଙ୍କରେ ଯେଉଁ ଦେବଦାସୀ ନୃତ୍ୟର ପ୍ରଚଳନ କରାଗଲା ହୁଏତ ହିନ୍ଦୁ ସମାଜ ଆଦିବାସୀଙ୍କ ଠାରୁ ଏହି ଆଦର୍ଶ ଗ୍ରହଣ କରିଥିଲା ।

ନୃତ୍ୟଗୀତ ମନୁଷ୍ୟର ସହଜାତ ପ୍ରକୃତି । ନୃତ୍ୟଗୀତ ପରସ୍ପର ପରସ୍ପରକୁ ନେଇ ସମୃଦ୍ଧ ଓ ପରିପୁଷ୍ଟ । ମନୁଷ୍ୟ ନୃତ୍ୟଗୀତ ମାଧ୍ୟମରେ ନିଜର ଭାବନାକୁ ପ୍ରକାଶ କରେ । ନୃତ୍ୟ ଗୀତର ରସକୁ ଆସ୍ୱାଦନ କରି ମନୁଷ୍ୟ କ୍ଷଣିକ ପାଇଁ ନିଜକୁ ଭୁଲିଯାଏ । ନୃତ୍ୟ ଓ ଗୀତର ସମ୍ପର୍କ କାୟା ସହିତ ଛାୟା ପରି ବାଦ୍ୟ ନୃତ୍ୟ ଓ ଗୀତ ସହିତ ସଙ୍ଗୀତ ଅଙ୍ଗାଅଙ୍ଗୀ ଭାବେ ଜଡିତ ।

ଆଦିବାସୀମାନେ ଜୀବନକୁ ସରସ ଓ ସୁନ୍ଦର କରିବା ପାଇଁ ନୃତ୍ୟ ଗୀତରେ ମଜ୍ଜି ରହିଥାନ୍ତି । ନୃତ୍ୟଗୀତ ମାଧ୍ୟମରେ ସେମାନେ ଯଥେଷ୍ଟ ଆନନ୍ଦ ପାଇଥାନ୍ତି । ନୃତ୍ୟର ପ୍ରତିଛନ୍ଦରେ, ଗୀତର ପ୍ରତିପାଦରେ, ବାଦ୍ୟଯନ୍ତ୍ରର ପ୍ରତି ମୂର୍ଚ୍ଛନାରେ ସେମାନଙ୍କର ସମାଜିକ, ଅର୍ଥନୈତିକ, ରାଜନୈତିକ, ଧର୍ମୀୟ ଜୀବନଧାରାର ରୂପରେଖ ପ୍ରତିପାଦିତ ହୋଇଥାଏ । ଏଥିରେ ଗାୟକ, ବାଦକ, ନର୍ତ୍ତକ ସମସ୍ତେ ଆନନ୍ଦରେ ବିଭୋର ହୋଇଥାନ୍ତି । ଦର୍ଶକ ଏଠି ନିଜେ ଯିଏ ନାଚେ, ଗାଏ, ବାଦ୍ୟ ବଜାଏ । ଆଦିବାସୀମାତ୍ରେହିଁ ନୃତ୍ୟ, ଗୀତ ଓ ସଂଗୀତ ପ୍ରିୟ । ଆଦିବାସୀ ଯୁବକ-ଯୁବତୀମାନେ ବାଦ୍ୟର ତାଳେ ତାଳେ ଗୀତ ଗାଇ ଗାଇ ପାଦକୁ ପାଦ ମିଳାଇ ନାଚି ନାଚି ଗ୍ରାମ୍ୟ ପରିବେଶକୁ ମୁଖରିତ କରନ୍ତି ଓ ଜୀବନକୁ ବେଶ ଉପଭୋଗ କରନ୍ତି ।

ପରମାନନ୍ଦ ପଟେଲ



# ବାଦ୍ୟଯନ୍ତ୍ର ସମ୍ପର୍କିତ ଗୀତ

କୋହ୍ଲ-ହୋ-ମୁଣ୍ଡା ଗୋଷ୍ଠୀର ନୃତ୍ୟ ଓ ଗୀତରେ ବ୍ୟବହୃତ ହେଉଥିବା ବାଦ୍ୟଯନ୍ତ୍ର ଗୁଡ଼ିକ ମୁଖ୍ୟତଃ-ଦୁମାଂ(ମାଦାଳ) ଦାମା (ନାଗର) ରୁତୁ (ବଂଶୀ) ଓ ବାନାମ୍ (କାନ୍ଦରା) ନିମ୍ନୋକ୍ତ ଗୀତ ସମୂହରେ ଏହି ବାଦ୍ୟଯନ୍ତ୍ର ଗୁଡ଼ିକୁ ଉଲ୍ଲେଖ କରାଯାଇଛି ।

ନାଣାନ୍ଦିନ୍ ତାନା ଚିପେ ଣାନ୍ଦିନ୍ ତାନା

ଦାମା ଦୁମାଂ ଦଜା ରୁମୁଲ୍ ତାନା

ନାଣାନ୍ଦିନ ତାନା ଚିପେ କଣାନ୍ଦିନ୍ ତାନା

ସୁସୁନ୍ ଆକଳା ତାପେ ଦଖଲ୍ ତାନା

ଓଡିଆ ଭାବ - ତୁମ ଘରେ ବାହା ଘର ହେଉଛି ପରା । ଉଚ୍ଛୁଳି ପଡୁଛି ବାଜି ମାଦଳ ନାଗରା । ତୁମ ଘରେ ବାହା ଉତ୍ସବ ହେଉଛି ବୋଲି ନାଚରେ ଗୀତରେ ଆଖଡା ପଡେ ଉଚ୍ଛୁଳି ।

(୨)

ବୁରୁ ବିତାର୍ ମାଗେ ଦ

ବେଲା ବିତାର୍ ମାଗେ ଦ

ଚିକା ତେରେଏ ଦାଣାଚୁମ ନାୟୁମେ ଲେତା -କଁ

ବାନାମ୍ କୟଁ କୟଁ ତେଞ୍ଜ ନାୟୁମେ ଲେତା - କଁ

ରୁତୁ ରୁୟଁ ରିୟୁଁ ତେଞ୍ଜ ନାୟୁମେ ଲେତା

ଓଡ଼ିଆ ଭାବ-

ପାହାଡ ଉହାଡେ ମାଗେ ପରବ ।

ବିଲ ଆରକଡେ ମାଗେ ପରବ ॥

କଜଳ ପାତିରେ କାହିଁ ଜାଣିଲୁ ।

କୋଉ କୋରଡରୁ ଉଡି ଆଇଲୁ ॥

କେୟଁ କେୟଁ ଡାକେ କେନ୍ଦରା ତାର ।

ରିୟୁଁ ରିୟୁଁ ବାଜେ ବଇଁଶୀ ସୁର ॥
କାନି ଡେରିଲି
କେନ୍ଦରା ବଇଁଶି ସୁର ଶୁଣିଲି ।
ଦୁଇ ଡେଣା ମେଲି ଉଡି ଆଇଲି ॥

ହୋ ଭାଷାଭାଷୀ କୋହ୍ଲମୁଣ୍ଡା ମାନେ ନାଚ ବେଳେ ଦୁଇ ପ୍ରକାରର ମାଦଳ ବ୍ୟବହାର କରନ୍ତି । ହେରଃ ପରବ୍, ଜାମନାଁ ପରବ୍, ମାଗେ ପରବ୍ ଓ ଆଁଆଁଦି (ବିବାହ) ବେଳେ ସେମାନେ ବ୍ୟବହାର କରୁଥିବା ମାଦଳକୁ ଦୁମ୍ମା କୁହାଯାଏ । ଏହାର ମୋଟେଇ କମ୍, ଟିକିଏ ଲମ୍ବାଳିଆ । ବା ପରବ୍ ଓ କାରାମ୍ ପରବ୍ ନାଚ ବେଳେ (ସେମାନେ) ବଜଉଥିବା ମାଦଳକୁ ସେମାନେ ଜାଦୁର କହିଥାନ୍ତି । ଏହାର ମୋଟେଇ ବେଶିଥାଏ ଓ ଲମ୍ବା ଅପେକ୍ଷାକୃତ କମ୍ ଥାଏ । ଏହି ଜାଦୁରକୁ ଉଲ୍ଲେଖ କରୁଥିବା ନିମ୍ନୋକ୍ତ ବା ଗୀତକୁ ଉଦାହରଣ ସ୍ୱରୂପ ପ୍ରଦତ୍ତ ହେଲା-

ଚିମିନ୍ ଚିମିନ୍ ଗାପେ ସୁସୁନ୍ କେନା
ସୁସୁନ୍ ଆକାଳାଦ ଦୁଦୁଗାର ତାନା ।
ଚିମିନ୍ ଚିମିନ୍ ଗାପେ ଜାଦୁରେ କେନା
ଜାଦୁର ଆକାଳାଦ ପଆଁସିନ୍ ତାନା ॥
ଡିକିନ୍ ସିଙ୍ଗିଗାପେ ସୁସୁନ କେନା ।
ସୁସୁନ୍ ଆକାଳାଦ ଦୁଦୁଗାର ତାନା ।
ତାରା ସିଙ୍ଗି ଗାପେ ଜାଦୁର କେନା ।
ଜାଦୁର ଆକାଳାଦ ପଆଁସିନ୍ ତାନା ॥

ଓଡ଼ିଆ ଭାବ-

କେତେବେଳୁ କେତେବେଳଯାଏ
ତୁମେ ନାଚୁଛ ବୋଲି ।
ନାଚ ଆଖଡାରୁ ଉଡୁଛି ଧୂଳି ॥
କେତେବେଳେ ଯାଏ ମାଦଲ ବଜଉଥିଲା ।
ଜାଦୁର ଆଖଡା ଦିଶୁଥାଏ ଧୂଆଁଧୂମାଳ ॥
ତୁମେ ନାଚୁଥିଲ ଦିପହର ଘଡି ।
ଉପର ଓଳିର ହେଲାଣି ବେଳ

ଜାଦୁର ମାଦଳ ବଜଉ ଥିଲ ।
ନାଚ ଆଖଡାରେ ଧୂଆଁ ଧୂମାଲ ॥

ମୁଣ୍ଡାମାନେ ବଜଉଥିବା ବାଦ୍ୟଯନ୍ତ୍ରଗୁଡିକ ଏହିପରି (୧) ନାଗା (ନାଗରା) (୨) ଦୁମାଂ (ମାଦଳ) (୩) ରୁତୁ (ବଂଶୀ) (୪) ବାନାମ୍ (କେନ୍ଦରା) ଓ ଢୁଲକି (ଢୋଲ) ନିମ୍ନରେ ପ୍ରଦତ୍ତ ଗୀତଗୁଡିକ ଏହି ବାଦ୍ୟଯନ୍ତ୍ରକୁ ଉଲ୍ଲେଖ କରିଛନ୍ତି ।

(୧)
ଆଲେ ଦିଶୁମ୍ ଆଲେ ଗାମାଏ ଦ
ପିରି ପରି ରୁତୁ ସାଳିଆ
ଆଲେ ଦିଶୁମ୍ ଆଲେ ଗାମାଏ ଦ
ବେଳା ବେଳା ବାନାମ୍ ରୁମୁଲେ
ଆଲେ ଦିଶୁମ୍ ଆଲେ ଗାମାଏ ଦ
ହାତୁ ହାତୁ ଦୁମାଙ୍ଗ ହାତୁଂ ଏଁ
ଆଲେ ଦିଶୁମ୍ ଆଲେ ଗାମାଏ ଦ
ଟୋଲା ଟୋଲା ରାସିକା ଦୁରାଂଏଁ

ଓଡିଆ ଭାବ-

ଆମମୂଲକ ଆମରି ଗାଆଁରେ ଶୁଭେ ପିରିପିରି ବଇଁଶୀ ସ୍ୱନ ।
ଆମେ ଦେଶ ଗାଆଁ ବିଲ କ୍ଷେତରେ
ଲହରେଇ ବାଜେ କେନ୍ଦରା ମାନ ॥
ଆମ ଦେଶ ଆମ ଗାଆଁରେ
ଦାତୁଙ୍ଗ ତାଳରେ ମାଦଳ ବାଜେ ।
ଆମ ଗାଁ ସାହି ସାହିରେ
ଲୋକେ ଗାଉଥାନ୍ତି ଗୀତ ମଉଜେ ॥
(୨)
ଅକ କରେ ହକ ସୁସୁନ ତାନା
ଦେଆରେ କିଟିରି ଦ ଯୁତା ଗଃ ଲେକା
ଚିମାଏ କରେ ହକ କରାମ୍ ତାନା

ରୁତୁଆର୍ ବାନାମେ କିନ୍ ଜାଗାର ତାନା
ଡରେଆ ଡମ୍ବାରିକ୍ ସୁସୁନ ତାନା
ଦେଆରେ କିଚିରି ଦ ଯୁଡା ଗଃ ଲେକା
ସିଦିମା ବାଗାମାକ କାରାମ ତାନା
ରୁତୁ ଆର୍ ବାନାମେକିନ୍ ଜାଗାର ତାନା

ଓଡ଼ିଆ ଭାବ-

କୋଉଠି ଚାଲିଛି ବା ନାଚ
ଲୁଗା ଲାଗିଗଲା ପରି ପିଠିରେ ।
ବଇଁଶୀ କେନ୍ଦରା କଥା ହେଉଛନ୍ତି
କେଉଠି କରମ ନାଚ ଭିତରେ ॥
ପିଠିରେ ଲୁଗା ତ ଲାଗିପଲା ପରି
ବା ନାଚ ଚାଲେ ଡରେଆ ଡମ୍ବାରି ଠାରେ ।
ବଇଁଶୀ କେନ୍ଦରା କଥା କହୁଛନ୍ତି
କରମ ନାଚରେ ସିଦିମା-ବାଗାମା କରେ ।

ନାଚ ଓ ଗୀତ ବେଳେ ସାନ୍ତାଳ ମାନେ ମୁଖ୍ୟତଃ ତୁମଦାଃ (ମାଦଳ, ଟାମାକ୍ (ନାଗରା), ଡିରିୟ (ବଇଁଶୀ) ଓ ବାନାମ୍ (କେନ୍ଦରା) ବଜାଇଥାନ୍ତି । ଏହି ବାଦ୍ୟଯନ୍ତ୍ର ଗୁଡିକୁ ଉଲ୍ଲେଖ କରିଥିବା ନିମ୍ନୋକ୍ତ ଗୀତ-

(୧)

ମୁଚି ତୁମଦାଃ ସାଓଁତେ ଡମ୍ ଟାମାକ୍
ସାଡେୟେନା ତାଲା ଆଖଳାରେ
ମାନା କୁଲିକ ତାଲାରେ
ସାଡେୟେନାରେ ମାନା ତୁମଦାଃ
ଟାମାକ୍ ତାଲା ଚେତାନରେ

ଓଡ଼ିଆ ଅନୁବାଦ-

ମୋଚି ମାଦଳକୁ ଡମ ନାଗେରା ।
ମଝି ଆଖଡାରେ ବାଜିଲା ଦମର ଦମ ।

ମାଦଲ ନାଗରା ବାଜୁଛି ମଝିରେ

ବେଢ଼ିଛନ୍ତି ଚୋକି ଦେଖଗୋ ଛମର ଛମ୍ ॥

ବିଦ୍ର - ତୁମଦା- ମାଦଳ, ଟାମାକ- ନାଗରା

(୨)

ଜୁଲୁବ୍ ମଝେଲକାତେ ଠିଲି ଉପୁକାତେ

ବକାଇଞ୍ଜ ସାବ୍‌କେଆଃ ଦାଃଲୁଲୁ

ଦାଃ ଇଞ୍ଜ୍ ଲୁଲୁକାନା ବାନାମ୍ ସାଡେୟାନା

ତି'ରେ ବକାଃ ହାୟରେ ଲୁଲୁଥିବଲୁ

ଓଡ଼ିଆ ଭାବ-

ନଈ ବାଲିରେ ମୁଁ ଚୁଆଟି ଦେଖି ।

ଲାଉ ଡଙ୍କିରେ ପାଣି ତୋଳୁଥାଏ

ମାଠିଆ ଉପରେ ହାତଟି ରଖି ॥

ପାଣି ତୋଳୁଛି ମୁଁ

ସେ ପଟେ କେନ୍ଦରା ବାଜି ଉଠିଲା ।

ହଲଚଲ ହେଲା ଲାଉ ଡଙ୍କି

ମୋର ହାତ ଥରିଲା ॥

ବିଦ୍ର - ବାନାମ୍ - କେନ୍ଦ୍ରା

(୩)

ଆମାଃ ତ୍ରିୟାଉ ସାଡେ କିୟା ଝାରନାରେ

ଇଞ୍ଜ ଦଞ୍ଜ ଆଞମ ଇଂକାନ୍ ଦାଃଲୁ ଘାଟରେ

ମନେ ବାଲିଜ୍ ତ୍ରିୟାଉ ନାଲରେମ୍ ନରଂଆ

ଗାତେ କୁଲିକକ ବାଗିଆଞ୍ଜ କାନ୍

ଠିଲିଞ୍ଜ ଦହୟରେମା ହଲ୍‌କ ରରଲା

ବାଞ୍ଜ ଦହୟରେମା ଗାତିଞ୍ଜଏ କାହିଁସଃ

ହଲକ ରଅଳ ଦରେଞ୍ଜ ସାହାଓ କାଆଗେ

ଗାତିଞ୍ଜ୍ କାହିଁସଦରେ ଅହଞ୍ଜ ସାହାଓକେ

ଓଡ଼ିଆ ଭାବ-

କିଆ ଝରଣାଡିରେ ତୁମ ବଇଁଶୀ ସୁରେ ।
ଶୁଣିଲେ ମୋ ମନ ହଜେ ପାଣି ଘାଟରେ ॥
ବଇଁଶୀ ବଜାନା ମୋର ମନକୁ ହଜାନା
ସାଥି ଚାଲିଯାଆନ୍ତି ମୁହିଁ ହୁଏ ଆନମନା ॥
ମାଠିଆ ଥୋଇଲେ ତଳେ ନିନ୍ଦିବେ ଲୋକ ।
ନ ଥୋଇଲେ ସାଥୀ ମୋର ପାଇବ ଦୁଃଖ ॥
ଲୋକ ନିନ୍ଦା ଅପବାଦ ପାରିବି ସହି ।
ସାଥୀ ଦୁଃଖ କଲେ ଛାତି ସହିବ ନାହିଁ ॥

ବିନ୍ଦୁ- ତ୍ରିୟାଉ (ତିରିୟ) - ବଇଁଶୀ

ଭୂମିଜମାନେ ମାଦଳକୁ ଦୁମାଂ, ନାଗରକୁ ନାଗ୍ରା, ଢୋଲକୁ ଢୁଲକି ବଇଁଶୀକୁ ରୁତୁ ଓ କେନ୍ଦରାକୁ ବାନାମ୍ କହନ୍ତି । ଏହି ବାଦ୍ୟଯନ୍ତ୍ର ବିଷୟେ ଉଲ୍ଲେଖ ଥିବା ନିମ୍ନୋକ୍ତ ଗୀତ-

(୧)

ଭାଦର ଚାଣ୍ଡୁ ସେଟେରଜାନା
ଦିସୁମ ରେକ କାରାମ୍ ତାନା
କିରିଂ ଆଇଁ ମେଗ
ଉଲୁକି ଢୁଲୁକି ଦୁମାଂ କିରିଂ ଆଇଁ ମେଗ
ଭାଦର ଚାଣ୍ଡୁ ସେଟେର ଜାନା
ଦିସୁମ୍ ରେକ କାରାମ୍ ତାନା
କିରିଂଆଇଁ . ମେଗ
ପାଳିଆ ପାତଂ ସାଳି କିରିଂଆଇଁ ମେଗ

ଓଡ଼ିଆ ଭାବ-

ଭୋଦୁଅ ମାସଟି ହୋଇଲା ଆସି ।
ଦେଶ ଲୋକେ ସବୁ କରମ ପାଳନ୍ତି ମିଶି ॥
ବାପା ମୋତେ କିଣି ଆଣି ଦିଅଟି ।

ଓଡ଼ିଆ ଭାବ-

କିଆ ଝରଣାତିରେ ତୁମ ବଇଁଶୀ ସୁରେ ।
ଶୁଣିଲେ ମୋ ମନ ହଜେ ପାଣି ଘାଟରେ ॥
ବଇଁଶୀ ବଜାନା ମୋର ମନକୁ ହଜାନା
ସାଥି ଚାଲିଯାଆନ୍ତି ମୁହିଁ ହୁଏ ଆନମନା ॥
ମାଠିଆ ଥୋଇଲେ ତଳେ ନିନ୍ଦିବେ ଲୋକ ।
ନ ଥୋଇଲେ ସାଥୀ ମୋର ପାଇବ ଦୁଃଖ ॥
ଲୋକ ନିନ୍ଦା ଅପବାଦ ପାରିବି ସହି ।
ସାଥୀ ଦୁଃଖ କଲେ ଛାତି ସହିବ ନାହିଁ ॥

ବିନ୍ଦୁ- ତ୍ରିୟାଉ (ତିରିୟ) - ବଇଁଶୀ

ଭୁମଜମାନେ ମାଦଲକୁ ଦୁମାଂ, ନାଗରକୁ ନାଗ୍ରା, ଢୋଲକୁ ଢୁଲକି ବଇଁଶୀକୁ ରୁତୁ ଓ କେନ୍ଦରାକୁ ବାନାମ୍ କହନ୍ତି । ଏହି ବାଦ୍ୟଯନ୍ତ୍ର ବିଷୟେ ଉଲ୍ଲେଖ ଥିବା ନିମ୍ନୋକ୍ତ ଗୀତ-

(୧)

ଭାଦର ଚାଣ୍ଡୁ ସେଟେରଜାନା
ଦିସୁମ ରେକ କାରାମ୍ ତାନା
କିରିଂ ଆଇଁ ମେଗ
ଉଲୁକି ଢୁଲୁକି ଦୁମାଂ କିରିଂ ଆଇଁ ମେଗ
ଭାଦର ଚାଣ୍ଡୁ ସେଟେର ଜାନା
ଦିସୁମ୍ ରେକ କାରାମ୍ ତାନା
କିରିଂଆଇଁ . ମେଗ
ପାଳିଆ ପାଟଂ ସାଳି କିରିଂଆଇଁ ମେଗ

ଓଡ଼ିଆ ଭାବ-

ଭୋଦୁଅ ମାସଟି ହୋଇଲା ଆସି ।
ଦେଶ ଲୋକେ ସବୁ କରମ ପାଳନ୍ତି ମିଶି ॥
ବାପା ମୋତେ କିଣି ଆଣି ଦିଅଟି ।

ଉଲୁକି ଢୁଲୁକି ମାଦଳ ଗୋଟି ॥
ଭୋଦୁଅ ମାସ ହେଲାଣି ।
କରମ ପରବ ଦେଶ ଲୋକେ ପାଳିଲେଣି ॥
ବାପା କିଣି ଆଣି ଦିଅ ମୋ ପାଇଁ ।
ନୂଆ ରଙ୍ଗ ଶାଢୀ ପିନ୍ଧିବି ମୁହିଁ ॥

(୨)

ଅକରେକ ବାଆତାନା ସାଲୁ
ଧୂନାଧୂବ ନୁଦି ବା ତ ସଆନ୍ ତାନା
ଅକରେକ ଡାଲି ତାନା ସାଲୁ
ଢୁଣ୍ଡୁ ଡୁଣଣ୍ଡୁ ଚେଣେ ନାଗରା ଦ ଗୁଲୁଦମ୍ ତାନ

ଓଡ଼ିଆ ଭାବ-

ଶୁଆ ଲୋ କୋଉଠି
ଲୋକେ ପାଳୁଛନ୍ତି ବାଆ ପରବ ହରଷେ
ଝୁଣା ଧୂପ ଗନ୍ଧ ପବନରେ ଭାସି ଆସେ ॥
କୋଉଠି ଲୋ ପୁଣି ଫୁଲର ପର୍ବ ଜମିଛି ।
ଢୋଲ ନାଗରା ତ ଡୁମୁରୁ ଡୁମୁ ଶୁଭୁଛି ॥

ବିନ୍ଦ୍ର - ଦୁମାଂ-ମାଦଳ, ନାଗ୍ରା- ନାଗରା ।

(୩)

ଆଖାଳାରେ ଦୁମାଂ ସାଡି ତାନାରେ
ଟିରଦାଂ ଧାଡିଂ ଦୁମାଂ ବାଦା ସାଡି ଟାନାରେ
ହିରଲା ହାଲା; ଦେକେଃ ଦାମାଂ ଛଅ ଲିଲୋରେ
ଡିରିଡିରି ରୁତୁ କେଁକ କେଁକ ବାନାମ୍
ସୁସୁନ୍ ତାନାକ ସବେନ୍ ହାପାନୁମ୍
ହିରଲା ହାଲା, ଦେକେଃ ଦାମାଂ ଛଅ ଲିଲୋରେ

ଓଡ଼ିଆ ଭାବ-

ଟିରଦାଂଧାଟିଂ ମାଦଳ ବାଜୁଛି
ବଡ଼ଭାଇ ଆଖଡା ପଡ଼ିଆରେ ।

ହିରଲା ହାଲା ଡେକେଃ

ଦାମାଁ ଛଃଅ ଲିଲରେ ॥

କେଁ କେଁ କେଁ କେନ୍ଦରା ବାଜେ

ତିରିତିରି ତିରି ବଇଁଶୀ ସୁରେ ।

ଟୋକିମାନେ ସବୁ ନାଚ କରୁଛନ୍ତି

ହିରଲା ହାଲା ଡେକେଃ

ଦାମାଂ ଛଅ ଲିଲରେ ॥

ବିଦ୍ର - ଦୁମାଂ-ମାଦଳ, ରୁତ-ବଇଁଶୀ, ବାନାମ୍-କେନ୍ଦରା

(୪)

ଆକଳାରେ ଢୋଲ ଦୁମାଂ

ନାଗ୍ରା ସାଳି ତାନରେ

ଜୀଦ ଧନୀ କା ଠଏଃ ତାନାରେ

ଓଡ଼ିଆ ଭାବ-

ଆଖଲାରେ ଢୋଲ, ମାଦଳ ବାଜୁଛି

ବାଜୁଛି ନାଗରା ତାଳ

ମନ ପ୍ରାଣ ମୋର ଅଥୟ ହେଲାଣି

ଧନୀରେ ମୋର ମନ ଉତାଳ ॥

ମାଙ୍କିଡିଆ ବା ବିରହଳମାନେ ଉଭୟ ହୋ ଭାଷା (ମୁଣ୍ଡା) ଓ ସାନ୍ତାଳ ଭାଷାରେ କଥାବାର୍ତ୍ତା କରିବାରେ ଦକ୍ଷତା ରଖନ୍ତି । ଏଣୁ ତାଙ୍କ ଭାଷାରେ ବାଦ୍ୟଯନ୍ତ୍ର ଗୁଡିକର ନାଁ ଉଭୟ ଭାଷାରେ ମିଳିଥାଏ । ଯଥା- ମାଦଳକୁ ଦୁମାଂ କହନ୍ତି ଓ ଗୁମଦାଃ ମଧ୍ୟ କହନ୍ତି । ନାଗଡାକୁ ଦାମା କହନ୍ତି ଓ ଟାମାକ ମଧ୍ୟ କହନ୍ତି । ବଂଶୀକୁ ରୁତୁ କହନ୍ତି ଓ ତିରିୟ ମଧ୍ୟ କହନ୍ତି । କେନ୍ଦରାକୁ ସେମାନେ ମଧ୍ୟ ବାନାମ କହିଥାନ୍ତି । ବାଦ୍ୟଯନ୍ତ୍ରକୁ ଉଲ୍ଲେଖ କରୁଥିବା ଗୀତ ।

(୧)

ଶାରଜମ୍ ଫେରାରେ

ଋନ୍ଦ ହପନ୍ ଏଜେଜ କାନାକ

ସନାର ତୁମଦା ରୂପାର ଟାମାକ

ତାମ୍ବା ଦାଣ୍ଡମ୍ ତିକିନ୍ ରୁଇକିନା

ଓଡ଼ିଆ ଭାବ-

ଡେଙ୍ଗା ଶାଳଗଛ
ଉପରେ ନାଚନ୍ତି ସରଗ ତାରା
ତମ୍ୱା ବାଡ଼ି ଧରି
ବାଦକ ଦଳ ବଜାଇ ଦିଅନ୍ତି
ସୁନାର ମାଦଳ ରୂପାର ନାଗରା ।

(୨)

ଦାଃ ଦକ ସୁନୁମ୍ ତାନା
ଗିତିଲ ଦକ ସାସାଂ ତାନା
ତିରି ତିରିୟ ବୟତିରେ ସାବ୍ ଆୟମେ
ନୁଲି ତଲେ ୟା ବୟ
ନୁଲି ନେମାୟ ପେ

ଓଡ଼ିଆ ଭାବ-

ତେଲ ବୋଲି ଭାବି ଘରେ ତେଲ ନାହିଁ ଯଦି ।
ହଳଦି ନଥିଲେ ବାଲି ଆଣିଦିଅ
ବାଲିକୁ ଭାବି ହଳଦୀ
ତିରିଂ ତିରିଂ ବଇଁଶୀ ଗୋଟିଏ
ବାବୁକୁ ଧରେଇ ଦିଅ ।
ଆମ୍ବ ପତ୍ର ହାତରେ ବାନ୍ଧିବ
ଆମ୍ବପତ୍ର ବାନ୍ଧି ଦିଅ ॥

ବିଦ୍ର- ତୁମଦା- ମାଦଳ, ଟାମାକ୍-ନାଗରା, ତିରିୟ-ବଇଁଶୀ

ଲୋଧା, ଖଡିଆ, ବାଥୁଡି, ଜୁଆଙ୍ଗ, ପାଉଡି ଭୂୟାଁ ପ୍ରଭୃତି ଆଦିବାସୀ ବା ପ୍ରାଚୀନ ଆଦିବାସୀମାନେ ଘଙ୍ଗୁ ବାଦ୍ୟକୁ ବଜାଇ ଗୀତ ଗାଇ ଗାଇ ନୃତ୍ୟ କରନ୍ତି.

"ଘଙ୍ଗୁ ଘାଉଁ ଘାଉଁରେ ନିନୀ ଘଙ୍ଗୁ ଘାଉଁ ଘାଉଁ
ଘଲରେ ନିନୀ ନେଇ ଛାଡିବି ବେଲ ଥାଉଁ ଥାଉଁ"

କୁଳମି- ମହାନ୍ତ ମାନେ କରମ ଉତ୍ସବରେ ମାଦଳ ବଜାଇ ପାଁତ ନାଚ ନାଚନ୍ତି ଓ ବାନ୍ଦଣା ପର୍ବ ଅବସରେ ଧିଙ୍ଗୁଆନ୍ ବୁଲିଲା ବେଳେ ମାଦଳ ବଜାଇ ଗୀତ ଗାଇ ଗାଇ ନାଚ କରନ୍ତି ।

"ମାଦଳ କରେ ରାଇଁ ରାଇଁ
ମାଦଳିଆ ତ ଘରେ ନାଇଁ
ମାଦଳିଆକେ ମାଆଲ୍ ଖାଓଆବ
ତାଓ ଦେଶେ ନାଚ ଲାଗାବ
ହାମରା ଭୋକେ ମରି
ହାମରା ଶୋଷେ ମରି
ମାଦଳିଆକେ ନିଏଁ ଯାବ କଲେ କରି"



# ନୃତ୍ୟକଳା

ନୃତ୍ୟକଳା ଜୀବନଧାରଣରେ ଏକ ଆଧାର ରୂପେ ପ୍ରଥମ ଆଦିବାସୀମାନଙ୍କଠାରେ ବିକଶିତ ହୋଇଥିଲା । ଯେତେବେଳେ ସଭ୍ୟତାର ବିକାଶ ଭୂପୃଷ୍ଠରେ ଘଟି ନଥିଲା, କୃଷି ଓ ଶିଳ୍ପ କଣ ବୋଲି ମଣିଷ ଜାଣି ନଥିଲା, ସେତିକି ବେଳେ ଆଦିମ ମନୁଷ୍ୟ ବଣ ଜଙ୍ଗଲରେ ପଶୁ ଶିକାର କରି ଜୀବନଧାରଣ କରୁଥିଲା । ହିଂସ୍ରଜନ୍ତୁ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଯେତେବେଳେ ସେ ଚିନ୍ତାକଲା ସେତିକି ବେଳେ ଅନ୍ୟର ସହଯୋଗ ଲୋଡିଲା । ସେ ସଂଘବଦ୍ଧ ହେଲା, ଓ ପ୍ରଥମ କରି ସମାଜ ଗଠିତ ହେଲା । ସେ ଯୁଗରେ ରାତ୍ରୀକାଳ ଭୟର କାରଣଥିଲା । କାରଣ ରାତିରେ ହିଂସ୍ରଜନ୍ତୁମାନେ ମନଷ୍ୟକୁ ଆକ୍ରମଣ କରୁଥିଲେ । ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ଦୂର ରଖିବା ଉଦ୍ଦେଶ୍ୟରେ ସେମାନେ ଗଢିଥିବା ବସତିର ପ୍ରଶସ୍ତ ପ୍ରାଙ୍ଗଣରେ ନିଆଁ ଜାଳିଲେ । ସେମାନେ ନିଆଁ ଚାରିପାଖକୁ ଘେରି ନାନା ପ୍ରକାର ବିକଟାଳ ଶବ୍ଦ ମୁହଁରୁ ବାହାର କରି ଚିତ୍କାର କଲେ ହିଂସ୍ରଜନ୍ତୁଙ୍କୁ ଭୟଭୀତ କରିବା ପାଇଁ କିନ୍ତୁ ସେମାନେ ବେଶୀ ସମୟ ପାଟିଗୋଳ କରି ପାରିଲେ ନାହିଁ । ତେଣୁ ଶବ୍ଦସୃଷ୍ଟିକାରୀ ବାଦ୍ୟଯନ୍ତ୍ର ଗଢିଲେ । ପୁନଶ୍ଚ ସେମାନେ ବିଭିନ୍ନ ପ୍ରକାରର ଅଙ୍ଗଭଙ୍ଗୀ କରି ପ୍ରଳାପ କଲେ ଶରୀରକୁ ଉତ୍ତେଜିତ କରି ରଖିବା ପାଇଁ । ରାତି ରାତି ଏଇପରି କରି ସେମାନେ ହିଂସ୍ରଜନ୍ତୁଙ୍କୁ ଦୂରେଇ ରଖି ଆତ୍ମରକ୍ଷା କରିବାକୁ ସମର୍ଥ ହେଲେ । ଏହା ମଧ୍ୟ ଧୀରେ ଧୀରେ ବିରକ୍ତ କର ବୋଧହେଲା । ଏତିକି ବେଳେ ପଶୁପକ୍ଷୀଙ୍କ ଭାବ ଭଙ୍ଗୀକୁ ଅନୁକରଣ କରି ନୃତ୍ୟ କରିବାକୁ ଲାଗିଲେ । ଏହା ଉଭୟ ନୃତ୍ୟକାରୀ ଓ ଦେଖଣାହାରୀଙ୍କୁ ଆନନ୍ଦ ପ୍ରଦାନ କଲା । ଅନୁକରଣ କରୁଥିବା ଅଙ୍ଗଭଙ୍ଗୀ ଓ ଶରୀରର ବିଭିନ୍ନ ଉତ୍ତେଜନାମୂଳକ ଅଙ୍ଗ ଚାଳନାରୁ ନୃତ୍ୟର ଜନ୍ମ ହେଲା । ସମୟର ପ୍ରବାହରେ ଆନନ୍ଦଦାୟକ ସାମଗ୍ରୀରେ ପରିଣତ ହେଲା । ବଣ୍ୟଜନ୍ତୁଙ୍କ ଗତିବିଧିକୁ ଅନୁକରଣ କରି ଅଦ୍ୟାବଧି ଆଦିବାସୀମାନେ ନୃତ୍ୟ କରୁଛନ୍ତି । ଏବେ ମଧ୍ୟ ପାଉଡି ଭୂୟାଁ ଓ ଜୁଆଙ୍ଗମାନେ କପୋତିନୃତ୍ୟ, ଗିଧ ନୃତ୍ୟ, ବାଘ ନୃତ୍ୟ, ହରିଣ ନୃତ୍ୟ ଆଦି ନୃତ୍ୟ ବିଭିନ୍ନ ଅବସରରେ କରୁଛନ୍ତି ଓ ଆମୋଦିତ ହେଉଛନ୍ତି ।

ନୃତ୍ୟଗୀତ ମନୁଷ୍ୟର ସହଜାତ ପ୍ରକୃତି । ନୃତ୍ୟଗୀତ ପରସ୍ପର ପରସ୍ପରକୁ ନେଇ ସମୃଦ୍ଧ ଓ ପରିପୁଷ୍ଟ । ମନୁଷ୍ୟ ନୃତ୍ୟଗୀତ ମାଧ୍ୟମରେ ନିଜର ଭାବନାକୁ ପ୍ରକାଶ କରେ । ନୃତ୍ୟ ଓ ଗୀତର ରସକୁ ଆସ୍ୱାଦନ କରି ମନୁଷ୍ୟ ନିଜକୁ ଭୁଲିଯାଏ କ୍ଷଣିକ ପାଇଁ ।

ଆଦିବାସୀ ନୃତ୍ୟର କେତୋଟି ବିଶେଷତ୍ୱ ରହିଛି । ପ୍ରଥମ ବିଶେଷତ୍ୱଟି ହେଉଛି ଆଦିବାସୀମାନେ ନିଜେ ନାଚି ଆନନ୍ଦ ଉପଭୋଗ କରନ୍ତି ଏବଂ ଏହି ନୃତ୍ୟରେ ଆବାଳବୃଦ୍ଧ ବନୀତା ଭାଗ ନିଅନ୍ତି । ସେମାନେ ଦର୍ଶକଙ୍କ ପାଇଁ କିମ୍ବା ଅନ୍ୟର ଆନନ୍ଦ ପାଇଁ ନୃତ୍ୟ କରନ୍ତି ନାହିଁ ।

ସେମାନେ ବହୁ ସମୟ ଧରି ନୃତ୍ୟ କରୁଥିବାରୁ ପ୍ରାୟ ପୃଥିବୀର ଶତକଡା ନବେ ଭାଗ ଆଦିବାସୀ ନୃତ୍ୟ ଗୋଲାକାର ନୃତ୍ୟ (Round dance) । ସେମାନେ ଧାଡିବାନ୍ଧି ଗୋଲାକାର ଭାବରେ ବାରମ୍ବାର ଏକ ବୃତ୍ତ ପରିକ୍ରମା କରି ନୃତ୍ୟ କରନ୍ତି । ଯେତେବେଳେ କେହି ଜଣେ ଥକିପଡେ ସେ ଧାଡିରୁ ବାହାରି ଆସେ, ପୁଣି ଟିକିଏ ବିଶ୍ରାମ ନେଇ ନୃତ୍ୟରେ ଯୋଗଦିଏ । ଏହିପରି ନୃତ୍ୟ ରାତିସାରା ଚାଲିଥାଏ । ପୁଣି ଏହି ନୃତ୍ୟ ବହୁ ସମୟ ଧରି ଚାଲୁ ଥିବାରୁ ଯୁବକ ଯୁବତୀ ମଧ୍ୟରେ ପ୍ରେମାଳାପ ସୁଯୋଗ ସୃଷ୍ଟି ହୁଏ ଏବଂ ସେମାନେ ପରସ୍ପର ଜୀବନ ସାଥୀ ବାଛି ନେବାର ସୁଯୋଗ ପାଇଥାନ୍ତି ।

ପ୍ରାୟ ସମସ୍ତ ପ୍ରକାର ନୃତ୍ୟରେ ପୁରୁଷମାନେ ମଝିରେ ରହି ବିଭିନ୍ନ ପ୍ରକାରର ବାଦ୍ୟ ବଜାନ୍ତି ଓ ଆଦିବାସୀ ରମଣୀମାନେ ତାଙ୍କୁ ଘେରି ନୃତ୍ୟ କରନ୍ତି । ଏହିଭଳି ନୃତ୍ୟରେ ତାଙ୍କର ଛନ୍ଦୋବଦ୍ଧ ପଦପ୍ରକ୍ଷେପ ଓ ଅନ୍ୟାନ୍ୟ ନୃତ୍ୟ ଭଙ୍ଗୀର ସମାନତା । (Symetry) ଲକ୍ଷ୍ୟ କରିବାର କଥା । ସମସ୍ତଙ୍କର ଏକ ସମୟରେ ଏକ ଭଙ୍ଗୀରେ ନୃତ୍ୟ ଏତେ ଶୃଙ୍ଖଳିତ ଯେ କାହାରି ଗୋଡ ଏକ ଇଞ୍ଚ ମଧ୍ୟ ଏପାଖ ସେପାଖ ହୁଏ ନାହିଁ ।

ହୋ ଭାଷୀ, କୋହ୍ଲ-ମୁଣ୍ଡାମାନେ ନାଚକୁ ସୁସୁନ୍ ଓ ଗୀତକୁ ଦୁରାଂ କହିଥାନ୍ତି । ତାଙ୍କର କଥନିକା ସେନଗେ ସୁସୁନ କାଜିଗେ ଦୁରାଂ ସୂଚିତ୍ କରୁଛି ପାଦ ପକେଇ ଚାଲିବା ହିଁ ନାଚ ଓ କଥା କହିବା ହିଁ ଗୀତ । ନାଚ ଓ ଗୀତକୁ ବିଷୟବସ୍ତୁ କରୁଥିବା ହୋ ଗୀତ–

ଡିସିଂ ଦିନ୍ ତାପେ ଚିଲିକାନ୍ ଦିନ୍
ନିମିନ୍ ସୁକୁ ଗେପେ ଦୁରାଂ ତାନା
ନିମିନ୍ ରାଆଁସେ ଗେପେ ସୁସୁନ୍ ତାନା
ଚିକାନ୍ ପରବଗାପେ ପରବ ତାନା
ନିମିନ୍ ସୁକୁଗେପେ ଦୁରାଂ ତାନା
ନିମିନ୍ ରାଆଁସା ଗେପେ ସୁସୁନ୍ ତାନା

ଏଏନା ଆୟୁମ କେତେ ଏଏନା ଆତେନ କେତେ
ଗୋଲବାର ସୀମା ହାଲେ ପାରମା କାନା
ଆଆଲପେ ଗଅଁ ଦେଲେ ଆଆଲପେ ନେରାଂଲେ
ଜୁଲି ଜୁଲିଦ ଆବୁ ସୁସୁନ୍ ଦୁରାଂ

ଓଡ଼ିଆ ଭାବ-

କି ଦିନକି ଆଜି ଏତେ ଉଚ୍ଛୁଳୁଚି ନାଲି କାଇଁଚ ।
କୋଉ ପରବଟି ମାନୁଛ ନାଚୁଛ ଗୀତ ଗାଉଛ ॥
ବାର ଗାଁ ପାରି ଗୀତର ସୁପାରି ଶୁଣିଲି ନାଦ ।
କାନେଇ କାନେଇ ଆସିଲୁ ପାଖେଇ ଉଣ୍ଡି ଶବଦ ॥
ଗାଳି ଦିଅନାହିଁ ଭୁଲ ହୋଇନାହିଁ ଆମ ଆସିବା
ଆସ ସାଥୀ ହୋଇ ନାଚିବା ଖୁସିରେ ଗୀତ ଗାଇବା ॥

ବିଦ୍ର - ସୁସୁନ - ନାଚ, ଦୁରାଂ - ଗୀତ

ନିମ୍ନୋକ୍ତ ଗୀତରେ ସୁସୁନ ଓ ଦୁରାଂ ମୁଣ୍ଡା ଶବ୍ଦ ଆମକୁ ଦେଖିବାକୁ ମିଳୁଛି-

ସାରଜମ୍ ବା ନକ କରେଗେ
ସାରଜମ ବାଏଃ ଗଲେ ଦୁରାଂ
ସୁଡା ସାଂଗେନ୍ ଚିମାଏ କରେଗେ
ସୁଡା ସାଂଗେନ ଲାନ୍ଦା ଜାଗାର
ସାରଜମ୍ ବା ସୁସୁନ୍ କରେଗେ
ସାରଜମ୍ ବାଏଃ ଗଲେ ଦୁରାଂ
ସୁଡ଼ା ସାଂଗେନ୍ କାରାମ୍ କରେଗେ
ସୁଡ଼ା ସାଂଗେନ୍ ଲାନ୍ଦା ଜାଗାର

ଓଡ଼ିଆ ଭାବ-

କୋଉଠି କୋଉଠି
ଗୀତ ଗାଏ ଶାଳଫୁଲ ବଜାଏ ସିଟି
କଅଁଳ ପଲ୍ଲବ

ହସି ହସି କହେ କଥା କୋଉଠି ?
ଶାଳଫୁଲ ପରା
ଫୁଲ ପରବରେ ସିଟି ମାରୁଥାଏ ନାଚ ମେଳରେ
କଅଁଳ ପଲ୍ଲବ
ହସି କଥା କହେ କରମ ନାଚର ଆଖଡାଠାରେ ।

ସାନ୍ତାଳ ମାନଙ୍କର ନାଚ ଓ ଗୀତକୁ ନେଇ ମଧ୍ୟ ଏପରି କଥାନିକା ଶୁଣିବାକୁ ମିଳିଥାଏ । ଲୁହକୁ ଲେଖାନ୍ ଏନେଜ୍ ରାହା ଲେଖାନ୍ ସେରେଞ୍ଜ ଅଣ୍ଡା ଦୋହଲାଇ ପଦ ଚଳନା କଲେ ନାଚ ସୁର କରି ଲହରାଇ କଥା କହିଲେ ଗୀତ । ସାନ୍ତାଳମାନେ ନାଚକୁ ଏନେଜ ଓ ଗୀତକୁ ସେରେଞ୍ଜ ଶବ୍ଦକୁ ବ୍ୟବହାର କରିଥିବା ସାନ୍ତାଳ ଗୀତ–

ବାହା ସେରେଞ୍ଜ ହେସେଜ ସେକେଜ ଞିଦା ଚବାୟେନ
ଞିଦା ଚବାୟେନ ମାନା ଆଖଲା ନିଶନେନ୍
ଡାହାର ଏନେଜ୍ ଲିବାୟ ଲିବୟ
ତେହେଞ୍ଜ ଚବାୟେନ
ତେହେଞ୍ଜ ଚବାୟେନ୍ ମାନା କୁଲହି ନିଶନେନ୍

ଓଡ଼ିଆ ଭାବ–

ଫୁଲ ପରବର ଗୀତ ଗାଇ ଗାଇ
ଆନନ୍ଦ ଉଲ୍ଲାସେ ରାତିଗୋଟା ଗଲା ପାହି
ରାତି ପାହିଗଲା ଶୁନଶାନ୍ ଦିଶେ ଅଖଡା ଭୂଇଁ ॥
ଲିବାୟ ଲବୟ ଡାହାର ନାଚ
ଆଜି ସରିଗଲା ବୋଲି ।
ଡାହାର ନାଚ ତ ସରିଲା
ଗାଆଁ ଦାଣ୍ଡ ଶୁନଶାନ୍ ଖାଲି ॥

ବି.ଦ୍ର – ସେରେଞ୍ଜ – ଗୀତ, ଏନେଜ – ନାଚ

ବିରହଲ ମାଙ୍କିଡିଆମାନେ ନାଚକୁ ସ୍ଥାନ ଭେଦରେ ସୁସୁନ ବା ଏନେଜ ଏବଂ ଗୀତକୁ ମଧ୍ୟ ସ୍ଥାନ ଭେଦରେ ଦୁରାଂ ବା ସେରେଞ୍ଜ କହିଥାନ୍ତି । ସୁସୁନ ଶବ୍ଦକୁ ନିମ୍ନୋକ୍ତ ଗୀତରେ ବ୍ୟବହାର କରାଯାଇଛି ।

ନାମଦମ୍ ସୁସୁନ୍ ତାନା
ହାଲାମେ ଦ ହାସୁତାନା

ହାଲାମେ ଦ ଗଇଜାନରେ
ବିନ୍ଦୁର ବିଚୁ ଆମ୍

ଓଡ଼ିଆ ଭାବ-

ଖଟିଆରେ ପଡି ଜ୍ୱରରେ କମ୍ପୁଛି
ଘରେ ଏକୁଟିଆ ବୁଢା ଗେରସ୍ତ
ମନରେ ଟିକିଏ ଦକ ନାହିଁ ତୋର
ନାଚ ଆଖଡାରେ କରୁଛୁ ନାଚ ॥

ଭୂମିଜମାନେ ମଧ୍ୟ ନାଚକୁ ସୁସୁନ୍ ଓ ଗୀତକୁ ଦୁରାଂ କହନ୍ତି । ନାଚ ଓ ଗୀତକୁ ନେଇ ତାଙ୍କ କଥନିକା ଏହିପରି-

"ସେନେଗେ ସୁସୁନ୍, କାଜିଗେ ଦୁରାଂ
ମା ଦଗେରତୁ, ଲାଣ୍ଡିଗେ ଦୁମାଂ"
ଚଲିବା ହିଁ ନାଚିବା, କଥା କହିବା ହିଁ ଗୀତ ଗାଇବା
ବାଉଁଶ ହିଁ ବଇଶୀ, ନିତମ୍ବ ହିଁ ମାଦଳ ।
ଭୂମିଜ ଶବ୍ଦ ସୁସୁନ ଓ ଦୁରାଂ ଥିବା ଗୀତ ଏହିପରି-
"ରେଙ୍ଗେତେ ତେତାଂ ତେ ଜୀ ଦ ଲଅତାନ୍
ଅବାଛାରେ ତାଇଁ ବାବାରେ ତାଇଁ"
ଥିଙ୍ଗୁନତେ ଦାରୁସୁବା କାଗେ ନାମ ଆ (୧)
ସୁସୁନତେ ଦୁରାଂତେ ଇଲି ନାମଆ
ଆବାଛାରେ ତାଇଁ ବାବାରେ ତାଇଁ
ଥିଙ୍ଗୁନ୍‌ତେ ଦାରୁ ସୁବା କାଗେ ନାମଆ (୨)

ଓଡ଼ିଆ ଭାବ-

ଭୋକରେ ଶୋଷରେ ପ୍ରାଣ ଆଉଟି ପାଉଟି
ବାପାରେ ପିଲାଏ କିଛି ମିଳିବନି
ଗଛତଳେ ଠିଆ ହୋଇ ଅଛଟି ॥
ନାଚିଲେ ଗାଇଲେ ମିଳେ ହାଣ୍ଡିଆ ।
ଗଛମୂଳେ ଗଛପରି ଠିଆ ହେଲେ ।
ତୁମକୁ କିଛି ମିଳିବ ନାଇଁ ॥

# ମାଘେ ସୁସୁନ୍

ସଙ୍ଗୀତର ମୁଖ୍ୟ ବିଭାଗଗୁଡ଼ିକ ହେଉଛନ୍ତି- ନୃତ୍ୟ, ବାଦ୍ୟଯନ୍ତ୍ର ଓ ଗୀତ । ହୋ କୋହ୍ଲ ମୁଣ୍ଡାମାନଙ୍କର ସଙ୍ଗୀତ ବିଷୟରେ ଆଲୋଚନା କରିବାକୁ ଯାଇ ମାଗେ (ଘେ) ନାଚର କଥାକୁ ଆଲୋଚନା କରିବା-

ମାଘେ ନାଚରେ ଦେବତାଙ୍କୁ ଆରାଧନା କରାଯାଉଥିବାରୁ ଉଭୟ ସ୍ତ୍ରୀ ଓ ପୁରୁଷ ଏକତ୍ର ନୃତ୍ୟ କରନ୍ତି । ସେମାନେ ଅଣ୍ଟାରେ ହାତ ଛନ୍ଦି ଅର୍ଦ୍ଧବୃତ୍ତାକାରରେ ବାମରୁ ଡାହାଣକୁ ମାଡି ନୃତ୍ୟ କରନ୍ତି । ବାଦ୍ୟକାରଗଣ ନୃତ୍ୟ ଘେର ମଧ୍ୟରେ ରହି ଧୀର ପଦରେ ନାଚି ନାଚି ବାଦ୍ୟ ବଜାନ୍ତି । ବାଦ୍ୟତାଳ ସହିତ ନୃତ୍ୟର ଗତି ଧୀରରୁ କ୍ଷୀପ୍ର ମନ୍ଥର ଓ ପରେ କ୍ଷୀପ୍ର ହୋଇଥାଏ । ନାଚିଲା ବେଳେ ଗୋଡ ଆଗକୁ ପଛକୁ ଓ ବାମକୁ ଡାହାଣକୁ କରିବାକୁ ପଡେ । ନାଚ ସହିତ ଗୀତ ବୋଲାଯାଏ । ସମବେତ ନାଚୁଆଙ୍କ ସଂଖ୍ୟା ଅନୁଯାୟୀ ନୃତ୍ୟ ଘେର ପ୍ରସାରିତ ଓ ସଂକୁଚିତ ହୋଇଥାଏ । ଏମାନେ ଦର୍ଶକଙ୍କୁ ଖୁସି କରିବା ପାଇଁ ନାଚ କରନ୍ତି ନାହିଁ । ନିଜେ ନାଚି ଗାଇ ଗୋଷ୍ଠୀଗତ ଆନନ୍ଦ ଉତ୍ସବରେ ସହଭାଗୀ ହୁଅନ୍ତି । ବିନା ସଂକୋଚରେ ପରିବାରର ସମସ୍ତେ ଏକତ୍ର ନୃତ୍ୟ କରନ୍ତି । ଏହା ଏକ ଶ୍ରମଅପନୋଦନର ନୃତ୍ୟ । ଏଥିରେ ନୃତ୍ୟକାରୀଙ୍କର ପାରଦର୍ଶିତା ପ୍ରକାଶିତ ହୋଇଥାଏ । ମୁକ୍ତ ମଞ୍ଚୀୟ ପ୍ରଦର୍ଶନ ଏହାର ଏକ ବିଶେଷତ୍ୱ । ଉଭୟ ସୂର୍ଯ୍ୟାଲୋକ ଓ ଚନ୍ଦ୍ରାଲୋକରେ ଏହା ପ୍ରଦର୍ଶିତ ହୁଏ । ନୃତ୍ୟ ମଣ୍ଡପର ଚଉପାର୍ଶ୍ୱରେ ଦର୍ଶକ ବସି ବା ଠିଆ ହୋଇ ନୃତ୍ୟ ଉପଭୋଗ କରନ୍ତି । ଦର୍ଶକ ଓ ନାଚୁଆଙ୍କ ମଧ୍ୟରେ ପାର୍ଥକ୍ୟ ପ୍ରାୟ ନଥାଏ । ଏବେ ଯେ ନୃତ୍ୟ କରୁଛି ପରେ ସେ ଦର୍ଶକ । ଏବେ ସେ ଦର୍ଶକ ପରେ ସେ ନୃତ୍ୟ କରିପାରେ । ମାଦଳ, ନାଗରା, ଢୋଲ, ବଇଁଶି ଓ କେନ୍ଦରା ଏହାର ସହଯୋଗୀ ବାଦ୍ୟ ।

ମାଘେ ପରବ ନାଚ ବେଳେ ଏହିପରି ମାଦଳ ତାଳ ଗୁଡିକୁ ମାନ୍ଦଲିଆମାନେ ବଜାଇଥାନ୍ତି ।

କାଁସା କିଚିମ ମିଡତାଡା ତାମ୍
ପିତଲ କଚିମ୍ ମିଡତାଡା ତାମ୍
ବୁଗିମ୍ ମିଡ୍ ତାଡାତାମ୍

(୨)

ପାଆସୁ ବୁଟା ପାଆସୁ ବୁଟା ଦୁମୁରକ୍

ପାଆସୁ ବୁଟା ପାଆସୁ ବୁଟା ଦୁମୁରକ୍

ଗଡ କଆଲାଂ ଜମକଆଲାଂ ଦୁମୁରକ

ଗଡ କଆଲାଂ ଜମକଆଲାଂ ଦୁମୁର୍କ

(୩)

ରିଡତା ରାମ୍‌ବା ରାଡଡ ରାଉଡ୍

ରୁଜିମ ରାଉଡ ରାଉଡ୍

ରିଂକା ରଂଜଇ୍ ଗୁଣ୍ଡମ୍

ରିଡତା ରାମବା ରାଉତ ରାଉତ୍

ରିଡ୍‌ତା ରାମବା ରାଉତ୍ ରାଉଡ

ରୁଜିମ୍ ରାଉଡ୍ ରାଉଡ୍

ଆଦି

ମାଘେ ପରବ ନାଚଗୀତ ବହୁଳ

(୧)

ନାପେନା ଦପେ ମୁଣ୍ଡା ଗ ତାନା

ନାପେନା ଦପେ ନାଣାକି ତାନା

ମୁଣ୍ଡାଗ ମୁଣ୍ଡା ନାଣାକି ନାଣାଳି

ସୁସୁନ୍‌ଦରେ ସାବେନ୍ ପେ

ଓଡ଼ିଆ ଭାବ-

ମୁଣ୍ଡା ଘରର ପୁଅଟି ତମେ

ମାଣାକି ଘରର ପୁଅ ।

ଯିଏ ବା ସିଏ ନାଚିଲେ ସାଥେ

ସାଜିବ କିବା କୁହ ॥

ମୁଣ୍ଡା ଘରର ପୁଅ ସାଙ୍ଗରେ

ନାଚିବ ମୁଣ୍ଡା ଝିଅ ।

ମାଣାକି ପୁଅ ହାତରେ

ହାତ ଛନ୍ଦି ମାଣାକି ଝିଅ

ସେ ନାଚ ସିନା ସାଜେ ।
ଧିନାକ ଧିନା ଉଠଇ ପାଦ
ଯେବେ ମାଦଳ ବାଜେ ॥
(୨)
ମାଗେ ଋଣ୍ଟୁଃ ବେଟା ତାନା
ମାଗେ ପରବ୍ ରେବାଃ ତାନା
ସାବେନ୍ ହାଗା ମିସି କୁଇକ ଦିଲି କୁଲାକମ୍
ମାଗେ ଋଣ୍ଟୁଃ ବେଟାୟାନା
ମାଗେ ପରବ୍ ତେବାଃ ୟାନା
ସାବେନ୍ ହାଗା ମିସିକୁଇକ ହୁଜୁଃ ସେଟେରଲେନ୍
ଡିୟାଂ ରାସି ନୁଉ କାତେ ଜିଲୁମାଣ୍ଡି ଜମ୍ କାତେ
ସାବେନ୍ ହାଗା ମିସି କୁଇକ ରାଁସାଇନୁଂତାନ୍
ସିଂ ବଙ୍ଗା ଜୀବନ କେନା
ନେଙ୍ଗା ନାପୁ ଜନମ୍ କେନା
ଦିରିତେକ ତେନେୟା ହଲମ
ହାସାଗେ ଜମେୟା-

ଓଡ଼ିଆ ଭାବ-

ମାଗେ ମାସ ଆସେ ଧୀରେ ଧୀରେ
ମାଗେ ପରବକୁ ସାଥେ ଧରି ।
ଶଙ୍ଖୋଳି ଆଣ ଯା ଘରର ସଭିଙ୍କୁ
ମନେଯାଉ ତାଙ୍କ ଖୁସି ଭରି ॥
ମାଗେ ମାସ ଆସେ ଧୀରେ ଧୀରେ
ମାଗେ ପରବକୁ ଧରି କରେ ।
ପହଞ୍ଚନ୍ତୁ ସବୁ ଭାଇ ଭଉଣୀଏ
ପୁରିଉଠୁ ଘର ପରବାରେ ॥
ଉଲ୍ଲାସେ ମାଉଁସ ଭାତ ଖାଇ
ଆନନ୍ଦେ ହାଣ୍ଡିଆ ରସି ପିଇ ।
ନାଚିବେ ଗାଇବେ ସଭିଏଁ ମିଳିଣ

ଦିନ ନାହିଁ ତାଙ୍କ ରାତି ନାହିଁ ॥
ସିଂ ବଙ୍ଗା ଦେଇଛନ୍ତି ଜୀବନ
ମାଆ ବାପା ଦେଇଛନ୍ତି ଜନମ ।
ପୋତା ହୋଇଯିବ ପଥର ତଳରେ
ଛାଡିଗଲେ ଦେହୁଏ ଜୀବନ ॥
ମାଟିର ଗାତରେ ହୋଇଥିର
ମାଟିରେ ମିଶିବ ଏ ଶରୀର ।
ଥୁଆ ହେବ ଖାଲି ଚିହ୍ନ ପାଇଁ ଯାହା
ସେ ଜାଗା ଉପରେ ଖଣ୍ଡେ ପଥର ॥

(୩)

ଆପେ ଗ ହାତୁ ପରବ୍ ରେଦ
ଆପେ ଗ ହାତୁ ମାଗେ ନା ରେଦ
କାରେପେ ଗାଗାତିଆ ହାଲାଇ
କାରେପେ ଜୁଜୁଲିଆ
ଆଲେ ଗ ହାତୁ ପରବ ରେଦ
ଆଲେଗ ହାତୁ ମାଗେ ନା ରେଦ
ନାମଦଞ୍ଜ ଗାତି ତାଲାମେ ହଲାଇ
ନାଞ୍ଜଦଞ୍ଜ କୁଟିନା

ଓଡ଼ିଆ ଭାବ-

ତୁମ ଗାଁ ପରବ ନାଚ ବେଳେ
ତୁମ ଗାଁ ମାଗେ ପରବ ବେଳେ ।
କଟି ମୋର ଧରି ନାଚିଲ ନାହିଁ ।
ନାଚ ସଙ୍ଗୀ ମୋତେ କରିଲ ନାହିଁ ॥
ଆମ ଗାଆଁ ନାଚ ପରବ ବେଳେ ।
ଆମ ଗାଆଁ ମାଗେ ପରବ ହେଲେ ॥
ତୁମ କଟି ଧରିବି ତୁମ କଡରେ ।
ବାଚିବି ମୁହିଁ ରହି ତୁମ ସଙ୍ଗରେ ॥

(୪)

ଚେତାନେକ ମାଗେ କେନା

ଲାତାରେକ ମାଗେ କେନା

କୁ ମାଗେ ସେନଃ ମେ

ଲାତାର୍ ଦିସୁମତେ କଁ

କାଲମ୍ ମାଗେ ରୁଆଲ ମେ

ନେକା ଦିପିଲାଂ କଁ

ଓଡ଼ିଆ ଭାବ-

ଉପର ସାହିରେ ମାଗେ ପରବରେ

ମାରନ୍ତି ମଜା ।

ତଳ ସାହିରେ ମାଗେ ପରବରେ, ବାଜେ

ମାଦଳ ବାଜା ।

ପରବ ସଇଲା ମାଗେ ଫେରିଯାଆ

ତଳ ଦେଶକୁ ।

ବରଷ ପୁରିଲେ ଫେରିବୁ ପୁଣି

ଆମ ଗାଁକୁ ॥



# ବାହା ଏନେଜ୍

ନୃତ୍ୟ ଆବେଗମୟ, ଗତିଶୀଳ କଳା । ନୃତ୍ୟ ମାଧ୍ୟମରେ ଦେବଦେବୀଙ୍କୁ ହୃଦୟର ଅର୍ଘ୍ୟ ଅର୍ପଣ କରିବା ମନୁଷ୍ୟର ସହଜାତ ପ୍ରବୃତ୍ତି । ବାହା ପାରାବ ନାଚରେ ସାନ୍ତାଳ ସମାଜର ସମସ୍ତ ଗ୍ରାମବାସୀ ନୃତ୍ୟରେ ସାମିଲ ହୁଅନ୍ତି । ଏଥିରେ ଜାତୁର ଓ ଡାହାର ନୃତ୍ୟ ପରିବେଷଣ କରାଯାଏ । ବାଦ୍ୟ ବାଜିଲେ ନୃତ୍ୟ ଆରମ୍ଭ ହୁଏ ଓ ଗୀତ ବୋଲାଯାଏ । ନୃତ୍ୟ କାରୀମାନେ ହାତକୁ ହାତଧରି ଗୋଲାକାରରେ ଡାହାଣକୁ ମାଡି ଚାଲନ୍ତି । ନାଚିଲା ବେଳେ ଶରୀର ଅଣ୍ଟା ଓ ପାଦର ଦୋଳାୟମାନ ଭଙ୍ଗୀ ଆମୋଦକର ହୋଇଥାଏ । "ବୁସାଃ ସିମ୍ ସାବ୍ ସାବ୍ ଭିଦଗି ଲୁତୁର କାବ୍ କାବ୍", ମାଦଳ ବାଦ୍ୟ ତାଳରେ ନୃତ୍ୟହୁଏ ।  ବାଦ୍ୟକାରମାନେ ନୃତ୍ୟ ଦଳର ସମ୍ମୁଖ ଭାଗରେ ରହନ୍ତି । ଯୁବକଯୁବତୀମାନେ ପାରମ୍ପରିକ ବେଶ ପୋଷାକରେ ସଜ୍ଜିତ ହୋଇଥାନ୍ତି । ତରୁଣୀମାନେ ଖୋସାରେ ଶାଳଫୁଲ ଖୋସିଥିବା ବେଳେ ତରୁଣମାନେ ତାଙ୍କ ପଗଡିରେ ମହୁଲ, ପଳାଶ, ଓ ଧାତକି ଆଦି ଫୁଲ ଖୋସିଥାନ୍ତି । ଏଠି ପ୍ରକୃତି କୋଳ ହିଁ ରଙ୍ଗଭୂମି । ଶାଳବଣର ଜାହିରାରୁ ଗ୍ରାମଦାଣ୍ଡ ଯାଏ ରଙ୍ଗ ମଞ୍ଚଳରେ ପରିଣତ ହୁଏ । ଭିନ୍ନ ଭିନ୍ନ ସ୍ଥାନ ଓ ସମୟରେ ଦିବାରାତ୍ରୀ ପୂଜା, ନୃତ୍ୟଗିତ ଓ ଅଭିନୟର ଆସର ଚାଲିଥାଏ । ପଡୋଶୀ ଗ୍ରାମରୁ ବଭିନ୍ନ ସମ୍ପ୍ରଦାୟର ଲୋକଆସି ନାଟ୍ୟୋତ୍ସବ କରନ୍ତି ।

'ବାହାପରାବ୍' ଆଧ୍ୟାତ୍ମିକତା, ମନୋରଞ୍ଜନ ସହିତ ଜୀବନ ଦର୍ଶନ ପ୍ରତ୍ୟାପନ କରିଥାଏ । ପ୍ରକୃତି ବସନ୍ତ ଋତୁରେ ବୃକ୍ଷରାଜିକୁ ସବୁଜିମା, ପୁଷ୍ପସମ୍ଭାରରେ ଧରଣୀକୁ ସୌନ୍ଦର୍ଯ୍ୟମୟ କରେନାହିଁ. ବରଂ ମଣିଷକୁ ଶ୍ରଦ୍ଧା, ବିଶ୍ୱାସ, ଧୈର୍ଯ୍ୟ, ସହିଷ୍ଣୁତା ଓ ଆଧ୍ୟାତ୍ମବାଦୀ କରିଥାଏ । ଶୀତ ଓ ଗ୍ରୀଷ୍ମରେ ବୃକ୍ଷ ପତ୍ରଝଡା ଦେଇ ବିବର୍ଣ୍ଣ ହୋଇଯାଇଥାଏ । ଏଇଥିପାଇଁ ପ୍ରକୃତି  ମ୍ରିୟମାଣ ହୋଇପଡେ ନାହିଁ । ସମୟ ଆସେ ସୂର୍ଯ୍ୟ, ବାରିଦ, ଜହ୍ନ ପବନର ଯାଦୁକାରୀ ସ୍ପର୍ଶରେ ପ୍ରକୃତି ଅପରୂପ ଧାରଣ କରେ । ଏକାତ୍ମ ହୋଇ ମନୁଷ୍ୟ ବସନ୍ତ ପରି ଶୀତଋତୁକୁ ସ୍ୱାଗତ କରେ । ସୁଖ ଦୁଃଖ ଜୀବନ-ନଦୀର ଦୁଇ ଧାରକୁ ଆପଣେଇ ନିଏ । ଭଗବାନଙ୍କର ଏହି ବିଚିତ୍ର ଲୀଳାକୁ ସଂଦର୍ଶନ କରି ଆନନ୍ଦର ସହିତ ନୃତ୍ୟ ଗୀତ ଓ ପୂଜାକରି ଧନ୍ୟ ହୁଏ, ପ୍ରକୃତିର ନିରବଚ୍ଛିନ୍ନ ସ୍ରୋତକୁ ମାନିନେଇ ସେହି ଧାରାରେ ବଞ୍ଚି ରହିବାକୁ ଶପଥ କରେ ।

"ବାହା ପାରାବ"ର ଅର୍ଥ ଦେଉଛି ଫୁଲ (ବାହା) ପର୍ବ (ପାରାବ) । ଯାହାକୁ ଓଡ଼ିଆରେ ଫୁଲ ଭାଙ୍ଗୁଣୀ କୁହାଯାଇଥାଏ । ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ।

ଏହି ପର୍ବରେ ଏହିପରି ଗୀତ ବୋଲାଯାଏ ।

କୟ ଆଲାଂ ନାଜିଂ କୟ ଆଲାଂ
ମଣେକ ଠେନ୍ ସାରଜମ୍ ବାହା
ହାଲାଂ ଆଲାଂ ନାଜିଂ ମାତକମ
ବାହାୟେ ଆଲାଂ ନାଜିଂ ସାରଜମ୍ ବାହା
ଞ୍ଜୁଇଁ ଆଲାଂ ନାଜିଂ ମାତକମ୍ ରାମା ।

ଓଡ଼ିଆ ଭାବ-

ଆସ ଗୋ ଭଉଣୀ ଗୋ
ମଣେ ଦିଅଙ୍କୁ ଜୁହାର ହୋଇବ
ଶାଳଫୁଲ ମାଗି ନେବା
ଭଉଣୀ ଲୋ ଚାଲ
ଶାଳ ଫଳକୁ
ମାଟିରୁ ସାଉଁଟି ନେବା ॥
ଗଭାକୁ ସଜାଇ ଶାଳଫୁଲ ନେବା ଖୋସି ।
ମହୁଲର ରସ
ବଡ ମଧୁର ଲୋ ରସକୁ ପିଇବା ଶୋଷି ॥

(୨)

ଜାହେର ସାଳିମରେ ସାରଜମ୍ ବାହାଦ
ନାଏକେ ରାଚ୍ଚରେ ମନ୍ଦ ମୁଲି
ପେଟେଜ ଜଂଗେ ସାନାଞ୍ଜା ସାରଜମ୍ ବାହାଦ
ଉଗାଳ ଜଂଗେ ମାନାଞ୍ଜ ମନ୍ଦମୁଲି

ଓଡ଼ିଆ ଭାବ-

ଶାଳଫୁଲ ପେନ୍ଥା ଜାହିରା ମାଆର ଚାଲ ଉପରେ ।
ମଲ୍ଲୀଫୁଲ ଗଛ ପୁରୋହିତଙ୍କ ଅଗଣା ଭିତରେ ॥
ଶାଳଫୁଲ ପେନ୍ଥି ଭାଙ୍ଗି ଆଣିବାକୁ
ମନହୁଏ ହାଇଁ ପାଇଁ ।
ତୋଫା ମଲ୍ଲୀଫୁଲ ତୋଳି ଆଣିବାକୁ
ଇଛା କରୁଅଛି ମୁହିଁ ॥

ଜାତୁର ନୃତ୍ୟ ବାହା ପାରାବ୍ ଅବସରରେ 'ଜାହେର ଏରା' 'ମାରାଂବୁରୁ', ମଣେକ ଆଦି ଦେବତାଙ୍କୁ କେନ୍ଦ୍ରକରି ଜାହିରା ପୀଠରେ (ଜାତୁର ଗୀତ) କରାଯାଏ। ଏହା ଭକ୍ତିମୂଳକ 'ବାହା ପାରାବ' ଅସରରେ ଜାହିରା ପୀଠରେ ପୂଜା ଆରମ୍ଭଠାରୁ ଆରମ୍ଭ ହୋଇ ପରଦିନ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ହୋଇଥାଏ। ଏଥିରେ ପୁରୁଷ ଓ ନାରୀ ଅଲଗା ଅଲଗା ହୋଇଁ ନୃତ୍ୟ କରିଥାନ୍ତି। ଏଥିରେ ଲୀଳାୟିତ ଭଙ୍ଗୀରେ ଯୋଡହସ୍ତ ହୋଇ ଯେଉଁ ନୃତ୍ୟ କରାଯାଏ ତାହା ଖୁବ୍ ଆକର୍ଷଣୀୟ।

ଏହି ନୃତ୍ୟର ମାଦଳତାଳ

ଆରମ୍ଭ- ଦାତିଞ୍ଜା ଦାଃ ଦିଞ୍ଜିଭିଦିଂ ହୋତାଂ ଦାଃତା ଭିଦିଂ ଦାଃ ହୋତାଂ ହୋତାଂ ଭିଦିଂ ଦାଃ

ତାଳ-

ଦାତିଞ୍ଜା ଲିପିଭ୍ ଦାଃତିଞ୍ଜା ଲିପିଜ୍
ଦାଃତି ଭିଦିଂ ଦାଃତିଞ୍ଜା ଦିଞ୍ଜା ଦାତିଞ୍ଜା ଦାଃ
ଦାଃତି ଭିଦିଂ ଦା ହେଁ ଦିଞ୍ଜ ଦାହେଁଃ ଦାତାଂ
ଦାହେଁଃ ଦିଂ ଦାହେଃ ଦାଃ (ଘୋଷା)
ଦାଃତାଂ ଭିଦିଂ ଦାଃତିଂ ଦିଂ, ଦାଃତିଂ ଧିରିପିଟି
ଦାଃତିଞ୍ଜା ଦାଃ ଦାଃତିଞ୍ଜା ଧିରିପିଟି ଦାଃତିଞ୍ଜା ଦାଃ
ଦାଃତି ଭିଦିଂ ଦାହେଦ ଦିଂ
ଦାହେବ୍ ଲିପିଜ୍ ଦାହେଦ ଦିଞ୍ଜା ଦାଃ ହେଦ ଲିପିଜ୍
ଦାହେଦ୍ ଦାଃ ଦାଃତି ଭିଦିଂ ଦାଃ
ଦାଃତି ହୋତାଂ ଭିଦିଂ ଦାଃ ଦାଃତି ଦାଃତି ଦାଃତା
ଦାଃ ଦାତିଞ୍ଜ ଦାଃତା ଲିପିଜ୍

ଶେଷତାଳ-

ଦାଃତିଞ୍ଜ ଦାଃ ଦିଞ୍ଜ ଭିଦିଞ୍ଜା ହୋତାଂ ଭିଦିଂ
ଦାଃତା ଭିଦିଂ ଦାଃ ହୋତାଂ ହୋତାଂ ଭିଦିଞ୍ଜା ଦାଃ

ଜାତୁର ଗୀତ-

ଯା ଗସାଁୟ ଝାଣ୍ଡିମଟଂ ସୁସୁନକ୍ କୁଲହି ମଟଂ ଦୁରାଂକ
ଦେଲା ସାରଦ ସାରା ଞ୍ଜେଲଗ ସୁସୁନ୍
ଦେଲା ସାରଦ ସାର ଞ୍ଜେଲଗ ଦୁରାଂ
ଯା ଗସାଁୟ ପିଲି ପିଟାରିରେ ସାର୍ ଲୁମାଂ ଲୁଗଲି

ହାଲେକାରେ ସାର୍ ସିନ୍ଦୁର ସାଲୀ
ଯା ଗସାଁୟ ପିଳି ପିଟାରିରେ ସାର ଲୁମାଂ ଲୁଗ୍ଲି
ବାହେର କାତେଞ୍ଜ ସାର୍ ସିନ୍ଦୁର ସାଲୀ
ଯା ଗସାଁୟ ପିଳିପିଟାରିରେ ସାର୍ ଜେରେଞ୍ଜ ନାୟାଂ
ହାଲେକାରେ ହାଲେ ତଗତାଡା
ଯା ଗସାଁୟ ଜେରେଞ୍ଜ ନାୟାଂ ହାଲେ ନେଗନୁସିଜାଞ୍
ତଗଜାଡା ହାଲେ ନେଗ୍ ଜେମ୍ନେଦିଞ୍ଜ

ଓଡ଼ିଆ ଭାବ–

ଏପଟେ ସେ ପଟେ ଦାଣ୍ଡ ଘରିପଟେ
ଜମିଛି ନାଚ ଆସର
ନାଚ ଗୀତ ଦେଖି ଚାଲିଯିବା ସଖୀ ସାର ॥
ଖାନଦାନୀ ମଠା ଶାଢୀ
ନାଗ ସାପ ହାର ପେଡିରେ ରହିଛି ପଡି ॥
ପେଟରାରେ ଅଛି ରଙ୍ଗୀନ୍ ଶାଢୀ ନାଲିଆ
ତା ସାଙ୍ଗକୁ ପୁଣି ବେକ, ଚିପା ହାର ଥୁଆ ॥
କାଢିଆଣି ଶାଢୀ ପେଡିରୁ ଗହଣ ଯୋଡି ।
ଚିପା ହାରଟା ତ ବେକୁ ହେଉଛି ଭିଡି ॥
ଯାହା ହେଉପଛେ ପିନ୍ଧିବି ଶାଢୀ ଗହଣା ।
ନ ପିନ୍ଧିଲେ ସଖୀ ନାଚ ଆଖଡା ଜମେନା ॥
ନାଗସାପ ହାର ବେକରେ ନାଇଲେ
ଲାଗେ ପ୍ରିୟତମ ଦେଉଛି ଦଂଶୀ
ବେକ ଚିପାହାର ପିନ୍ଧିଲେ ଲାଗଇ
ପ୍ରିୟତମ ମୋତେ ନେଉଛି ଶୋଷି ॥

(୨)

ଯା ଗସାଁୟ ତକୟ ମେଦୟ ବେରେଲାହ ବିରଦିଶମ୍ ଦ
ଯା ଗସାୟଁ ତକୟ ମାୟ ଦହୟାଦ ହାତୁ ମାର ମାର୍
ଯା ଗସାୟଁ ମାରାଂ ଦେଓ୍ୱାଂୟ ବେରେଲାହ ବିରଦିଶମ ଦ
ଯା ଗସାୟଁ କାହେର ନେରାୟ ଦହୟାହ ହାତୁ ମାରପାର

ଓଡ଼ିଆ ଭାବ-

ଗୋସେଇଁ ହେ କିଏ ପ୍ରତିଷ୍ଠା କରିବ
ଏ ଜଙ୍ଗଲ ମୂଳକକୁ
କିଏ ସେ ରକ୍ଷା କରିବ ଆମକୁ ।
ଆମରି ଜଙ୍ଗଲ ଘେରା ଗାଆଁକୁ ॥
ଏଇ ଜଙ୍ଗଲକୁ ପ୍ରତିଷ୍ଠା କରିବେ
ଆମରି ବଡ ଠାକୁର
ଆମ ଗ୍ରାମଦେବି ଦୁଃଖ ବିପଦରୁ
ରକ୍ଷା କରୁଥିବେ ଏଇ ଗାଆଁକୁ ଆମର ॥

(୩)

ଯା ଗସାୟଁ ଡୁଇସା ଦିଶମ୍ ମେଣ ହେଦ ଗାଣ୍ଡ
ମେଣହେବଦ ମାଚି ନେଣହେଦ୍ ସିକ୍ଲି
ହଲାରେ ହ ଜଗମାଝୀ ମଣେ ହଲ୍‌ତେ
ନାୟକେ ଦବ ତଲାକାଦେ
ହଲାରେ ହ ଜଗ୍‌ମାଝୀ ମଣେ ହଲ୍‌ତେ
ନାୟକେ ଦବ ବିଲିୟା କାଦେ
ଦେ 'ହ ଦେ'ଲାହ ଦେ ରାଲା କାଞ୍ଚପେ ହ
ଦେହ ଦେ' ଲାହ ଦେ'ଭାଗୁଲ୍ କାଞ୍ଚପେ ହ

ଓଡ଼ିଆ ଭାବ-

ଉପ ଗାଁ ମୁଖିଆ ।
ତିନି ଦିନ ହେଲା ଦେଇଚ ବସେଇ ।
ଡୁଇସା ଦେଶରେ ଲୁହା ଚଉକିରେ
ପୁରୋହିତଙ୍କର ହାତରେ ପାଦରେ ବେଢି ପକେଇ ॥
ଉପ ଗାଁ ମୁରବୀ ।
ହାତ ପାଦ ମୋର ଖୋଲି ଦିଅ
ମୁହିଁ ବେଗୀ ବେଗି ଏଠୁ ପଳେଇ ଯିବି ॥

(୪)

ଯା ଗସାୟଁ । ତକୟ ମେଦୟ ଦାୱାତେ ଆତିଞ୍ଜ
କୁଇଁଦାଃରେ ଦାଃ ସିମକିନ୍ ନୁପେଲେନାହ
ଡାଡିଦାଃରେ ସେରାଲିକିନ୍ ଘପେୟେନା ?

ଯା ଗସାୟଁ ମାରାଂ ଦେଓ୍ୱାୟ ଦାଓ୍ୱଁତେ ଆତିଞ୍ଚ
କୁଇଁ ଦାଃରେ ଦାଃ ସିମ୍‌କିନ୍‌  ନୁପେଲେନାହ
ଡାଡି ଦାଃରେ ସେରାଲିକିନ୍ ରୁପେୟେନା

ଓଡ଼ିଆ ଭାବ-

କାହା ଇଙ୍ଗିତରେ ପାଣି କୁକୁଡା ଯୋଡିଏ
ଆବିର୍ଭାବ ହେଲେ କୂଅ ପାଣିରେ ।
ପୋଖରୀ ପାଣିରେ ପାଣି ସରାଳି
ଭାସି ପାରୁଛନ୍ତି କାହା ଇଛାରେ ॥
ପାଣି କୁକୁଡା ଦୁଇଟି କୂଅ ପାଣିରେ
ଆବିର୍ଭାବ ହେଲେ ବଡ ଠାକୁରଙ୍କ କୃପା ଆଶୀର୍ବାଦ ପାଇ ।
ପୋଖରୀ ପାଣିରେ ଭାସନ୍ତି ପାଣି ସରାଳି
ତାଙ୍କରି ମହିମା ଏଇ ॥

ଡାହାର ନୃତ୍ୟ ଓ ଗୀତ-

ବସନ୍ତର ଆଗମନରେ "ପାଳିତ" ବାହା ପାରାବ୍ ର ଏହା ପ୍ରାକ୍ ନୃତ୍ୟ ଗୀତ । ଏହା ଝିଅମାନଙ୍କର ଦାଣ୍ଡଧୂଳିର ନୃତ୍ୟ ଗୀତ । ଏହି ନୃତ୍ୟଗୀତ "ନାଚ ଆଖ୍‌ଡ଼ା" ବ୍ୟତୀତ ଗ୍ରାମଦାଣ୍ଡ (ଡାହାର)ର ଯେ କୌଣସି ସ୍ଥାନରେ କରାଯାଇପାରେ । ଏହା ମାଘ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ । ବାହାରନ୍ଦ (ଫଗୁଣ ମାସ) ର ପ୍ରବେଶରେ କିଶୋରୀମାନେ ନୂଆ ପୁଷ୍ପର ସୁଗନ୍ଧରେ ଉଲ୍ଲସିତ ହୋଇ ମନମତାଣିଆ ଡାହାର ଗୀତଗାଇ ସୂର୍ଯ୍ୟାସ୍ତ ପରେ ହାତରେ ହାତକୁ ଛନ୍ଦି ସାମାନ୍ତରାଳରେ ଆଗକୁ ଯାଇ ନୃତ୍ୟ କରନ୍ତି ଓ ସେହିପରି ପଛକୁ ଫେରନ୍ତି । ବାଦ୍ୟଯନ୍ତ-ମାଦଳ, ଧୂମସା, ଚଡଚଡି ଆଦି ଏହି ନୃତ୍ୟରେ ବ୍ୟବହୃତ ହୁଏନାହିଁ ।

ଏହି ନୃତ୍ୟବେଳେ କିଶୋରୀମାନଙ୍କ ଦ୍ୱାରା ଗାନ କରାଯାଉଥିବା ଗୀତ ଏହିପରି-

ବାହା ବଙ୍ଗା ହ ସେଟେରେନା
ଜତ ବାହାଗେ ବାହାୟେନା
ବାହା ଥପେରେ କୁଇଲି କୁହୁୟ ସେରେଞ୍ଚ
ଆତୁ କୁଲହି ଆଖଳାରେ କୁଳିକ ଡାହାର ସେରେଞ୍ଚ

ଓଡ଼ିଆ ଭାବ-

ଫଗୁଣ ଆଇଚି
ଜାତି ଜାତି ଫୁଲ ଗଛରେ ଫୁଲ ବହୁତ ।
ପେନ୍ଥି ପେନ୍ଥି ଫୁଲ
ଭିତରେ କୋଇଲି ଗାଏ କୁହୁକୁହୁ ଗୀତ

ଗାଆଁ ଦାଣ୍ଡ ନାଚ ଆଖଡାରେ ଟୋକିଙ୍କର
ଡାହାର ଗୀତ ଗମାତ ॥
(୨)
ତୁଲ ତୁକା ଲୁଟୁ ପୁଣ୍ଟୁ ଲୁପୁଂ ଦାରେରେ
ଲୁପୁଂ ଦାରେ ରେଦ ବାଂଆ ଚଟ ଚୁଟିରେ
ଖାଡେୟା ସେତା ଗାଲାଂଗାପୁଜ୍ କାମାର୍ ସାଲରେ
କାମାର୍ ସାଲରେଦ ବାଂଆ ଘପୁଆ ଚେତାନରେ

ଓଡ଼ିଆଭାବ-

ଗୁଣ୍ଡୁଚି ବସାଟି ଲୁଟୁପୁଟୁ
ଦେଖ ବାହାଡା ଗଛ ଉପରେ ।
ଗଛ ଉପରେ ତ ନୁହେଁ ଏକବାର
ବାହାଡା ଗଛର ସବା ଚୁଟିରେ ॥
ଖଡିଆର କୁକୁରଟା ଲାଞ୍ଜ ଜାକି ଅଛି
ଗୋଡତଳେ ଅବା କମାର ଶାଳେ
କମାର ଶାଳର ଭାତ ଉପରେ ସେ
ଲାଞ୍ଜକୁ ଜାକିଛି
ଜକେଇ ନାଇଁତ ଲାଞ୍ଜକୁ କମାର ଶାଳେ ॥
(୩)
କଲାକଲ ଗିରାୟା ଦେବ ସେନ୍ଦରାୟା
କୁଲିକଲ ଗିରାୟା ଦେବ ତୁମାଲା
କଲାକକ ସେନ୍ଦରା ବୁରୁ ହାରାରେ ହାରାକଲାକ
କୁଲିକକ ତୁମାଲା ଜାରାହାରାରେ ହାରାକୁଲିକ

ଓଡ଼ିଆଭାବ-

ଯୁବକ ଡାକନ୍ତି ଯୁବକ ମାନଙ୍କୁ
ଆସ ବଣରେ ଶିକାର କରିବା ।
ଯୁବତୀଏ ଯୁବତୀଙ୍କୁ ଡାକି ଡାକି ବାହାରନ୍ତି
ଘଲ ବିଲରୁ ଧାନ ସାଉଁଟିବା ॥
ବଣ ଜଙ୍ଗଲରେ ଶିକାର କରନ୍ତି ବଢିଲା ପୁଅ ।
ପୋଡୁଘଷ ବିଲ ଧାନ ସାଉଁଟନ୍ତି ଯୁବତୀ ଝିଅ ॥

# କରମ ସଙ୍ଗୀତ

ଭାଦ୍ରବ ମାସ ବାମନ ଜନ୍ମ ଏକାଦଶୀ ତିଥିରେ ପବିତ୍ର କାରାମ ପୂଜା-ମୁଣ୍ଡା-ଭୂମିଜ ପରିବାରରେ ଅନୁଷିତ ହୁଏ । କାରାମ ପୂଜା ହେଲାପରେ ସେହିଦିନ ରାତିରେ କରମ ନୃତ୍ୟ ମହାସମାରୋହରେ କରାଯାଏ । ନୃତ୍ୟ ସମୟରେ ବିଭିନ୍ନ ଗ୍ରାମରୁ ଆସିଥିବା ବ୍ୟକ୍ତିମାନେ କରାମ୍ ଗୀତ ଗାଆନ୍ତି ଏବଂ ମହିଳା ଓ ଯୁବତୀମାନେ ନୃତ୍ୟ କରନ୍ତି । ପୁରୁଷ ନାରୀ (ଯୁବକ-ଯୁବତୀ) ଏକତ୍ର ଗୋଟିଏ ଆଖଡାରେ ନାଚନ୍ତି ସତ, ପୁରୁଷ ଓ ନାରୀ ପରସ୍ପର ହାତ ଧରାଧରି ହୋଇ ନାଚନ୍ତି ନାହିଁ । କେବଳ ସ୍ତ୍ରୀଲୋକମାନେ ପରସ୍ପର ହାତକୁ ଛନ୍ଦାଛନ୍ଦି ହୋଇ ନାଚନ୍ତି । ମାଦଳ ଓ ଢୋଲର ତାଳେ ତାଳେ ଥରେ ଆଗକୁ ଓ ଥରେ ପଛକୁ ଝୁଙ୍କନ୍ତି ଓ ନିଜର ସର୍ବାଙ୍ଗ ଶରୀର ଦୋହଲାଇ ନୃତ୍ୟ କରନ୍ତି । ତାଳ ଅନୁସାରେ ନିଜଗ୍ରୀବା ବା ମସ୍ତକ ଚଳନା କରନ୍ତି । ତାଳଲୟ ସହ ପାଦ ହଲାଇ ନୃତ୍ୟ କରନ୍ତି । ରାତି ତମାମ୍ ନୃତ୍ୟ ଚାଲେ । ଏହି ନୃତ୍ୟ ସମୟରେ କରମ ସଙ୍ଗୀତର ବିଭିନ୍ନ ରାଗ ଲହସୁଆ, ଖେମଟା, ଗାଡୁଆ, ଏକତାଳି, ବୁରୁଟାଣ୍ଡିଆ, ଛଲକୁଆ, ଆଡଛଲକୁଆ, ଲହରିଆ ଓ ଝିଙ୍ଗାଫୁଲିଆ ଆଦି ଗୀତ ଗାଆନ୍ତି ।

ଏହି ଗୀତ ଗୁଡିକରେ ଶବ୍ଦର ମେଳ ପ୍ରାୟ ନଥାଏ । ଅନେକ କ୍ଷେତ୍ରରେ ଅମିତ୍ରାକ୍ଷରଛନ୍ଦରେ ଗୀତ ଗାଇ ମଧ୍ୟ ଗାୟକ ଗାୟିକା ଆନନ୍ଦିତ ହୁଅନ୍ତି । ତାଳ ଅନୁସାରେ ସଙ୍ଗୀତ ଗୁଞ୍ଜରୀ ଉଠେ । ସଙ୍ଗୀତରେ ସ୍ୱରର ପ୍ରାଧାନ୍ୟ ସହିତ ମାଦଳ, ଢୋଲର ତାଳ-

ଧାଡିଂ ତିର୍ ଧାନ୍ଦା
ଡିଗଦା ଦିଡାଂ ଦାଗିର
ଦିଗଦା ଡିଡାଂ ଦାନ୍ଦାଃ
ତାଳରେ ନୃତ୍ୟ ଚାଲେ ।

ଏହି କରମ ନାଚ ବେଳେ ଗାନ କରାଯାଉଥିବା ଗୀତ ଗୁଡିକ ଏହିପରି-

ଭାଦର ଚାଣ୍ଡୁଃ ଆନାଗନା ଚାଣ୍ଡୁଗା ମୁଲୁଃଜାନା
ଢଲ ଦୁମାଂ ସାଡିତାନା
ବାଜାଣା ପାରିଲିତାନା ଦୁରାଂ ବାଜାନା
ହାଉସି ପେରେଏ କଲା କୁଳିକ
ଝାଲାଅ ଗାସାରକ ଦୁରାଂ ତାନାକ
ବାନଃ ହାଣା ଜୁୟାସା ପାରିଲି ତାନା
ଦୁରାଂ ବାଖାଣା
ଜାଅରେୟା ଆଦି ବିନ୍ତି ଇଲି ନୂଅ କରେବୁ ଚୁନଖଃ

ଇଲିନୁରେ ଏମାନ୍ ତେମାନ୍ ଘକାଣା
ପାଗିଲି ତାନା ଦୁରାଂ ବାଖାଣା

ଓଡ଼ିଆ ଭାବ-

ଆଇଲା ଭୋଦୁଅ ମାସ ଉଇଁଲା ଜହ୍ନ
ଢୋଲ ମାଦଳ ସାଙ୍ଗକୁ ଗୀତର ସ୍ୱନ ॥
ରସିଆ ଟୋକା ଟୋକିଏ ଗାଆନ୍ତି ଗୀତ ।
ନଥାଏ ମାନ ଗୁମାନ ଥାଏ ସଙ୍ଗୀତ ॥
ଆଦିବାସୀର ଚଳଣି ଆଦିମ ପ୍ରଥା ॥
ହାଣ୍ଡିଆକୁ ରଖଣା ଯୋଖି ରଖିଥା ॥

(୨)

ଆଜତରେ କରମ୍ ରାଜା ଘରେ ଦୁଆରେ
କାଲିକରେ କରମ ରାଜା ବାଆଁଶ ନଟୀ ପାରେ
ଆମ୍ ଗାଜାକୁ ଛଣ୍ଡା ଜାମ୍ ଗାଜାଲୁ
ଭାଲ ଭାଲ ଛଣ୍ଡା ମାନଙ୍କୁ ବାଗେ କାଚାଲୁ

ଓଡ଼ିଆ ଭାବ-

ଆଜିଅଛ ତୁମେ କରମ ରଜା
ଘର ଦୁଆରେ ।
କାଲିଥିବ ସବୁ ବାଉଁଶ ଜଙ୍ଗଲ
ବୁଦା ଉହାଡେ ॥
ଆମ୍ଭ ଜଙ୍ଗଲର ଭେଣ୍ଡିଆ ହେଉକି
ଜାମୁ ବଣ ଟୋକା ହେଉ ।
ଭଲ ଭଲ ଟୋକା ବାଛି ବାଛି ବାଘ
ଘୋଷାରି ଘୋଷାରି ଖାଉ ॥

(୩)

ତିସିଂ ଦୟା କଲା ହନ୍କ ରିଙ୍ଗିସିଙ୍ଗି
ଗାପା ଦୟାକଲା ହନକ ନାଇଲି ଗାଡ୍ ମରରେଦ

ଓଡ଼ିଆ ଭାବ-

ଟୋକାମାନେ ଆଜି
ହସ ଖୁସି ଯେତେ କରିଯାଆ
ମନ ମଉଜ ମାତି
କାଲିକୁ ଧରିବ ଲଙ୍ଗଳ କଣ୍ଟି ।

# ଦାସାଁୟ ସଂଗୀତ

ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ କୋହ୍ଲ (ହୋ) ଓ ଭୂମିଜ ଆଦି ଆଦିବାସୀମାନେ ହିନ୍ଦୁ ଦଶହରା ପର୍ବବେଳେ ଦାସାଁୟ ସଂଗୀତ ପରିବେଷଣ କରନ୍ତି । ପୁରୁଷମାନେ ଶାଢୀ ପିନ୍ଧି ନୃତ୍ୟ କରନ୍ତି ଓ ଦାସାଁୟ ଗୀତ ଗାନ କରନ୍ତି । ଏହି ନୃତ୍ୟ ଓ ଗୀତ ପରିବେଷଣ ବେଳେ ମୁଣ୍ଡ ପଗଡିରେ ମୟୁରଚୂଳ ଖୋସି, ହାତରେ ବୁଆଙ୍ଗ କରତାଳ ଘଣ୍ଟା ଆଦି ବାଦ୍ୟଯନ୍ତ୍ରକୁ ବଜାଇ ବକ୍ରାକାରରେ ଟିକିଏ ଆଗକୁ ଝୁଙ୍କି ନୃତ୍ୟ ପରିବେଷଣ କରାଯାଏ । ବାଉଁଶରେ ତିଆରି ଧନୁର ମଧ ଭାଗରେ ଗୋଟିଏ ଲାଉ ତୁମ୍ବାକୁ ଝୁଲାଇ ଦିଆଯାଇଥାଏ । ଧନୁର ଦଉଡିକୁ ଟାଣି ଛାଡିଦେଲେ ବୁଆଙ୍ଗ ଶବ୍ଦ ଲାଉ ତୁମ୍ବାରୁ ନିର୍ଗତ ହୋଇଥାଏ । ଏହି ବୁଆଙ୍ଗ ଶବ୍ଦ ଯୋଗୁଁ ଏହି ଧନୁଟିକୁ ବୁଆଙ୍ଗ କୁହାଯାଏ । ଦାସାଁୟ ନୃତ୍ୟବେଳେ ବୁଆଙ୍ଗଟିକୁ ବାଦ୍ୟଯନ୍ତ୍ର ରୂପରେ ବ୍ୟବହୃତ ହେଉଥିବା ଯୋଗୁଁ ଏହି ନୃତ୍ୟକୁ ବୁଆଙ୍ଗ ନୃତ୍ୟ ମଧ କୁହାଯାଏ । ଦଶହରା ବେଳେ ମୟୂରଭଞ୍ଜ ଜିଲ୍ଲାର ଗାଁ ଗହଳିରେ ଓ ସହରର ଗଳି କନ୍ଦିରେ ଏହି ନୃତ୍ୟଗୀତ ପରିବେଶିତ ହେଉଥିବାରୁ ହିନ୍ଦୁ ଦଶହରା ପର୍ବକୁ ଏହା ରଙ୍ଗୀନ କରି ତୋଳେ । ଏହି ନୃତ୍ୟ କରୁଥିବା ଦାସାଁୟ ଯୁବକମାନେ ଗାଁରୁ ଗାଁକୁ ଗୋଟିଏ ଘର ଅଗଣାରୁ ଅନ୍ୟ ଘର ଅଗଣାକୁ ବୁଆଙ୍ଗ କରତାଳ, ପିଟାଘଣ୍ଟାକୁ "ଭୁ ଜାଂଡାଂଭୁଂ ଡାଂଣ୍ଡା" ତାଳରେ ବଜାଇ ବଜାଇ ଗୀତ ଗାଇ ଗାଇ ନାଚି ନାଚି ଆସନ୍ତି ।

ଦାସାଁୟ ନୃତ୍ୟ ଗୀତର ଉତ୍ପତ୍ତିକୁ ନେଇ ରହିଥିବା କିମ୍ବଦନ୍ତୀ ଏହିପରି-

ରାମଚନ୍ଦ୍ର ପିତୃସତ୍ୟ ପାଳନ କରିବା ପାଇଁ ସ୍ତ୍ରୀ ସୀତା ଓ ସାନଭାଇ ଲକ୍ଷ୍ମଣ ସହ ଚଉଦ ବର୍ଷ ବନବାସରେ କଟେଇଥିଲେ । ଏମାନେ ବନବାସ କରୁଥିବା ବେଳେ ଲଙ୍କାର ରାଜା ରାବଣ ସୀତାଙ୍କୁ ଅପହରଣ କଲେ । ଆକାଶ ମାର୍ଗରେ ରାଜା ରାବଣ ପୁଷ୍ପକଯାନରେ ସୀତାଙ୍କୁ ନେଉଥିବା ବେଳେ ଜଟାୟୁ ପକ୍ଷୀ ସୀତାଙ୍କ ଆକୁଳ କ୍ରନ୍ଦନ ଶୁଣି, ତାଙ୍କୁ ଉଦ୍ଧାର କରିବା ପାଇଁ ରାବଣଙ୍କ ସହ ଲଢିଲା । ରାବଣ ଜଟାୟୁର ଡେଣା ଦୁଇଟାକୁ ଖଣ୍ଡାରେ କାଟି ଦେଲେ । ଜଟାୟୁ ମୁମୂର୍ଷ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିବା ଆଶାରେ ଜଙ୍ଗଲରେ ପଡି ରହିଥାଏ । କଳା ପିଠିଆ ଲୋକମାନେ ଫଳମୂଳ ସଂଗ୍ରହ, ଚଢେଇ, ଠେକୁଆ ଆଦିକୁ ଶିକାର କରିବା ପାଇଁ ଜଙ୍ଗଲରେ ବୁଲୁଥାନ୍ତି । ସେମାନେ ଜଟାୟୁକୁ

ଅର୍ଦ୍ଧମୃତ ଅବସ୍ଥାରେ ପାଇଲେ । ତାକୁ ଦେଖି ସେମାନେ ଶିକାରଟିକୁ ପାଇଗଲେ ଭାବି ଖୁସି ହୋଇଗଲେ । ତାଙ୍କର ଧାରଣା ଦେଲା କୌଣସି ଏକ ବାଜପକ୍ଷୀ ଜଟାୟୁକୁ ମାରି ଏପରି ଅବସ୍ଥା କରିଛି । ସେମାନେ ଜଟାୟୁକୁ ପଥରରେ ଛେଚି ମାରିଲେ । ତାକୁ ପୋଡି ଖାଇବା ପାଇଁ ନିଆଁ ଜାଳିଲେ । ସ୍ୱର୍ଗରେ ଥାଇ ଈଶ୍ୱର ଓ ପାର୍ବତୀ ଏହାକୁ ଲକ୍ଷ୍ୟ କରୁଥାନ୍ତି । ସେମାନେ ବିବ୍ରତ ହୋଇ ପଡିଲେ । ତାଙ୍କୁ ଏ ଚିନ୍ତା ଘାରିଲା- ଏ କଳାପିଠିଆମାନେ ଜଟାୟୁକୁ ପୋଡି ଖାଇଗଲେ । ରାବଣ ଯେ ସୀତାଙ୍କୁ ଚୋରି କରି ନେଇଛନ୍ତି- ଏକଥା କିଏ ରାମକୁ କହିବ ? ତତକ୍ଷଣାତ୍ ଈଶ୍ୱର ଓ ପାର୍ବତୀ ଋଷି ଓ ଋଷିଆଣୀ ବେଶରେ କଳାପିଠିଆଙ୍କ ପାଖରେ ଉଭା ହେଲେ । ସେମାନେ ମୃତ ଜଟାୟୁକୁ କଳାପିଠିଙ୍କ ପାଖରୁ ମାଗିନେଲେ ଓ ମନ୍ତ୍ରପଢି ଜଟାୟୁକୁ ଜୀବିତ କଲେ । କଳାପିଠିଆମାନେ ମୃତଜୀବ ପୁଣି ଜୀବନ ଫେରି ପାଇବା ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ । ସେମାନେ ଋଷିଙ୍କ ଠାରୁ ଜୀବନ୍ୟାସ କରି ପାରୁଥିବା ବିଦ୍ୟାଟିକୁ ବିଷୟରେ ଜାଣିବାକୁ ଚାହିଁଲେ ।

ଋଷି କହିଲେ- ଏ ବିଦ୍ୟାକୁ ଆୟତ୍ତ କଲେ ଅସାଧ୍ୟ କାର୍ଯ୍ୟକୁ ଅନାୟାସରେ କରିହେବ । ସେମାନେ ଋଷିଙ୍କୁ ଅନୁରୋଧ କଲେ ତାଙ୍କ ଏ ବିଦ୍ୟାଟି ଶିଖାଇ ଦେବା ପାଇଁ । ଋଷି କହିଲେ- ଏ ବିଦ୍ୟାଟିକୁ ମର୍ତ୍ତ୍ୟରେ ଲୋକଙ୍କୁ ଶିକ୍ଷା ଦିଆଯାଇ ପାରିବ ନାହିଁ । ଏ ବିଦ୍ୟାକୁ କେବଳ ସ୍ୱର୍ଗର ଦେବତାମାନେ ଶିକ୍ଷାକରି ପାରିବେ । ସେ ପୁଣି କଳାପିଠିଆଙ୍କୁ ଲକ୍ଷ୍ୟ କରି କହିଲେ- ତୁମେ ବଣୁଆ ଅଛବ ଓ ମୁର୍ଖ ତୁମକୁ ମୁଁ ଏ ବିଦ୍ୟା ଶିଖାଇ ପାରିବି ନାହିଁ । ଏତକ କହିଦେଇ ଋଷି ଚରତର ହୋଇ ସେଠାରୁ ପଳାଇବାକୁ ଲାଗିଲେ । କିଛିବାଟ ଗଲାପରେ ସେ ପଛକୁ ଅନେଇଲାରୁ ଦେଖିଲେ କଳାପିଠିଆମାନେ ଧନୁତୀର, ବର୍ଚ୍ଛା, ଠେଙ୍ଗା ବାଡି ଧରି ତାଙ୍କୁ ଅନୁଧାନ କରୁଛନ୍ତି । ସେ ପ୍ରାଣ ବିକଳରେ ଜୋରରେ ଜୋରରେ ଧାଇଁବାକୁ ଲାଗିଲେ । ସେମାନେ ଧାଉଁ ଧାଉଁ ଋଷିଆଣୀଙ୍କ ପାଦରେ କଣ୍ଟାଟିଏ ଫୋଡି ହୋଇଗଲା, ରକ୍ତସ୍ରାବ ହେବାକୁ ଲାଗିଲା, ସେ ଦୌଡିବେ କଣ ଚାଲି ବି ପାରିଲେ ନାହିଁ । କଳାପିଠିଆମାନେ ଏପରି ଅବସ୍ଥାରେ ଋଷି ଓ ଋଷିଆଣୀଙ୍କୁ ଘେରିଗଲେ । ଋଷିଙ୍କୁ ବିପଦ ଆସିଲା ବୋଧ ହେଲା । ପ୍ରାଣକୁ ବଞ୍ଚାଇବା ପାଇଁ ଅଳ୍ପ କିଛି ବିଦ୍ୟା ଶିଖାଇ ଦେବା ଉଚିତ୍ ହେବ ବୋଲି ଭାବିଲେ । ସେ କହିଲେ ମୁଁ ଏହି ବିଦ୍ୟାକୁ ଏହି ସର୍ତ୍ତରେ ଶିକ୍ଷା ଦେବି ଯେ- ତୁମେ ଶପଥ କର ତୁମେ ଏହାକୁ ଗୁପ୍ତ ରଖିବ । ଅଳ୍ପଟିକିଏ ବିଦ୍ୟା ଶିଖାଇଲେ । ଏହାପରେ କଳା ପିଠିଆମାନେ ପଚାରିଲେ- ଆମେ ଏ ବିଦ୍ୟାକୁ କାହାଠାରୁ ଶିଖିଲୁ ବୋଲି କେହି ଆମକୁ, ପଚାରିଲେ, ଆମେ କଣ କହିବୁ ? ଶିବ ପାର୍ବତୀ

କଳାପିଠିଆଙ୍କ ସନ୍ଦେହ ମୋଚନ ପାଇଁ ନିଜ ରୂପରେ ସ୍ୱରୂପକୁ ପ୍ରଦର୍ଶନ କଲେ । ସେମାନେ ଶିବ ପାର୍ବତୀଙ୍କୁ ତାଙ୍କର ପ୍ରିୟ ପାନୀୟ ମହୁଲି ଅର୍ପଣ କଲେ ଓ ଶିକାର ମାଂସ ଦେଇ ଅପ୍ୟାୟିତ କଲେ । ଶିବ ପାର୍ବତୀଙ୍କୁ ପାଖରେ ପାଇ ସେମାନେ ଆନନ୍ଦରେ ନୃତ୍ୟ କରିବାକୁ ଲାଗିଲେ । ଏହି ନୃତ୍ୟଟି ଥିଲା ଦାସାଁୟ । ବୁଆଙ୍ଗ ନୃତ୍ୟ । ସେହିଦିନ ପାଖରୁ କଳାପିଠିଆମାନେ ଦଶହରା- ଶିବ ପାର୍ବତୀଙ୍କ ପୂଜା ବେଳେ- ଏହି ବୁଆଙ୍ଗ ବା ଦାସାଁୟ ନୃତ୍ୟ ପରିବେଷଣ କରି ଆସୁଛନ୍ତି, ଏହି ଦିନ ହିଁ ସେମାନେ ଗୁଣିବିଦ୍ୟାକୁ ଶିବ ଓ ପାର୍ବତୀଙ୍କ ଠାରୁ ଶିକ୍ଷା କରିଛନ୍ତି ବୋଲି ଏହି ପର୍ବ ପାଳନ କରିଥାନ୍ତି ।

(ସଂଗ୍ରହ- ୪ ସୁକ୍ତାମୁଣ୍ଡା- ଗାଁ / ପା - ଜାଲି ଚମ୍ପୁଆ, ଜି. କେନ୍ଦୁଝର

କଳାପିଠିଆ ମାନେ ଯାହାଙ୍କୁ ଆଦିବାସୀ ମଧ କୁହଯାଏ, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଅସୁସ୍ଥ ହେଲେ ଗୁଣିଆ ବା ଅଝାଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲେ, ଏବେ ବି ଚିକିତ୍ସିତ ହେଉଛନ୍ତି । ଏହି ଅଝାକାମଟି ବଂଶାନୁକ୍ରମିକ କାମ ନୁହେଁ । ଏହାକୁ ଅଝା ବା ଗୁଣିଆଙ୍କ ପାଖରୁ ଶିକ୍ଷାଲାଭ କରିବାକୁ ହୋଇଥାଏ । ବିଶ୍ୱାସ କରାଯାଏ- ପ୍ରତ୍ୟେକ ଆଦିବାସୀ ଅଳ୍ପବହୁତ ଏ ବିଦ୍ୟାକୁ ଶିଖିଥାଏ । ଏ ବିଦ୍ୟାକୁ ଶିଖାଉଥିବା ବ୍ୟକ୍ତିଙ୍କୁ ଗୁରୁ କୁହାଯାଏ ଏବଂ ଶିକ୍ଷାର୍ଥୀଙ୍କୁ ଚେଲା କୁହାଯାଏ । ଗୁରୁ ପ୍ରତ୍ୟେକ ବର୍ଷର ବର୍ଷାଋତୁର ଆରମ୍ଭରେ (ରୋହିଣୀ ତିଥି ବେଳକୁ) ଚେଲା ବସାନ୍ତି । ଏହା ଏକ ସ୍ୱଳ୍ପମିଆଦୀ ପାଠ୍ୟକ୍ରମ ଯାହାର ସମାପ୍ତି ହୁଏ ଶାରଦୀୟ ଦଶହରା ପର୍ବବେଳକୁ ଦାସାଁୟ ନୃତ୍ୟ ଗୀତ ସହ ।



# ସାନ୍ତାଳ ଦାସାଁୟ ନୃତ୍ୟ - ଗୀତ

ଗୁରୁଙ୍କ ଠାରୁ ତାନ୍ତ୍ରିକ ଶିକ୍ଷା କରିବା ପାଇଁ ଚେଲା ବା ଶିଷ୍ୟମାନେ ଆଷାଢମାସ ରୋହିଣୀ ନକ୍ଷତ୍ରଠାରୁ ବିଦ୍ୟା ଶିକ୍ଷା ଆରମ୍ଭ କରନ୍ତି ଓ ଦଶହରା ବେଳକୁ ଶିକ୍ଷା ସମାପ୍ତ ହୁଏ । ତେଣୁ ଚେଲାମାନେ ଗୁରୁଦକ୍ଷିଣା ଦେବାପାଇଁ ଗାଁ ଗାଁ ବୁଲି ଦାନ ସଂଗ୍ରହ କରନ୍ତି ଓ ଗୁରୁଙ୍କ ଉଦ୍ଦେଶ୍ୟରେ ଗୀତ ଗାଆନ୍ତି ।

ସାନ୍ତାଳ ସମାଜରେ ମନ୍ତ୍ରବିଦ୍ୟା ଶିକ୍ଷା କରିବାର ପରମ୍ପରା ପ୍ରଚଳିତ କୁଶକ୍ତି ଠାରୁ ଗ୍ରାମ ତଥା ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ଓ ଔଷଧ ପତ୍ର ଦେଇ ରୋଗ ନିବାରଣ କରିବା ପାଇଁ ବିଦ୍ୟା ଶିକ୍ଷା କରିବା ପ୍ରକ୍ରିୟା କେଉଁ ଆବହମାନ କାଳରୁ ପ୍ରଚଳିତ ଅଛି । ଏହାକୁ ଝାଡ଼ବିଦ୍ୟା ବା ଗୁଣିଆ ବିଦ୍ୟା କୁହାଯାଏ । ଏହି ବିଦ୍ୟାରେ ପାରଙ୍ଗମ ଥିବା ବ୍ୟକ୍ତି ଜ୍ୱର, ବ୍ୟଥା, ପାଙ୍ଗଣ ଆଦିକୁ ଝଡାଫୁଙ୍କାରେ ଦୂରକରେ । ଚେଲାମାନେ ପ୍ରତ୍ୟେକ ସନ୍ଧ୍ୟାରେ ଗୁରୁଙ୍କ ଆଖଡାରେ ଉପସ୍ଥିତ ରହି ପର୍ଯ୍ୟାୟ କ୍ରମେ ମନ୍ତ୍ରଗୁଡିକୁ ଗୁରୁଙ୍କ ଠାରୁ ଶୁଣି ଶୁଣି ମୁଖସ୍ଥ କରନ୍ତି । ପ୍ରତି ରବିବାର ଦିନ ଜଙ୍ଗଲକୁ ଗୁରୁଙ୍କ ସହ ଯାଇ ଔଷଧୀୟ ଗୁଳ୍ମଗୁଡିକୁ ଚିହ୍ନନ୍ତି ଓ ସପ୍ତାହରେ ଥରେ ବିଧି ମୁତାବକ ଆଖଡାରେ ପୂଜା କରନ୍ତି । ଦଶହରା ଅବସରରେ ଏହି ଅନୁଷ୍ଠାନ ଭାଙ୍ଗେ । ଅନୁଷ୍ଠାନ ଭାଙ୍ଗିବାର ସାତ ଦିନପୂର୍ବରୁ ଚେଲାମାନଙ୍କର ଗାଁ ଗାଁ ବୁଲି ଔଷଧ ବଣ୍ଟନ କରିବା ଓ ନୃତ୍ୟଗୀତ କରି ଭିକ୍ଷା ମାଗିବା ହେଉଛି ଦାସାଁୟ ପର୍ବ ।

ଦାସାଁୟ ଏହିଭଳି ଭାବରେ କେବଳ ମନ୍ତ୍ରବିଦ୍ୟା ସହିତ ସମ୍ପର୍କ ରଖୁଥିବା ଲୋକଙ୍କ ପାଇଁ ଏକ ରଙ୍ଗୀନ ପର୍ବ । ଏହା ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖିବା ସହିତ କେତେକାଂଶରେ ସନ୍ୟାସ ଧର୍ମ ସହ ଜଡିତ । ଚେଲାମାନେ ପାରମ୍ପରିକ ବାଦ୍ୟ, ନୃତ୍ୟ ଓ ଗୀତରୁ ବିରତ ରହନ୍ତି ।

ଦଶହରା ପର୍ବର ଅବ୍ୟବହିତ ପୂର୍ବରୁ ଭାଦ୍ରବ ମାସରେ (ସାନ୍ତାଳ) ଚେଲାମାନେ ଗାଁ ବଜାର ବୁଲି ବୁଲି ଯେଉଁ ନୃତ୍ୟ ପ୍ରଦର୍ଶନ କରନ୍ତି ତାହାକୁ "ଦାସାଁୟ" ନୃତ୍ୟ କୁହାଯାଏ । ଏହା ଏକ ପୁରୁଷ ପ୍ରଧାନ ନୃତ୍ୟ । ଏହି ନୃତ୍ୟରେ ମାଦଳ, ନାଗରା, ଚଡଚଡି ଆଦି ପାରମ୍ପରିକ ସାନ୍ତାଳଙ୍କ ବାଦ୍ୟଯନ୍ତ୍ରକୁ ବ୍ୟବହାର କରାଯାଏନାହିଁ କିମ୍ବା ହାତ ଧରାଧରି ହୋଇ ନୃତ୍ୟ କରିବାରେ ବିଧିନାହିଁ । ଏହି ନୃତ୍ୟ କଲାବେଳେ ମୁଣ୍ଡ ପଗଡିରେ ମୟୂରଚୁଳ, ହାତରେ ବୁଆଙ୍ଗ, ପିଟାଘଣ୍ଟା, କରତାଳ, ଥାଳ ଆଦିକୁ ବଜାଇ ଦୁଇ ଧାଡିରେ ବକ୍ରାକାରରେ ଚେଲାମାନେ (ନୃତ୍ୟକାରୀମାନେ) ନୃତ୍ୟ କରନ୍ତି । ତାଙ୍କ ନୃତ୍ୟ ଶୈଳୀକୁ

ଅନୁଧ୍ୟାନ କଲେ ମନେହୁଏ ସତେ ଯେପରି ଏକ ବଡପୁଷ୍ପ ସଙ୍କୁଚିତ ଓ ପ୍ରସ୍ଫୁଟିତ ହେଉଅଛି। ସେମାନେ ଲୋକଙ୍କ ଅଗଣାରେ ନୃତ୍ୟ ପରିବେଷଣ କଲାବେଳେ ଦେବୀଦୁର୍ଗାଙ୍କ ସ୍ତୁତି କରନ୍ତି

"ଗୁରୁହ ସେର୍ମା ସାଙ୍ଗିଞ୍ଚରେ ଗୁରୁହ
ବୂଆଙ୍ଗ ସାଡେକାନ
ଗୁରୁହ ଅତମାଲାତାରରେ ଗୁରୁହ
ତାଓ୍ୱାଃ ତାରକଃ କାନ୍
ଦେବୀରେ ଦୁର୍ଗାଦକିନ୍ ଅପେଲ ଏନାହ
ଦେବୀରେ ଦୁର୍ଗାଦକିନ୍ ଆଣଗୟେନାହ
ଗୁରୁହ ସୁନୁମେ ସିନ୍ଦୁର ଆତେ
ଗୁରୁହ ଆୟନମ କାଜଲ ଆତେ
ଗୁରୁହ ଦାରାମ୍ କିନା ବନ୍
ଗୁରୁହ ସେବା କିନାବନ୍"

ଓଡ଼ିଆ ଭାବ-

ହେ ଗୁରୁଦେବ !
ଉଞ୍ଚ ଆକାଶରେ ବଜାଇ ବୂଆଙ୍ଗ ବାଇଦ ।
ହେ ଗୁରୁଦେବ !
ଭୂଇଁ ସାରା ଶୁଭେ ପ୍ରତିଧ୍ୱନିତାର ଶବ୍ଦ ॥
ଦେବୀଦୁର୍ଗା ପରା ଦେଖା ଦେଲେଣି ।
ପୃଥିବୀ ପୃଷ୍ଠକୁ ଓହେଲେଇ ଆସିଲେଣି ॥
ଦେବା ଆମେ ତାଙ୍କୁ ସିନ୍ଦୁର ତେଲ ।
ଦେବା ପୁଣି ଆୟମ୍ କାଜଳ ॥
ଗୁରୁଦେବ ।
ଆମେ ତାଙ୍କୁ ସ୍ୱାଗତ କରିବା ।
ତାଙ୍କୁ ସେବା ସଭିଏଁ କରିବା ।

(୨)

ଦେବୀରେ ଦୁର୍ଗାଦକିନ୍ ଅଁଣ୍ଡର୍ ଏନାରେ
ଦେବୀରେ ଦୁର୍ଗାଦକିନ୍ ବାହେର ଏନାରେ

ତେତେ ଲାଗିଦ୍ ଦେବୀ ଅଣ୍ଡକ୍ ଏନାରେ

ତେତେ ଲାଗିଦ୍ ଦେବୀ ବାହେର୍ ଏନାରେ

ଦେଶ୍ ଦାଲାନ୍ ଦେବୀ ଅଣ୍ଡକ୍ ଏନାରେ

ଦିଶମ୍ ଦାଲାନ୍ ଦେବୀ ବାହେର୍ ଏନାରେ

ଦେଶରେଗେ ଗୁରୁହ ସୁନୁମେ ସିନ୍ଦୁର ଦ

ଦିଶମ୍ ରେଗେ ଚେଲାହ ଆୟନମ୍ କାଜରଦ

ଆତାଂ ତାଲାଂ ଗୁରୁହ ସୁନୁମେ୍ ସିନ୍ଦୁର୍ ଦ

ତେଲାୟ ତାଲାଂ ଚେଲାହ ଆୟନମ୍ କାଜରଦ

ଓଡ଼ିଆ ଭାଗ

ବାହାରକୁ ଦେବୀ ଦୁର୍ଗା ବାହାରି ଗଲେଣି ।

ଦେବୀ ଦୁର୍ଗା ପଦାକୁ ଚାଲିତ ଗଲେଣି ॥

ବାହାରକୁ ଦେବୀ ଗଲେ କାହିଁକି ?

ପଦାକୁ ବାହାରି ଗଲେ କାହିଁକି ?

ଦେଶ ଆଡେ ଦେବୀ ବାହାରି ଗଲେ ।

ଦେଶକୁ ବୁଲିବାକୁ ପଦାକୁ ଗଲେ ॥

ଦେଶରେ ହିଁ ଗୁରୁ ରହିଛି ସିନ୍ଦୂର ତେଲ ।

ଦେଶରେ ତ ଅଛିଚେଲା ଆୟନମ୍ କାଗଜ ॥

ତେଲ ସିନ୍ଦୁରକୁ ନେଇଯାଅ ଗୁରୁ ହାତ ବଢେଇ

ଆୟନମ୍ କାଜଲ ନେ ଚେଲା ଦୁଇ ହାତକୁ ପତେଇ

କେବଳ ଗୁରୁଙ୍କୁ ବିଷୟବସ୍ତୁ କରି ମଧ୍ୟ ଗୀତ ବୋଲାଯାଏ-

ତକୟ ଗୁରୁହ ଦାରାୟକାନ୍

ଗୁରୁହ ହାତି ଚେତାନତେ

ଗୁରୁହ ସାଦମ୍ ଚେତାନତେ

ପାନଗୟ ନାଣି ସାକାମ୍ ଚେତାନତେ ?

ଧରମ୍ ଗୁରୁଗେ ଦାରାୟ କାନ୍

ଗୁରୁହ ହାତୀ ଚେତାନତେ

ଗୁରୁହ ସାଦମ୍ ଚେତାନତେ

ପାନଗୟ ନାଣି ସାକାମ୍ ଚେତାୟନତେ

ଓଡ଼ିଆ ଭାବ-

ଆସୁଛନ୍ତି କୋଉ ଗୁରୁ
ଗୁରୁ ବସିଛନ୍ତି ହାତୀ ଉପରେ
ଗୁରୁ ଚଢ଼ିଛନ୍ତି ଘୋଡା ପିଠିରେ
ଗୁରୁ ଆସୁଛନ୍ତି ପାନଗଯ ଲଗା ପତ୍ର ଉପରେ ?
ଧରମ ଗୁରୁହିଁ ଆସୁଛନ୍ତି
ଗୁରୁ ଆସୁଛନ୍ତି ହାତୀରେ ସବାର ହୋଇ ।
ଘୋଡା ଚଢି ଗୁରୁ ଆସୁଛନ୍ତି
ପାନଗଯ ଲତା ପତର ଉପର ଦେଇ ॥

(୨)

ତକୟ ଗୁରୁ ରାଙ୍ଗରେ ଡାମ୍ବୁର ଲିଫୁର ସାଡେକାନ୍
ଡାମ୍ବୁର ଲିପୁର କାଂସା କରତାଲ୍ ଓଁ ହଣେ ଓଁ ହଣେ
କାମ୍ବରୁ ଗୁରୁରାଙ୍ଗରେ ଡାମ୍ବୁର ଲିଫୁର ସାଡେକାନ୍
ଡାମ୍ବୁର ଲିଫୁର କାଂସାକରତାକ୍
ଓଁ ହଣେ ଓଁ ହଣେ ସାଡେକାନ୍
ତକୟ ଗୁରୁ ରାଙ୍ଗରେ ଘୁଲି ଘାଣ୍ଟା ସାଡେକାନ୍
ଘାଣ୍ଟା ଘୁଲି କରତାଲ୍ ଓଁ ହଣେ ଓଁ ହଣେ
ଧରମ୍ ଗୁରୁ ରାଙ୍ଗରେ ଘୁଲି ଘାଣ୍ଟା ସାଡ଼େକାନ୍
ଘୁଲିଘାଣ୍ଟା କାଂସ କରତାଲ୍ ଓଁ ହଣେ ଓଁ ହଣେ

ଓଡ଼ିଆ ଭାବ-

ଡମ୍ବରୁ ନୁପୁର କୋଉ ଗୁରୁଙ୍କର ଅଗଣାରେ ବାଜୁଅଛି ।
ଡମ୍ବରୁ ନୁପୁର କାଂସା କରତାଲ୍ ଝାଏଁ ଝାଏଁ କରୁଅଛି ॥
କାମ୍ବରୁ ଗୁରୁଙ୍କ ଅଗଣା ଭିତରେ ବାଜେ ଡମ୍ବରୁ ନୁପୁର ।
ଡମ୍ବରୁ ନୁପୁର କଂସା କରତାଲ୍ ଝାଏଁ ଝାଏଁ ବାଜେସୁର ॥
କୋଉ ଗୁରୁଙ୍କ ଅଗଣାରେ ପୁଣି ପିଟା ଘଣ୍ଟା ବାଜୁଅଛି ।
ପିଟା ଘଣ୍ଟା ସଙ୍ଗେ କଂସା କରତାଲ ଝାଏଁ ଝାଏଁ କରୁଅଛି
ଧରମୁ ଗୁରୁଙ୍କ ଅଗଣାରେ ବାଜେ ପିଟାଘଣ୍ଟା ଢାଏଁ ଢାଏଁ
ପିଟା ଘଣ୍ଟା ସଙ୍ଗେ କଂସା କରତାଲ୍ ବାଜୁଅଛି ଝାଏଁ ଝାଏଁ
ବୁଆଙ୍ଗ ଓ ବୁଆଙ୍ଗ ବାଇଦର ଉତ୍ପତ୍ତିକୁ ନେଇ ଗୀତ ମଧ୍ୟ ବୋଲାଯାଏ ।

(୧)

ଅକାରେଦ ବୁଆଁଏମ ଜାନାମ୍ ଲେନାରେ
ଅକାରେଦ ବୁଆଁଏମ ଉପେଲ୍ ଏନାରେ
ଗୁରିଇ୍ ମାନ୍ଦେରେ ଗୁରୁହଞ୍ଜ୍ ଜାନାମ୍ ଲେନାରେ
ଜବ୍‌ରା ଗାଜାଲରେ ଗୁରୁହଞ୍ଜ ଉପେଲ ଲେନା
ଚେତେ ଲାଗିଦ୍ ବୁଆଁ ଏମ୍ ଜାନାମ୍ ଲେନାରେ
ଚେତେ ଲାଗିଦ୍ ବୁଆଁଏମ୍ ଉପେଲ ଏନାରେ
ଦେଶ ଦାଲାନ୍ ଗୁରୁହଞ୍ଜ ଜାନାମ୍ ଲେନା
ଦିଶମ୍ ଦାଲାନ୍ ଗୁରୁହଞ୍ଜ, ଉପେଲ ଲେନା
ଦେଶ ରେଗେ ଗୁରୁହ ସୁନୁମେ ସିନ୍ଦୁର ଦ
ଦିଶମ୍ ରେଗେ ଗୁରୁହ ଆୟନମ୍ କାଜରଦ

ଓଡ଼ିଆଭାବ-

କୋଉଠି ଜନମ ହେଲେ ଗୋ ତୁମେ ବୁଆଙ୍ଗ୍ ?
ବୁଆଙ୍ଗ୍ କୋଉଠି ହେଲେ ତୁମେ ଆବିର୍ଭାବ ?
ଗୋବର ଗଦାରୁ ଜନମିଲି ଗୁରୁ ମୁହିଁ
ଅଳିଆ କୁଦରୁ ଥିଲି ଆବିର୍ଭାବ ହୋଇ ॥
କାହିଁକି ବୁଆଙ୍ଗ ତୁମେ ଜନମ ହୋଇଲ ?
କାହିଁକି ବୁଆଙ୍ଗ ତୁମେ ଆବିର୍ଭାବ ହେଲ ?
ଦେଶ ଦେଖିବାକୁ ଗୁରୁମୁଁ ଜନମି ଅଛି ।
ଦେଶ ବୁଲିବାକୁ ଆବିର୍ଭାବ ମୁଁ ହୋଇଛି ॥
ଦେଶରେ ରହିଛି ଗୁରୁ ସିନ୍ଦୁର ଓ ତେଲ ।
ଦେଶରେ ତ ଚେଲା ଅଛି ଆୟନମ୍ କାଜର ॥

(୨)

ବୁରୁମା ଲଦମରେ ଗୁରୁହ ସାକୱା ସାଡେକାନ୍
ହାରାମା ଲାତାରରେ ଗୁରୁହ ବୁଆଙ୍ଗ ସାଡେକାନ୍
ଗୁରୁହ ଚେତେ ଲାଗିଦ ଗୁରୁହ ସାକୱା ସାଡେକାନ୍
ଗୁରୁହ ଚେତେ ଲାଗିଦ ଗୁରୁହ ବୁଆଙ୍ଗ ସାଡେକାନ୍

ସୁନୁମେ ସିନ୍ଦୁର ଲାଗିଦ ଗୁରୁହ ସାକାଣ୍ଡା ସାଡେକାନ

ଆୟନମ୍ କାଜଲ ଲାଗିଦ ଗୁରୁହ ଜୁଆଙ୍ଗ ସାଡେକାନ୍

ଓଡ଼ିଆ ଭାବ-

ପାହାଡ ଶିଖରେ ଗୁରୁହେ

ଶିଂଘା ବାଜେ ଘନ ଘନ ।

ବଣ ସମତଳେ ଗୁରୁହେ

ବାଜଇ ବୁଆଙ୍ଗ ତାନ ॥

କାଇଁକି ଗୁରୁହେ ଶିଂଘା ଉଠୁଛି ପଡୁଛି ?

ଗୁରୁହେ ବୁଆଙ୍ଗ କୋଇଥି ପାଇଁ ବାଜୁଛି ?

ଶିଂଘା ବାଜୁଅଛି ତେଲ ସିନ୍ଦୁରକୁ ଝୁରି ଝୁରି ।

ଜୁଆଙ୍ଗ୍ ମାଗଇ ଆୟନମ୍ କାଜଳ ସୁଖଶିରି ॥

ଉପରୋକ୍ତ ଗୀତଗୁଡ଼ିକରେ ଗୋଟିଏ କଥା ବାର ବାର ସାମନାକୁ ଆସିଛି । ଗୀତର ପ୍ରଥମ କେତେକ ପଦରେ ଗୁରୁଙ୍କୁ ପ୍ରଶ୍ନ କରାଯାଇଛି ? ଏହା କିପରି ହେଲା- ଏହି ପ୍ରଶ୍ନର ଉତ୍ତର ଗୀତର ପର ପଦ ଗୁଡ଼ିକରେ ଦିଆଯାଇଛି । ପ୍ରଶ୍ନ ଉଠୁଛି ଗୀତ ଗୁଡିକର ଗଠନ ରୀତ ଏପରି କାହିଁକି ହୋଇଛି ? ମନେ ହେଉଛି ଗୁରୁଙ୍କୁ ପ୍ରଶ୍ନ ପଚାରି ଚେଲାଙ୍କ ମନରେ ଉଠିଥିବା ସଂଶୟକୁ ଦୂର କରିବା ହିଁ ଏହାର ଉଦ୍ଦେଶ୍ୟ । ଗୁରୁଙ୍କୁ ବାରମ୍ବାର ପଚାରିଲେ ଯାଇଁ ଉଚିତ ଶିକ୍ଷାପ୍ରାପ୍ତି ହୋଇପାରିବ । ଗୁରୁଙ୍କ ଆଶ୍ରମରେ ଥାଇ ପୂର୍ବେ ଶିଷ୍ୟମାନେ ସବୁ ବିଷୟରେ ପଚାରି ପଚାରି ଶିକ୍ଷା ଲାଭ କରୁଥିଲେ । ଏହାହିଁ ଗୁରୁଶିଷ୍ୟ ସମ୍ପର୍କର ଉତ୍ତମ ପରମ୍ପରା ।

# ଭୂମିଜ ଦାସାଇଁ - ସଙ୍ଗୀତ

ଦୂର୍ଗାପୂଜା ବେଳେ ଦାସାଇଁ ନାଚ ଓ ଗୀତ ଭୂମିଜ ଗାଁରେ ଦେଖିବାକୁ ମିଳିଥାଏ । ପୁରୁଷ ଲୋକମାନେ ଭିନ୍ନ ପ୍ରକାରର ବେଶଭୂଷା ହୋଇ ଦାସାଇଁ ନାଚ-ଗୀତ ପ୍ରଦର୍ଶନ କରନ୍ତି । ଗାଁର ଯୁବକମାନେ ପ୍ରତ୍ୟେକ ବର୍ଷ ଗୁରୁଙ୍କ ପାଖରୁ ମନ୍ତତନ୍ତ ଶିକ୍ଷା କରନ୍ତି । ଏହାର ଆରମ୍ଭ ହୁଏ ଜ୍ୟେଷ୍ଠ ଆଷାଢ ବେଳକୁ ଓ ତାର ସମାପ୍ତି ଘଟେ ଆଶ୍ୱିନ ମାସର ହିନ୍ଦୁ ପର୍ବ ଦଶହରା ବେଳକୁ । ଚେଲାମାନେ (ଶିଷ୍ୟମାନେ) ତନ୍ତ୍ର ମନ୍ତ୍ର ଶିକ୍ଷା କରନ୍ତି ଗୁରୁଙ୍କ ପାଖରୁ । ତନ୍ତ୍ର ମନ୍ତ୍ର ଶିକ୍ଷାର ଶେଷ ପର୍ଯ୍ୟାୟରେ ଚେଲାମାନେ (ଶିଷ୍ୟମାନେ) ତନ୍ତ୍ରମନ୍ତ୍ର ଆଖଡାରେ ଦାସାଇଁ ବେଳେ ଧରମ ଗୁରୁ ଗ୍ରାମ ଦେବତା, ଆଏନମ୍ ଜାଜଲ ଦେବତା, ସିଦଗୁରୁ ତୁଳସୀ ଗୁରୁ, କରତାଳ, ବୁଆଁଗୁରୁ ଆଦି ଦେବୀ-ଦେବତାଳ ପୂଜାର୍ଚ୍ଚନା କରନ୍ତି । ଏହି ପୂଜାବେଳେ ନାଲି, ଧଳା ଓ ବାରବର୍ଣ୍ଣ କୁକୁଡାଙ୍କ ଭୋଗ ଲାଗେ । ଏହି ପୂଜା, ନାଚ ଓ ଗୀତ ଅନୁଷ୍ଠିତ ହୁଏ ପ୍ରତ୍ୟେକ ବର୍ଷ ଦୂର୍ଗାପୂଜା ଅବସରରେ । ଦାସାଇଁ ପୂଜା ଦୁର୍ଗାପୂଜା ଦିନ ଆରମ୍ଭ ହୁଏ । ନାଚରେ ବ୍ୟବହାର କରାଯାଉଥିବା ସରଞ୍ଜାମ (ବାଦ୍ୟଯନ୍ତ୍ର) ଗୁଡିକୁ ଚେଲାମାନେ (ଶିଷ୍ୟମାନେ) ଯୋଗାଡ କରି ଗୋଟିଏ ଜାଗାରେ ଠୁଳ କରନ୍ତି । ସେ ସମାନ ଗୁଡିକ ହେଲା- କରତାଳ, ତୁମ୍ବା, ବୁଆଂ, ଘଣ୍ଟା, ମୟୁରଚନ୍ଦ୍ରିକା, ଘୁଙ୍ଗୁର, ଦର୍ପଣ, ବୋବେଇ (ସବାଇ)ରେ ତିଆରି ଝୁବୁକ ଆଦି । ପୂଜାଦିନ ଆଖଡା ଘରକୁ ସଜ ଗୋବରରେ ଲିପାପୋଛା କରି ପରିଷ୍କାର କରାଯାଏ ଓ ଧୂପ ଜାଳି ପବିତ୍ର କରାଯାଏ (ପୂଜା ଅର୍ଚ୍ଚନା ବେଳେ ଉପରୋକ୍ତ ବାଦ୍ୟ ସରଞ୍ଜାମକୁ ସାମନାରେ ରଖି ପୂଜା କରାଯାଏ ଏବଂ ସେଥିରେ ସିନ୍ଦୁର ଲଗାଇ ମାନସିକ କରାଯାଏ ଯେ ଗାଁ ଗାଁ ଶିଷ୍ୟମାନେ ନୃତ୍ୟଗୀତ ପ୍ରଦର୍ଶନ କରିବା ପାଇଁ ବୁଲିଲା ବେଳେ ଯେପରି କୌଣସି ପ୍ରକାରର ଅପ୍ରୀତିକର ଘଟଣା ନ ଘଟୁ । ଶିଷ୍ୟଙ୍କ ଗାଁ ଗାଁ ବୁଲିଲା ବେଳେ ଉପରୋକ୍ତ ବାଦ୍ୟଯନ୍ତ୍ରକୁ ବଜେଇ ବଜେଇ ସେମାନେ ସୁନ୍ଦର ସୁନ୍ଦର ସୁମଧୁର ସ୍ୱରରେ ବୋଲନ୍ତି ଓ ନାଚନ୍ତି । ଏହି ଦାସାଇଁ ଅବସରରେ ଅନୁଷ୍ଠିତ ହେଉଥିବା ନାଚକୁ ଦାସାଇଁ ନାଚ ଓ ଗୀତକୁ ଦାସାଇ ଗୀତ କୁହାଯାଏ । ପ୍ରଥମ ଦିନର ପୂଜାପରେ ଶିଷ୍ୟମାନେ ଆଖଡାର ଚାରିପାଖ ବୁଆଁନାଚ ତିନିଥର ନାଚିଥାନ୍ତି । ଏହାପରେ ସେମାନେ ବାହାରି ଯାଆନ୍ତି ଗାଁରେ ନାଚିବା ପାଇଁ / ଦାସାଇଁ ନାଚବେଳେ ବୁଆଂ ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିବା ଯୋଗୁଁ ଏହାକୁ ବୁଆଁ ନାଚ ମଧ୍ୟ କୁହାଯାଏ । ଏହି ନାଚ-ଗୀତ ବହୁଦିନ ଧରି ଚାଲେ । ଗାଁରେ ଗାଁରେ ଲୋକଙ୍କ ଘର ସାମନାରେ ଦାସାଇଁ ନାଚିଲା ବେଳେ ଦେବୀ ଦୁର୍ଗାଙ୍କ ସ୍ତୁତି କରାଯାଇଥାଏ । ନାଚ-ଗୀତ ଶେଷ

ବେଳକୁ ସେ ଘରର ଲୋକମାନେ ଧାନ ଚାଉଳ ଭିକ୍ଷା ଦେଇଥାନ୍ତି । ମାନସିକ ପୂଜାଦିନ ଏହି ଧାନ ଚାଉଳରେ ଭୋଜିର ଆୟୋଜନ ହୁଏ । ଗ୍ରାମର ଛୋଟ ଛୋଟ ପିଲା ଓ ଯୁବକମାନଙ୍କୁ ଭୋଜିଭାତ ଖାଇବାକୁ ମିଳେ । ଗ୍ରାମର ବୟସ୍କଲୋକ ତଥା ମା ମାଉସୀଙ୍କ ପାଇଁ ହାଣ୍ଡିଆ  ପିଆ ପିଇର ମଧ୍ୟ ବ୍ୟବସ୍ଥା ଥାଏ । ସେଦିନ ନାଚବେଳେ ବ୍ୟବହୃତ ବାଦ୍ୟଯନ୍ତ୍ର ବୁଆଂର ବନ୍ଧାକୁ ଖୋଲି ଦିଆଯାଏ । ଏହାକୁ ବୁଆଂରାଲା (ବୁଆଂ ଖୋଲିବା) କୁହାଯାଏ । ଏଇଠି ଦାସାଇଁ ପୂଜା-ନାଚ-ଗୀତର ସମାପ୍ତି ଘଟେ । କେତୋଟି ଗୀତର ନମୁନା ତଳେ ପ୍ରଦତ୍ତ ହେଲା-

ଦେବୀରେ ଦୁରୁଗା ଦକିନ୍ ଉଡୁଂ ଲେନାରେ
ଦେବୀରେ ଗୁରୁଗା ଦକିନ୍ ବାହେରେ ଲେନାରେ
ବେଲ୍ ଗୁଟାରେ ଗୁରୁକିନ୍ ଉଡୁଂ ଲେନାଦ
ରାମ୍ଧାଲ ଡାଲାରେ ଚେଲାକିନ୍ ବାହେରେ ଲେନାଦ
କାନା ନାଗେନ ଗେ ଗୁରୁକିନ୍ ଉଡୁଂ ଲେନାଦ
କାନା ନାଗେନ୍ ଗେ ଚେଲାକିନ୍ ବାହେରେ ଲେନାଦ
ସୁନୁମେ ସିନ୍ଦୁରେ ନାଗେନ୍ ଗେ ଗୁରୁକିନ୍ ଉଡୁଂ ଲନାଦ
ନାନା କାଜଲ୍ ନାଗେନ୍ ଗେ ଚେଲାକିନ୍ ବାହେରେ ଲେନାଦ
ହାୟରେ ....ହାୟରେ..... ବୁଂରେ ....ବୁଂରେ
ଖେ-ହେଲେ ଦେବୀରେ ଦୁରୁଗା ବଅଏଠଲେ ବଅଠେଲ

ଓଡ଼ିଆ ଭାବ-

ଦେବୀ ଦୁରୁଗାତ ବାହାରି ଲେଣି ।
ବାହାରି ଦୁରୁଗା ବିଜେ ହେଲେଣି ॥
ବାହାରି ଆସିଲେଣି ବେଲଗଛ ତଳକୁ ଗୁରୁ ।
ଚେଲାମାନେ ବାହାରିଲେଣି ସଅଳ ଧାନ ବିଲରୁ ॥
ଗୁରୁ ବାହାରିଲେଣି ତେଲ ସିନ୍ଦୁର ପାଇଁ ।
ଚେଲା ବାହାରିଲେ ନାନା କଜଳ ପାଇଁ ॥

ହାୟରେ-ହାୟରେ - ବୁଂରେ ବୁଂରେ
ଖେହେଲେ ଖେହେଲେ ।
ଦେବୀରେ ଦୁର୍ଗା ବଅଠେଲ ॥

(୨)

ଜଆର ଜଆର ମା ଦୁରୁଗା, ଜଆର୍ ତେଲାୟମମେ
ସାପାରୁମ୍ କାଲେ ବାଆତେ ଜତଲେ-ଦାରମମେ
ଟୁଇଲା, ବାନାମ୍ ରୁତୁ ବୁଆଂ ଜତଲେ ସାଡିଜାଦ
ଋୟମ-ଚାଚା ଗୟମ-ଚାଚା କରତାଲେ ଗୁଜାଦ୍
ଜଆର୍ ଜଆର୍ ମା ଦୁରୁଗା ଜଆର ତେଲାୟମେ
ଆମଲଅତେ ସାତ୍ ବଇନି ଜତକ ହିଜୁଃପେ
ଚୁଆ ଚନ୍ଦନ ସଆନ୍ ବାଆତେ ଜତଲେ ଦାରମ୍ ମେ
ଆମ ଲଅଏତେ ସାତ୍ ବଇନି ଜତକ ହିଜୁଃ ପେ
ହାୟରେ .....ହାୟରେ....ବୁଂରେ....ବୁଂରେ

ଓଡ଼ିଆ ଭାବ-

ମାଆ ଦୁର୍ଗା ଆମ ପ୍ରଣାମ କର ଗ୍ରହଣ ।
କରୁଛୁ ସ୍ୱାଗତ ସପାରୁମ୍ ସଙ୍ଗେ କାଲେ ଫୁଲ ସମର୍ପଣ ॥
ଟୁଇଲା କେନ୍ଦରା ବଇଁଶୀ ଭୁଆଙ୍ଗ ବାଦ୍ୟ ।
ଛାୟମ ଚାଚା ଛାୟମ ଚାଚା କରତାଳ ଶବ୍ଦ ॥
ବାଇଦ ବଜେଇ ମୁଣ୍ଡକୁ ନୁଆଁଇ କରୁଛୁ ଆମେ ପ୍ରଣାମ ।
ମାଆ ଦୁର୍ଗା ସାତ ଭଉଣୀ ସଭିଏଁ କର ତୁମେ ଆଗମନ ॥
ସୁଗନ୍ଧିତ ଫୁଲ ଚୁଆ ଚନ୍ଦନରେ ।
ସ୍ୱାଗତ କରୁଛୁ ଭକ୍ତି ଭରା ହୃଦୟରେ ॥
ଆସ ମାଆ ତୁମ ସାତ ଭଉଣୀ ସଙ୍ଗରେ ।
ହାୟରେ ହାୟରେ ହାୟ ହାୟ ଭୁଆଙ୍ଗରେ ॥

(୩)

ଏଲା ଏଲା ମା ଦୁରୁଗା ଏଲା ହିଜୁଃମେ
ନେ ପାରବଣରେ ଗଟା ହନଗ୍ ବିୟୁର ମେ
ଏଲା ଏଲା ମା ଦୁରୁଗା ଏଲା ହିଜୁଃ ମେ
ନେ ପାରବଣରେ ଗଟା ହନର ବିୟୁର ମେ
ମାନମ୍ମୀ କଆଃ ଦୁକୁଜାଲା ସବେନ୍ ଲେଲ ଇବିମେ
ତଆ ଗତମ୍ ଦିଆ ସିଲିତା ଗଟାଲେ ଜୁଲଟାଦ୍

ସଆନ୍ ସଆନ୍ ବା'ଦ ଗଟାଗ ହେର ବିୟୁରାକାନ୍
ଏଲା ଏଲା ମା ଦୁରୁଗା ଏଲା ହିଜୁଃମେ
ନେ ପାରବଣରେ ଗଟା ହନର୍ ବିୟୁର ମେ

ଓଡ଼ିଆ ଭାବ-

ଆସ ମା ଦୁର୍ଗା ଆସିଛି ଆଜି ପାର୍ବଣ ।
ଚଉଦିଗେ ମା ଗୋ ପଡୁ ତୁମରି ଚରଣ ॥
ଦେଶେ ଦେଶେ ବୁଲି ଦେଖିଯାଅ ମାଆ
ମଣିଷର ଦୁଃଖ କଷ୍ଟ ।
ଘିଅ ଦୀପ ଜଳେ ସୁବାସ ଫୁଲରେ
ଭକତିରେ ହୁଅ ତୁଷ୍ଟ ॥
ଆସ ଦୁର୍ଗା ମାଗୋ ଏଇ ପାର୍ବଣରେ
କରୁଣା ଟିକିଏ କରି ।
ତୁମ ଆଗମନ ମଣିଷ ଜୀବନେ
ଦୁଃଖ ଯାଉ ଅପସରି ॥

(୪)

କାଶି ତାଣ୍ଡିରେ ଦାଇନା, କାଣି ବାଆଦ
ଅଳାଃ ମୁତୁଲରେ ଦାଇନା, ରାଜିଗଳ ବାଆଦ
ପେଟେଗେ ତାଲାଂମେ ଦାଇନା କାଶି ବାଆ ଦ
ଘଙ୍ଗାଲା ତାଲାଂମେ ଦାଇନା ରାଜିଗଳ ବାଆଦ
ହୁଁରେ....ହୁଁରେ... ବୁଂରେ....ବୁଂରେ
ଗୁତୁ ତାଲାଂ ମେ ଦାଇନା କାଶିବାଆଦ
ଗାଲାଂ ତାଲାଂ ମେ ଦାଇନା ରାଜିଗଲ୍ ବାଆଦ
ହାୟରେ -ହାୟରେ ଦିରଗୁମ୍ ତିରିଗୁମ୍
ଖେହେଲେ.....ଖେହେଲେ...ସାରିଗେ...ସାରିଗେ
ବଅଠେଲ.....ବଅଠେଲ

ଓଡ଼ିଆ ଭାବ-

କାଶୀଫୁଲ ଦେକ ଭଉଣୀ କାଶତଣ୍ଡୀ ପଠାରେ ।
ରାଜିଗଲ ଫୁଲ ଫୁଟିଛି ଆମ ଘର ମଥାରେ ॥

ଅଙ୍ଗୁଳିରେ ଭାଙ୍ଗି ଆଣିବୁ ଭଉଣୀ କାଶୀ ଫୁଲକୁ ।
ବିଛେଇ ଆଣିବୁ ହାତରେ ରାଜିଗଲ ଫୁଲକୁ ॥
ହୁଁରେ...ହୁଁରେ.... ବୁଂରେ...ବୁଂରେ
ମାଳ ଗୁନ୍ଥିନେ କାଶି ଫୁଲରେ ।
ହାର ତିଆର ତୁ ଆଣି ରାଜିଗଲ ଫୁଲ
ହାୟରେ .....ହାୟରେ.... ଦୁର୍ଗୁମ୍ - ତିର୍ଗୁମ୍ ବଅଲେ ବଅଲେ
(୫)
ଗୁରୁବାବା ପାରବଣ ବଙ୍ଗାରେ ଦେଅଣା ଆଖାଲା
ଚେଲାହନକ ହାତୁ ହାତୁ କ ସୁସୁନ୍ ବିୟୁରତାନ୍
ଗୁରୁ ହାଲାମ୍ ମାନି ମନ୍ତର ହେର୍ ବିୟୁର୍ ତାନ୍
ଚେଲା ହନକ ହାତୁ ହାତୁ କ ସୁସୁନ୍ ବିୟୁର୍ ତାନ୍
ବୁଆଁ ଟୁଇଲା ଗୁତୁ ବାନାମ୍ ପିର୍ଲି ରକାବ୍ ତାନ୍
ଘାୟମ୍ ଘଋ ଘୟମ୍ ଘଋ କରତାଲ୍ ସାଡିତାନ୍
ହାୟରେ..........ହାୟରେ ।

ଓଡ଼ିଆ ଭାବ-

ପାର୍ବଣ ପୂଜାରେ ମନ୍ତ୍ର ଆଖଡାରେ
ଗୁରୁ ଚେଲା ଗାଁ ଗାଁ ବୁଲି ଚାଚନ୍ତି ।
ମନ୍ତ୍ର ପଢି ଗୁରୁ ଘରିଆଡକୁ ସେ
ସୋରିଷର ଦାନା ବୁଣି ଦିଅନ୍ତି ॥
(ସୋରିଷ ବୁଣନ୍ତି ଗୁରୁ ଗୋସେଇଁ ।
ଚେଲାଙ୍କ ଉପରୁ ବିପଦ ଆପଦ ଯାଉ ଦୁରେଇ) ॥
ବଇଁଶି କେନ୍ଦରା ଟୁଇଲା ବୁଆଁ
କୁବୁଜିକୁ କରତାଲ୍ ଝାଂ
ଗାଁ ଦାଣ୍ଡ ଉଠୁଅଛି ପଡୁଛି ।
ହାୟରେ ହାୟ ବାଜା କମ୍ପୁଛି ॥
(୬)
ଜଆର୍ ଜଆର୍ ମାଣାଂ ବଙ୍ଗା ଦେବ ଗଣପତି ।
ଜଆର୍ ଜଆର୍ ଅଲବଙ୍ଗାମା ସରସ୍ୱତୀ ।
ଜଆର୍ ଜଆର୍ ମାରାଂବଙ୍ଗା ଶିବ ପାର୍ବତୀ ॥

ଜଆର ଜଆର୍ ମା ଦୁର୍ଗା ଜଆର ତେଲାଏପେ
ହିଂସା ହୁଲୁଂ ହିଜୁଃରେଦ ଉଦୁର ଗିଡିପେ
ହଉଁରେ....ହଉଁରେ.... ବୁଂରେ ବୁଂରେ
ଆପେୟାଃ ଦାୟାତେ ମାଦାସାଇଁ ବିୟୁର ତାନାଦ
ଡାଆଣି, ଜୁଗୁନି,ଚଣ୍ଡି ଘମୁଣ୍ଡି ଉଦର ଗିଡିକପେ

ଓଡ଼ିଆ ଭାବ-

ନମସ୍ତେ ଦେବଗଣପତି ନମସ୍ତେ ଗୋ ସରସ୍ୱତୀ
ନମସ୍ତେ ଦେବ ପଶୁପତି ନମସ୍ତେ ଜନନୀ ପାର୍ବତୀ
ତେତ୍ରିଶ କୋଟି ଦେବୀ-ଦେବ ଆମରି ପ୍ରଣତି ଘେନିବ
ହୁଉଁରେ ହୁଁରେ ବୁଂରେ ବୁଂରେ -ଦାସାଇଁ ବୁଲଇ ତୁମରି କୃପାରେ
ଡାହାଣୀ ଯୋଗିନୀ ବିଦାୟ ଦିଅ ଚଣ୍ଡି ଘମୁଣ୍ଡି
ମଣିଷଠାରୁ ହିଂସାବା ଜୀବନ ପଥରୁ ବିପଦ ଯାଉ ଛାଡି ॥



# କୋଲ୍ହ (ହୋ-ମୁଣ୍ଡା)ଙ୍କ ଦାସାଇଁ ସଙ୍ଗୀତ

ଭୁଆଙ୍ଗ ନାଚ ସେବେଲ ଘୁଁ, ଦାସାଇଁ ଆଦି ନାମରେ ମଧ୍ୟ ପରିଚିତ । ବାଦ୍ୟଯନ୍ତ୍ର ଭୁଆଙ୍ଗ ନାମାନୁସାରେ ସଙ୍ଗୀତକୁ ଭୁଆଁଙ୍ଗ ସଙ୍ଗୀତ ମଧ୍ୟ କୁହାଯାଏ । ଏଥିରେ କେବଳ ଯୁବକମାନେ ଅଂଶ ଗ୍ରହଣ କରନ୍ତି । ପ୍ରତିପଦାଠାରୁ ଆରମ୍ଭ ହୋଇ ଦଶହରା ଦିନ ପରି ସମାପ୍ତି ଘଟେ । ଗ୍ରାମରୁ ଗ୍ରାମାନ୍ତରକୁ ଯାଇ ଦ୍ୱାରେ ଦ୍ୱାରେ ଭୁଆଙ୍ଗ ବାଜା ବଜାଇ ବକ୍ରାକାରରେ ଗୀତ ଗାଇ ଗାଇ ନୃତ୍ୟ କରିଥାନ୍ତି । ଏମାନେ ବିଭିନ୍ନ ବେଶରେ, ନାନା ଫୁଲ ଓ ପକ୍ଷୀର ପରରେ ନିଜକୁ ବିଚିତ୍ର ବର୍ଣ୍ଣରେ ସଜାଇଥାନ୍ତି ।

ରୋହିଣୀ ତିଥିରୁ ତନ୍ତ୍ର ସାଧନାର ପର୍ବ ଆରମ୍ଭ ହୁଏ । ଏହିଦିନ ରାତ୍ରୀର ତୃତୀୟ ପ୍ରହରରେ ତିନିଗାଁ ସୀମାରୁ ମାଟି ସଂଗ୍ରହ କରି ଗୃହନିକଟସ୍ଥ ଆମ୍ରକୁଞ୍ଜ ବା ନିରୋଳା ସ୍ଥାନରେ ଓ ବେଦୀ ବନ୍ଧାଯାଏ । ବେଦୀରେ ସିଝୁ ଓ ତୁଳସୀ ଗଛ ଥାପନା କରାଯାଏ । ସିଝୁ ଗଛଟି ଶିବ ଓ ତୁଳସି ଗଛଟି ଶକ୍ତିର ପ୍ରତୀକ ଦେବୀ ଦୁର୍ଗା ବା ମନସା ଭାବରେ ଗ୍ରହଣ କରାଯାଏ । ଜଟାଜୁଟଯୁକ୍ତ ରୁକ୍ଷ ଶିବଙ୍କ ପରି ସିଝୁଗଛଟି ଦେଖିବାକୁ କଣ୍ଟାଳିଆ । ଶିବ କ୍ଷୀରପ୍ରିୟ । ସିଝୁ ଗଛର ସାମାନ୍ୟ ଆଘାତରେ କ୍ଷିର ନିର୍ଗତ ହୁଏ । ଏହାକୁ ସିଦ ଗୁରୁ ବା କାମନା ପୂରଣ କରୁଥିବା ବୃକ୍ଷରୂପେ ଗ୍ରହଣ କରାଯାଏ । ପ୍ରତ୍ୟେକ ଦିନ ସନ୍ଧ୍ୟାରୁ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ବିଶେଷକରି ରବିବାର ଦିନ ପୂଜା ଅର୍ଚ୍ଚନା ସହିତ ତନ୍ତ୍ରବିଦ୍ୟା ଶିକ୍ଷା ଦିଆଯାଏ । ଗୁରୁକୁଳାଶ୍ରମ ପରି ଗୁରୁ ପ୍ରତ୍ୟେକ ଚେଲାଙ୍କୁ ବା ଗୁଣିଆକୁ ସାପକାଟି ଠାରୁ ଆରମ୍ଭ କରି ଅସାଧ ରୋଗ ଉପଶମ ହେବାର ବିଷିରୀ ବିଦ୍ୟା ତନତନ କରି ଶିକ୍ଷା ଦିଅନ୍ତି । ଚେଲାମାନେ ସେସବୁକୁ ମୁଖସ୍ଥ କରି ମନେ ରଖନ୍ତି । ଜଣେ ଜଣେ ଗୁରୁ ଅନ୍ୟୂନ ପନ୍ଦରରୁ କୋଡିଏ ପର୍ଯ୍ୟନ୍ତ ବିଭିନ୍ନ ବୟସର ଚେଲାଙ୍କୁ ଶିକ୍ଷା ଦିଅନ୍ତି । ଆଖଡାଶାଳ ବା ବେଦୀରେ ତନ୍ତ୍ରଶିକ୍ଷା ବେଳେ ଚେଲାମାନଙ୍କୁ ନିରୋଳା ରହିବାକୁ ପଡେ । ଏପରିକି ମଦ୍ୟପାନ, ନାରୀ ସହବାସ ଓ ଅତନ୍ତ ବସ୍ତ୍ର ପରିଧାନ ସମ୍ପୂର୍ଣ୍ଣ ନିଷିଦ୍ଧ ।

ତନ୍ତ୍ର ସାଧନାର ସମୟସୀମା ମାତ୍ର ପଞ୍ଚମାସ । ରୋହିଣୀ ତିଥିରୁ ବିଜୟା ଦଶମୀ ପର୍ଯ୍ୟନ୍ତ । ଏହି ସମୟସୀମା ମଧ୍ୟରେ ପ୍ରେତ, ଯୋଗିନୀ, ଡାକୁଣୀ ଓ ଟୁଣାମାନଙ୍କୁ ପରିତୋଷ କରିବା ପାଇଁ ନିମିଛା, ମଣ୍ଡଳା, ଝାଳେଣୀ ବଳାଣୀ ଓ ବିଭିନ୍ନ ମୁଦ୍ରା ସମ୍ପର୍କରେ ଶିକ୍ଷା ଦିଆଯାଏ । ବେଦୀରେ ପୂଜା ଅର୍ଚ୍ଚନା ପାଇଁ ଗୁଡ, ଘିଅ, କଦଳୀ, ଦୁଧ, ନଡିଆ ସହିତ

ମଦ, ହାଣ୍ଡିଆ, କୁକୁଡା, ପାରା, ନାଲି ରଙ୍ଗର ହାଲୁଆଣି (ମାଈଛେଳି) ଓ ବାମଜଙ୍ଘରୁ ରକ୍ତ ବଳି ଦିଆଯାଏ ।

ତନ୍ତ୍ରଶିକ୍ଷା ପରେ ପ୍ରତ୍ୟେକ ଚେଲାଙ୍କୁ ଏକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡେ । ଏହି ପରୀକ୍ଷା ହିଁ ଜଣେ ଗୁଣିଆର ମାନ ନିରୂପଣ କରେ । ବିଜୟାଦଶମୀ ପାଖାପାଖି ଦିନ ଧାର୍ଯ୍ୟ କରାଯାଏ । ପ୍ରତ୍ୟେକ ଗୁଣିଆ ଶୁଦ୍ଧପୁତ ଭାବରେ ଆଖଡାରେ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ହୁଅନ୍ତି । ପୂର୍ବ ବ୍ୟବସ୍ଥା ଅନୁସାରେ ଗୁରୁ କେତେକ ସଂଜ୍ଞାହୀନ ବା ମୃତ ବୋଲି ହରିଣ ଚେଲାଙ୍କ ସମ୍ମୁଖରେ ଶାଳପତ୍ର ଉପରେ ଥୋଇ ଦିଅନ୍ତି । ନିର୍ଦ୍ଦିଷ୍ଟ ବ୍ୟବଧାନରେ ଚେଲାମାନେ ଧ୍ୟାନସ୍ଥ ହୋଇ ବସନ୍ତି ଓ ମନ୍ତ୍ରପାଠ କରି ଯେଉଁ ଚେଲାମାନେ ମୃତ ବାଲି ହରିଣକୁ ବଞ୍ଚେଇ ଦିଅନ୍ତି ସେହି ଚେଲାମାନେ ହିଁ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଗୁଣିଆ ଭାବରେ ପରିଚିତ ହୁଅନ୍ତି । ଯେଉଁ ଚେଲା ଅକୃତକାର୍ଯ୍ୟ ହୁଅନ୍ତି, ଗୁରୁ ଅନ୍ୟ ଚେଲାଙ୍କ ସହାୟତାରେ ତାର ବାଲି ହରିଣକୁ ଜୀବିତ କରିବାର ଚେଷ୍ଟା କରନ୍ତି । ତତପର ଦିନ ପ୍ରଭାତରୁ କୃତକାର୍ଯ୍ୟ ହୋଇଥିବା ଗୁଣିଆମାନଙ୍କୁ ଗୁରୁ ଅରଣ୍ୟ ଓ ପର୍ବତ କନ୍ଦରକୁ ବୁଲେଇ ନିଅନ୍ତି । ବିଭିନ୍ନ ଚେରମୂଳୀ, ପତ୍ରଫୁଲ, ଫଳ ଓ ଅନ୍ୟଜୀବର ଅବୟବ ଆଦି ଔଷଧ ସାପକାଟି, କୁକୁର କାମୁଡା ଓ ରୋଗ ଉପଶମ ପାଇଁ କେତେବେଳେ କିପରି ସେବନ କରିବାକୁ ହେବ ତାହା ବତାଇଥାନ୍ତି । ଶିକ୍ଷାନୁଷ୍ଠାନରେ କୃତି ଶିଷ୍ୟମାନଙ୍କୁ ମାନପତ୍ର ପ୍ରଦାନ କଲାପରି ତାଙ୍କୁ ଗୁଣିଆ ଭାବରେ ସମାଜରେ ସ୍ୱୀକୃତି ପ୍ରଦାନ କରାଯାଏ ଏବଂ ଗୁରୁ ଆଶୀର୍ବାଦ ନେଇ ସମାଜ ସେବାରେ ସେମାନେ ନିଜକୁ ନିୟୋଜିତ କରନ୍ତି । ଶକ୍ତି ରୂପିଣୀ ମା ମନସାଙ୍କ କୃପାରୁ ତନ୍ତ୍ରବିଦ୍ୟା ହାସଲ କରିଥିବାରୁ ତାଙ୍କର ପ୍ରତିରୂପ ହୋଇ ଗାଁର ଘରେ ଘରେ ନୃତ୍ୟ କରି ଗୀତ ଗାଇ ତାଙ୍କର ମହିମା କୀର୍ତ୍ତନ କରିଥାନ୍ତି । ନୃତ୍ୟଗୀତ ସମୟରେ ଧାନ ବା ଚାଉଳ ଆକାରରେ ଗୃହସ୍ଥଙ୍କ ପାଖରେ ଯେଉଁ-ସାମାନ୍ୟ ଅନୁଦାନ ସଂଗ୍ରହ କରି ଥାନ୍ତି ଓ ବିନିମୟରେ ଦେବୀଙ୍କ ପୂଜା ଅର୍ଚ୍ଚନା, ଓ ଗୁରୁଙ୍କ ଦକ୍ଷିଣ । ପ୍ରଦାନ କରାଯାଏ ।

ଏହି ଭୂଆଙ୍ଗ ନାଚରେ ବା ଦାସାଇଁ ନାଚରେ ପୁରୁଷମାନେ ନାରୀବେଶ ହୋଇ ନୃତ୍ୟ ପ୍ରଦର୍ଶନ କରନ୍ତି । ନାରୀ ଆଭୁଷଣ ଶାଢୀ, ସେମିଜ୍, ସିନ୍ଦୁର, କଜଳ, କାଚ ଓ ଅଳତା ପିନ୍ଧିଥାନ୍ତି । ଶାଢୀଟି ଏପରି ପିନ୍ଧାଯାଇ ଥାଏ, ଯେ ତାହାର କୁଞ୍ଚ ଆଗକୁ ଓ ପଛକୁ ହୋଇଥାଏ । ମୁଣ୍ଡରେ ରଙ୍ଗିନ କନା, ବା ରୁମାଲ, ହାତ ବାହାରେ ମୟୁରଚୁଳ ଓ ବେକରେ ନାନା ପ୍ରକାରର ବନଫୁଲମାଳ ପିନ୍ଧିଥାନ୍ତି । ଏମାନଙ୍କ ସଂଖ୍ୟା ଦଶରୁ ବାର ଜଣ ପର୍ଯ୍ୟନ୍ତ । ଏମାନଙ୍କୁ ବାଦ ଦେଲାପରେ ନାଟ ଦଳରେ ଜଣେ ପୁରୁଷ ଥାଏ, ସେ ଯୁଗିଆ । ହାସ୍ୟରସ ପାଇଁ ଏ

ଚରିତ୍ରଟି ସଂଯୋଜିତ ହୋଇଥିବାରୁ ତା ବେଶପୋଷାକ ଅତିବିଚିତ୍ର । ମୁହଁସାରା ଦାଢ଼ି, ରୁଦ୍ରାକ୍ଷମାଳ, ହାତରେ ବାଙ୍କୁଲି ବାଡ଼ି, ଓ କମଣ୍ଡଳୁ । କେତେକ ନାଟରେ ମୁଖା ବା ଶିକାର କରି ମରାଯାଇଥିବା ଭାଲୁଚର୍ମ ପିନ୍ଧି ଯୁଗିଆ ନାଟକରେ । ରୂପ ସଜ୍ଜା ପାଇଁ ବସ୍ତ୍ର, ଅଳଙ୍କାର ଓ ପ୍ରସାଧନ ଆଦି ସାଇ ପଡ଼ିଶାର ମା' ଭଉଣୀଙ୍କ ପାଖରୁ ସଂଗ୍ରହ କରାଯାଇଥାଏ, ନାଚ ଗୀତ ପରେ ପୁଣି ସେ ଗୁଡ଼ିକୁ ଫେରେଇ ଦିଆଯାଏ । ଏଣୁ ନାଚୁଆମାନଙ୍କୁ ବିଶେଷ ଖର୍ଚ୍ଚ କରିବାକୁ ପଡେନାହିଁ । ଜୁଆଙ୍ଗ ବା ବୁଆଙ୍ଗ ଏ ନାଚରେ ମୁଖ୍ୟ ବାଦ୍ୟଯନ୍ତ୍ର । ଏହା ବ୍ୟତୀତ ବଇଁଶୀ, ସାରିଙ୍ଗା, ମାଦଳ, କଂସା ଆଦିକୁ ବାଦ୍ୟଯନ୍ତ୍ର ଭାବରେ ବ୍ୟବହାର କରାଯାଏ । ବୁଆଙ୍ଗ ବାଦ୍ୟର ନିର୍ମାଣ କୌଶଳ ସାଧାସିଧା । ଗୋଟିଏ ଦୁଇ ନିତିଫୁଟ ଲାଉତୁମ୍ବା, ଆଗପଛ କାଟି ଦେଇ ତା ଭିତରୁ ମଞ୍ଜି କାଢ଼ି ଶୁଖାଇ ଦିଆଯାଏ । ଗୋଟିଏ ଘରି ପାଞ୍ଚଫୁଟ ଲମ୍ବ ବାଉଁଶ ଦଣ୍ଡର ଦୁଇ ପ୍ରାନ୍ତକୁ ରନ୍ଧ୍ର କରି କିଳା ମାରି ଦିଆଯାଏ ଓ ଦୁଇ କଳାର ଉପରିଭାଗକୁ ଏକ ରଜ୍ଜୁଦ୍ୱାରା ସଂଯୋଗ କରି ଦିଆଯାଏ । ଏହା ଏକ ଧନୁପରି ଆକୃତି ଧାରଣ କରେ । ଲାଉ ତୁମ୍ବାଟିକୁ ବାଉଁଶ ଦଣ୍ଡର ମଧ୍ୟ ଭାଗରୁ ନିମ୍ନମୁଖୀ କରି ସଂଯୋଗ କରାଯାଏ । ବାଉଁଶ ଦଣ୍ଡ ଓ ଲାଉତୁମ୍ବାର ସଂଲଗ୍ନ ସାମାନ୍ୟ ତଳକୁ ଧନୁ ଧରିଲା ପରି ବାମ ହାତରେ ବାଉଁଶ ଦଣ୍ଡିକୁ ଧରି ଧୀରେ ଧୀରେ ଦଉଡ଼ିକୁ ଟାଣିଲେ ବୁଙ୍ଗ୍, ବୁଙ୍ଗ ମନ୍ଦ୍ର ମଧୁର ଧ୍ୱନି ସୃଷ୍ଟିହୁଏ । ନୃତ୍ୟକାରୀଙ୍କ ଗୁଣୁ ଗୁଣୁ ଗୀତ ସହିତ ବୁଆଙ୍ଗର ଝଙ୍କାର ବେଶ ମନଛୁଆଁ ହୁଏ ।

ଗୀତ ଓ ବାଦ୍ୟପରି ନୃତ୍ୟ ବୁଆଙ୍ଗ ନାଚର ଆକର୍ଷଣୀୟ ବିଭାବ । କଳାକାରମାନେ ନାରୀ ରୂପରେ ନୃତ୍ୟ କରୁଥିବାରୁ ଏହି ନାଟ୍ୟ ଶୈଳୀକୁ ଲାସ୍ୟଶୈଳୀର ଅନ୍ତର୍ଭୁକ୍ତ କରାଯାଇପାରେ । ନୃତ୍ୟକାରୀଦଳ ଅର୍ଦ୍ଧବୃତ୍ତକାର ହୋଇ ବାମରୁ ଡାହାଣକୁ ଗଡି ଧୀର ମନ୍ଥର ଗତିରେ ନୃତ୍ୟ କରନ୍ତି । ନୃତ୍ୟ କରୁଥିବା କଳାକାରମାନେ ହିଁ ଗୀତ ବୋଲନ୍ତି ଏବଂ ବୁଆଙ୍ଗରେ ସ୍ୱର ଧରନ୍ତି । ପ୍ରଥମେ ବୁଆଙ୍ଗ ବାଜିଲେ ନାଚ ଆରମ୍ଭ ହୁଏ ଏବଂ ଗୀତ ବୋଲାଯାଏ । ନୃତ୍ୟର ଅଗ୍ରଚଲି, ପୃଷ୍ଠଚଲି, ପାର୍ଶ୍ୱଚଲ କ୍ରମରେ ଚାଲି ଓ ପଦାଗ୍ରଲମ୍ବନ ଚଲି ଆଦି ପ୍ରଦର୍ଶିତ ହୁଏ । ଏଥିରେ ବ୍ୟବହୃତ ହେଉଥିବା ପାଳିଗୁଡିକ ହେଲା- କହରା, ପିଉରିଆ, ଦକ୍ଷିଣା ଓ ତିରପଟା ଆଦି ପ୍ରଧାନ ।

କଳାକାରମାନେ ଦେବୀଙ୍କ ରୂପ ହୋଇ ନାଚୁଥିବାବେଳେ ଯୁଗିଆ ଏକା ଉଦଣ୍ଡ ନୃତ୍ୟକରେ । ସେ କେତେବେଳେ ବନ୍ୟଜନ୍ତୁ ବାଘ, ଭାଲୁ, ହରିଣ ଓ ମାଙ୍କଡର ଚଲିଚଳଣ ଅନୁକରଣ କରି ଚଳିଲା ବେଳେ କେତେବେଳେ ଦର୍ଶକଆଡ଼କୁ ମାଡିଯାଇ ଦେଖଣାହାରୀର ଛୋଟ ପିଲାଟିକୁ କାଖ କରି ନୃତ୍ୟ କରେ । ଦଳର ଅନ୍ୟମାନଙ୍କ ପରି ଯୁଗିଆ, ଗୀତ ଓ ସଂଳାପ ପ୍ରୟୋଗ କରେନାହିଁ । ମୂକ ଅଭିନୟ ଓ ଉଦଣ୍ଡ ନୃତ୍ୟ ଜରିଆରେ ହାସ୍ୟରସ ସୃଷ୍ଟିକରେ ।

ଦିନବେଳେ ଚୁଆଙ୍ଗ ନାଚହୁଏ । ରଙ୍ଗ ମଞ୍ଚ କହିଲେ ଗାଁ ଦାଣ୍ଡ ବା ଗୋବର ଲିପା ଅଗଣା । ଦର୍ଶକମାନେ ମାଟିପିଣ୍ଡାରେ ବସି ବା ଠିଆ ହୋଇ ଏ ନାଟକ ଉପଭୋଗ କରନ୍ତି । ଗାଁର ପ୍ରତ୍ୟେକଙ୍କ ଘରେ ବୁଲି ବୁଲି ନାଚ କରୁଥିବାରୁ ଏହାର ସମୟସୀମା ପନ୍ଦର କୋଡିଏ ମିନିଟରୁ ବେଶୀ ହୁଏନାହିଁ । ଗୋଟିଏ ଦିନରେ ନାଚୁଆଦଳ ଚାରିପାଞ୍ଚୋଟି ଗାଁ ପ୍ରଦକ୍ଷିଣ କରନ୍ତି । ଏମାନେ ଗ୍ରାମ ପରିକ୍ରମା କଲାବେଳେ ସାଧାରଣ ଦର୍ଶକ ତାଙ୍କ ସହିତ ମିଶି ଯାଆନ୍ତି ଓ ନାଚୁଆ ଦଳ ଗାଁରୁ ବିଦାୟ ନେଲାବେଳେ ଖଣ୍ଡେ ଦୂର ବାଟେଇ ଦେଇ ଆସନ୍ତି । ଗାଁଟା ସାରା ଗୋଟିଏ ରଙ୍ଗ ମଞ୍ଚରେ ପରିଣତ ହୋଇଯାଏ ।

ଏଥିରେ ଅଂଶଗ୍ରହଣ କରୁଥିବା କଳାକାର ମାନେ ଶକ୍ତି ଉପାସକ । ଏମାନେ ମନ୍ତ୍ରତନ୍ତ୍ର ଓ ନୃତ୍ୟ ଜରିଆରେ ଦେବୀଙ୍କର ଲୀଳା ପ୍ରଦର୍ଶନ କରିଥାନ୍ତି । ତେବେ ନାଟକ ଅଭିନୟ ପୂର୍ବରୁ ଯେଉଁ ବିଦ୍ୟା ହାସଲ କରିଥାନ୍ତି ତାହା ପ୍ରୟୋଗ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜରେ ସେବା ପାଇଁ ସେମାନେ ନିଜକୁ ନିୟୋଜିତ କରନ୍ତି । ଜଙ୍ଗଲ ପାହାଡ ଘେରା ଗାଁରେ ସର୍ପଦଂଶନରେ ଛଟପଟ ହେଉଥିବା ମଣିଷ ସହରର ଡାକ୍ତରଖାନାକୁ ଯିବାକୁ ତାର ବେଳ ବା ସାମର୍ଥ୍ୟ କାହିଁ? ସେହି ଗୁଣିଆ ହିଁ ତା ପାଇଁ ରକ୍ତ ମାଂସର ଦେବତା । ବିଷଝାଡି ଗୁଣିଆ ତା ଜୀବନ ରକ୍ଷାକରେ । ଯେ କୌଣସି ରୋଗରେ ଆକ୍ରାନ୍ତ ହେଲେ ଗ୍ରାମବାସୀ ପ୍ରଥମେ ଗୁଣିଆର ପରାମର୍ଶ ନିଅନ୍ତି । ଦୂରଦୂରାନ୍ତ ଗାଁକୁ ସାରାରାତି ଉଜାଗର ରହି ଗୁଣି ଗାରିଡି ପାଇଁ ଗଲେ ମଧ୍ୟ ଗୁଣିଆ ପାରିଶ୍ରମିକ ଦାବୀ କରେନାହିଁ । ଦେବୀଙ୍କର ବଳି ଭୋଗପାଇଁ କୁକୁଡା, ଗାମୁଛାଟିଏ, ପାଞ୍ଚସୁକା ପଇସା ଓ ପୂଜା ସାମଗ୍ରୀରେ ପୂଜା କର୍ମସାରି ଘରକୁ ଫେରେ । ଜନସେବାକୁ ଜୀବନର ଧର୍ମ ଭାବରେ ଗ୍ରହଣ କରିଥିବାରୁ ଅର୍ଥ ବିନିମୟରେ ଗୁଣିଆ କର୍ମବିରୁଦ୍ଧନୀତି ବୋଲି ବିଚାର କରେ । ଆରାଧ୍ୟ ଦେବୀ ଓ ଗୁରୁବାଣୀ ତାର ଧ୍ୟେୟ ।

ଚୁଆଙ୍ଗ ନାଟରେ କଳାପ୍ରେମୀ କଳାକାରମାନଙ୍କର ସୃଜନାତ୍ମକ ପ୍ରତିଭାର ପ୍ରତିଫଳନ ଘଟିଥାଏ । ମଧୁମୟ ସଙ୍ଗୀତ ସୃଷ୍ଟି, ମନଲୋଭା ରୂପ ସଜ୍ଜା, ବାଦ୍ୟଯନ୍ତ୍ର ନିର୍ମାଣ ଓ ଛନ୍ଦାୟତ ନୃତ୍ୟ ରଚନା କରିବାରେ ସେମାନେ ଅନ୍ୟର ଦ୍ୱାରସ୍ଥ ହୁଅନ୍ତି ନାହିଁ । ଏ ସମସ୍ତ କଳା-ପ୍ରବଣତାର ସ୍ୱାଭାବିକ ପରିପ୍ରକାଶ, ମନ ଓ ହୃଦୟର ଛବି । ଏହା ଯୁଗ ଯୁଗ ଧରି ସଂଖ୍ୟା ଗରିଷ୍ଠ ଜନସାଧାରଣଙ୍କର ଆଧ୍ୟାତ୍ମିକ ଅନ୍ୱେଷ, ମନୋରଞ୍ଜନ, ଗୁରୁ, ପରମ୍ପରା ଓ ସମାଜସେବାକୁ ନେଇ ବଞ୍ଚି ରହିନାହିଁ । ତାର ଜୟଯାତ୍ରା ଅବ୍ୟାହତ ରଖିଛି ।

# କୋହ୍ଲ (ହୋ-ମୁଣ୍ଡା) ଦାସାଇଁ ଗୀତ

ଲୁକୁଇ ବୁରୁ ଚେତାନରେ ତକୟ ଗୁରୁ
ଗାଣ୍ଡାଗାଲି ରାଲାଂ ରାଲାଂ
ତକୟ ଗୁରୁ ବୁହାଂ ସାଳି ଉତ୍ତୁର ଉତ୍ତୁର
ବାଜେ ଗାଣ୍ଡା ରାଲାଂ ରାଲାଂ
ବୁହାଂ ସାଳି ହୁତୁର ହୁତୁର
ଦିବିରେ ଦୁର୍ଗା ଲାଗିଡ୍
ଗୁରୁକିଂ ରାଲାଂ ଗାଲାଂ
ଦିବିରେ ଦୁର୍ଗା ଲାଗିଡ୍

ଓଡ଼ିଆ ଭାବ-

ଲୁକୁଇ ପାହାଡ ଉପରେ କୋଉ ଗୁରୁଙ୍କ
ଘଣ୍ଟା ବାଜୁଅଛି ରାଲାଂ ରାଲାଂ
କୋଉ ପାହାଡ ଉପରେ ଭୁଆଁ
ହୁତୁର ହୁତୁର ଶବ୍ଦ କରୁଛି ?
ଦେବୀଦୁର୍ଗାଙ୍କ ପାଇଁ
ଗୁରୁ ଘଣ୍ଟା ବଜଉଛନ୍ତି ରାଲାଂ ରାଲାଂ
ଦେବୀ ଦୁର୍ଗାଙ୍କ ପାଇଁ
ଚେଲା ଭୁଆଁ ବଜଉଛନ୍ତି ହୁତ୍ତୁର ହୁତ୍ତୁର

(୨)

ଗୁରୁହ କାଂସା ସାଳିତାନ୍ ସିରିମା ସରଗରେ
ଗୁରୁହ ଭୁହାଂ ସାଳିତାନ୍ ଅତେମା ପାତାଳରେ
ଗୁରୁହ କାଂସା ଜନମ୍‌ଦ ଗୁରୁହ ଅକନ ଯତନରେ
ଗୁରୁହ ଭୁହାଂ ଜନମ୍‌ଦ ଗୁରୁହ ଅକନ ଜନମରେ
ଗୁରୁହ କାଂସା ଜନମଦ ଗୁରୁହ ସେଙ୍ଗେଲ ସିପୁତରେ
ଗୁରୁହ ଭୁହାଂ ଜନମଦ ଗୁରୁହ ଗୁରିଃ ମାଅନ୍ଦରେ

ଓଡ଼ିଆ ଭାବ-

କଂସାଳ ବାଜୁଛି ଗୁରୁହେ
ସରଗ ଉପରେ ଯାଇ ।
ମର୍ତ୍ତ୍ୟ ପାତାଳରେ ଗୁରୁହେ
ଭୁଆଙ୍ଗ ବାଜି ଉଠଇ ॥
କଂସାଳ କୋଉଠି ଜନ୍ମ ପାଇଲା ।
ଭୁଆଙ୍ଗ କୋଉଠି ଜନମ ହେଲା ?
କହିଦିଅ ଗୁରୁ ଭଲା ॥
ନିଆଁ ସାପୁଆରେ କଂସାଳ ପାଇଛି ଜନ୍ମ ।
ଗୋବର ଗଦାରେ ଭୁଆଁ ଜନମିଛି ଜାଣ ॥

(୩)

ଗୁରୁଦ ଗୁରୁଦ ହୁଜୁଃ ତାନାଏ ହାତୀ ଚେତାନ୍‌ତେ
ଚେଲାଦ ଚେଲାଦ ହୁଜୁଃ ତାନାଏ ସାଦମ୍ ଚେତାନତେ
ଗୁରୁଦ ଗୁରୁଦ ବିଲାଇ କାନା ସୁତାମ୍ ପାରେକଂମ୍
ଚେଲାଦ ଚେଲାଦ ବିଲାଇ କାନା ଟେଣ୍ଡର ବାଛିଲେ
ଗୁରୁଦ ଗୁରୁଦ ତେଲାଇ ତାନାଃ ସୁନୁମ୍ ସିନ୍ଦୁରୀ
ଚେଲାଦ ଚେଲାଦ ତେଲାଇ ତାନାଃ ଆଏନମ୍ କାଜଲ ।
ବିଦାୟ ଦେଗ ବିଜାୟ ଦେବ ଚହଟ ଚପଟ୍ ବିଦାୟ ଦେ
ବେଲାତ ବୁଡିଲ ସଂଜ ହଇଲ ଋଲିତେ ଆମାର ଦୁର୍‌ରେ

ଓଡ଼ିଆ ଭାବ-

ଗୁରୁତ ଆସୁଛନ୍ତି ହାତୀରେ ଚଢି ।
ଚେଲାତ ଆସୁଛନ୍ତି ଘୋଡାରେ ଚଢି ॥
ଗୁରୁଙ୍କ ପାଇଁ ରହିଅଛି ସୁତା ଖଟିଆ ।
ଗୁରୁତ ଗ୍ରହଣ କରୁଛନ୍ତି ସିନ୍ଦୁର ତେଲ ।
ଚେଲା ଗ୍ରହଣ କରୁଅଛି ଆଏନମ କାଜଲ ।
ଦିଅଗୋ ଆମକୁ ବିଦାୟ ଚଞ୍ଚଳ ।
ସୂର୍ଯ୍ୟ ଅସ୍ତ ହେଲେଣି ସଞ୍ଜ ହେଲାଣି
ଆମକୁ ଯିବାକୁ ଅଛି ବହୁତ ଦୂର ॥

(୪)

ଲୁଗୁମା ବୁରୁ ଚେତାନରେ ଅକଏଯାକ ସିୟୁଃତାନ୍

ଘାଣ୍ଟା ବାଲି ଡାହାର କୁଟିରେ

ରାମ ଲକ୍ଷନକିନ୍ ସିୟୁତାନ୍ ଲୁଗୁମାବୁରୁ ଚେତାନରେ

ଘାଣ୍ଟାବାଲି ଡାହାର କୁଟିରେ

ସୀତା କାପୁରା ମାଣ୍ଡିକିଞ୍ଜ ଇଦି ଲୁଗୁମା ବୁରୁ ଚେତାନରେ

ଘାଣ୍ଟାବାଲି ଡାହାର କୁଟିରେ

ଓଡ଼ିଆ ଭାବ-

ହଳ କରୁଛନ୍ତି

କିଏ ଲୁଗୁମା ପାହାଡେ ?

ହଳ କରୁଛନ୍ତି

ଘଣ୍ଟାବାଲି ହୁଡି କଡେ ?

ରାମ ଲଇକ୍ଷଣ କରୁଛନ୍ତି ପରା ହଳ ।

ଲୁଗୁମା ପାହାଡେ ଘଣ୍ଟାବାଲି ହୁଡି ତଳ ॥

ଭାତ ତରକାରୀ ନେଇ ସୀତା ଓ କାପୁରା ।

ଲୁଗୁମା ପାହାଡ ଉପରକୁ ପୁଣି

ଘଣ୍ଟାବାଲି ହୁଡି କଡକୁ ପରା ॥

(୫)

ହାଟିଆ କୁଟି ସାଲାନ୍ଦି ରେଆଃ ଆଟାଲେ ବାଲା ଫୁଲ

ଆଟାଲେ ବାଲାଫୁଲ ଗଆଁ ମୁତୁଲ ସାଲାନ୍ଦିରେଆଃ

ଗଲାଞ୍ଜିବାଲା ଫୁଲ ଗଲାଞ୍ଜି ବାଲା ଫୁଲ

ଗୁତୁ ତାଃରେ ଦନା ଦାଇନା ଚେହେରା ନେଲଃ ଚେହେରା ନେଲଃ

ଗାଲାଂତାଃରେ ଦନା ଦାଇନା ନାପାୟ ନେଲଃଆ ନାପାୟ ନେଲଆ

ବାଲାଗୁତୁ ଗୁତୁ ଦାଇନା ତିଳିମେ ଗୁତୁତାନ୍ ତିଳିମେ ଗୁତୁତାନ୍

ବାଲା ଗାଲାଂ ଗାଲାଂ ଦାଇନା କାଟାମେ ଗାଲାଂତାନ୍ କାଟାମେ ଗାଲାଂତାନ୍

ଓଡ଼ିଆ ଭାବ-

ଦାଣ୍ଡପଟ ଘର କଡରେ ଟଗର ଫୁଲ ।

କାହ୍ନୁ କଡେ କଡେ ଟଗର ଫୁଲ ଲୋ

କାହ୍ନୁ ସେପଟେ ଗୁହାଳ ॥

ରୂପ ଝଲମଲ ଦିଶେ କାଠ ଚମ୍ପା ଫୁଲ ।
ମାଳ ଗୁନ୍ଥିଦେଲେ ଦିଶଇ ଆହୁରି ଭଲ ॥
ଗୁନ୍ଥାଫୁଲମାଳ ଦିଦିଗୋ କେତେ ସୁନ୍ଦର ଦିଶଇ ।
ଫୁଲ ଗୁନ୍ଥୁ ଗୁନ୍ଥୁ ଦିଦି ତୋ ହାତରେ ଗଲା ଛୁଞ୍ଚ ଫୋଡିହୋଇ ।
ଫୁଲ ଗୁନ୍ଥୁ ଗୁନ୍ଥୁ ମାଳଫୁଲ ସବୁ
ଦିଦିଗୋ ପାଦ ଉପରେ ଗଲା ବୁଣି ହୋଇ ॥

(୬)

ଦାଦା ହକ ମପାଃତାନ୍ ଦାଦା ଜାନୁମ୍ ଦୁଉନ୍ଦରେ
ଦାଦା ହକ ତୁପୁଞ୍ଜାତାନ୍ ଦାଦା କିତା ବେଡାରେ
ଦାଦା ଚିକାନ୍ ଲାଗିଡତେ ଦାଦାହକ ମାପାଃତାନ୍ ?
ଦାଦା ଚିକାନ୍ ଲାଗିଡତେ ଦାଦାହକ ତୁପୁଞ୍ଜାତାନ୍ ?
ଦାଦା ହାସ ଲାଗିଡତେ ଦାଦା ହକ ତୁପୁଞ୍ଜାତାନ୍
ଦାଦା ମୁକା ମୁକାତେ ଦାଦା ମୁକା ହାଟିଞ୍ଜ କମ୍
ଦାଦା ବିତା ବିତାତେ ଦାଦା ବିତା ହାଟିଞ୍ଜ୍ କମ୍

ଓଡ଼ିଆ ଭାବ–

ଲୋକେ ହଣାହଣି ହେଉଛନ୍ତି ପୁଣି
ଆପଣା ଜନମ ମାଟି ଉପରେ ।
ଶର ମରାମରି ହୁଅନ୍ତି କିପରି
ସରହଦ୍ ବାଡ କିଆ ବେଢାରେ ॥
ହଣାହଣି କିଆଁ ହେଉଛନ୍ତି ବଡଭାଇ ।
ଶର ମରାମରି ହେଉଛନ୍ତି କିମ୍ପାଇଁ ॥
ହଣା ହଣି ହେଉଛନ୍ତି ଜମି ଖଣ୍ଡ ପାଇଁ
ଶର ମରାମରି ହୁଅନ୍ତି ହିଡ ପକେଇ ॥
ଜମି ଭାଗକର ବଡଭାଇ ମାପି ମାପି ହାତରେ ।
ରଖଣ୍ଡେ ରଖଣ୍ଡେ ମାପି ହିଡ ଦିଅ ଜମି ସୀମାରେ ॥

ଆର୍ଯ୍ୟେତର ଗୋଷ୍ଠୀ ହିଁ ବୁଆଙ୍ଗ ସଙ୍ଗୀତର କଳାକାର ଓ ପୃଷ୍ଠପୋଷକ । ଗୁଣିଗାରେଡି, ତନ୍ତ୍ର ମନ୍ତ୍ର ସାଧନ କରି ବୁଆଙ୍ଗ ନାଚୁଥିବା କଳାକାରମାନେ କୋହ୍ଲ, ସାନ୍ତାଳ, ହୋ, ମୁଣ୍ଡା, ସାଉଁତି, ଡମ, କମାର, ବାଥୁଡି, ଗଣ୍ଡ, ଭୂୟାଁ, ଶବର, ଜୁଆଙ୍ଗ, ଭୂମିଜ ଓ ତାଙ୍କର ପଡୋଶୀ କୁଲ୍ମୀ ଓ ଗଉଡ ଆଦି ସମ୍ପ୍ରଦାୟ ଓ ଜାତି ।

# ସାନ୍ତାଳ ସଙ୍ଗୀତ

ସାନ୍ତାଳ ନୃତ୍ୟ ଓ କଣ୍ଠ-ସଙ୍ଗୀତ ଅଙ୍ଗାଅଙ୍ଗୀ ଭାବେ ଜଡିତ । କୌଣସି ନୂଆ ଘଟଣା ହେଲେ ସାନ୍ତାଳମାନେ ସ୍ୱତଃସ୍ଫୂର୍ତ୍ତଭାବେ କଣ୍ଠସଙ୍ଗତ ପରିବେଷଣ କରନ୍ତି । ଭିନ୍ନ ଭିନ୍ନ ଆନନ୍ଦ ଉଲ୍ଲାସ ଅବସର ପାଇଁ ଭିନ୍ନ ଭିନ୍ନ ନୃତ୍ୟ ରହିଛି ଓ ବିଭିନ୍ନ ପର୍ବପର୍ବାଣୀ ଋତୁଚକ୍ର ପାଇଁ ବିସ୍ତୃତ କଣ୍ଠ ସଙ୍ଗୀତ ଚକ୍ର ମଧ ରହିଥିବା ଜଣାଯାଏ । ସାନ୍ତାଳ ଗୀତର ବହୁ ପ୍ରକାରର ସ୍ୱରଥିବା କଥା ଗବେଷକ ମତ ଦିଅନ୍ତି । କେତେକ ଗବେଷକ ଏକତିରିଶ ପ୍ରକାରର ନୃତ୍ୟ ଓ ଆଉ କେତେକ ଗବେଷକ କୋଡିଏ ପ୍ରକାରର କଣ୍ଠ ସଙ୍ଗୀତର ସ୍ୱର ଥିବା କଥା ଦର୍ଶାଇଥାନ୍ତି । ସାନ୍ତାଳମାନଙ୍କର ପ୍ରକୃତି ଏହି ଯେ ସେମାନେ କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ଗୀତ ଗାନ କରୁ କରୁ ଗୀତ ଫାନ୍ଦି ପାରିବା କ୍ଷମତାର ଅଧିକାରୀ । ଏମାନଙ୍କର ଆଚରଣର ବୈଶିଷ୍ଟ୍ୟ ଏହି ଯେ ସେମାନେ ଅବିକ୍ଷୁବ୍ଧ ଭାବରେ ସ୍ୱଛନ୍ଦରେ ନିଜ ମନୋଭାବକୁ ପ୍ରକାଶ କରିବାର କ୍ଷମତା ରଖନ୍ତି । ଏମାନଙ୍କ ମାନସିକ ଗଢଣ ମଧ ଏହି ଯେ ସେମାନେ ଉଦବେଗହୀନ ଭାବେ ଆନନ୍ଦ, ଖୁସି ଓ ସନ୍ତୋଷକୁ ମୁକ୍ତଭାବରେ ପରିପ୍ରକାଶ କରିପାରନ୍ତି । ଏହାର ପରିପ୍ରକାଶ ହୁଏ ତାଙ୍କ ନୃତ୍ୟ ଓ କଣ୍ଠ ସଙ୍ଗୀତ ମାଧ୍ୟମରେ । ତାଙ୍କ ଗୀତଗୁଡିକ ତାଙ୍କର ନିର୍ଦ୍ଦିଷ୍ଟ ଆବେଗ (Feelings), ହୃଦୟୋଲ୍ଲାସ (Emotion) ଏବଂ ଭାବ ପ୍ରବଣତା (Sentiment)ର ପ୍ରତୀକ ହୋଇଥାଏ ।

ନିମ୍ନରେ ଲାଗଣେଁ ନୃତ୍ୟ ସଂଗୀତ, ଦଂ ନୃତ୍ୟ ସଙ୍ଗୀତ, ଡାଣ୍ଟା ନୃତ୍ୟ ସଙ୍ଗୀତ, ଝିକା ନୃତ୍ୟ ସଙ୍ଗୀତ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଗଲା ।

ଲାଗଣେଁ ନୃତ୍ୟ ସଂଗୀତ

"ଜଗମାଝୀ", ଗାଁ ଉପମୁଖିଆଙ୍କ ତତ୍ତ୍ୱାବଧାନରେ କୁମାର କୁମାରୀମାନେ ଲାଗଣେ ନୃତ୍ୟଗୀତ ପରିବେଷଣ କରନ୍ତି । ଏହି ନୃତ୍ୟ କେବଳ ରାତ୍ରକାଳରେ କରାଯାଏ । 'ଆଖଡା' ବ୍ୟତୀତ ଅନ୍ୟକୌଣସି ସ୍ଥାନରେ 'ଲାଗଣେ' ନୃତ୍ୟ କରାଯାଏ ନାହିଁ । ଅମାବାସ୍ୟାର ଅମା ଅନ୍ଧାରରେ ହେଉ କିମ୍ବା ଜ୍ୟୋତ୍ସ୍ନା ବିଧୌତ ରଜନୀରେ ହେଉ, ସାନ୍ତାଳ ଯୁବକ ଆଖଡାରେ ମାଦଳର ମୂର୍ଚ୍ଛନା ତୋଳିଲେ ଯୁବତୀମାନେ ଡକାଡକି ହୋଇ ଆଖଡାରେ ଆସି ପହଞ୍ଚନ୍ତି । ଯୁବତୀମାନେ ସାନ୍ତାଳ ଯୁବକର ହାତରେ ହାତ ଛନ୍ଦି ମାଦଳର ତାଳେ ତାଳେ ନୃତ୍ୟ କରନ୍ତି । ଏହି ନୃତ୍ୟ ମନ୍ଥର ଗତିରେ ଚାଲେ । ଅଧଘଣ୍ଟା ପର୍ଯ୍ୟନ୍ତ

ନୃତ୍ୟ ପରେ ନର୍ତ୍ତକ ନର୍ତ୍ତକୀ ବିଶ୍ରାମ ନିଅନ୍ତି । ବିରାମ ଅବସ୍ଥାରେ ମାଦଳ ବଦଳରେ ବଇଁଶି କେନ୍ଦରା ଯୁବକମାନେ ବଜାନ୍ତି । ଯୁବକ ଓ ଯୁବତୀ ଦଳ ଅଲଗା ଅଲଗା ହାତ ଧରାଧରି ହୁଅନ୍ତି । ଯୁବକମାନଙ୍କ ମଧ୍ୟରେ ଥିବା ଆଶୁକବି ଗୀତ ଫାନ୍ଦି ଲାଗଣେଁ ସ୍ୱରରେ ଗାଏ । ତାକୁ ଅନ୍ୟମାନେ ଅନୁସରଣ କରି ଗାଆନ୍ତି । ଯୁବତୀମାନେ ଗୀତର ନକଲ କରି ଗାଆନ୍ତି । ଯୁବତୀଦଳ ଯେ ପର୍ଯ୍ୟନ୍ତ ଗୀତକୁ ଆୟତ କରି ନଥାନ୍ତି ସେ ପର୍ଯ୍ୟନ୍ତ ଯୁବକଦଳ ଗୀତକୁ ଦୋହରାଉଥାନ୍ତି । ବେଳେବେଳେ ଗୀତ ମାଧ୍ୟମରେ ବିଭିନ୍ନ ପ୍ରକାର ପ୍ରଶ୍ନୋତ୍ତର ଚାଲେ । 'ଲାଗ୍‌ଣେଁ' କୌଣସି ପାରମ୍ପରିକ ଗୀତ ନୁହେଁ । ଯୁବକ ଓ ଯୁବତୀଙ୍କ ମନୋଭାବ ଏହି ଗୀତରେ ମୁଖ୍ୟ ଭାବରେ ପ୍ରକାଶିତ ହୁଏ । ଏହାକୁ ବିଶେଷ ଭାବେ ଯୁବା ମନର ଚିତ୍ତ ବିନୋଦନର ଗୀତ କୁହାଯାଇପାରେ । ଏହା କେବଳ ଆମୋଦ ପ୍ରମୋଦ ପାଇଁ ଉଦ୍ଦିଷ୍ଟ ।

ଲାଗ୍‌ଣେଁ - ସେରେଞ୍ଜ
ବାଗାନ୍ ରିନିଜ୍ ଚେଣେଁ ଇଞ୍ଜଦ
ଡାର କରେଞ୍ଜ ଆବଆ
ଦାରେ ଲାଫାଁ ସାକାମ୍ ଦାନାଂ
ଇଞ୍ଜ୍ ଦଞ୍ଜ ହହଃୟା
ଜାହାଁ ତିନାଗଇଞ୍ଜ ହହଃୟ ରେହଁ
ବାକ ଆଞ୍ଜମା ଚିଲିହିଁ
ବାକ ହିଜୁଃ ବାକ ସେଟେରଃ
ଇଞ୍ଜାଃ ଦୁକ୍ ଜିଓ୍ୱିରେ

ଓଡ଼ିଆ ଭାବ-

ଫୁଲ ବଗିଚାର ଚଢେଇ ମୁହିଁ
ଶାଖା ଶାଖରେ ମୁଁ ବସିଥାଏ
ଶାଖା ମଥାନରେ ପତର ପଛରେ
ବସି ରହି ଡାକ ଦିଏ ॥
ଯେତେ ମୁଁ ଡାକଇ ମୋ ଡାକ ଶୁଣେନା କେହି
ଦୁଃଖୀ ଜୀବନ ମୋ କାହାକୁ କହିବି
କେହି ତ ଆସଇ ନାହିଁ ॥

(୨)

ହିସିଦ୍ ହିସିଦ୍ ହୟ ଦେ ହୟମେ
ବାହା ରେନାଂ ସଦ ନଟାଂମେ
ବାହାଇଜ୍ ଦ ବାହା ସୟେମ
ବାହାୟ ଥିତ୍ ଜଂମା
ବାହା ଲାଗିଦ ମନେଏ ବିଛକ୍ ମା

ଓଡ଼ିଆ ଭାବ-

ସୁଲୁ ସୁଲୁ ହୋଇ ପବନ ଯାଆନ୍ତୁ ବହି ।
ଫୁଲ ସୁଗନ୍ଧକୁ ନେ ଉଡେଇ ଉଡେଇ ॥
ଫୁଲ ରସିଆକୁ ବାସୁ ବାସନା ।
ଫୁଲ ବାସନାରେ ହୋଇଯାଉ ଆନମନା ॥
ବାସନାରେ ହୋଇ ସେ ମଜଗୁଲ ।
ମନକରୁ ଖୋସିବା ପାଇଁ ଫୁଲ ॥



# ଦଂ ନୃତ୍ୟ ଓ ଗୀତ

ଏହି ନୃତ୍ୟ ସ୍ୱରୂପଟି ସାଧାରଣତଃ ବିବାହ ଉତ୍ସବରେ ଅନୁଷ୍ଠିତ ହୁଏ । ପୁରୁଷ ଓ ନାରୀଗଣ ଦଳରେ ପରିଣତ ହୁଅନ୍ତି ଏବଂ ମନୋରମ ବୃତ୍ତଟିଏ ସୃଷ୍ଟି କରନ୍ତି । ଆନନ୍ଦ ପୁଲକରେ ନାରୀମାନେ ବାହୁରେ ବାହୁ ଛନ୍ଦି ବୃତ୍ତାକାରରେ ଉଭା ହୁଅନ୍ତି ଓ ଏହି ବୃତ୍ତ ମଧ୍ୟରେ ପୁରୁଷମାନେ ମାଦଳ, ନାଗରା ଧରି ଛୋଟ ଅନ୍ୟ ବୃତ୍ତଟିଏ କରି ସଙ୍ଗୀତ ବାଦନ ଆରମ୍ଭ କରିଦିଅନ୍ତି । ସଙ୍ଗୀତର ତାଳେ ତାଳେ ନାରୀମାନେ ନୃତ୍ୟକରି ଡାହାଣ ଆଡକୁ ଗତି କରୁଥାନ୍ତି ଏବଂ ପାଦଟି ମାନ ଆଗକୁ ବଢାଇ ଦେଉଥାନ୍ତି । ନୃତ୍ୟ ସଙ୍ଗେ ନାରୀମାନେ ମିଳିତଭାବେ ଅତି ମଧୁର ସ୍ୱରରେ ଗୀତ ଗାନ କରନ୍ତି । ଏହି ନୃତ୍ୟ ପ୍ରାୟ ଅଧଘଣ୍ଟା ଚାଲେ । ଏହି ନୃତ୍ୟରେ ଆବାଳ ବୃଦ୍ଧ ବନିତା ଅଂଶ ଗ୍ରହଣ କରନ୍ତି । ନାଚ ସରିଲେ ପୁରୁଷମାନେ ଗୀତ ବୋଲିବା ଆରମ୍ଭ କରନ୍ତି । ତାର ପ୍ରତ୍ୟୁତ୍ତର ନାରୀମାନେ ଦିଅନ୍ତି । ଏହି ଗୀତ ଉକ୍ତି ଓ ପ୍ରତ୍ୟୁକ୍ତିର ସ୍ୱର ଯେତିକି ଛନ୍ଦମୟ ସେତିକି ମନଛୁଆଁ । ଗୀତ ସରିଲେ ପୁଣି ମାଦଳ ନାଗରାର ସଙ୍ଗୀତ ସ୍ପନ୍ଦିତ ହୁଏ ଓ ସଂଗୀତ ଶିହରଣ ଚଉହଦୀ ମଧୁର ତରଙ୍ଗ ସୃଷ୍ଟି କରେ । ପୁଣି ନାଚ ଆରମ୍ଭହୁଏ- ନାଚ ଜମେ । ଏହି ନୃତ୍ୟ ଅବିରାମ ଦିନେ ବା ଦୁଇଦିନ ପର୍ଯ୍ୟନ୍ତ ଚାଲୁରହେ ।

ଦଂ ନୃତ୍ୟର ସ୍ୱରୂପକୁ ଅବଲୋକନ କଲେ ବିଶେଷ କରି କଟି, ନିତମ୍ବ ଓ ଶରୀରର କଳାତ୍ମକ ତରଙ୍ଗରେ କେବଳ ନୃତ୍ୟକଳା ଭଙ୍ଗୀ ପରିଦୃଷ୍ଟ ହୁଏ ନାହିଁ, ବରଂ ମଣିଷର ସୃଷ୍ଟିକାରୀ ପ୍ରବୃତ୍ତିଟି ଉଦ୍ଭାସିତ ହୋଇଥାଏ । ବିବାହ ଉତ୍ସବ ମଧ୍ୟରେ ଏହି ନୃତ୍ୟର ପ୍ରବର୍ତ୍ତକ ଜଣେ ଦୂର ଦୃଷ୍ଟିସମ୍ପନ୍ନ ସାନ୍ତାଳ ବୃଦ୍ଧ ବୋଲି କୁହାଯାଏ । ଏହା ଏକ ପ୍ରକାର ଯାଦୁକାରୀ ଶୈଳୀ ଯାହାର ସ୍ୱରୂପ ମଧ୍ୟରେ ସୁଖ ଓ ଶ୍ରଦ୍ଧାର ବୈବାହିକ ପ୍ରେମ କାମନା ସଙ୍ଗେ ସନ୍ତାନ ବୃଦ୍ଧି ଓ ତତ୍ ସଙ୍ଗେସଙ୍ଗେ ସାନ୍ତାଳ ସମ୍ପ୍ରଦାୟର ସଂଖ୍ୟା ସମୃଦ୍ଧିର ଲକ୍ଷ୍ୟ ସମ୍ପୂର୍ଣ୍ଣ ରୂପେ ବାରି ହୋଇପଡେ ।

ଦଂ ସେରେଞ୍ଜ

ମାନଗଲ୍ ବୁରୁରେମା ରିମିଲେଏ ରାକାବ କେଆଃ
ପାନିର୍ ପ୍ରିୟ ଚେଣେ ଦାୟାଗେ ରାଃକେଦ୍
ଉତ୍ତର ଖନ୍‌ଚ ହୟଦ ଦକ୍ଷିଣ ଖନ୍ ଦାଃଦ
ହାଁ ସ ହାଁ ସଲୀ ଦୁକିନ୍ ଆଡିଞ୍ଜ ଜଂକାନ୍

ଅଗମ୍ ଦରେୟା ରିକିନ୍ ଉନୁମ ଏନେଜ୍ କାନ୍ ସିରଅମ୍ ଗେଲେ ରିକିନ୍ ଜେଡେର ଆକାନ୍

ଓଡ଼ିଆ ଭାବ

ଦୁଃଖରେ ଡାହୁକ ରୋଦନ କରୁଛି
ମାନଗଲ୍ ପାଡାହ ଉପରେ ମେଘ ଉଠେଇଛି ବୋଲି ।
ଉପରୁ ପବନ ଦକ୍ଷିଣୁ ଚରା ଖୋଜୁଛନ୍ତି ହଂସ ହଂସଲୀ ॥
ଅଥଳ ପାଣିରେ ବୁଡନ୍ତି ଉଠନ୍ତି
ସତେ ଖେଳୁଛନ୍ତି ପରା ।
ବେଣା ଘାସଗଛ ଫୁଲ ପେଟ୍ଟାରେ
ସେ ପୁଡଛନ୍ତି ପୁଣି ଖରା ।

(୨)

ଇଞ୍ଜା ଜାନାମ୍ ଦିଶମ୍ ଆସାମରେ
ଇଞ୍ଜାମା ଓଲାଃ ସାନାଞ୍ଜ ଅଲାଃତେ
ଓଲାଃ ହରରେ ଡଙ୍ଗା ବାନୁଃଆନ୍
ବାନ୍ ଗାଡାହଁ ପେରେଜ୍ ଆକାନ୍
ଜହାର ଜହାର୍ ମାରାଂବୁରୁ
ଜହାର ଜହାର୍ ଜାହେର ଏରା
ବାନ୍ ଗାଡା ଦାଃରେ ପାରମ କାଞ୍ଜମେ
ପ୍ରଭୁ ଜାନାମ୍ ଦିଶମ୍

ଓଡ଼ିଆ ଭାବ-

ଆସାମ ଦେଶ ମୋ ଜନମ ଭୂଇଁ
ଘରକୁ ବାହୁଡି ଯିବାକୁ ମନ ଡାକଇ ॥
ବାଟ ମଝିରେ ନ ନଈ
ବଢିପାଣି ସୁଅ ଛୁଟିଛି ନଈରେ
ପାରିହେବା ପାଇଁ ଡଙ୍ଗାଟେ ନାଇଁ ॥
ପ୍ରଣାମ କରୁଛି ମାରାଂବୁରୁ ପାଦେ
ଜାହିରା ମାତା ଚରଣେ ତୋହରି ।

ଜନମ ମାଟିକୁ ଯିବା ପାଇଁ ମୋତେ
ବଢ଼ିଲା ନଇକୁ କରହେ ପାରି ॥

(୩)

ବୁରୁ କୋଣରେ ଗାତିଞ୍ଜ୍ ଶିମାଲପାଲରେ
ଅକା କୋଣରେ ଗାତିଞ୍ଜ୍ ଆମ୍‌ଦ ମେନାମ୍
ପେ ଯୋଲ୍ ହାରମନି ପେୟା ବାନାମ୍
ହୟତେ ସାଡେ
ସାଡେ ସାଡେ ଗାତିଞ୍ଜ ଇଞ୍ଚଦ ମିନାଞ୍ଜ

ଓଡ଼ିଆ ଭାବ–

କୋଉ ବଣେ କୋଉ କୋଣେ
କୋଉ ଜଙ୍ଗଲ ଉହାଡେ ।
ତୁମେ ଅଛ ସଙ୍ଗୀ
କୋଉ ଶିମିଳି ପାହାଡେ ॥
ଯୋଡା ତିନି ହାରମନି ।
ଖରାରେ ଶୁଖଇ କେନ୍ଦରା ତିନି
ପବନରେ ବାଜି ଉଠଇ ଜମି ॥
ସେହି ସଙ୍ଗୀତରେ ସେହି ଶବଦ ଭିତରେ ।
ମୁହିଁ ପରା ରହିଅଛି ସଙ୍ଗୀତରେ ॥

# ଡାଣ୍ଟା ଏନେଜ୍ ସେରେଞ୍ଜ୍

ଡାଣ୍ଟା ନୃତ୍ୟ-ଗୀତ କେବଳ ପୁରୁଷମାନଙ୍କ ଦ୍ୱାରା ପରିବେଷଣ କରାଯାଏ । ଏହା ଫସଲ ଅମଳ ପର୍ବ ସହଯାଏ ପାରାବ୍ ଅବସରରେ ପରିବେଷିତ ହୁଏ । ମୁଣ୍ଡରେ ମୟୁରଚୂଳ, କାନ୍ଧରେ ଶରମୁଣା, ହାତରେ ଧନୁ ଓ ଖଣ୍ଡା ଧରି ଦୁଇ ଧାଡିରେ ଏହି ନୃତ୍ୟ କରାଯାଏ । ମାଦଳ ଧୁମୁସା, ଚଡଚଡି ଆଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ଏହାର ଗୀତ ରାମାୟଣର କଥାବସ୍ତୁ ଆଧାରିତ । ଏହା ଏକ ଯୁଦ୍ଧ ନୃତ୍ୟ । ମୁଣ୍ଡରେ ମୟୁରଚୂଳ ବିଜୟର ପ୍ରତୀକ । ଛଉନୃତ୍ୟ ପରି ଏଥିରେ ନାନା ପ୍ରକାର ବସିବା ପୁଣି କେତେବେଳେ କେବଳ ଅଙ୍ଗଭଙ୍ଗୀ କରିବାକୁ ପଡୁଥିବାରୁ ଏଥିରେ ନାରୀମାନେ ଅଂଶଗ୍ରହଣ କରନ୍ତି ନାହିଁ ।

ଡାଣ୍ଟା ସେରେଞ୍ଜ
ଧରମେର ଆଖାଲାରେ
ଅକୟ ତୁମଦାଃ ରୁୟ ବୟହା
ଅକୟ ଟାମାକ ରୁୟ ?
ଧରମେ୍ର ଆଖାଲାରେ
ଅକୟାଃ ଲିପୁର ସାଡେ ବୟହା
ଅକୟାଃ ଘୁଙ୍ଗୁରା ସାଡେ ?
ଧରମେର୍ ଆଖାଲାରେ
ରାମ୍ ତୁମ୍ଦାଃଏ ରୁୟ ବୟହା
ଲାଖାନ୍ ଟାମାକେ ରୁୟ
ଧରମେର ଆଖାଲାରେ
ରାମାଃ ଲିପୁର୍ ସାଡେ ବୟହା
ଲାଖାନାଃ ଘୁଙ୍ଗୁରା ସାଡେ

ଓଡ଼ିଆ ଭାବ–

ଧରମ ଆଖଡା ଶାଳେ ଶୁଣଭାଇ
କିଏ ମାଦଳ ବଜାଏ ।
ଧରମର ଅଖାଡାରେ କିଏ ପୁଣି
ନାଗରା ବଜାଇ ଦିଏ ॥

ଆଖଡାରେ କାହା ବାଜୁବନ୍ଧ ବାଜୁଅଛି ।
ସେଇଠି କାହାର ଘୁଙ୍ଗୁର ବାଜି ଉଠୁଛି ॥
ରାମର ମାଦଳ ଲଇକ୍ଷଣର ନାଗରା ।
ଲକ୍ଷଣିଆର ଘୁଙ୍ଗୁର ବାଜୁଛି ରାମ ବାଜୁବନ୍ଧପରି
ଧରମ ଆଖଡା ଆଖଡାରେ ବାଇରାମ ମାଦଳ ବଜାଏ
ଲକ୍ଷଣ ନାଗରା ସାଙ୍ଗକୁ ଘୁଙ୍ଗୁର ବାଜୁବନ୍ଧବାଏ ।

ଆଖଡାରେ କାହା ବାଜୁବନ୍ଧ ବାଜୁଅଛି ।
ସେଇଠି କାହାର ଘୁଙ୍ଗୁର ବାଜି ଉଠୁଛି ॥
ରାମର ମାଦଳ ଲଇକ୍ଷଣର ନାଗରା ।
ଲକ୍ଷଣିଆର ଘୁଙ୍ଗୁର ବାଜୁଛି ରାମ ବାଜୁବନ୍ଧପରି
ଧରମ ଆଖଡା ଆଖଡାରେ ବାଇରାମ ମାଦଲ ବଜାଏ
ଲକ୍ଷଣ ନାଗରା ସାଙ୍ଗକୁ ଘୁଙ୍ଗୁର ବାଜୁବନ୍ଧବାଏ ।

# ଡାଣ୍ଟା ଏନେଜ୍ ସେରେଞ୍ଜ୍

ଡାଣ୍ଟା ନୃତ୍ୟ-ଗୀତ କେବଳ ପୁରୁଷମାନଙ୍କ ଦ୍ୱାରା ପରିବେଷଣ କରାଯାଏ । ଏହା ଫସଲ ଅମଳ ପର୍ବ ସହଯାଏ ପାରାବ୍ ଅବସରରେ ପରିବେଷିତ ହୁଏ । ମୁଣ୍ଡରେ ମୟୁରଚୂଳ, କାନ୍ଧରେ ଶରମୁଣା, ହାତରେ ଧନୁ ଓ ଖଣ୍ଡା ଧରି ଦୁଇ ଧାଡିରେ ଏହି ନୃତ୍ୟ କରାଯାଏ । ମାଦଳ ଧୁମୁସା, ଚଡଚଡି ଆଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ଏହାର ଗୀତ ରାମାୟଣର କଥାବସ୍ତୁ ଆଧାରିତ । ଏହା ଏକ ଯୁଦ୍ଧ ନୃତ୍ୟ । ମୁଣ୍ଡରେ ମୟୁରଚୂଳ ବିଜୟର ପ୍ରତୀକ । ଛଉନୃତ୍ୟ ପରି ଏଥିରେ ନାନା ପ୍ରକାର ବସିବା ପୁଣି କେତେବେଳେ କେବଳ ଅଙ୍ଗଭଙ୍ଗୀ କରିବାକୁ ପଡୁଥିବାରୁ ଏଥିରେ ନାରୀମାନେ ଅଂଶଗ୍ରହଣ କରନ୍ତି ନାହିଁ ।

ଡାଣ୍ଟା ସେରେଞ୍ଜ
ଧରମେର ଆଖାଲାରେ
ଅକୟ ତୁମଦାଃ ରୁୟ ବୟହା
ଅକୟ ଟାମାକ ରୁୟ ?
ଧରମେ୍ର ଆଖାଲାରେ
ଅକୟାଃ ଲିପୁର ସାଡେ ବୟହା
ଅକୟାଃ ଘୁଙ୍ଗୁରା ସାଡେ ?
ଧରମେର୍ ଆଖାଲାରେ
ରାମ୍ ତୁମ୍‌ଦାଃଏ ରୁୟ ବୟହା
ଲାଖାନ୍ ଟାମାକେ ରୁୟ
ଧରମେର ଆଖାଲାରେ
ରାମାଃ ଲିପୁର୍ ସାଡେ ବୟହା
ଲାଖାନାଃ ଘୁଙ୍ଗୁରା ସାଡେ

ଓଡ଼ିଆ ଭାବ–

ଧରମ ଆଖଡା ଶାଳେ ଶୁଣଭାଇ
କିଏ ମାଦଳ ବଜାଏ ।
ଧରମର ଅଖାଡାରେ କିଏ ପୁଣି
ନାଗରା ବଜାଇ ଦିଏ ॥

# ଝିକା ଏନେଜ୍ ସେରେଞ୍ଜ

ଝିକା ଏକ ଉଦ୍‌ଯାପନୀ ନୃତ୍ୟ । କାରାମ୍, ଲାଗଣେ, ଡାହାର, ଡାଣ୍ଟା ନୃତ୍ୟର ପରି ସମାପ୍ତିରେ ଏହି ନୃତ୍ୟ ସାଧାରଣତଃ କରାଯାଏ । ଝିକା ନୃତ୍ୟରେ ଗତି ମନ୍ଥର ହୋଇଥାଏ । ଭକ୍ତିସୂଚକ ନୃତ୍ୟରେ "ମାରାଂବୁରୁ"ଙ୍କୁ ଜୁହାର କରାଯାଏ । ଝିକା ଉଦ୍‌ଯାପନୀ ନୃତ୍ୟ ହୋଇଥିବାରୁ ନମସ୍କାର ଭଙ୍ଗୀରେ ଅଞ୍ଜୁଳା ଉଠାଇ ପରିବେଷିତ ହୋଇଥାଏ । ଏହି ଗୀତରେ ସୃଷ୍ଟି କର୍ତ୍ତାଙ୍କୁ ପ୍ରଣାମ କରାଯାଏ । ତତ୍‌ସଙ୍ଗେ "ମାଝିବାବା"ଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରାଯାଏ । ପବନରେ ଆଲୋଳାୟିତ ଶସ୍ୟକ୍ଷେତ୍ର ପରି ନର୍ତ୍ତକ ନର୍ତ୍ତକୀମାନଙ୍କ ଅର୍ଦ୍ଧଚକ୍ର ଲୀଳାୟିତ ଭଙ୍ଗୀମା ଉପଭୋଗ୍ୟ ହୋଇଥାଏ ।

ଝିକା ସେରେଞ୍ଜ
ଏନେଜ୍ କେଦଲାଂ ସେରେଞ୍ଜ କେଦଲାଂ
ନଓ୍ୱା ନାତୁ ଆଖାଲାରେ
ନଓ୍ୱା ହଲ୍କ ନଓ୍ୱା ଜୀବନ ଲାଂ
ହୁଲାସ୍ ଦହ କେଦ୍
ଜହାର ଆୟାଲାଂ ସିସିର ଜାଅଓ୍ୱିଜ୍
ଗଡ୍ ଆୟାଲାଂ ମାଝି ବାବା
ଜାୟ ଯୁଗ୍ ନଙ୍କା ନଆ ଆଖାଲା
ଗମହେଲ ତାହେଁନ୍ ମା

ଓଡ଼ିଆ ଭାବ-

ଗାଁ ଆଖଡାରେ ନାଚି ଗାଇ
ଆମେ ହୋଇଲୁ ଖୁସି ।
ଦେହ ମାନକୁ ତ ଦେଲେ ଉଲ୍ଲସୀ ।।
ସୃଷ୍ଟି କରତାକୁ ଜୁହାର ହବା ।
ମାଝିବାବୁଙ୍କୁ ନମ କରିବା ।
ଯୁଗ ଯୁଗ ପାଇଁ ଆଖଡା ଥାଉ ।
ସରସ ସୁନ୍ଦର ସତେଜ ହେଉ ।।

# ଚାଙ୍ଗୁ ସଙ୍ଗୀତ

ଚାଙ୍ଗୁ ସଙ୍ଗୀତ କହିଲେ- ଆମେ ବୁଝିବା ଚାଙ୍ଗୁବାଦ୍ୟ, ଚାଙ୍ଗୁଗୀତ ଓ ଚାଙ୍ଗୁ ନୃତ୍ୟକୁ । ଚାଙ୍ଗୁ ଏକ ସ୍ୱତନ୍ତ୍ର ଧରଣର ବାଦ୍ୟ । ଚାଙ୍ଗୁବାଦ୍ୟର ଧ୍ୱନି ମନମୁଗ୍ଧକର ଏହା ହୃଦୟ ତନ୍ତ୍ରୀକୁ ଆନ୍ଦୋଳିତ କରେ । ଚାଙ୍ଗୁବାଦ୍ୟର ନିର୍ମାଣ କୌଶଳ ସାଦାସିଧା । ଏହା ଦେଢଫୁଟରୁ ଦୁଇଫୁଟ ବ୍ୟାସ ବିଶିଷ୍ଟ ଏକ ଗୋଲାକାର ବାଦ୍ୟ । ବାନ୍ଧଣ କାଠ ଓ ଛେଳିଚର୍ମ ଦ୍ୱାରା ଏହାକୁ ନିର୍ମାଣ କରାଯାଏ । ଏହାର ଆକୃତି ଅନେକଟା ଖଞ୍ଜଣି ପରି । ଅଧଇଞ୍ଚ ମୋଟେଇ ତିନି ଚାରିଇଞ୍ଚ ଓସାର ଓ ସାଢେ ଚାରିଫୁଟ ଲମ୍ବର କରାଲ ବା ବାନ୍ଧଣ ଗଛର ପଟା ଛଞ୍ଚାଯାଏ । ଏହାକୁ କୁଣ୍ଡଳ କରି ସେହି ଅନୁପାତରେ ମାଟିତଳେ ଗୋଲଖାତ ଖୋଳି କିଳାମାରି ପୋତି ଦିଆଯାଏ । ଆଠ ଦିନ ପରେ ଏହାକୁ କାଢି ନିଆଯାଏ ଏବଂ ପଟାର ଅଧଇଞ୍ଚ ବ୍ୟବଧାନରେ କିଳା ମାରିବା ପାଇଁ ଫୋଡ କରାଯାଏ । ଛେଳି ଚର୍ମଟିକୁ ଶୁଖାଇ ରଖାଯାଇଥାଏ ଓ ତାକୁ ପାଣିରେ ସାମାନ୍ୟ ଓଦାକରି ବାନ୍ଧଣ କାଠ କୁଣ୍ଡଳୀର ଗୋଟିଏ ପଟ ଅଚ୍ଛାଦିତ କରି ବାଉଁଶ କିଳା ମାରି ଦିଆଯାଏ । ବାଉଁଶ କିଳା ଦେଇ ଲୁହା ତାରରେ ଛୋଟ ଝାଞ୍ଜ ସଂଯୁକ୍ତ କରାଯାଏ । ଏହା ଫଳରେ ଚାଙ୍ଗୁ ବଜାଇବା ବେଳେ ତାଳ ଅନୁସାରେ ଝୁଣୁଝୁଣୁ ଶବ୍ଦ ନିର୍ଗତ ହୁଏ । ବାଦକ ବାଦ୍ୟଟିକୁ ବାମ ହସ୍ତରେ ମୁହଁ ପାଖରେ ଧରି ଡାହାଣ ହାତରେ ବଜାଏ ଏବଂ ଉଭୟ ବାମ ଓ ଡାହାଣ ହାତରେ ଆଙ୍ଗୁଠିରେ ଟିପକିଳା ହେଉଥାଏ । ବୌଦ୍ଧଧର୍ମରେ ପ୍ରଚଳିତ ଟାମ୍ବୋରିନ୍ ବଦ୍ୟ ଚାଙ୍ଗୁର ଏକ ପରବର୍ତ୍ତୀ ରୂପାନ୍ତର ବୋଲି ବିଶ୍ୱାସ କରାଯାଏ । ଏହି ଚାଙ୍ଗୁବାଦ୍ୟ ଯୋଗୁଁ ଚାଙ୍ଗୁଗୀତ ଓ ଚାଙ୍ଗୁ ନାଚର ନାମକରଣ ହୋଇଛି । ବାଦକମାନେ ଚାଙ୍ଗୁବାଦ୍ୟ ବଜାଇ ବଜାଇ ଚାଙ୍ଗୁ ଗୀତ ଗାନ କରନ୍ତି ଓ ସ୍ତ୍ରୀଲୋକମାନେ ଚାଙ୍ଗୁ ନୃତ୍ୟ କରନ୍ତି ।

ଏହି ଚାଙ୍ଗୁନୃତ୍ୟକୁ କରନ୍ତି କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ପାଉଡି ଭୂୟାଁ ଓ ମୟୂରଭଞ୍ଜର ଜିଲ୍ଲାର ଲୋଧା, ଖଡିଆ ଆଦିମ ଆଦିବାସୀ ଓ ବାଥୁଡିମାନେ । ଆଦିବାସୀ ସମ୍ପ୍ରଦାୟ ପ୍ରକୃତି କୋଳରେ ଲାଳିତ ପାଳିତ ହେଉଥିବାରୁ ପ୍ରକୃତିର ଛନ୍ଦମୟ ଗତିକୁ ଅନୁସରଣ କରି ନିଜ ନୃତ୍ୟକୃତିରେ ପ୍ରକାଶିତ ହୋଇଥାଏ । ସାଧାରଣତଃ ଉଭୟ ସ୍ତ୍ରୀ ଓ ପୁରୁଷ ଚାଙ୍ଗୁନାଚରେ ଅଂଶ ଗ୍ରହଣ କରନ୍ତି । ଏହି ନୃତ୍ୟ କୁଣ୍ଡଳାକାରରେ ହୋଇଥାଏ । ଚାଙ୍ଗୁବାଦକମାନେ (ଜୁଆଙ୍ଗ ଓ ପାଉଡି ଭୂୟାଁମାନେ) ମଣ୍ଡମର ମଧ୍ୟସ୍ଥଳରେ ରହନ୍ତି ଓ ସ୍ତ୍ରୀ ଲୋକମାନେ ନୃତ୍ୟକରି ସେମାନଙ୍କର ଚତୁର୍ଦ୍ଦିଗ ପରିକ୍ରମା କରନ୍ତି । ସ୍ତ୍ରୀଲୋକମାନେ

ପରସ୍ପରର ଅଣ୍ଟା ପଛପଟେ ହାତ ଛନ୍ଦି ନଇଁ ନଇଁ ନୃତ୍ୟ କରନ୍ତି । ଧାଡିର ପ୍ରଥମ ଯୁବତୀର ଡାହାଣ ହାତ ତୃତୀୟ ଯୁବତୀର ବାମ ହାତ ଓ ତାର ଡାହାଣ ହାତ ଖାଲିଥାଏ ଏବଂ ଦ୍ୱିତୀୟ ଯୁବତୀର ବାମହାତ ପ୍ରଥମ ଯୁବତୀର ଅଣ୍ଟାକୁ ଧରିଥାଏ । ସେମାନେ ହାତ ଗୋଡରେ ଯେଉଁ ଅଳଙ୍କାର ପରିଧାନ କରିଥାନ୍ତି ତାହା ଶରୀର ଦୋହଲିବା ଭିତରେ ଅପୂର୍ବ ନାଦ ସୃଷ୍ଟିକରେ । ଚଙ୍ଗୁନାଟରେ ଜୁଆଙ୍ଗ ଓ ଭୂୟାଁମାନେ ଭଲ୍ଲୁକ ନୃତ୍ୟ, ବାଜପକ୍ଷୀ ନୃତ୍ୟ, କପୋତ ନୃତ୍ୟ, ଶୂକର ନୃତ୍ୟ ଓ ମୟୂର ନୃତ୍ୟ ଆଦି ନୃତ୍ୟ ପ୍ରଦର୍ଶନ କରନ୍ତି ।

# ଜୁଆଙ୍ଗ ଚାଙ୍ଗୁ ସଙ୍ଗୀତ

ଜୁଆଙ୍ଗମାନେ ପ୍ରକୃତି କୋଳରେ ଜୀବନ ଅତିବାହିତ କରୁଥିବାରୁ ପ୍ରକୃତିର ବିଭିନ୍ନ ଦୃଶ୍ୟ, ପଶୁ ପକ୍ଷୀର ଗତିବିଧି ଅନୁକରଣ କରି ନୃତ୍ୟ ପରିବେଷଣ କରନ୍ତି । ଏ ନୃତ୍ୟ ଗୁଡିକ ହେଉଛି "ଭଲ୍ଲୁକ ନୃତ୍ୟ", କପୋତ ନୃତ୍ୟ, ଶୂକର ନୃତ୍ୟ, କଛପ ନୃତ୍ୟ, ଟିଟିର ପକ୍ଷୀନୃତ୍ୟ, ହରିଣ ନୃତ୍ୟ, ବଳଦ ନୃତ୍ୟ ଓ ମୟୂରନୃତ୍ୟ ଆଦି । ଜୁଆଙ୍ଗ ରମଣୀମାନେ ଉତ୍ସବମାନଙ୍କରେ ସଜବାଜ ହୋଇ ଧାଡିବାନ୍ଧି ନଇଁ ନଇଁ ସମାନଭାବରେ ପଦଚାଳନା କରି ନାଚନ୍ତି । ଏହି ନୃତ୍ୟର ବୈଶିଷ୍ଟ୍ୟ ହେଉଛି ବାଦ୍ୟତାଳ ଅନୁସାରେ ଆଗକୁ ଓ ପଛକୁ ଚାଲି ଗୋଲାକାରରେ ନାଟ ମଣ୍ଡପକୁ ଘୁରି ଆସିବା । ଚାଙ୍ଗୁନାଟ ବେଳେ ପୁରୁଷମାନେ ମଧ୍ୟ ସ୍ଥଳରେ ରହନ୍ତି ଓ ନାରୀମାନେ ବକ୍ରାକାରରେ ନୃତ୍ୟକରି ଚାରିପାଖରେ ଗତି କରନ୍ତି । ଶରୀର ପଛଭାଗରେ ଅଣ୍ଟା ପାଖରେ ପ୍ରଥମ ନାରୀର ଡାହାଣ ହାତ ସହିତ ତୃତୀୟ ନାରୀର ବାମହାତ, ତାହାର ଡାହାଣ ହାତ ସହିତ ପଞ୍ଚମର ବାମହାତ ଏହି କ୍ରମରେ ଛନ୍ଦା ହୋଇଥାଏ । ପ୍ରଥମ ଯୁବତୀର ବାମହାତ ଖାଲିଥାଏ ଓ ଦ୍ୱିତୀୟ ଯୁବତୀର ବାମହାତ ପ୍ରଥମ ଯୁବତୀର ଅଣ୍ଟାକୁ ଧରିଥାଏ । ନୃତ୍ୟ କରିବା ବେଳେ ସମସ୍ତେ ନିଜ ନିଜ ହାତକୁ ତାଳ ଅନୁକ୍ରମରେ ଛାଟିଥାନ୍ତି ଓ ଆଗକୁ ପଛକୁ ପାଦ ପକାଇଥାନ୍ତି । ହାତ ଗୋଡରେ ପିନ୍ଧିଥିବା ଅଳଙ୍କାର ଅପୂର୍ବଧ୍ୱନି ସୃଷ୍ଟି କରିଥାଏ । ଏହି କ୍ରମରେ ସେମାନେ ଏକ ଦିଗରୁ ଅନ୍ୟ ଦିଗକୁ ଘୁରି ଯାଉଥାନ୍ତି ଓ ପୁରୁଷମାନେ ମଧ୍ୟ ସ୍ତ୍ରୀଲୋକଙ୍କର ଦିଗକୁ ମୁହଁ ଘୁରାଇ ନେଉଥାନ୍ତି । ନୃତ୍ୟ ସମୟରେ ପୁରୁଷ ଓ ନାରୀମାନେ ପରସ୍ପରର ପାଦକୁ ଅବଲୋକନ କରନ୍ତି । ପୁରୁଷମାନେ ବାମହାତରେ ଟିପିକିଲା ଦେଇ ଚାଙ୍ଗୁ ବଜାନ୍ତି ଓ ଗୀତ ବୋଲନ୍ତି । ବାଦ୍ୟ ଓ ଗୀତ ଦ୍ୱାରା ନୃତ୍ୟର ଉତ୍ତେଜନା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ନୃତ୍ୟରେ ସ୍ୱାଭାବିକତା ଓ ଆସକ୍ତି ପ୍ରକାଶ ପାଇଥାଏ । ଲକ୍ଷ୍ୟ କରିବା କଥା ଜୁଆଙ୍ଗମାନଙ୍କ ଚାଙ୍ଗୁନାଚ ଡାହାଣରୁ ବାମକୁ ନ ହୋଇ ବାମରୁ ଡାହାଣକୁ ହୋଇଥାଏ । ଏହା ଘଣ୍ଟା କଣ୍ଟାର ଗତିପରି ଗତି କରିଥାଏ । ଜୁଆଙ୍ଗ ରମଣୀମାନେ କୌଣସି ପ୍ରକାରର ଲଜ୍ୟା ଭାବର ବଶ ହୋଇ ନଥିବାରୁ ନୃତ୍ୟରେ ସ୍ୱାଭାବିକତା ଓ ଆସକ୍ତି ପ୍ରକାଶ ପାଇଥାଏ ।

# ଜୁଆଙ୍ଗ ଚାଙ୍ଗୁ ସଙ୍ଗୀତ

(୧)

ନାରେ ନାରେ ନାରେ ନାରେ ନାରେ ନାରେ
ନାରେ ନାରେ ନାରେ ନାରେ ନାରେ ନାରେ
ଡାକିଆଣ କୁଳଭାଇ ନୀଳଗିରିକୁ
ଦରଶନ କରିବା ଯାଇ ଲୋ ଗଣପତିକି

(୨)

ଗୁମୁ ଗୁମୁଟାକ ଚାଙ୍ଗୁରେ ଅଡଂତେ
ଢାଇଁ ଢାଇଁ ଢାଇଁ ଢାଇଁ ଡଲରେ ଅଡଂତେ
ଉଆଲି ସମଦାୟ କିନ୍ଦିରେ କିନ୍ଦରେ ତାଲ ନିକିକେ
ବରଷ ମିଡଂତେ ତରମିଂ ଡେଣ୍ଡେ ଅବରେ
ଉଆଲ୍ ନିଗିତଏ ଚାଙ୍ଗୁଗୀତ

ଓଡ଼ିଆ ଭାବ-

ଗୁମୁ ଗୁମୁ ନାଦ ଚାଙ୍ଗୁ ବଜାଇ ।
ଢୋଲ ବାଜେ ଢାଇଁ ଢାଇଁ
ବାଇଦ ଡାକଇ ଆସ ନାଚିବା
ଝୁଲି ଝୁଲି ଥେଇ ତାଥେଇ ଥେଇ ।।
ପରବ ଆସିଛି ବରଷକେ ଥରେ ।
ଚାଙ୍ଗୁଗୀତ ଗାଇ ଆସ ନାଚିବା ସଭିଏଁ ।।

(୩)

ଅବାରେ ମିସିଂକେ ବକ ଚାଙ୍ଗୁରେ ବାବଗେ ବକ
ବାକିବେ ସୁଲଜ ବକ ସେଲାନ କିତେ ବାଙ୍ଗଏକ
ତିନି ଦିନ ମିନା ଅବ ଗାଆଁରେ ସିନା ଚଅଲ
ବୁଢା କି ଲିମି ଲିୟା ଏକି କାଣ୍ଡାଏକି ଲାମା ନିଙ୍ଗାକି
ବନ୍ଧୁ ବାସିଆ ଡେନକ ବାକିବେ ବଡ ମଉଜ
ସାଙ୍ଗ ଜଲାରେ ନିନା ବନ୍ଧୁ ସଙ୍ଗେ ବାଗାଟାନା
ଓଆ ବକ ନେକ ଗାମା ଦୁଃଖ ସୁଖ ନିକୁସିମା

ଓଡ଼ିଆ ଭାବ-

ପରବ ଆଇଚି ମଜଗୁଲ ହୋଇ
ଢଙ୍ଗୁ ବଜେଇବା ଭାଇ
ହରେକ ରକମ ଝିଅଙ୍କୁ ଦେଖିବା
ମଉଜ ମଉକା ଏଇ ॥
ତିନି ଦିନ ଯାଏ ପରବ ଚଲିବ
ଗାଆଁ ଉଠିବ ପଡିବ ।
ବୁଢାମାନଙ୍କର ମନଖୋଲା କଥା
ଆଲୋଚନା ଭାବନାବ ॥
ଖୋଲିଦେଇଛନ୍ତି ହସର ପସରା
ଖୁସିର ପୁରୁଣା ପେଡି ॥
ଆସିବେ ବନ୍ଧୁବାନ୍ଧବ ।
ଘରେ ମଉଜ ଜମିବ ॥
ମେଳି ମେଳି ପୁଣି ଯୋଡିଯାଡି ହୋଇ
ବସି ଯାଇଛନ୍ତି ବୁଢୀ ।
ଖୋଲି ଦେଇଛନ୍ତି ହସର ପସରା
ଖୁସିର ପୁରୁଣା ପେଡି ॥
ଆସିବେ ବନ୍ଧୁ ବାନ୍ଧବ ।
ଘରେ ମଉଜ ଜମିବ ॥
ବନ୍ଧୁଙ୍କ ସାଥୀରେ ବସିବା କଥାରେ
ସୁଖ ଦୁଃଖ ପଚାରିବା
ଚାଲଯିବା ଭାଇ ପରବଟିଂ ଏଇ
ଢଙ୍ଗୁ ବାଜା ବଜେଇବା ॥
(୪)
କୁକୁଲ କମକୋ ସେଙ୍ଗାତାରକୁ
ବରାଗୁଡି ଆଁରା ଲାବଣ ସାଇଁବେ ବାଜାନାରାକୁ
କୁକୁଲ ସେମେଲ ସେୟାଁ ଟାରକୁ

# ପାଉଡି ଭୂୟାଁ ଚାଙ୍ଗୁ ସଙ୍ଗୀତ

ଆଦିବାସୀଙ୍କ ମଧ୍ୟରେ ଭୂୟାଁ ସମ୍ପ୍ରଦାୟ ଅନ୍ୟତମ । ବଣ ପାହାଡରେ ରହୁଥିବା ଓ ପ୍ରାଚୀନତା ଥିବା ଭୂୟାଁମାନଙ୍କୁ ପାଉଡି ଭୂୟାଁ କୁହାଯାଏ ।

ନୃତ୍ୟଗୀତ ଆଦିବାସୀ ସଂସ୍କୃତିରେ ଏକ ଅପରିହାର୍ଯ୍ୟ ଅଙ୍ଗ । ନୃତ୍ୟ ଆଦିବାସୀ ସଂସ୍କୃତିର ସବୁଠାରୁ ଗୋଟିଏ ଆକର୍ଷଣୀୟ ଦିଗ । ଏହା ସେମାନଙ୍କର କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଜୀବନ ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଚାଙ୍ଗୁବାଦ୍ୟ ସାହାଯ୍ୟରେ ଉଭୟ ସ୍ତ୍ରୀ ଓ ପୁରୁଷ ଭିନ୍ନ ଭିନ୍ନ ଭଙ୍ଗୀରେ ନୃତ୍ୟ କରୁଥିଲେ । ନୃତ୍ୟ ସହିତ ପ୍ରାସଙ୍ଗୀତ ଗୀତ ମଧ୍ୟ ସଂଯୋଜିତ ହୋଇଥାଏ । ନୃତ୍ୟ ସେମାନଙ୍କର ସାମାଜିକ ଏକତା ତଥା ବିବାହ ନିମନ୍ତେ ସାଥୀ ନିର୍ବାଚନରେ ଆବଶ୍ୟକ ହୋଇଥାଏ ।

ଦୈନନ୍ଦିନ ଜୀବନ ପରିଚର୍ଯ୍ୟାରେ କଳା, ସଙ୍ଗୀତ ଓ ନୃତ୍ୟ ସେମାନଙ୍କ ପଛରେ ଛାଇପରି ଲାଗି ରହିଥାଏ । ଅର୍ଥାତ୍ ଜୀବନ ଓ କଳା ମଧ୍ୟର ଗୋଟିଏ ସ୍ପଷ୍ଟ ପ୍ରାର୍ଥକ୍ୟ ସୀମାରେଖା ଟାଣିବା କଷ୍ଟକର ବ୍ୟାପାର । ସେମାନଙ୍କ ବିବାହ, ପର୍ବପର୍ବାଣୀ, କୃଷିକର୍ମ ମଧ୍ୟରେ ନୃତ୍ୟର ଯେଉଁ ବିଶେଷ ଭୂମିକା ରହିଛି ତାହା ଖୁବ୍ ଆକର୍ଷଣୀୟ । ବିଶେଷଭାବେ ପୂର୍ବେ ଯୁବକ (ଧାଙ୍ଗଡା) ଓ ଯୁବତୀ (ଧାଙ୍ଗଡୀ) ମାନେ ନିଜ ନିଜର ମନୋନୀତ ଜୀବନସଥି ବାଛି ବିବାହ କରିବାର ସ୍ୱାଧୀନତା ମଧ୍ୟରେ ଚାଙ୍ଗୁ ନୃତ୍ୟର ଅବିଚ୍ଛିନ୍ନ ପ୍ରବାହ ବେଶ ଉଲ୍ଲେଖଯୋଗ୍ୟ ।

ବୈବାହିକ ଅନୁଷ୍ଠାନର ପ୍ରାରମ୍ଭ ଓ ସମାପ୍ତିରେ ନୃତ୍ୟ ବିଶେଷଭାବେ ଅନୁଷ୍ଠିତ ହୋଇଥାଏ । ଗୋଟିଏ ଭୂୟା ଗ୍ରାମରେ ଧାଙ୍ଗଡାମାନେ ଅନ୍ୟ ଏକ ବନ୍ଧୁଗ୍ରାମକୁ ଯାଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସେହି ଗ୍ରାମରେ ଯୁବତି (ଧାଙ୍ଗଡା) ମାନଙ୍କ ସହ ଚାଙ୍ଗୁ ନୃତ୍ୟରେ ନିମଗ୍ନ ହୁଅନ୍ତି । ସେହି ନୃତ୍ୟ ମଧ୍ୟରେ ଯଦି କୌଣସି ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରଣୟ ଭାବ ସୃଷ୍ଟିହେଲେ ସେମାନେ ନିକଟସ୍ଥ କୌଣସି ନିର୍ଜନ ଲତା କିମ୍ବା ଝୋପ ଭିତରକୁ ଚାଲି ଯାଆନ୍ତି । ଯଦି ଯୁବତୀର ହୃଦୟରେ ପ୍ରଣୟ ଭାବ ରହିଥାଏ ତେବେ ତାହାର ମନୋନୀତ ଯୁବକକୁ ସେ କଅଁଳିଆ ମକାର ଅଗ୍ରଭାଗ ଦେଇ ଯୁବତୀମାନଙ୍କୁ ଫୁଲର ମାଳା ଉପହାର ଦେଇ ନିଜର ସ୍ୱୀକୃତି କଥା ଜଣାନ୍ତି ।

ବିବାହ ପ୍ରାକ୍‌ନୃତ୍ୟ ସେମାନଙ୍କ ଗାଁରେ ଥିବା ମଣ୍ଡଘର ସମ୍ମୁଖରେ ହୋଇଥାଏ । ପୂର୍ବରୁ ସେହି ମଣ୍ଡଘର ନିକଟରେ ଧାଙ୍ଗଡୀ ବସା ବା ଯୁବତୀମାନଙ୍କର ଗଣଶୟନ ଘର (Dormitory) ଥିଲା । ଉକ୍ତ ମଣ୍ଡଘର ନିକଟରେ ବଣ ପାହାଡ ଘେରା ଗାଁ ଗୁଡିକରେ ବିଶେଷଭାବେ ଜହ୍ନରାତିରେ ଯୁବକଯୁବତୀ ମାନଙ୍କର ମିଳିତ ନୃତ୍ୟ ରାତ୍ରିର ବିଳମ୍ବିତ ପ୍ରହର ଅଥବା ଜହ୍ନ ପାହାଡ ସେପଟେ ଢଳିଯିବା ପର୍ଯ୍ୟନ୍ତ ଲାଗିରହେ ।

ସାଧାରଣତଃ ଯୁବକମାନେ ଋଙ୍ଗୁବାଦ୍ୟ ସହାୟତାରେ ଗୀତ ଗାଆନ୍ତି ଓ ଯୁବତୀମାନେ ସେହି ଋଙ୍ଗୁରେ ତାଳେ ତାଳେ ନୃତ୍ୟ କରିବାକୁ ଲାଗନ୍ତି । କେତେବେଳେ ନଇଁ ନଇଁ ନୃତ୍ୟର ଭଙ୍ଗୀ ରହିଥାଏ ଓ କେତେବେଳେ ସିଧାଭାବରେ ଓ ମଣ୍ଡଳାକୃତି ତଥା କେତେବେଳେ ଅର୍ଦ୍ଧ ମଣ୍ଡଳକୃତି ହୋଇ ନୃତ୍ୟ କରନ୍ତି । ଯୁବକ ଯୁବତୀ ପରସ୍ପର ହାତ ଧରାଧରି ହୋଇ ନଇଁ ନଇଁ ତିନିପାଦ ଆଗକୁ ଓ ପୁଣି ପଛକୁ ଏହିପରି ନାଚନ୍ତି ।

ସେମାନଙ୍କର ଋଙ୍ଗୁନାଟକୁ ସାଙ୍ଗୀନାଟ ମଧ୍ଯ କୁହାଯାଏ । ଏହା ବିଭିନ୍ନ ପ୍ରକାରର ହୋଇଥାଏ । ବହୁ ସଂଖ୍ୟାରେ ଯୁବକ ଯୁବତୀ ଓ ବୟସ୍କଲୋକ ମଧ୍ୟ ଏଥିରେ ଅଂଶ ଗ୍ରହଣ କରନ୍ତି । ସ୍ତ୍ରୀଲୋକମାନେ ନିଜର ମୁହଁର ଗୋଟିଏ ପାଖ ଶାଢୀରେ ଘୋରାଉ ଦେଇ ପରସ୍ପର ହାତ ଧରାଧରି ହୋଇ ନଇଁ  ନଇଁ ତିନିପାଦ ଆଗକୁ ଏବଂ ପୁଣି ପଛକୁ ଏହିପରି ନାଚନ୍ତି । ପୁରୁଷ ଲୋକମାନେ ଋଙ୍ଗୁବାଦ୍ୟର ସୁରେ ସୁରେ ଗୀତ ଗାଆନ୍ତି ।

ଅନ୍ୟ ଏକ ପ୍ରକାର ନୃତ୍ୟକୁ ଉଦକ ନାଟ କୁହାଯାଏ । ଏହି ଉଦକା ନାଟର ଟିକିଏ ଭିନ୍ନ ପ୍ରକାର ଭଙ୍ଗୀକୁ ଡେଗାନାଟ ମଧ୍ୟ କୁହାଯାଏ । ଝିଅମାନେ ମୁହଁ ନ ଲୁଚାଇ ଏଥିରେ ନାଚନ୍ତି । ପରସ୍ପର ହାତ ଧରାଧରି ହୋଇ ନାଚନ୍ତି ।

ଟୋକୀ ନୃତ୍ୟରେ କେବଳ ଯୁବତୀ ନୁହନ୍ତି ବରଂ ଛୋଟ ଛୋଟ ଝିଅ ପିଲାମାନେ ମଧ୍ୟ ଅଂଶଗ୍ରହଣ କରନ୍ତି । ଏହା ବ୍ୟତୀତ ସବୁଠାରୁ ଉଲ୍ଲେଖନୀୟ ହେଉଛି ଯେ ସେମାନେ ନିଜ ଅଞ୍ଚଳର ବିଭିନ୍ନ ପଶୁପକ୍ଷୀ ଓ ସରୀସୃପକୁ ଅନୁକରଣ କରି ତାଙ୍କ ନୃତ୍ୟର ବିଭିନ୍ନପାଳି କରି ଥାନ୍ତି ।

ସାପପାଳି - ଏହି ନୃତ୍ୟରେ କେତେକ ସ୍ତ୍ରୀଲୋକ ଭୂଇଁରେ ଆଣ୍ଠେଇ ଗୋଟିଏ ସିଧା ଧାଡିରେ ନିଜ ମୁଣ୍ଡଗୁଡିକୁ ସାମନା ପାଖକୁ ବଙ୍କାଇ ଭୂଇଁଆଡକୁ

ଦେଇଥାନ୍ତି । ଭୂଇଁରେ ମୁଣ୍ଡଟି ମାନ ଲାଗେ ନଲାଗେ । ବାଦ୍ୟର ସୁରେ ସୁରେ ମୁଣ୍ଡଟିମାନ ଏପାଖ ସେ ପାଖ ହଲାଇ ସାପର ବଙ୍କାଟଙ୍କା ଗତିକୁ ଅନୁକରଣ କରିଥାନ୍ତି । ବୋଡାସାପ ପାଳି ମଧ୍ୟ ସେମାନଙ୍କ ନୃତ୍ୟରେ ରହିଥାଏ ।

ବାଘପାଳି ନାଟ- ଏହି ନାଟ ମଧ୍ୟ ଏକ ଆକର୍ଷଣୀୟ ପାଳି । କେତେକ ଯୁବତୀ ନଇଁ ନଇଁ ହରିଣ ଚରୁଥିବା ଦୃଶ୍ୟକୁ ଅନୁକରଣ କଲାବେଳେ ପୁରୁଷମାନେ ବାଘ ଯେପରି ଆକ୍ରମଣ କରେ ସେହିପରି ଭଙ୍ଗୀକରି ନାଚନ୍ତି ।

ଭାଲୁପାଳି - କେତେକ ସ୍ତ୍ରୀଲୋକ ନୃତ୍ୟ କରୁଥିବାବେଳେ ଜଣେ ପୁରୁଷ ଭାଲୁ ଆକ୍ରମଣ କରିବା ପରି ଭଙ୍ଗୀ ଦେଖାଏ ।

ମିରିଗ ନାଟ ପାଳି- କେତେକ ସ୍ତ୍ରୀଲୋକ ମିରିଗ ଚରୁଥିବା ପରି ନୃତ୍ୟ କଲାବେଳକୁ ଜଣେ ପୁରୁଷ ଯେପରି ତୀରମାରେ ସେହିପରି ଭଙ୍ଗୀରେ ନୃତ୍ୟ କରନ୍ତି ।

ହାତୀପାଳି ନାଟ- କେତେକ ସ୍ତ୍ରୀଲୋକ ମୁହଁରେ ଗୋଟିଏ ଗୋଟିଏ ଲୁଗା ଓହଳାଇ ହାତୀର ଥୋଡପା ପରି କରିଥାନ୍ତି ଏବଂ ପିଠିରେ ଜଣେ ଜଣେ ପିଲାଙ୍କୁ ହାତୀରେ ବସିବା ପରି ନାଚନ୍ତି ।

ଗୀଧପାଳି ନାଟ- ଗୀଧମାନେ ମଢ଼ପାଖରେ ଚକ୍ରାକାର କାଟିବା ପରି ଏହି ନୃତ୍ୟରେ ଅନୁସରଣ କରାଯାଏ ।

ଗୁଣ୍ଡୁରି ପାଳି- ଗୁଣ୍ଡରୀ ପରି ଗୋଟିଏ ଛୋଟ ପକ୍ଷୀକୁ ଅନୁସରଣ କରି ଓ ନୃତ୍ୟ କରାଯାଇଥାଏ ।

ସଂପ୍ରତି ଉକ୍ତପାଳି ସହ ଋଙ୍ଗୁନୃତ୍ୟ ପ୍ରାୟ ଲୋପ ଗଲାଣି । କେବଳ କୌଣସି ବଣପାହାଡ ଘେରା ଦୂର ଦୂରାନ୍ତର ଗ୍ରାମରେ ବରାଦଦେଲେ ଋଙ୍ଗୁନୃତ୍ୟ ସମ୍ଭବ ହେବ । କେତେକ ସରଳ ବାଦ୍ୟଯନ୍ତ୍ର ସହାୟତାରେ ନିଜେ ଫାନ୍ଦିଥିବା ଛୋଟ ଛୋଟ ଗୀତରେ ସ୍ୱରଦେଇ ସେମାନେ ନୃତ୍ୟ କରନ୍ତି । ନୃତ୍ୟ ଏମାନଙ୍କ ଜୀବନର ଏକ ଅଙ୍ଗ । ଯାହା ପରମ୍ପରା କ୍ରମେ କେଉଁ ଆନାଦିଯୁଗରୁ ଗଡି ଆସିଛି ।

# ପାଉଡି ଭୂୟାଁ ଘୁଙ୍ଗୁ ସଙ୍ଗୀତ

ଶିରରାମ ରାମ କିରେ ଶିରିରାମ ରାମ- ୨ଥର

ଘୁଙ୍ଗୁ ସଙ୍ଗେ ବନ୍ଧିନେବା ପୃଥିବୀର ବଡାମ -୨ଥର

ଆମ ଖିଆ କାଡି କିରେ ଶାଗକଟା କାତି-୨ଥର

ଘୁଙ୍ଗୁ ସଙ୍ଗେ ବନ୍ଧିନେବା ବଡାମାର ନାତି -୨ଥର

ଢିବି ଢିବି ନିଶାଣ ବାଇଦ ଦେଲେ ଟୁକ -୨ଥର

ବାଇଦ ଦେଲେ ଟୁକ -୨ଥର

ପ୍ରଥମେ ବନ୍ଧିବାରେ ଓଡିଶା ଜଗନ୍ନାଥ

ବନ୍ଧିବା ବନ୍ଧିବାରେ ଡାଳ ଚଉରାଣୀ ପତ୍ର ଚଉରାଣୀ

ଇନ୍ଦ୍ରଘର କଳାମେଘ ଚଉଦିଗ ଘହିଁ

ଦ୍ୱିତୀୟ ବନ୍ଧିବାରେ ଗାଁ ଗାଇଁଶିରୀ ଗାଁ ଗାଇଁଶିରୀ

(୨)

ଡିବି ଡିବି ବାଇଦ ଦେଲେ ଟୋକ

ପ୍ରଥମେ ବାନ୍ଧିବାରେ ଓଡିଶା ଜଗନ୍ନାଥ

ବନ୍ଧିବା ବନ୍ଧିବା ଆମେ ଡାଳ ଚଉରାଣୀ

କିରେ ପତ୍ର ଚଉରାଣୀ

ଇନ୍ଦ୍ରଠାରେ କଳାମେଘ ଚଉଦିଗ ଘହିଁ

ବଡ ବଡ ହନୁମନ୍ତ ପାରସୁରନ୍ତି ନାମ

ସୁଉଁରନ୍ତି ନାମ

ଲାଖ ବିନ୍ଧି ଗଲେରେ ପଣ୍ଡିତ ଅରଜୁନ୍

(୩)

ବନ୍ଦଇ ଶ୍ରୀ ଗଣନାଥ ଗଉରୀ ନନ୍ଦନ ।

ବପୁଳେ ଶୋଭିତ ଧନ ଶ୍ରୀଖଣ୍ଡି ଚନ୍ଦନ ॥

କପୁଳେ ଶୋଭିତ ଧନ ଆଣିବାର ସେବା ।

ପ୍ରସନି ହୋଇନ ବାବୁ ପଦେ କହି ଦେବା ॥

ପ୍ରସନି ହୋଇଣ ବାବୁ ଥିଲା ମୋର ନାମ ।
ଲାଖ ବନ୍ଧି ଗଲେରେ ପଣ୍ଡିତ ଅରଜୁନ୍ ।
ସିଆଳି ଲତାରେ କୃଷ୍ଣ ଖେଳୁଛନ୍ତି ଦୋଳି ।
ମୃଗ କାନ ପ୍ରାଏରେ ଦିଶଇ ପାଦ ଯୁଳି ॥

(୪)

ଡାଳ ଗଲା ସରଗକୁ ଚେରଗଲା ପାତାଳକୁ
ଭଲଭଲ ଲୋକମାନେ ଭୂମିରେ ଯେ ଗଲେ ଲୁଚି
ନୂଆ ବହୁ କାନ୍ଦୁଛନ୍ତି ।
ଡାଳଗଲା ସରଗକୁ ଚେରଗଲା ପାତାଳକୁ
ଭଲ ଭଲ ଲୋକମାନେ ଅଣ୍ଟାରେ ଯେ ଟଙ୍କା ଖସି
ନୂଆ ବହୁ କାନ୍ଦୁଛନ୍ତି
ବଣେ ରସାନନ୍ଦ ଋନ୍ଦ ରାଧା ପାଦେ ଯାଇକର
ଫୁଲଗଲା ବନାରସୀ
ଭାଇବନ୍ଧୁ କାନ୍ଦୁଛନ୍ତି ।

(୫)

କାଖେ କୁମ୍ଭ ଘେନି ଗଲେ ନବିନା
ଆସରେ ସଖିମାନେ କିଏ ଯିବ ଯମୁନା
ଜଣେ ପିନ୍ଧେ ନାଲି ଶାଢୀ ଜଣେ ପିନ୍ଧେ କଳାଶାଢୀ
ଗୋଡରେ ଖୁଣ୍ଟିଆ ତୋର ଋମୁଝୁମୁ ଶୋଭେନା
ଆସରେ ସଖିମାନେ କିଏ ଯିବ ଯମୁନା
ଫୁଟିଛି ଚମ୍ପାଫୁଲ ଫୁଟିଛିରେ ମଲ୍ଲିଫୁଲ
ଫୁଟିଛି ଚମ୍ପାଫୁଲ ଗୋଟେ ତୋଳି ଦେବନା
ଆସରେ ସଖିମାନେ କିଏ ଯିବ ଯମୁନା
ଫୁଟିଛିରେ ମଲ୍ଲିଫୁଲ ଗୋଟେ ତୋଳି ଦେବନା
ଆସରେ ସଖିମାନେ କିଏ ଯିବ ଯମୁନା

(୬)

ବାଟରେ ବେଣୁଆ କିଗୋ ବାଟରେ ବେଣୁଆ
ଆଜି ତୁମ ସେହିଠିକି ଯାଉଛୁ କେଣୁଆଁ
ବାଟରେ କରାଇ କିଗୋ ବାଟରେ କରାଇ
ତୁମେ ତନ ବାରିଅଛ ଯାଉଛୁ ପଳାଇ
କାଉ କଟରିଲା ଗୋ କାଉ କଟରିଲା
ଆମେ ତ ଦୂରିଆ ଲୋକ ଜୋଡା ମନ୍ତରିବା

(୭)

ଭାଙ୍ଗି ଭାଙ୍ଗି ଏପତରି ଖୁଜୁରି ଡିଆ ଡାଙ୍ଗଳି
ହୁରିଆ ଟପରା କଥା ନାହିଁ ସହନ୍ତି କିଗୋ ନାଇଁ ବୁଝନ୍ତି
ପିଲା ଅବଳାମାନଙ୍କୁ ଦିଅନ୍ତି ଗାଳି ଖୁଜୁରୀ ଡିଆ ଡାଙ୍ଗଳି
ଅଛନ୍ତିରେ ମେରୁ ମେରୁ ଅଛନ୍ତିରେ ଅଧେ ସୁରୁ
ଏବା ଜଣେ କଥାକୁହା ସରୁଟୁକୁଳି ଖୁଜୁରୀ ଡିଆ ଡାଙ୍ଗଳି
ଜନେ ରସାନନ୍ଦ ଚନ୍ଦ ରାଧା ପାଦେ ଯାଇ କର
ଏ ଗୀତ ବନାଇଥିଲା ଶୁକଳ ଗିରି, ଖୁଜୁରୀ ଡିଆ ଡାଙ୍ଗଳି ।



# ଖଡ଼ିଆ ଓ ଋଙ୍ଗୁ ସଙ୍ଗୀତ

ଖଡ଼ିଆମାନେ ସାଧାରଣତଃ ଶିମିଳିପାଳ ଅଭୟାରଣ୍ୟର ଉଚ୍ଚମାଳ ଅଞ୍ଚଳରେ ବସବାସ କରନ୍ତି । ମହୁ, ଅଠା, ଲାଖ ଓ ପାଳୁଅ ସଂଗ୍ରହ କରିବାରେ ସେମାନେ ନିପୁଣ । ଓଡିଶାର ୬୨ ଜନଜାତିଙ୍କ ମଧ୍ୟରୁ ଖଡ଼ିଆ ଅନ୍ୟତମ । ପାହାଡ ଗୁମ୍ଫାରେ ଶ୍ରୀ ଜଗନ୍ନାଥଙ୍କୁ ପୂଜା କରୁଥିବା ବିଶ୍ୱାବସୁ ଶବରର ବଂଶଧର ବୋଲି ନିଜର ପରିଚୟ ଦେଇ ଖଡ଼ିଆମାନେ ଗର୍ବ ଅନୁଭବ କରନ୍ତି ।

ଖଡ଼ିଆମାନେ ନିଜ ସମାଜ ଓ ଗୋଷ୍ଠୀ ମଙ୍ଗଳ କାମନା କରି ଆଧିଭୌତିକ ତଥା ଅଲୌକିକ ସତ୍ତାକୁ ସନ୍ତୁଷ୍ଟ କରିବା ନିମନ୍ତେ ବିଭିନ୍ନ ପର୍ବପର୍ବାଣୀର ଆୟୋଜନ କରନ୍ତି । ନୂଆ ଖିଆ, ରଜ, ମକର, ପୁଷପରବ, ଓ ଚଇତି ପରବ ଖଡିଆମାନଙ୍କର ମୁଖ୍ୟ ପରବ । ଏହିସବୁ ପର୍ବରେ ସେମାନେ ଋଙ୍ଗୁ ବଇଁଶୀ ଓ ନାଗରା ଆଦି ବାଦ୍ୟ ବଜାଇ ଆନନ୍ଦରେ ନାଚନ୍ତି ।

ଶିମିଳିପାଳରେ "ଅଠର ଦେଉଳ" ଗୋଟିଏ ପବିତ୍ର ପୀଠ । ଶାଳବୃକ୍ଷ ଦ୍ୱାରା ପରିବେଷ୍ଟିତ ଏହି ପୀଠରେ ବଡାମ ଦେବତା ପୂଜିତ । ଶିମିଳିପାଳର ପ୍ରମୁଖ ଦେବତା ଏଇ ବଡାମ, ଖଡ଼ିଆ ମାନଙ୍କର ବିଶ୍ୱାସ ବଡାମ ଦେବତା ସନ୍ତୁଷ୍ଟ ହେଲେ ସବୁ ମନୋବାଞ୍ଛା ପରିପୂର୍ଣ୍ଣ ହୁଏ ।

ଫସଲ ଉତ୍ପାଦନପରେ ଓ ଠାକୁରାଣୀ ପୂଜା ସମୟରେ ଋଙ୍ଗୁ ବାଦ୍ୟ ବଜେଇ ଖଡିଆମାନେ ନୃତ୍ୟଗୀତରେ ନିଜକୁ ହଜେଇ ଦିଅନ୍ତି । ଋଙ୍ଗୁ ଏକ ବୃତ୍ତକାର ଗାଦ୍ୟ । ଏଥିରେ ଟିଣର ଛୋଟ ଛୋଟ ଓ ଗୋଲ ଗୋଲ ଗିନି ଯୋଡ଼ି ଯୋଡ଼ି ହୋଇ ରହିଥାଏ । ଶିମିଳିପାଳର ବଡାମ ଦେବତା ଋଙ୍ଗୁପ୍ରିୟ । ପୁରୁଷମାନେ ଋଙ୍ଗୁବାଦ୍ୟ ବଜାନ୍ତି । ମହିଳା ଓ କିଶୋରୀମାନେ ଗୀତ ଗାଇ ଗାଇ ନାଚନ୍ତି । ନୃତ୍ୟ ଆରମ୍ଭରେ ବଡାମ ଦେବତାଙ୍କ ତୁଷ୍ଟିବିଧାନ ଉଦ୍ଦେଶ୍ୟରେ "ଋଙ୍ଗୁ ବନ୍ଦନା" କରାଯାଏ । ଋଙ୍ଗୁର ଅନ୍ୟ ନାମ ଋଙ୍ଗାଲ ବା ବାଇ କୁଣ୍ଡଳ ।

(୧)

ବନ୍ଦଇଁ ବନ୍ଦଇଁ ଚଉଦିଗ ବନ୍ଦଇଁ
ବନ୍ଦୁଅଛି ବସୁମତି ।
ବାଇ କୁଣ୍ଡଳ ବନ୍ଦନା କରୁଛି
ଆଗେ ପୂଜା ଗଣପତି ॥

(୨)

ଶିମିଳି ପାହାଡରେ ଶିମିଳି ଲଟା ।

ଘଙ୍ଗୁ ବାଦ୍ୟ ଖଣ୍ଡି ଗଢିଛି ବିଧାତା ॥

(୩)

ମା ଗୋ କାଳିକା ହୋଇଥିବ ସାହା

ମାରିବି ଲଙ୍କା ନୃପତି

ଗଣ୍ଡା ଗଣ୍ଡା ବୁଦା ତରୁଆଳି ଛେଦା

ଆଣି ତ ରଖିବି କତି ॥

(୪)

ତାନା ନାନା ନାରେ ନାରେ ନାରେ

ଏକ ଅକ୍ଷର ବିନା ମହିରେ ନାହିଁ ଭଜନ

ଗୁଣ୍ଡିଚ ନାକରେ ସୁନା ପଗଡି

ନେଉଳ ନାକରେ ଚଣା

ମଞ୍ଜରି ଧରେ ବିଞ୍ଚଣା

ଏକ ଅକ୍ଷର ବିନା ମହିରେ ନାହିଁ ଭଜନ

ଢେଙ୍କିକୁ ହେଲା କାଶ ଶର୍ଦ୍ଦି

କୁଲାକୁ ହେଲା ଜ୍ୱର

ଘଞ୍ଚୁଣି ଯାଇଛି ବୈଦ୍ୟ ଡାକି

ଏକ ଅକ୍ଷର ବିନା ନାହିଁ ଭଜନ

(୫)

ଯାହାକୁ ବୁଲୁଛ କାଶୀ ବିଶ୍ୱନାଥ

ଓଡିଶାରେ ଜଗନ୍ନାଥରେ

ସେଇତ ବଡାମ ଦେବ ଅନୁପମ

ଶିମିଳି ପାହାଡ ରହିରେ ॥

ଘଙ୍ଗୁ ବାଦ୍ୟତାଳ–

ଛାଇ ଘିନି ଘିନି ଛାଇ

ଛାଇ ଘିନି ଘିନି ଛାଇ

ଛୁଆକେ ପକେଇ ମନ୍ନେଇ ଘିନ୍

# ଲୋଧା ଆଦିମ ଜନଜାତି ଓ ଋଙ୍ଗୁ ସଙ୍ଗୀତ

ଓଡିଶାର ଅନ୍ୟତମ ଆଦିମ ଜନଜାତି ହେଉଛନ୍ତି ଲୋଧା ଜନଜାତି । ସେମାନଙ୍କ ପୂର୍ବଜମାନେ ଶବର ଶ୍ରେଣୀ ଅନ୍ତର୍ଭୁକ୍ତ ଥିଲେ । ବ୍ରିଟିଶ ଶାସନ ଅମଳରେ ଏମାନଙ୍କୁ ଅପରାଧ ପ୍ରବଣ ଗୋଷ୍ଠୀ ଭାବରେ ଘୋଷଣା କରାଯାଇଥିଲା । ସ୍ୱାଧୀନତା ପରେ ଭାରତ ବର୍ଷରେ ୧୯୫୨ ମସିହାରେ ସମ୍ବିଧାନକୁ ସଂଶୋଧନ କରାଇ ଲୋଧାମାନଙ୍କୁ ସାଧାରଣ ଭାରତୀୟ ନାଗରିକର ମର୍ଯ୍ୟାଦା ପ୍ରଦାନ କରାଯାଇଛି । ମାତ୍ର "ଥରେ ଅପରାଧୀ ସବୁବେଳେ ଅପରାଧୀ" ନ୍ୟାୟରେ ଲୋଧାମାନଙ୍କ ପ୍ରତି ଲୋକମାନଙ୍କର ମାନସିକତାରେ ଥିବା ମନୋଭାବରେ ପରିବର୍ତ୍ତନ ଆସିନାହିଁ । ପଡୋଶୀମାନେ ଲୋଧାମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ଦ୍ୱାରା ସେମାନଙ୍କ ସାମାଜିକ ଅବସ୍ଥାରେ ଦୀନତା ଦେଖାଦେଇଛି ।

ଲୋଧାମାନେ ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାର ମୋରଡା ଓ ଶୁଳିଆ ପଦା ବ୍ଲକ୍ ଅଞ୍ଚଳରେ ବସବାସ କରନ୍ତି । ଲୋଧାମାନେ ଭାରତୀୟ ଆର୍ଯ୍ୟଭାଷା ଗୋଷ୍ଠୀର । ଏମାନଙ୍କ ଭାଷା ହେଉଛି-କୁଡ଼ମାଲି-ଓଡିଆ-ମୁଣ୍ଡା ଭାଷା । ପ୍ରତ୍ୟେକ ପର୍ବରେ ଲୋଧାମାନେ ନାଚଗୀତରେ ମାତନ୍ତି । ସେମାନେ ମୁଖ୍ୟତଃ ଋଙ୍ଗୁ, ଚୁସୁ, କାଠି, ସଖୀ, କରମ ଓ ଛଉ ନାଚ କରନ୍ତି ।

ଯୋଉ ନୃତ୍ୟରେ ଋଙ୍ଗୁ ବାଦ୍ୟଯନ୍ତ୍ର ବଜାଯାଏ, ତାକୁ ଋଙ୍ଗୁନୃତ୍ୟ କୁହାଯାଏ । ଏହି ନୃତ୍ୟରେ ଉଭୟ ଯୁବକ ଯୁବତୀ ଅଂଶ ଗ୍ରହଣ କରନ୍ତି । ପୁଅଦଳ ଓ ଝିଅଦଳ ପରସ୍ପର ମୁହାମୁହିଁ ହୋଇ ଦଳବଦ୍ଧ ଭାବରେ ହାତଧରି ପରସ୍ପର ଆଗକୁ ଓ ପଛକୁ ଗତିକରି ଗୀତ ବାଦ୍ୟ ତାଳରେ ନୃତ୍ୟ କରନ୍ତି । ପୁରୁଷମାନେ ଋଙ୍ଗୁ, ବାଇକୁଣ୍ଡଳ ବା ଋଙ୍ଗୁଲି ବଜାନ୍ତି । ଲୋଧାଯୁବକମାନେ ଗୋଟିଏ ଲମ୍ବା ଧାଡିରେ ବିଭିନ୍ନ ଅଙ୍ଗଭଙ୍ଗୀ କରି କେତେବେଳେ ବୃତ୍ତ ସୃଷ୍ଟି କରି ନାଚନ୍ତି । ନାଚରେ ଯୁବକଙ୍କ ସହିତ ବୟସ୍କ ଲୋକେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି । ନାଚ ଆରମ୍ଭରେ ଡାହାଣ ପାଦ ପ୍ରଥମେ ଓ ପରେ ପରେ ବାମପାଦ ଉଠେ । ନାଚର ତାଳେ ତାଳେ ବାଇକୁଣ୍ଡଳ ବାଜେ । ନାଚ ଓ ଗୀତରେ ଶେଷାଂଶରେ ବାଇକୁଣ୍ଡଳ କ୍ଷିପ୍ର ଗତିରେ ବାଜେ ।

ଋଙ୍ଗୁ ନାଚରେ ଖୁବ୍ କମରେ ପାଞ୍ଚଜଣ କୁମାରୀ (ଚୁକୁଳି) ନାଚ କରନ୍ତି ନିଜ ଗାଁର ଝିଅମାନେ ନାଚ ଜାଣି ନଥିଲେ ପାଖ ଗାଁରୁ ଝିଅମାନଙ୍କୁ ଅଣାଯାଇ ଏ ନାଚ କରିବା ପରମ୍ପରା ଲୋଧା ସମାଜରେ ରହିଛି । ମା ଶୀତଳାଙ୍କ ବାର୍ଷିକ ପର୍ବରେ ଋଙ୍ଗୁନାଚ ଅନୁଷ୍ଠିତହୁଏ ।

ଲୋଧାମାନଙ୍କର ନିଜ ଗୋଷ୍ଠୀର ନିର୍ମିତ ବାଦ୍ୟଯନ୍ତ୍ର ହେଉଛି ଋଙ୍ଗୁଲି ବା ବାଇକୁଣ୍ଡଳ । ଏହା ଋଙ୍ଗୁ ନାଚରେ ବାଜେ । ମୁଠା ପାଉଥିବା 'କରାହାଟ' ଗଛର କାଠ ଗଡଟିଏ ଆଣି ଛେଲି ଦେଇ ତାକୁ କରତରେ ଦୁଇଫାଳ କରି ଦୁଇ ତିନି ଦିନ ପାଣିରେ ପକାଇ ରଖିବାକୁ ହୁଏ । ପାଣିରୁ ଉଠାଇ ଆଣି କାଠ ଫାଳରେ ଗୋବର ମଣ୍ଡ ମୋଟା ଆକାରରେ ଲିପି ନିଆଁ ଜାଳି ଗରମ କରିବାକୁ ହୁଏ । ମାଟିରେ ଗୋଟିଏ ଗୋଲାକାର ଗାତକରି ତା ମଧ୍ୟରେ ସେଠି କାଠର ଫାଳକୁ ପୋତି ରଖିବାକୁ ହୁଏ । ତିନି ଋରିଦିନ ପରେ କାଠର ପାତଟି ଶୁଖିଗଲେ ତାହା କାଢିଆଣି କମାର ଘରକୁ ନେଇ ବାଘିଆ ମାରିବାକୁ ହୁଏ । ଲୁହା କଣ୍ଟାକୁ ଗରମ କରି କାଠର ପାତରେ ପୋଡି କଣାକରି ବାଉଁଶର ଖିଲ ମାରିବାକୁ ହୁଏ । ବୃତ୍ତକାର କାଠିଟିର ମଝିର ୧ ଇଞ୍ଚ ବ୍ୟବଧାନରେ । ବାଉଁଶର ଖିଲ ମାରିବାକୁ ହୁଏ । ଶୁଖିଲା ଛେଳି ଚମଡା ଆଣି ସେହି ବୃତ୍ତାକାର କାଠଟିର ଫ୍ରେମ୍ ଉପରେ ବିଛାଇ ଋରି ପାଖରେ ବାଉଁଶର ଖିଲ ମାରି ଆଣ୍ଟି ରଖାଯାଏ । ଯନ୍ତ୍ରଟିର ମଝିର ମଝିରେ ୪/୫ ଝାଲ ଘୁଙ୍ଗୁର ଓ ଝୁମୁକା ବନ୍ଧାହୁଏ । ଶୁଖିଲା ଛେଳି ଚମଡାର ଲୋମ ଋଞ୍ଚି ସଫା କରାଯାଏ । ଏହାପରେ ଯନ୍ତ୍ରଟିର ନିର୍ମାଣ ଶେଷ ହୁଏ ଏବଂ ଏହା ବଜାଇବା ପାଇଁ ଉପଯୋଗୀ ହୋଇଥାଏ ।

ଋଙ୍ଗୁ ନୃତ୍ୟର ଆରମ୍ଭ ବେଳ-ବନ୍ଦନା ଗୀତ

ଋଙ୍ଗୁ ଦହଲିଆରେ ଋଙ୍ଗୁ ଦହଲିଆ
ପ୍ରଥମ ବନ୍ଦନାକର ବଡାମ କାଲିଆରେ
ଋଙ୍ଗୁ ଦହଲିଆରେ ଋଙ୍ଗୁ ଦହଲିଆ
ଦ୍ୱିତୀୟ ବନ୍ଦନା କର ସଭା ସଦଜନ
ଋଙ୍ଗୁ ଦେଖିବାରେ ବଳାଏ ଯେମନ
ଋଙ୍ଗୁ ଦହଲିଆରେ ଋଙ୍ଗୁ ଦହଲିଆ ।

ଅନ୍ୟ ଲୋଧା ଋଙ୍ଗୁ ଗୀତ

(୨)

କହିଲେ ତା ମାନେ ନା
ଚୁଲେ ଧରି ଧରି ଟାନେ ଯମୁନାରେ ଘାଟେ
ଦହି ଦୁଧ ହ ଶାଙ୍କା ଶାଢୀ ହ
ଶ୍ୟାମ ଲୁଟି ଲେଲା ହ ଯମୁନାର ଘାଟେ
ସବାୟ ଲୁଟି ଲେଲାହ ଯମୁନାର ଘାଟେ

(୩)

କଦମ ଡାଲେ ଡାଲେ
ଆମ ବନ୍ତର ଦହେ ଶ୍ୟାମ ଗେଲେ
ବଲେ ଆର୍ ଦିହନା ଦିକୁ ଜାଲା
ଘରକେ ଗେଲେ ଖାତେ ଦିବ
ବାଲି ଭାଜା ଚିଳାରେ
ନନ୍ଦେର ବେଟା ଚିକ୍କନ କାଲା
କଦମ ଡାଲେ ଇଲି ଗୋ

(୪)

ଝାଟି କାଟାମ୍ ଜାତା କାଟାମ୍ ବେଳେହେ ବାମ୍
ଖିଳିକି ଦୁଆରେ ମରିଗି ପାଲାଏ
ଉଠ ଶାମ୍ ଧର ତେରୁଆଲ୍
ମିରିଙ୍ଗି ପାଲାୟେ
ତେରୁଆଲ୍ ଝିକିମିକି ରକତେ
ଖିଡିକି ଦୁଆର ବାଟେ ଖିଡିକି ଦୁଆର ବାଟେ
ମିରିଗି ପାଲାଏ
ରକ୍ତେ କନ୍ ବହେ ରକ୍ତେ କନ୍ ବହେ
ଉଠଶାମ ଧର ତେରୁଆଲ୍

(୫)

ନଇଘାଟେ ବେଳ ଯେ ବୁଡିଲା
କାଇଁରେ ନାଉରିଆ ଭାଇ
ଅଛି ଅଛି ନାଉରିଆ ଭାଇ
ପାରି କରି ଦିବା
ଆଗୁର ମଙ୍ଗେ ବସଲ ଧୃତିକା
ପଛୁର ମଙ୍ଗେ ବସଲ ରାଧିକା
ପାରିକରିଦିବ ଆମି
ପାରିକରା ପଇସା ମାଗୁଛି
ଲିବ କାନେ ସୁନା
ନଦୀ ଘାଟେ ବେଳ ଯେ ବୁଡିଲା ।

# ବାଥୁଡି ଝୁଙ୍କୁ ସଙ୍ଗୀତ

ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଭାରତୀୟ-ଆର୍ଯ୍ୟଭାଷା ମୟୂରଭଞ୍ଜ ଓଡିଆ ଭାଷା କହୁଥିବା ଆଦିବାସୀ ମାନଙ୍କ ମଧ୍ୟରେ ବାଥୁଡି ଆଦିବାସୀଙ୍କ ସ୍ଥାନ । ଏମାନେ ହିନ୍ଦୁଧର୍ମାବଲମ୍ବୀ ।

ଝୁଙ୍କୁ ବାଦ୍ୟଯନ୍ତ୍ରକୁ ବାଇକୁଣ୍ଡଳ ମଧ୍ୟ କୁହାଯାଏ ଓ ଝୁଙ୍କୁନୃତ୍ୟ ମଧ୍ୟ ବାଇକୁଣ୍ଡଳୀ ନୃତ୍ୟ ରୂପେ ବାଥୁଡି ସମାଜରେ ପରିଚିତ । ଏହି ନାମକରଣକୁ ନେଇ କେତେକ ବିଦ୍ୱାନ ମତ ଦିଅନ୍ତି । ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ପରେ ଶିବ, ଅପସରା ମାନଙ୍କ ସହ, କୁଣ୍ଡଳୀ ନୃତ୍ୟ କରିଥିଲେ ଏବଂ ଝୁଙ୍କୁ ଶିବଙ୍କ ଡମ୍ବରୁର ପରବର୍ତ୍ତୀ ବିକାଶ । ଝୁଙ୍କୁବାଦ୍ୟ ଯନ୍ତ୍ରଟିର ପ୍ରସ୍ତୁତିରେ ଝୁଙ୍କୁର ଖୋଳ ତେନ୍ତୁଳି, ଧଅ ଓ ବର ଆଦି ଗଛର କାଠରୁ ପ୍ରସ୍ତୁତ ହୁଏ । ଏହାକୁ ବନ୍ୟଜନ୍ତୁ ସମ୍ବର, ହରିଣ ଓ କୁଟାରୀଙ୍କ ଚମଡା ଦ୍ୱାରା ଛାଉଣୀ କରାଯାଉଥିଲା । ଏବେ ବନ୍ୟଜନ୍ତୁଙ୍କୁ ମାରିବା ନିଷେଧ ହେବାରୁ ଛେଳି ଚମଡାରେ ଝୁଙ୍କୁ ତିଆରି ହେଉଛି । ଝୁଙ୍କୁର ଶବ୍ଦକୁ ଶ୍ରୁତିମଧୁର କରିବା ପାଇଁ ଦୁଇଟି ଲଗାଯାଏ । ଏହାକୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପ୍ରତୀକ ରୂପେ ବିବେଚନା କରାଯାଏ । ବାଥୁଡିମାନଙ୍କ ସାମାଜିକ ଓ ଧାର୍ମିକ ଜୀବନରେ ଝୁଙ୍କୁ ଏକ ଅବିଛେଦ୍ୟ ଅଙ୍ଗ ହୋଇ ରହିଆସିଛି ।

ଝୁଙ୍କୁନୃତ୍ୟ ଲାଳିତ୍ୟ ପୂର୍ଣ୍ଣ ଓ ଉପଭୋଗ୍ୟ । ପୁରୁଷମାନେ ଝୁଙ୍କୁ ଗୀତ ଗାଇ ଗାଇ ଝୁଙ୍କୁ ବଜାନ୍ତି । ନର୍ତ୍ତକୀମାନେ ନଇଁ ନଇଁ ନୃତ୍ୟ ପରିବେଷଣ କରନ୍ତି । ଝୁଙ୍କୁ ନୃତ୍ୟରେ ଝୁଙ୍କୁବାଦକ ମାନେ ନିଜେ ଗୀତ ବୋଲି ଝୁଙ୍କୁ ବଜାଇଥାନ୍ତି । ନର୍ତ୍ତକୀମାନଙ୍କୁ ଘେରିଯାଇ ଝୁଙ୍କୁଆମାନେ ବୃତ୍ତାକାରରେ ପ୍ରଦକ୍ଷିଣ କରନ୍ତି । ବଡାମ ଠାକୁର ବାଥୁଡି ଜାତିର ମୁଖ୍ୟ ଉପାସ୍ୟ ଦେବତା । ଏଣୁ ଝୁଙ୍କୁ ନୃତ୍ୟଗୀତ ବଡାମ ଠାକୁରଙ୍କୁ ଉପଜୀବ୍ୟ କରି ଗଢ଼ିଉଠିଛି । ଏଣୁ ଝୁଙ୍କୁ ନୃତ୍ୟରେ ଭକ୍ତିରସର ପ୍ରାବଲ୍ୟ ଦେଖିବାକୁ ମିଳିଥାଏ ।

ବାଥୁଡିମାନଙ୍କର ବଡାମ ପୂଜାରେ ଝୁଙ୍କୁବାଦ୍ୟ, ନୃତ୍ୟ ଗୀତ ତାଳେ ତାଳେ ବାଥୁଡି ତରୁଣୀ (ଆଙ୍କିଡି) ନିଜକୁ ଘୋଡେଇ ହୋଇ ନୃତ୍ୟ କରିଥାଏ ।

ଆଲୋ ଆଲା ବଡାମ ରାଜା
ତୋ ଦେଉଳେ ଉଡୁଛି ଧୋଜା
ଡାକୁଛି ଭକତ ଥରେ ଝଲିଆ (ଘୋଷ)

ବାଥୁଲି ଜାତିର ତୁଇ ମଉଡ଼ମଣୀ
ସଭିଙ୍କର ମନତୁଇ ନେଉଛୁ କିଣି (ଘୋଷା)
ନିତି ଶନିବାର ତୋତେ କରୁଛୁ ପୂଜା
ଆଲୋ ଆଲୋ ବଡାମ ରାଜା
ତୋ ଦେଉଳେ ଉଡୁଛି ଧୋଜା
ଡାକୁଛି ଭକତ ଥରେ ଚଲିଆ
ଧବ ଫର ଫର ଭକ୍ତ ଧାଳିକି ଧାଳି
ନାଚୁଣୀ ନାଚଇ ମୁଣ୍ଡେ ଦେଇ ଓଡଣୀ (ଘୋଷା)
ଶଙ୍ଖ କରତାଳି ପଡୁଥାଏ ଉଛୁଳି
ଘଙ୍ଗୁଆ ବଜାଇ ଘଙ୍ଗୁ ଆହାକି ମଜା
(୨)
ଶିରି ରାମ ରାମ ଗୋବିନ୍ଦ ରାମ ରାମ
ଶୀତଳ ବଉଳ ମୂଳେ ଦଣ୍ଡେ ବିଶିରାମ
ଓଡିଶାର ଜଗନ୍ନାଥ ଖାଡଖଣ୍ଡେ ବଡାମ
ଶିରି ରାମ ରାମ ଯେ ଗୋବିନ୍ଦ ରାମ ରାମ
(୩)
ଭୋ ଦେବ ମଣିମା ଶୁଣ ବିଲଙ୍କା ଈଶ୍ୱର
ସପ୍ତଶିରି ମନ୍ତାମଲା ଯୁଦ୍ଧରେ ତୋହର
ଅନେକ ସମର କରି ମଲା ମନ୍ତୀବର
ବାଣେ କାଟି ପକାଇଲା ତାଙ୍କୁ ରଘୁବୀର
(୪)
କୁଟିନି ଅକତା ବଲଇଁ କୁଟିନି ଅକତାନା
ଏପରି ବନ୍ଦାଣ ଲାଗେ ବାସୁକୀ ଧର୍ମ ଦେବତାନା
ପାଚିଲା କୁନ୍ଦୁରି ବଲଇଁ ପାଚିଲା କୁନ୍ଦୁରିନା
ଏପରି ବନ୍ଦାଣ ଲାଗେ ଭୂଇଁ ବାସୁନ୍ଦେରୀ ନା
କାଟିଲା ନଙ୍ଗଳ ମୁଣ୍ଡା ବଲଇଁ ନଙ୍ଗଳ ମୁଣ୍ଡାନା
ଏପରି ବନ୍ଦାଣ ଲାଗେ ବଡାମର ବୁଢାନା
ନୂଆ ପୋଖରୀ ଗୁଡି ବଲଇଁ ନୂଆ ପୋଖରୀର ଗୁଡିନା
ଏପରି ବନ୍ଦାଣ୍ ଲାଗେ ବଡାମର ବୁଢାନା

(୫)

ଟେକା ଷ୍ଟନା ଆରେ ମୋର ନୟନ ପିତୁଳା
ଟେକିଧର କୃପାସିନ୍ଧୁ ଭାସିଲା ଭେଳା
ଟଳିଗଲା ଟେକି ତାକୁ ମୋ ସାଙ୍ଗ ଧରିଲା ।

(୬)

ଝଙ୍ଗୁବାଜେ ଘାଉଁ ଘାଉଁ ନାନିଇ ମର     (ଘୋଷା)
ଖାଇବେ ମାଇଁସ ଟେଲେ ନାନିଇ ମର
କାଲିକେ ଆସିବେ ତାହା ଖାଇ ନାନିଇ ମର
ମଲ୍ଲୀଫୁଲ ଦନାଦନା କେତକି ନାନିଇ ମର
ପିନ୍ଧିନେ ଜାଣିବେ ସିନା କେତକି ନାନୀର ମର
ଝଙ୍ଗୁ ଘାଉଁ ଘାଉଁ ନାରେ ଝଙ୍ଗୁ ଘାଉଁ ଘାଉଁ
ଝଲରେ ବୁଡିନେଇ ଛାଳିବି ବେଳା ଥାଉଁ ଥାଉଁ

(୭)

ଜେମା କାନ୍ଦଇ ରସେ, ଖୁଡ଼ି ଖୁଡତା ପାଶେ
ଦେଖୁ ଦେଖୁ ଦେଇ ଦେଲ ମତେ ଦୂର ବିଦେଶେ
ଖୁଡ଼ି ବୋଲେ ଝିଆରୀ କର୍ମେଥିଲା ତୋହରି
ଦେଇଛି ବଢିଆ ବର ଦେଇଛି କରି
ଭାଇ ବୋଲେ ଭଉଣୀ ତତେ ଯିବି ଲୋ ଆଣି
ମନରେ ନକର ଚିନ୍ତା ନ କର ଭାଳେଣି
ବିଭା ଉତାରୁ ପୁଣି ବରକନ୍ୟା ମେଲାଣି
ଅତି କ୍ରୁଧ ଭରେ ଜେମା କାନ୍ଦେ ଦୁଲହଣି

(୮)

ଝଙ୍ଗୁ ନାଟରେ ଏପରି ବୋଲାଯାଏ
"ଝଙ୍ଗୁର କାଛେଣି ଝଙ୍ଗୁର କାଛେଣି
ଶଇଥିନେ ବୋହୁ ଉଠି ଆସିଆକେ
ବସିଥିନେ ବୋହୁ ଉଠି ଅଅସିଆକେ
ଝଙ୍ଗୁର କାଛେଣି"

ଢ଼ଙ୍ଗୁ ବାଦ୍ୟର ତାଳ ଏହିପରି

ଢ଼.....ଢ଼.......ଢ଼...ଘିନ୍ଦା ଘିନିଢ଼
ଘିନ୍ଦା ଘିନିଢ଼ ତାକ ଘନଢ଼, ଘିନି ଘିନିଢ଼

ଢ଼ଙ୍ଗୁ ନାଚର ଗଣପତି ବନ୍ଦନା (ବାଥୁଡି)
ଜୟଜୟ ବିଘ୍ନରାଜ ଗଉରୀ ନନ୍ଦନ
ଭୂତଳ ଉର୍ଦ୍ଧରେ ନାଥ ଇନ୍ଦୁର ବାହନ ॥
ଏକଦାନ୍ତେ ଗଜମୁଖେ କପାଳେ ସିନ୍ଦୁର ।
ଜଗତର ପୁରୁଷ ତୁ କେକରେ ଗୋଚର ॥
ଯଜ୍ଞ ବିଧି ଆରମ୍ଭିଲେ ପ୍ରଥମେ ତରପୂଜା ।
ଗଙ୍ଗାଧର ତାତ ତର ଜନନୀ ଗିରିଜା ॥



# ବିରହଲ୍ ବାଦ୍ୟ, ନୃତ୍ୟ ଓ ଗୀତ

ବିରହଲ୍ କହିଲେ ବଣ ମଣିଷକୁ ବୁଝାଏ । ବିର୍ ଶବ୍ଦର ଅର୍ଥ ବଣ ଓ ହଲ୍ ଶବ୍ଦର ଅର୍ଥ ମଣିଷ । ଏମାନେ ଓଡିଶାରେ ବିରହଲ୍, ମାଙ୍କିଡି, ମାଙ୍କିଡିଆ, ମାଙ୍କଡଖିଆ କୋଲ ରୂପେ ପରିଚିତ । ମାଙ୍କଡ ଧରିବାରେ କୁଶଳୀ ହୋଇଥିବାରୁ ଓ ମାଙ୍କଡ ମାରି ମାଙ୍କଡ ମାଂସ ଖାଉଥିବାରୁ ଏମାନଙ୍କୁ ମାଙ୍କରଡିଆ, ମଙ୍କିଡି, ମାଙ୍କିଡିଆ ଓ ମାଙ୍କଡଖିଆ କୋଲରୂପେ ଅଣ ଆଦିବାସୀ ଜାଣନ୍ତି । ଏମାନଙ୍କୁ ପଡୋଶୀ ସାନ୍ତାଳ ଓ ମୁଣ୍ଡାମାନେ ବିରହଲ, କୋହ୍ଲ, ହୋମାନେ ଏମାନଙ୍କୁ ଜମସାରାଃ ରୂପେ ଜାଣନ୍ତି । ଜମସାରାଃ ଶବ୍ଦର ଅର୍ଥ ଜମ୍-ଖାଇବା, ସାରା-ମାଙ୍କଡ । ଏଣୁ ଏମାନେ କୋହ୍ଲ-ହୋଙ୍କ ପାଖରେ ମାଙ୍କଡଖିଆ ମଣିଷ । ଏମାନଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି କୋହ୍ଲମାନଙ୍କ ପରି ହୋଇଥିବାରୁ ଏନ.କେ ବୋଷ ଏମାନଙ୍କୁ ମାଙ୍କଡଖିଆ କୋହ୍ଲ ରୂପେ ତାଙ୍କ ପୁସ୍ତକ -Tribals of India ରେ ଚିତ୍ରିତ କରିଛନ୍ତି । ଏମାନେ କେବଳ ହଲ ରୂପେ ପରିଚିତ ହେବାକୁ ପସନ୍ଦ କରନ୍ତି । ହଲ ଶବ୍ଦର ଓଡିଆ ଅର୍ଥ ହେଉଛି ମଣିଷ ।

ପର୍ବପର୍ବାଣୀ ଓ କର୍ମକର୍ମାଣୀ ବେଳେ ବିରହଲ୍ ମାନେ ମାଦଳ (ତୁମଦାଃ ବା ଦୁମାଂ) ନାଗଡା (ଟାମାକ୍ ବା ଦାମା) ବଜାଇ ନୃତ୍ୟ କରନ୍ତି । ଏମାନେ ମଧ୍ୟ ବଇଁଶୀ (ତିରିଆ ବା ରୁତୁ) କେନ୍ଦରା (ବାନାମ୍) ବଜାଇ ବା ଫୁଙ୍କି (ଅରଂ) ଗୀତରେ ମାଦକତା ଆଣନ୍ତି । ଏଇଥିପାଇଁ ତାଙ୍କ ମାଦଳକୁ ସେମାନେ କେତେବେଳେ ତୁମଦାଃ କହୁଥିବା ବେଳେ କେତେବେଳେ ଦୁମାଂ କହନ୍ତି । ସାନ୍ତାଳରେ ମାଦଳ ତୁମ୍ଦାଃ, କିନ୍ତୁ ହୋ-ମୁଣ୍ଡା-ଭୂମିଜ ଭାଷାରେ ଦୁମାଂ, ସେହିପରି ନାଗଡାକୁ ଟାମାକ ବା ଦାମା କୁହନ୍ତି । ନାଗଡାକୁ ସାନ୍ତାଳରେ ଟାମାକ୍ ହୋ-ମୁଣ୍ଡା -ଭାଷାରେ ଦାମା । ଠିକ୍ ସେହିପରି ବଇଁଶୀକୁ ସେମାନେ ତିରିଆ ବା ରୁତୁ କହନ୍ତି । ସାନ୍ତାଳ ଶବ୍ଦ ବଇଁଶୀ ପାଇଁ ତିରିୟା ଓ ହୋ ଶବ୍ଦ ହେଉଛି ରୁତୁ । କେନ୍ଦରାକୁ ସମସ୍ତେ ବାନାମ ହିଁ କହିଥାନ୍ତି ।

ମାଦଳ, ନାଗଡା, ବଇଁଶୀ ଓ କେନ୍ଦରାକୁ କେବଳ ପୁରୁଷମାନେ ବଜାନ୍ତି । ନୃତ୍ୟରେ ଉଭୟ ପୁରୁଷ ଓ ନାରୀ ଅଂଶ ଗ୍ରହଣ କରନ୍ତି । ବିରହଲ୍‌ମାନେ ଦଂ, ଲାଗଣେ, ମୁକ୍ତାର, ଜମନାମା ଆଦି ନାଚ ନାଚନ୍ତି । ଦଂ ମୁକ୍ତାର ନୃତ୍ୟ ହେଉଛି ବିବାହ ନୃତ୍ୟ, ଯେ କୌଣସି ସମୟରେ ସନ୍ଧ୍ୟା ବେଳେ ବାରାତ୍ରୀବେଳେ ଯୁବକ ଓ ଯୁବତୀଙ୍କ ମନୋରଞ୍ଜନ ପାଇଁ ଲେଗଣେ ନୃତ୍ୟର ଆୟୋଜନ ସେମାନେ କରନ୍ତି । ଜମନାମା ହେଉଛି ନୂଆ ଖିଆ

ପର୍ବ । ସେମାନେ ମଧ୍ୟ ଅନ୍ୟ ଆଦିବାସୀଙ୍କ ପରି ଯାଦୁର୍ ଓ କାରାମ ନୃତ୍ୟ କରନ୍ତି। ଯାଦୁର ନାଚ ଫୁଲଭାଙ୍ଗୁଣି ବା ଫୁଲର ପର୍ବବେଳେ ଆୟୋଜିତ ହୁଏ । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବହୁଗୋଷ୍ଠୀ, ଜାତି କରମା ପର୍ବ ପାଳନ କରନ୍ତି । ବିରହଲ୍ ମାନେ ମଧ୍ୟ କରମ୍ ପର୍ବରେ କାରାମ୍ ନାଚ ନାଚନ୍ତି ଓ କାରାମ୍ ଗୀତ ଗାଆନ୍ତି ।

ବିରହଲ୍ ମାନଙ୍କ ପୋଷାକପତ୍ର ଓ କଥାବାର୍ତ୍ତା ସାନ୍ତାଳମାନଙ୍କ ପରି ହୋଇଥିଲେ ହେଁ ଏମାନଙ୍କ ନାଚ ଗୀତ ଗୁଡ଼ିକ କୋହ୍ଲ-ହୋ ମାନଙ୍କ ନାଚ ଓ ଗୀତ ପରି । ଏମାନେ ଉଭୟ ସାନ୍ତାଳ ଭାଷା ଓ ହୋ ଭାଷାରେ କଥାବାର୍ତ୍ତା କରିପାରନ୍ତି । ଏମାନଙ୍କ ନାଚକୁ ଲକ୍ଷ୍ୟକଲେ ଦେଖାଯାଏ ଏମାନେ ହୋ ମାନଙ୍କ ପରି ପାଖନର୍ତ୍ତକୀର ଅଣ୍ଟାରେ ତୃତୀୟ ନର୍ତ୍ତକୀର ହାତକୁ ଧରିଥାନ୍ତି । ଏମାନଙ୍କ ଗୀତ ଗୁଡ଼ିକରେ ମଧ୍ୟ ଉଭୟ ଭାଷାରେ ଶବ୍ଦଗୁଡ଼ିକୁ ଦେଖିହୁଏ । ନିମ୍ନରେ ଅଳ୍ପ ସଂଖ୍ୟକ ଗୀତକୁ ନମୁନା ହିସାବରେ ଉପସ୍ଥାପନ କରାଗଲା ।

(୧)

ଗାଲା ବେଲା ଦକତା ରଆ ଲେତାଇଁ
ଦକତା ପାଣ୍ଡୁଜାନା
ପାଣ୍ଡୁବୁଲୀ ହନତେ କୁଲୀ
ସିନ୍ଦୁର ବାଟି କିଆଇଁ (ମୁକ୍ତାର ସିରିଞ୍ଜ)

ବିଦ୍ର.- ଏ ଗୀତର ଭାଷା ସମ୍ପୂର୍ଣ୍ଣ ରୂପେ ହୋ-ମୁଣ୍ଡା ଭାଷା ।

ଓଡ଼ିଆ ଭାବ-

ନଈପଠା ଦେଖି ଲାଗେଇଲି ମୋତିହାର ।
ଗଛ ଗହଳିଲା ଦୋକତା ପାଚିଲା
ପାକଲ ହେଲା ପତର
ଶାଗୁଆ ପତର ପାଲଟିଲା ହଳଦିଆ ।
ସିନ୍ଦୁର ଗଲାଇ ପାଣ୍ଡୁବୁଢ଼ୀ ଝିଅ
ହାତ ଧରି ହେଲି ବାହା ॥

(୨)

ନାମ୍ ଦମ୍ ସୁସୁନ୍ ତାନା
ହାଲାମମେ ଦ ହାସୁତାନା
ହାଲାମ୍ ମେ ଗଏ ଜାନରେ
ବିନ୍ଦୁର ବିଟୁଆମ୍

ଓଡ଼ିଆ ଭାବ-

ଖଟିଆରେ ପଡି ଜ୍ୱରରେ କମ୍ପୁଛି
ଘରେ ଏକୁଟିଆ ବୁଢା ଗେରସ୍ତ
ମନରେ ଟିକିଏ ଦକ ନାହିଁ ତୋର
ନାଚ ଆଖଡ଼ାରେ କରୁଛୁ ନାଚ ॥
ଏ ଗୀତରେ ଭାଷାମଧ ମୁଣ୍ଡା ହୋ ଭାଷା

(୩)

ଚେତାନ୍ କୁଲହିରେ ମୁଚି ତୁମଦାଃ
ଲାତାର୍ କୁଲହିରେ ମାନ୍ଦାଳିଆ
ବିରିଦ ମିଶିହ ମାଦାଳିଆ
ଲଲ ସିତୁମ୍ ଆଲମ୍ ବାତାଅ

ଓଡ଼ିଆ ଭାବ-

ଉପର ଦାଣ୍ଡରେ ମୋଚି ମାଦଳ ।
ତଳ ଦାଣ୍ଡରେ ମାଦଳିଆ
ଥରେ ଦୁଇଥର ବଜାରେ ମାଦଳ ॥
ଉଠି ପଡ଼ିବୁଲି ବୁଲି ।
ଝଇଁ ଝଇଁ ଟାଣ
ଖରାକୁ ମାରିଦେ ଗୁଲି ॥

(୪)

ଶାରଜମ୍ ଫେରାରେ ଋନ୍ଦହପନ୍
ଏନେଜ୍ କାନାକ
ସନାର ତୁମଦାଃ ରୂପାର ଟାମାକ୍
ତାମ୍ଭା ଦାଣ୍ଡମ ତିକିନ୍ ରୁଇକାନା

ବିଦ୍ର.- ନ.୩ ଓ ନଂ ୪ ଗୀତ ଦୁଇଟି ପୁରାପୁରୀ ସାନ୍ତାଳୀ ଭାଷାରେ ହୋଇଛି ।

ଓଡ଼ିଆ ଭାବ-

ଡେଙ୍ଗା ଶାଳଗଛ ଉପରେ ନାଚନ୍ତି ସରଗ ତାରା
ତମ୍ଭାବାଡ଼ି ଧରି ବାଦକ ଦଳ
ବଜାଇ ଦିଅନ୍ତି ସୁନାର ମାଦଳ
ରୂପା ନାଗରା ॥

(୫)

ଲାପା ଲୁପୁ ନଲାରିଙ୍ଗ ଡାଇକେନା
ସନାଚିତା ଲାକଲା ଦ ଲଲ ଲିଡିଂଆ
ବାଣ୍ଡା ସେତା ଡାପିକେନ୍ ରେତ
ଜୀବନ ଡାଇ ଏନାଡିଂ

ଓଡ଼ିଆ ଭାବ-

ଦଦରା କବାଟ ପାମ୍ପରା ବନ୍ଧ
କୁଡିଆ ବାହାରେ ଜଗିଲା ବାଘ
ବାଣ୍ଡିଆ କୁକୁର ପାଶେ ଥିଲା
ବୋଲି ରହିଲା ଜୀବନ

(୬)

ଦାଃ ଦକ ସୁନୁମ୍ ଡାନା
ଗିଡିଲ ଦକ ସାସାଂ ଡାନା
ଡିରିଡିରିୟ ବୟ ଡିରେ ସାବ ଆୟମେ
ନୁଲି ତଲେୟା ବୟ
ନୁଲି ନେମାୟ ପେ

ଓଡ଼ିଆ ଭାବ-

ତେଲ ବୋଲି ଭାବି
ଥରେ ତେଲ ନାହିଁ ଯଦି
ପାଣି ଆଣି ଦିଅ ।
ହଳଦୀ ନ ଥିଲେ
ବାଲି ଆଣି ଦିଅ ।
ବାଲିକୁ ଭାବି ହଳଦୀ
ଡିରିଂ ଡିରିଂ ବଇଁଶି ଗୋଟିଏ
ବାବୁକୁ ଧରେଇ ଦିଅ ।
ଆମ୍ବପତ୍ର ହାତରେ ବାନ୍ଧିବ
ଆମ୍ବ ପତ୍ର ବାନ୍ଧି ଦିଅ ॥

(୭)

ଦିସିଆ ଦିସିଆ ପର ଦିସିଆ ବାଲା ସାଙ୍ଗତେ

ଦିସିଆ ସୁସୁନ୍ ସାଙ୍ଗତେ

ଦିସିଆରେ ଜାଦୁର ସାଙ୍ଗତେ

ଶାରଜମ୍ ପାଟୁଟିରେ ବାଙ୍ଗାକିନ୍

ବିୟୁରେନ୍ କାନା

ତେଗାଇଁ ତେଗାଇଁ ଦ ଦୟାଗ ଦାବିରେ

କୁଲୁସୁଇଁ କୁଲୁସୁଇଁ ଦ ଲୁଟି କଲାଗରେ

ଓଡ଼ିଆ ଭାବ–

ସାଙ୍ଗ ପରଦେଶର ଫୁଲ ।

ସାଥୀ ପରଦେଶୀ ମାଦଳ ॥

ବୁଲୁଛନ୍ତି ଶାଳଫୁଲକୁ ଘେରି ।

ଭଅଁର କାଟନ୍ତି ଚକା ଭଉଁରି ॥

ପାଦ ରଖିବୁ ତ ପାଦ ରଖ ମାର

ପିଠି ପଛ ପାଖ କାନ୍ଧ ଉପରେ ।

ଗୋଇଠା ମାରିବୁ ତ ମାରିଦେ ଗୋଇଠା

ଦୁକ ଦୁକ୍ ମୋର ଛାତି ଉପରେ ॥

# ପର୍ବ ଗୀତିକା

ବଣ ପର୍ବତ ଘେରା ଗାଁ ମାନଙ୍କରେ ବାସ କରୁଥିବା ଆଦିବାସୀ ଗୋଷ୍ଠୀର ଲୋକମାନେ ବର୍ଷତମାମ ବହୁ ପର୍ବପର୍ବାଣୀ ପାଳନ କରନ୍ତି । ଏହିପର୍ବ ପାଳନ କଲାବେଳେ ଆନନ୍ଦ ଉଲ୍ଲାସରେ ମାଦଳ, ନାଗରା ବଜାଇ ନାଚ କରିବା ଓ ଗୀତ ଗାଇବା ବେଳେ ବଇଁଶୀ କେନ୍ଦରା ବଜାଇବା ସ୍ଥଳ ବିଶେଷରେ, ଦେଖିବାକୁ ମିଳିଥାଏ । ଅଧିକାଂଶ ଆଦିବାସୀ ଗୋଷ୍ଠୀଙ୍କ ପର୍ବଗୁଡିକ କୃଷିଭିତ୍ତିକ । ଏମାନେ ପାଳୁଥିବା ପର୍ବଗୁଡିକ ମଧ୍ୟରେ ରହିଛି-ରଜପର୍ବ, ଧାନବୁଣା -ହେର ପର୍ବ, ଗହ୍ମା ପର୍ବ, କରମ ବା କାରାମ ପର୍ବ, ନୂଆଖିଆ-ନମନା ପର୍ବ, ଦୁର୍ଗା ପୂଜା-ଦାସାଇଁ ପର୍ବ, କାଳୀପୂଜା-ବାନ୍ଦଣା, ସହରାଏ ପର୍ବ ମକର-ସାକ୍ରାତ୍, ମାଗେ ପର୍ବ ବସନ୍ତ ଉତ୍ସବ-ଫୁଲଭାଗୁଣୀ-ବାହା ପାରାବ-ବାଁ ପରବ ଆଦି ।

ଓଡିଆ ଭାଷାଭାଷୀ ଆଦିବାସୀ ଗୋଷ୍ଠୀ ଯଥା- ବାଥୁଡି, ଖଡିଆ, ଗଣ୍ଡା ସାଉଁତି, ଭୂୟାଁ ଓ କୁଡ଼ମାଳି ଭାଷୀ ଲୋଧା ଆଦିବାସୀ ମାନେ ରଜ ପର୍ବକୁ ଧୁମଧାମରେ ମାଂସ ଭାତ, ପିଠାପଣା ଖାଇ ଓ ଦୋଳିଖେଳି ଏବଂ ଦୋଳିଗୀତ ଗାଇ ପାଳନ କରନ୍ତି । ଦୋଳି ଖେଳ ଓ ଦୋଳି ଗୀତ ଗାଇବା ବେଳେ କୌଣସି ପ୍ରକାରର ବାଦ୍ୟଯନ୍ତ୍ରକୁ ବଜାଯାଏ ନାହିଁ । ଦୋଳି ଖେଳିଲା ବେଳେ ଏହିପରି ଗୀତ ବୋଲାଯାଏ ।

(୧)

ଆମ୍ବ ପତ୍ର ଟାକୁ ଟାକୁ
ପ୍ରଥମ ବନ୍ଦନା ହୋ ଦୁଳି ପଟାକୁ
ଦୁଳି ପଟାକୁ ହୋ
ଦୁଳି ଖେଳ ଖେଳିବାକୁ
ବାଟରେ ଖାଡିଙ୍ଗି ଗଛ
ଗୀତ ଶୁଣିବାକୁ ହୋ ପାଖକୁ ଆସ
ପାଖକୁ ଆସ ହୋ
ଡାଳ ଭାଙ୍ଗି ତଳେ ବସ

(୨)

ନଈର କଖଡା ଘାସ
ତୁମ୍ଭର ଆମ୍ଭର ହୋ ଏକା ବୟସ

ଏକା ବୟସ ହୋ
ପୀରତି କରିବା ଆସ
(୪)
ବାଲିରେ ଭାଜିନି ଭୁଜା
ଏ ଟୋକା ଖଣ୍ଡରେ ବଡ ମଗଜା
ବଡ ମଗଜାରେ
ହିଡ ତଳେ ଦେଲି ପୂଜା
(୫)
ଶାଳ ଫୁଲ କେରି କେରି
ତୋତେ ନେଇଯିବି ଲୋ ମହନୀକରି
ମହନୀ କରିଲୋ, ନଇବନ୍ଧ ଆରପାରି
(୬)
ପକା ଘରେ ଦେନି ଚୁନ
ଦିନେ ଛୁଇ ନାଇ ତୋ ଯଉବନ
ତୋ ଯଉବନରେ ମନ ହେଲା ଛନ ଛନ
(୭)
ପର୍ବତ ଆମ୍ବ ଦୁଇଟି
ସେ ଆମ୍ବ ଖାଇତେ ଲୋ ମନ ହେଉଛି
ମନ ହେଉଛିରେ  ପାଚି ନାହିଁ ଦହଁକୁଚି
(୮)
ବାଉଁଶ କାଟିନି କୁଣି
କୋଡି ଟଙ୍କା ପଣ ଲୋ ମୁଁ ଦେବି ଗଣି
ମୁଁ ଦେବି ଗଣି ଲୋ
ଖାଇରୁ ଆଣିମି ଟାଣି ।
(୯)
କଦଳୀ ଗଛର ବାହୁ
ଯେତେ ଟଙ୍କା ହେଲେ ଲୋ କରିବି ବୋହୁ
କରିବି ବୋହୁ ଲୋ
ଏ ସାଲ ବରଷ ପାହୁ

(୧୦)

ଗାଈ ଖାଇଗଲା କୁଟା
କି ଖାଇ ପାତଳୀ ଲୋ ହୋଇଛୁ ମୋଟା
ହୋଇଛୁ ମୋଟା ଲୋ
ଭାଙ୍ଗି ଦେଲୁ ଦୁଳି ପଟ

ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ଆଦିବାସୀ ଗୋଷ୍ଠୀରେ ରଜ ପର୍ବ ପାଳନରେ ନିଆରା ପରମ୍ପରା ପ୍ରଚଳିତ । ବିଶେଷତଃ ବାଥୁଡି ଓ ଖଡିଆ ଜନଜାତିଙ୍କର ବାଦିଦୋଳି ଗୀତ ପରିବେଶକୁ ରଙ୍ଗୀନ କରି ପକାଏ । ଏଠାରେ ଦୋଳୀଗୀତକୁ ନେଇ ଯୁବକ ଓ ଯୁବତୀଙ୍କ ମଧ୍ୟରେ ପ୍ରତିଯୋଗୀତା ହୁଏ । ରଜ ଉପଲକ୍ଷେ ଏମାନଙ୍କ ଗାଁ ମାନଙ୍କରେ ଖାଇଦୋଳି ଓ ପଟାଦୋଳି ଦେଖିବାକୁ ମିଳେ । ଝିଆପିଆ ସାଗି ଯୁବକଯୁବତୀମାନେ ରଙ୍ଗରଙ୍ଗୀଆ ପୋଷାକ ପିନ୍ଧି ଦୋଳି ଝୁଲିବାକୁ ବନ୍ଧୁଗାଁକୁ ଯାଆନ୍ତି ଦଳ ଦଳ ହୋଇ । ଦୋଳି ଝୁଲିବା (ଖେଳିବା) ସହ ବାଦିଦୋଳି ଗୀତର ପ୍ରତିଯୋଗୀତା ହୁଏ । ଏମାନେ ପ୍ରଥମେ ବଡାମ ଠାକୁରଙ୍କୁ ବନ୍ଦନା କରି ଗୀତ ଆରମ୍ଭ କରନ୍ତି ।

ଶୁଖିଲା ତାଳ ବରଡା
ପ୍ରଥମେ ବନ୍ଦୁଛି ବଡାମ ବୁଢା
ଗୀତ ଆସୁ ଯୋଡା ଯୋଡା

ଏହାପରେ ଅନ୍ୟ ଗୀତରେ ସୁଅ ଛୁଟେ ।

(୧)

ସୋରିଷ ଫୁଲ କ୍ଷେତରେ
ବରଷକେ ରଜ ଆସିଛି ଥରେ
ରଜ ଆସିଛି ଥରେ ରେ
ଦୋଳି ଝୁଲିବା ସାଙ୍ଗରେ

(୨)

ନୂଆ ତାଟିଆରେ ଘିଅ
ସୀତାରାଣୀ କାହାର ଝିଅ
କାହାର ଝିଅରେ
ଏହାର ଉତ୍ତର ଦିଅ

(୩)
ନୂଆ ଟାଟିଆରେ ଘିଅ
ସୀତା ଠାକୁରାଣୀ ଜନକ ଝିଅ
ଜନକ ଝିଅରେ
ତାହାର ଉତ୍ତର ଦିଅ
(୪)
ନୂଆ ଟାଟିଆରେ ପାନ
ଯହିଁରେ ଜନମ ତହିଁ ମରଣ
ତହିଁ ମରଣରେ
କହିଦିଅ ତାର ନାମ
(୫)
ପାଣିରୁ ଜନମ ଲୁଣ
ପାଣିରେ ଅଟଇ ତାର ମରଣ
ତାର ମରଣରେ
ଏ ଅଟେ ସତ୍ୟ ବଚନ
(୬)
ଜାମୁକୋଳି କଳା କଳା
ତୁଇ ଅଭଲାକୁ ମୁଇଁ ଅଭଲା
ମୁଁଇ ଅଭଲାରେ
ଛାଲିଯିବା ଘିନି ପଳା
ଯୁବକର ଘିନିପଳା ପ୍ରସ୍ତାବକୁ ଗ୍ରହଣ ନ କଲେ ଏପରି ଉତ୍ତର ଶୁଣିବାକୁ ମିଳେ ଯୁବତୀଙ୍କ ପାଖରୁ
(୭)
ରସୁଣ ଖାଇଲା ପୋକ
ଦିନେ ହସିଦେଲେ ଯିବକି ଦୁଃଖ
ଯିବକି ଦୁଃଖରେ
ଯେତେ ହେଲେ ପରଲୋକ
ବାଦି ଦୋଳିଗୀତ ପରେ ବିଦାୟ ନେଇ ଯିବା ବେଳକୁ ଏପରି ସମ୍ବେଦନଶୀଳ ଗୀତ ଶୁଣବାକୁ ମିଳେ ।

ବାଡ଼ିର ବାଡଆ ଗବ
ତମର ଆମର ଦେଖା ହୋଇବ
ଦେଖା ହୋଇବ ଯେ
ଜୀବନ ଯେବେ ଥିବ ।
(୯)
ଆହାରେ ଦୁତିଆ ଚାନ୍ଦ
ଛାଡି ପଳାଉଛ ନାନୀ ମାଡୁଛି କାନ୍ଦ
(୧୦)
ରାଇ ଗଡ଼େ ବେଲ ଗଡ଼େ
ତୁମକୁ ଭାଇ ମନେ ପଡ଼େ
ଦୁଇ ଆଖିରୁ ଲୁହ ଗଡ଼େ

ମୟୂରଭଞ୍ଜ ଜିଲ୍ଲାରେ ବାସକରୁଥିବା ଲୋଧା ଆଦିମ ଜନଜାତିମାନେ ମଧ୍ୟ ରଜ ଦୋଳି ଗୀତ ବୋଲିଥାନ୍ତି ରଜ ପର୍ବ ଅବସରରେ

(୧)
ଜଳିଶାଗ ମଳିଶାଗ
ତୁମରି ଆମରି ବହୁତ ଭାବ
ଦେଖିନି କି ପାଇଁ ରାଗ
(୨)
ଚିଙ୍ଗିଡି ଛୁଟିକି ଦଲ
କେଡେ ଯାଇଥିଲ ସପନ ଫୁଲ
ଆଜି କାଇଁ ଦେକା ଦେଲ
(୩)
ଉଟାବାଣି ଦୁଇ ବାଣି
ଆମେ ଦୁଇ ଭଉଣୀ ଅନ୍ଧାରକାଣୀ
ସାଙ୍ଗରେ ଦେବା ପାଣ ଆଣି
(୪)
ନୁଟିଆ ଗଛଟି ଥାକଲ ଥାପୁଲ ତାର ତଲେ
ଡେରି ଛେନ ଖମାଣି ଦାଗ ବାହାରେ
ଛେ ଶବର ଘରର ପୁଅ

(୫)
କୁନାମାଛ ହିନିମାନ
ଗିରସ୍ଥ କାଟିଲ କପାଳ
ହିନ କେମିତି କାଟିବା ଦିନ

କେନ୍ଦୁଝର ଜିଲ୍ଲାରେ ବୋଲାଯାଉଥିବା ଦୋଳିଗୀତ

(୧)
ଚିରିଦେଲି ଚିରାବତ
ପ୍ରଥମ ବନ୍ଦଲି ସ୍ୱର୍ଗ ଦେବତା
ତଳେ ବନ୍ଦେ ବସୁମାତ ।

(୨)
ଆମ୍ବ ପତ୍ର ଗାଦି ଗାଦି
ଆଣ ପାଞ୍ଚଟଙ୍କା ଲାଗିବା ବାଦି
କାହାର କିପରି ବୁଦ୍ଧି

(୩)
ଆହାରେ ସୁନ୍ଦରୀ ନାରୀ
ମନ ଖଣ୍ଡି ଦେଲି ତୋ ଠାରେ ଭରି
ଘରକୁ ଦେଲି ପାସୁରି

(୪)
ଗୁଆ ଭଙ୍ଗା ଖିଲି କାତି
ଶିଶିର ଫୁଟାଇ ଆସିବି ରାତି
ଦମ୍ଭ ରଖିଥିବୁ ଛାତି

(୫)
କୁଳାଇ ଗଲି ରୁଟୁକା
ମଣିଷ ଜୀବନ ପାଣି ଫୁଟୁକା
ଘଣ୍ଟାକୁ ଛାଡ଼େ ନାଟିକା

(୬)

ରୁହ ଲୋ ସଜନୀ ରୁହ

ତୁମକୁ ଦେଖିଲେ କମ୍ପୁଚି ଦିହ

କଥା ପଦେ କହିଦିଅ

(୭)

ଜୀବ ଯିବାବେଳେ ଯିବ

ଜୀବ ଯିବାବେଳେ କେହି ନଥିବ

ତୁଳସି ଯୋଗାଇ ଥିବ

ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆଦିମ ଆଦିବାସୀ ହେଉଛନ୍ତି ଓଡିଆ ଭାଷୀ ଖଡିଆ ଜନଜାତି। ଏମାନେ ନୃତ୍ୟ ଓ ଗୀତ ପ୍ରିୟ ଗୋଷ୍ଠୀ। ଏମାନଙ୍କ ଋଙ୍ଗୁନାଚ ଗୀତ, କରମ ନାଚ ଗୀତ ଓ ରଜ ଦୋଳି ଗୀତ ଅତିପ୍ରିୟ। ତାଙ୍କ ଦୋଳି ଗୀତର ନମୁନା ତଳେ ଦିଆଗଲା।

ଶୁଖିଲା ପତର ଫାଳେ

ଆଇନା ଗିତାକୁ ମୁହଁକୁ ଥରେ

ଲାଗିଯିବା ତାଳେ ତାଳେ

(୨)

ତେନ୍ତୁଳି ପତର ସରୁ

ଆସିନାହିଁ ମୋର ଗୀତର ଗୁରୁ

ଗୀତ ହେବ ସୁରୁ ସୁରୁ

(୩)

କୁଲାରେ କାଟିଲି ତରୁ

ତୁମରି ଭିଲାରେ ଗୀତର ଗୁରୁ

ଶିଖେଇ ଶିଖେଇ ମରୁ

(୪)

ଚିଲିଦେଲି ଚିରାବତାରେ ସଙ୍ଗାତ

ଚିରିଦେଲି ଚିରାବତା

ପ୍ରଥମେ ବନ୍ଦଇଁ ଧର୍ମଦେବତା, ତଳେ ବସୁମାତା

ଦ୍ୱିତୀୟେ ଗରାମ ଦେବତାକି ବନ୍ଦଲି

ତୃତୀୟ ବନ୍ଦିଣ ବଡାମ ଠାକୁର

ତା ପଦେ ଶରଣ ଗଲି ॥

# ହେରଃ ନାଚ ଗୀତ

କୃଷିଭତ୍ତିକ ରଜ ପର୍ବ ବେଳକୁ ଏହି ଅଞ୍ଚଳର କୋହ୍ଲ-ହୋ-ମୁଣ୍ଡାମାନେ ଧାନବୁଣା ପର୍ବ, ହରଃ ପର୍ବପାଳନ କରନ୍ତି । ଗୋଟିଏ ଗୋଷ୍ଠୀର ଲୋକମାନେ ହିଁ ହୋ ବା ମୁଣ୍ଡା ବା କୋହ୍ଲ ରୂପେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପରିଚିତ । କେନ୍ଦୁଝର ଜିଲ୍ଲାରେ ସାଧାରଣତରେ ମୁଣ୍ଡା ରୁପରେ ପରିଚିତ ଆଦିବାସୀ ମାନଙ୍କର ଜମିଜୁମା ଡିଲରେ ବା ଟିକଟରେ "କୋହ୍ଲ" ରୂପେ ପଞ୍ଜିକୃତ । ସେମାନେ ନିଜ ଲୋକ ପାଖରେ ପରିଚୟ ଦେଲାବେଳେ ନିଜକୁ ହୋ ରୂପେ ପରିଚୟ ଦିଅନ୍ତି । ମୟୂରଭଞ୍ଜର ଏମାନେ କୋହ୍ଲ ରୂପେ, ହୋ ରୂପେ ଓ ମୁଣ୍ଡା ରୂପେ ଜଣାଶୁଣା । ଏହି ଗୋଷ୍ଠୀର ଲୋକମାନେ ଧାନ ବିହନକୁ ବିଲରେ ବୁଣିବା ପରେ ଓ ବିହିଡିବା ପୂର୍ବରୁ ହେରଃପର୍ବ ପାଳନ କରନ୍ତି । ତାହା ସାଧାରଣତଃ ରଜପର୍ବ ପରେ ଓ ଗହ୍ମାପର୍ବ ପୂର୍ବରୁ ପାଳିତ ହୁଏ । ଏହି ପର୍ବରେ ସେମାନେ ମାଦଳ (ଦୁମାଂ), ନାଗରା (ଦାମା) ବଜାଇ, ଦ୍ରୁତ ଗତିରେ ନାଚିଥାନ୍ତି ଓ ଗୀତକୁ ବଇଁଶୀ ଓ କେନ୍ଦ୍ରାବଜାଇ ଗାଇଥାନ୍ତି । ଏହି ନାଚ ବେଳେ ନିମ୍ନୋକ୍ତ ତାଳରେ ମାଦଲା ନାଗରାକୁ ବଜାଯାଏ ।

ଜଜ ବା ବା ଚିନା
ଉଲି ବା ବା
ସିମକାଟା ରଙ୍କ ରଞ୍ଜନ
କେର୍ଲଃ କିଲି ବା
(୨)
ଜାରିଗି ଲେଡାମ୍ ଜାପୁଡ ଲେଡାମ୍
ମେଞ୍ଜ ମେଞ୍ଜ ମେଡେମ
ମେଞ୍ଜ ମେଞ୍ଜ ମେଡେମ୍
(୩)
ଦୁଲ୍ ଦୁଲା ତାଣ୍ଡା ମେତାମ୍
ନୁଦୁମ୍ ଲେକାମ୍ ଦାଃ ଦୁଲ ଦୁଲେମ୍
ରିକେ ଦୁଲ ଦୁଲେମ୍ ରିକେ
ଏହିପରି ତାଳରେ ମାଦଳ ନାଗରା ବାଜିଲେ

ନାଚ ଆଖଡା (ଆକଲା)ରେ ଯୁବକଯୁବତୀ ମାନେ ପାଖ ଲୋକର ଅଣ୍ଟାରେ ହାତକୁ ଧରି ଦ୍ରୁତ ଗତିରେ ନାଚ କରନ୍ତି ଓ ନାଚିଲା ବେଳେ ଗୀତ ଗାଆନ୍ତି ବା ଗୀତ ଗାଇ ଗାଇ ନାଚ କରନ୍ତି ।

ନର୍ତ୍ତକ ନର୍ତ୍ତକୀମାନେ ଅର୍ଦ୍ଧ ବୃତ୍ତା କାରରେ ଆଖଡା ପ୍ରଦକ୍ଷିଣ କରନ୍ତି । ମାଦଳ ନାଗରା ବାଦଳାମାନେ ସେହି ଅର୍ଦ୍ଧ ବୃତ୍ତିକାରରେ ରହି ନାଚି ନାଚି ବାଦ୍ୟ ଯନ୍ତ୍ରକୁ ବଜାଇଥାନ୍ତି । ସାଧାରଣତଃ ନାଚ ଧାଡିର ସବାଆଗରେ ନାଚୁଥିବା ବ୍ୟକ୍ତିଟି ନାଚଗୀତରେ ପୋଖତ ଥାଏ । ଏତିକି ବେଳେ ଏହିପରି ଗୀତ ବୋଲାଯାଏ-

ଦିନଗେ ଡେଙ୍ଗାଙ୍ଗ୍ ଡେଙ୍ଗାଙ୍ଗ୍
ଯାଅଗେ ଡୁବୁଲ୍ ଡୁବୁଲ୍
ନାପେ ନାତୁ ରେଗେ ରୁମୁଲ୍ ସାଳି
ନାପେ ନାତୁ ରେଗେ ଦୁମାଂ ସାଳି
ନାପେ ନାତୁ ରେଗେ ଦାମାସାଳି
ସାଳି ନାଁୟୁମ୍ କେୟେତେ
ରୁମୁଲ ନାତେନ୍ କେୟେତେ
ନାପେ ନାତୁରେଲେ ସେଳେରାକାନ୍
ନାପେ ନେଟାଃ ନାତୁ ନାଲେ ନେଟାଃନାତୁ
ରାଁଣାସା ଲାଗିଡେଲେ ସେଳେରା କାନା
ତଅଲା କାଏଃ ତେୟାଃଲେ ଦୂରାଂ ଏୟା
ନାଃଆ ମେନାଃ ଜୀବନ୍
ଗାପା ବାନଃ ଜୀବନ
ଜିଇଡ୍ ଜୀବନ୍ ରେଲେ ରାସିକା ତାନା
ଜିଇଡ୍ ଜୀବନ୍ ରେଲେ ରାଣାସା ତାନା

ଓଡ଼ିଆ ଭାବ-

ଦ୍ରୁମୁ ଦ୍ରୁମୁ ନିତି ବାଜେ ମାଦଳ
ଡିବି ଡିବି ଶୁଭେ ନାଗରା ତାଳ
କାନ ଡେରି ଶୁଣି ତୁମ ଗାଁ ମାଦଳ ।
ଆସିଅଛୁ ଧାଇଁ ହୋଇ ପାଗଳ ॥
କେତେ ଦୂରେ ସାଙ୍ଗ ଗାଆଁ ତୁମରି ।

ପାରି ହୋଇ କେତେ ପାଟ ଗୋହିରୀ ।
ଆସିଅଛୁଁ ଧାଇଁ ରଙ୍ଗ ରସ ପାଇଁ
ଖୁସି ମଉଜରେ ଯିବାକୁ ଭରି ॥
ଫାନ୍ଦି ଅଛୁ ରସ ରସିଆ ଗୀତ ।
ଗାଇଣ ନାଚିବୁ ତୁମ ସହିତ ।
ଆଜିର ଜୀବନ ନାହିଁତ କାଲିକି
ଜାଇଁଛ ବୋଲି ତ ମନ ମୋହିତ ॥
(୨)
ବୁରୁରେନ୍ ହାଉଦ ବୁରୁରେନ୍ ହାଉଦ
ସାକାମ୍ ଟିପାନ୍ ଟିପାନ୍‌ତେ ବୁରୁରେନ୍ ହାଉଦ
ମାୟାଂଙ୍ଗ ଏ ଡେକେୟାନ
ଗଲାରେନ୍ ଟଣ୍ଡଦ ଗଲାରେନ ଟଣ୍ଡୁଦ
ହାସ-ଦୁପିଲ ଦୁପିଲତେ ଗାଲାରେନ୍ ଟଣ୍ଡଦ
ବଅ-ଏ-ଡାଡୁୟାନ୍
ଓଡ଼ିଆ ଭାବ-
ଅଣ୍ଡାକୁ ନଇଁ
ଭୂଇଁରୁ ପତର ଯାଏ ଗୋଟେଇ
ନହକା· ନହଃକା
ସରୁ କମର ତା'
ଯେମିତିକା ବଣ ଜଙ୍ଗଲ କାଇ ।
ମୁଣ୍ଡରେ ଥୋଇ
ବୋଝ ବୋଝ ମାଟି ନିଏ ସେ ବୋହି
ବଡ ମୁଣ୍ଡ ତାର
ଟାଙ୍ଗରା ହୋଇଛି
ପଡ଼ିଆରେ ଜନ୍ଦା ଯେମିତି ଥାଇ ॥
(୨)
ଗୁଲେ ଗୁଲେ ରିଲାମାଲା ପୁକୁରିଦାଃ ତାଲାରେ
ଜଲାତେ ପଏଦମ୍ ବାଲା ବୁଶାଲା ଆକାନ୍

ଦୟ ବାନଃରେୟ ଟେଁୟେଲ ବାନଃ ରେୟ
ଟିକାତେ ପଏଦମ୍ ବାଲାଆ ଲିକି ଲେକନ୍
ବାଲା ଡାଲି ଦାନାଂ ବାଲା ନୁରୁ ଟିନାଂ
ଜିଲି ସୁକୁ ସାନାଂ ଗାସିଇ ନୂତାନ୍ ସୁନାଂ
ଏନାତେ ପଏଦମ୍ ବାଲାଆ ଲିକିଲେକନ୍

ଓଡ଼ିଆ ଭାବ-

କାଟ କେନ୍ଦୁ ପାଣି
ପୋଖରୀ ମଝିରେ ଯୋଡି ପଦୁଅଁ
ବାଆ ଚଲୁନାହିଁ ଢେଉ ଖେଳୁ ନାହିଁ ।।
ଗୋଟିକ ଉପରେ ଗୋଟିଏ
ଢଳୁଛି କେମିତି କୁହ ?
କଅଁଳ ପାଖୁଡ଼ା ମଝିରେ ମଧୁ କଳସୀ ।
ବାଇଆ ଭଅଁର ରସ ପିଉଥାଏ ଭିତରେ ପଶି ।।
ଫୁଲ ସାରା ପୀରତି ଚହଲିଯାଏ ।
ଗୋଟିକ ଉପରେ ଗୋଟିଏ
ପଦୁଅଁ ପଡୁଛି ଢଳି ।

(୪)

ନାମ୍‌ଦ ନେଙ୍ଗାମ୍ ମେନାଃଇ
ନାମ୍‌ଦ ନାପୁମ୍ ମେନାଃଇ
କାଦାଲ୍ ସାକାମ୍ ଲେକାମ୍ ଗିଆଲ୍ ଗପଲ୍
ନାଞ୍ଜଦ ନାପୁଞ୍ଜଅ ବାଙ୍ଗାଃଇ
ନାଞ୍ଜିଦ ନେଗାଞ୍ଜଅ ବାଙ୍ଗଃଇ
ଦୁବିରେ ସିମଲେକାଞ୍ଜ, ଚିୟାବ୍ ଚିୟାବ୍

ଓଡ଼ିଆଭାବ-

ବାପା ମାଆ ତୋର ଅଛନ୍ତି ବୋଲି
ନହ ନହକା ତୁ କଦଳୀ ପତର
ମନ ମଉଜରେ କରୁଛୁ କେଳି ।।
ନାହାନ୍ତି ମୋ ବାପା ମାଆ ।

ମୁହିଁ ଗୋଠ ଛଡା ଆସନା କୁକୁଡା
ଗୋବର ଗଦାରେ ଠିଆ ॥

(୫)

ସଲପ ସଲପତେ ଚେତାନ୍ ସଲପତେ
ସଲପ ସଲପତେ ଲାତାର ସଲପତେ
ହାତୀଇ ସେନାକାଡା ଦିଲାବେ ଦଲବ
ହାତୀ ଚେତାନ୍ ରାଜା ରାଜା ଚେତାନ୍ ଟୁପି
ଟୁପି ଚେତାନ୍ ଉତମ୍ ଲିଦାବେ ଲଦବ୍

ଓଡ଼ିଆ ଭାବ-

ରାଜରାସ୍ତା ଦିଶୁଅଛି ।
ଉପର ରାସ୍ତାରେ ଝୁଲି ଝୁଲି ହାତୀ
କାନ ହଲେଇ ଚାଲିଛି ॥
ହାତୀର ପିଠିରେ ବଇଚି ରଜା
ରଜାଙ୍କ ମୁଣ୍ଡରେ ଟୋପି ହୋଇଛି ସଜା ॥
ଟୋପି ଉପରକୁ ଛତିରି ହୋଇଛି ଟେକା ।
ଛତିରି ଟୁ ଦେଖ ହଲୁଛି ନହ ନହକା ॥



# ଗହ୍ମାପର୍ବ ଗୀତ

ଗହ୍ମା ପୂର୍ଣ୍ଣିମାରେ ସାନ୍ତାଳ ଆଦିବାସୀ କାରାମ ଗାଉନ୍ତି । ସେମାନେ ମଧ୍ୟ ଏହି ଅବସରରେ (ଗହ୍ମା ପର୍ବବେଳେ) ରିଞ୍ଜାନୃତ୍ୟ କରନ୍ତି । ରିଞ୍ଜା ନୃତ୍ୟ ବେଳେ ରିଞ୍ଜା ଗୀତ ମଧ୍ୟ ଗାଆନ୍ତି । କାରାମ୍ ପୂଜାରେ କରମ ଡାଳ ସଂସ୍ଥାପନ କରି ମାରାଂବୁରୁ କାରାମ୍ ଗସାୟଁଙ୍କୁ ଧନ ସମ୍ପଦ ଅଭିବୃଦ୍ଧି ନିମନ୍ତେ ପୂଜା କରାଯାଏ । ନୃତ୍ୟରେ ପବିତ୍ରତା ବଜାୟ ରଖିବା ପାଇଁ ସଂସ୍ଥାପିତ କରମ ଡାଳର ଚତୁଃପାର୍ଶ୍ୱରେ ପ୍ରଥମେ ଯୁବତୀ ଦଳ ଓ ତା ପଛକୁ ଯୁବକଦଳ ବୃତ୍ତାକାରରେ ନିମ୍ନଲିଖିତ "ଧାରୁସଜାଃ" ତାଳରେ ନୃତ୍ୟ କରିଥାଆନ୍ତି ।

ଦିଞ୍ଜ୍ ଦାଁଃ ତାଁଃ ଦିଞ୍ଜ୍ ଦିଞ୍ଜା ଦାଁଃ
ଦାଁଃ ତିଞ୍ଜ ହେଁଃତାଂ ଦିଞ୍ଜା ଦିଞ୍ଜା ଦାଁଃ
ଧିପିଞ୍ଜ୍ ଧିପତାଂ ଦାଁ ତାଂ
ଦିଞ୍ଜାଦାଁଃ ହେତାଂ
ଦିଞ୍ଜାଦାଂ ଢିପିଞ୍ଜା ଦାଁଃ

ପ୍ରତ୍ୟେକ ନୃତ୍ୟବୃତ୍ତ ମଧ୍ୟରେ ଏକଅନ୍ତଃ ବୃତ୍ତ ସୃଷ୍ଟିକରି ବାଦ୍ୟକାରମାନେ ବାଜା ବଜାନ୍ତି । ନର୍ତ୍ତକ ନର୍ତ୍ତକୀମାନେ ହାତ ଛନ୍ଦାଛନ୍ଦି ନ ହୋଇ ନିଜସ୍ୱ ବୃତ୍ତରେ ରହି ଗୀତ ବାଦ୍ୟର ତାଳରେ ନାଚନ୍ତି । ନର୍ତ୍ତକ ନର୍ତ୍ତକୀମାନେ କେତେବେଳେ ଦକ୍ଷିଣହସ୍ତ ଉତ୍ତୋଳନ କରନ୍ତି ତ ଆଉ କେତେବେଳେ ଅପୂର୍ବ ଭଙ୍ଗିମା ଅତ୍ୟନ୍ତ ବୈଚିତ୍ର୍ୟପୂର୍ଣ୍ଣ ପୂର୍ବକ ବାମହସ୍ତ ତରଙ୍ଗାୟିତ ଭଙ୍ଗୀରେ ଲୀଳାୟିତ କରି ଦୃଷ୍ଟି ଆକର୍ଷଣ କରନ୍ତି । ବହୁବିଧ କୁହୁକ ତଥା ଅନୁସରଣୀୟ ଉପଦେଶାବଳୀ ଏହି ନୃତ୍ୟର ବିଷୟବସ୍ତୁ ରୂପେ ଗୃହୀତ ହୋଇଥାଏ । ଏସବୁ ବିଷୟବସ୍ତୁ ସହିତ କର୍ମନୃତ୍ୟ ଓ କର୍ମ ସଙ୍ଗୀତର ବିଚିତ୍ର ସମାବେଶରେ ଏହା ପରିବେଶିତ ହୋଇଥାଏ । କମାରର କୃଷିଉପକରଣ ତିଆରି, କୃଷକର ବଡବୁଜା, କଣ୍ଡାକାଟା, ଗାଇ ଦୋହା, କୁକୁଡ଼ା ଡାକରେ ଗୃହସ୍ୱାମୀର ଶଯ୍ୟାତ୍ୟାଗ, ଆଦି ବିଭିନ୍ନ କର୍ମମାନ ନର୍ତ୍ତକ ନର୍ତ୍ତକୀମାନେ ଗୀତ ବାଦ୍ୟର ତାଳରେ ନାଚି ନାଚି ବିଭିନ୍ନ ଭଙ୍ଗୀମା ମାଧ୍ୟମରେ ପ୍ରଦର୍ଶନ କରିଥାଆନ୍ତି ।

ରିଞ୍ଜା ସେରେଞ୍ଜ
ମାଣାଂ ଦବନ୍ ଇର କେଃଆ

ଇଲି ଆର୍ ଗୁନ୍ଦଲି

ଇନା ତାୟମ୍ ଦବନ୍ ଇରଇ ‌ୈକଃଆ

ହୁଲୁ ଆର କାଦା, ଜନଲା ଆର ଘାଙ୍ଗରା

ଇନା ତାୟମ୍ ଦବନ୍ ଇର କେଃଆ

ଡାହିରେ ରାମ୍ବାଲା

ଆଷାଲ୍ ବଙ୍ଗା ମୁଲୁଃଏନ୍

ବାଦ୍ ବାଇହାଲ୍ ବାଲଗେ ହାରିୟାଲ ଏନ୍

ଦୁଆରେବନ୍ ବାତି

ସେବାୟାବନ୍ ଧରମ୍

ଓଡ଼ିଆ ଭାବ-

ପହିଲେ ସଭିଏଁ ଗୁଳଦି ଅମଳ କଲୁ ।

ମକା ଝୁଡଙ୍ଗକୁ ତୋଳିଲୁ

ତା ପରେ ଧାନ ଫସଲ କାଟିଲୁ ॥

ଡାହିରେ ଲଟେଇ ଫଳିଲା ବିରି ।

ବିରିକୁ ରଖିଲୁ ଅମଳ କରି ॥

ସଇଲା ବେଳକୁ ଆଷାଢ ମାସ ।

ବିଲ କ୍ଷେତ ସବୁ ହେଲା ଶାଗୁଆ ସରସ ॥



# କାରାମ-କରମ-ପର୍ବ ଗୀତ

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ କରମ / କାରାମ ପର୍ବ ପାଳିତ ହୁଏ । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କମାର, କୁମ୍ଭାର, କୁଡୁମୀ, ଲୋଧା, ମୁଣ୍ଡା, ଭୂମିଜ, ଭୂୟାଁ, ଗଣ୍ଡ, ବାଥୁଡି, ପାତ୍ର-ତନ୍ତୀ, ତାମୁଲିଆ ପୁରାଣ ଆଦି ଜାତିର ଲୋକଙ୍କ ଘରେ । ସାନ୍ତାଳମାନେ କେବଳ ପୂର୍ଣ୍ଣିମା ତିଥିରେ କରମ ପର୍ବ ପାଳନ କରନ୍ତି । ଏହା ଆରମ୍ଭ ହୁଏ ଗହ୍ମା ପୂର୍ଣ୍ଣିମାରେ ଓ ଶେଷ ହୁଏ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ । ବିଭିନ୍ନ ଗାଁରେ ଗାଁଲୋକେ ବିଭିନ୍ନ ପୂର୍ଣ୍ଣିମାରେ କରମ ପୂଜା ଅନୁଷ୍ଠାନ କରନ୍ତି । କେତେକ ବଂଶର ଲୋକମାନେ ମଧ୍ୟ ବ୍ୟକ୍ତିଗତ ସ୍ତରରେ କାରାମ ପୂଜା କରିଥାନ୍ତି । ପଶ୍ଚିମ ଓଡିଶାରେ କରମା କହୁଥିବା ବେଳେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ  କମାର, କୁମ୍ଭାର, କୁଳମୀ, ଲୋଧା, ଭୂୟାଁ, ଗଣ୍ଡ, ବାଥୁଡି ପାତ୍ରତନ୍ତୀ, ତାମାଳିଆ ପୁରାଣମାନେ ଏହାକୁ କରମ ପର୍ବ ପାଳନ୍ତି । କୋହ୍ଲ ହୋ ମୁଣ୍ଡା, ଭୂମିଜ ଓ ସାନ୍ତାଳମାନେ ଏହାକୁ କାରାମ ପରବ୍ କହନ୍ତି । ଲକ୍ଷ୍ୟ କରିବାର କଥା କୋହ୍ଲ-ହୋ ମାନେ ଏହାକୁ ମାର୍ଗଶୀର ମାସର ଗୁରୁବାର ଦିନ ପାଳନ କରନ୍ତି । ସାଧାରଣରେ ଧାରଣା ରହିଛି ଏଥିରେ ପଶୁ ପକ୍ଷୀଙ୍କ ବଳି ଦିଆଯାଏ ନାହିଁ । ଏହା ସତ୍ୟ ନୁହେଁ । ବହୁ ବିଶିଷ୍ଟ ଲୋକମାନଙ୍କ ପାଖରୁ ସଂଗୃହୀତ ତଥ୍ୟ ଅନୁସାରେ ଏହି କରମ ପୂଜାବେଳେ, ଅଣ୍ଡିରାମେଣ୍ଢା, ବୋଦା, ପେଣ୍ଠିଛେଳି, ପାରା, କୁକୁଡା ଆଦି ପଶୁପକ୍ଷୀଙ୍କ ବଳି ପଡେ । ବିଶିଷ୍ଟ ବ୍ୟକ୍ତିମାନେ ହେଉଛନ୍ତି-

(୧) ଶ୍ରୀ କାରୁକର ସୋରେନ- ଅବରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ-ଆଦିବାସୀ କଲ୍ୟାଣ ବିଭାଗ-ଓଡିଶା ସରକାର-ବାଘରେଡ ଦାରୋଗା ଡାହି ଛକ ବାରିପଦା ।

(୨) ଡଃ କୃଷ୍ଣଚନ୍ଦ୍ର ନାୟକ -ଅବସରପ୍ରାପ୍ତ ପ୍ରଧାପକ-ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଧରଣୀଧର କଲେଜ କେନ୍ଦୁଝର

୩. ଶ୍ରୀଧର ସିଂ - ଅବସରପ୍ରାପ୍ତ ଜିଲ୍ଲା ଇନସପେକ୍ଟର-ଶିକ୍ଷାବିଭାଗ-ଉଦଲା ଜିଲ୍ଲା ।

୪. ଶ୍ରୀ ଦୋଳଗୋବିନ୍ଦ ମହାନ୍ତ-ଅଧାପକ, ଇଂରାଜୀ ବିଭାଗ କୋଷ୍ଟାକଲେଜ, ମୟୁରଭଞ୍ଜ

୫. ଶ୍ରୀ ପ୍ରଧାନ ନାଏକ- ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ-ସରଗଡା-ବିଜାତଲା ବ୍ଲକ ।

୬.	ଶ୍ରୀ ଦୀନବନ୍ଧୁ କଣ୍ଡାଂକେଲ- ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ-ବାକ୍ରାସାଇ-କୁଚେଇପାଲ, ଜାମଦା ବ୍ଲକ

୭.	ଶ୍ରୀ ପ୍ରଭାକରସିଂ - ଅବସରପ୍ରାପ୍ତ- ବ୍ୟାଙ୍କ ଅଫିସର କାନାରା ବ୍ୟାଙ୍କ-ବାରିପଦା

୮.	ଡଃ ଆଦିକନ୍ଦ ମହାନ୍ତ- ଅବସରପ୍ରାପ୍ତ ସ୍କୁଲ ସବ ଇନିସପେକ୍ଟର- ମୋରଡାବ୍ଲକ, ଚିତ୍ରଡା ।

୯.	ଶ୍ରୀ ମାଧବ ଚନ୍ଦ୍ର ହାଂସଦାଃ, ପୂର୍ବତନ ମୁଖ୍ୟ ପରିଚାଳକ ବ୍ୟାଙ୍କ ଅଫ ଇଣ୍ଡିଆ-ଭୁଗୁଡା କୋଟ ବାରିପଦା

୧୦.	ଶ୍ରୀ ପଞ୍ଚାନନ ନାୟକ (ରାଜକୁଳି ଭୂୟାଁ) ଆଟପୁ - କେନ୍ଦୁଝର

ଏହି ପର୍ବ ପୂଜା ଉତ୍ସବ ମୁଖର । ଏହି ପର୍ବରେ ମାଦଳ (ଜାଦୁର) ବଜାଯାଇ ରାତିସାରା ପୁରୁଷ ନାରୀ ଗୀତ ଗାଇ ଗାଇ ପାନ୍ତାସାଲିଆ ନାଚ ନାଚିଥାନ୍ତି । ଏହି କରମ ପର୍ବବେଳେ ବୋଲା ଯାଉଥିବା ଗୀତକୁ କରମ ଗୀତ ଓ ଏହି ଅବସରରେ କରାଯାଉଥିବା ନାଚକୁ କରମ ନାଚ ମଧ୍ୟ କୁହାଯାଏ । ହୋ ମୁଣ୍ଡା ଶବ୍ଦ ପାନ୍ତିର ଅର୍ଥ ଧାଡ଼ି । ଧାଡ଼ିରେ ଛିଡା ହୋଇ ନାଚ କରାଯାଉଥିବାରୁ ଏହାକୁ ପାନ୍ତାସାଲିଆ ନାଚ କୁହାଯାଏ । ମୟୂରଭଞ୍ଜର ପ୍ରିୟ ଗୀତ ହେଉଛି ଝୁମର । ଏହି ଗୀତ ସହ ସମ୍ପର୍କଥିବା ନାଚକୁ ଝୁମର ନାଚ କୁହାଯାଏ । ପାନ୍ତାସାଲିଆ ନାଚ ହେଉଛି ଏକ ଗୋଷ୍ଠୀ ନୃତ୍ୟ । ନର୍ତ୍ତକ ନର୍ତ୍ତକୀମାନେ ଧାଡିରେ ଛିଡା ହୋଇ ପରସ୍ପର ପରସ୍ପରର ହାତକୁ ଧରି ସାମନାରେ ଝୁଲି ଝୁଲି ଗୋଲାକାରରେ ନାଚିଥାନ୍ତି । ଏହି ନାଚଟିକୁ ନାଚ ଆଖଡାର ଚାରିପଟେ ଗୋଲାକାରରେ ପ୍ରଦକ୍ଷିଣ କରାଯାଏ । ଅର୍ଦ୍ଧ ଗୋଲାକାର ବୃତ୍ତ ଭିତରେ ଥାଇ ମାଦଳିଆମାନେ ମାଦଳ ବଜାନ୍ତି ଓ ଅନ୍ୟ ଯୁବକମାନେ ତାରି ଭିତରେ ଥାଇ ନାଚି ନାଚି କରମା/ଝୁମର ଗୀତ ଗାନ କରନ୍ତି । ନାଚୁଥିବା ନର୍ତ୍ତକୀମାନେ ସେହି ଗୀତର ପୁନରାବୃତ୍ତି କରନ୍ତି ।

"ଆନିଆଁ କରି. କାଠି ଆଖଳା ଥାପନା କରି
ଗୋପିନ୍ ସଭେକରେ ଏକାଦଶୀ
ଆଜିରେ କରମ୍ କେର୍ ରାତି
ଜାରି ଦେଲାଇଁ ରେସମେଳ ବାତୀ
ଗୋପିନ୍ ସଭେ ନାଚେ ପାନ୍ତାପାନ୍ତି"

(କୁଳମାଲୀ ଝୁମର ଗୀତ)

# କାରାମ-କରମ-ପର୍ବ ଗୀତ

ଭାଦ୍ରବ ମାସ ଶୁକ୍ଳପକ୍ଷ ଏକାଦଶୀ ଦିନ କରମ / କାରାମ ପର୍ବ ପାଳିତ ହୁଏ । ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କମାର, କୁମ୍ଭାର, କୁଡୁମୀ, ଲୋଧା, ମୁଣ୍ଡା, ଭୂମିଜ, ଭୂୟାଁ, ଗଣ୍ଡ, ବାଥୁଡି, ପାତ୍ର-ତନ୍ତୀ, ତାମୁଲିଆ ପୁରାଣ ଆଦି ଜାତିର ଲୋକଙ୍କ ଘରେ । ସାନ୍ତାଳମାନେ କେବଳ ପୂର୍ଣ୍ଣମା ତିଥିରେ କରମ ପର୍ବ ପାଳନ କରନ୍ତି । ଏହା ଆରମ୍ଭ ହୁଏ ଗହ୍ମା ପୂର୍ଣ୍ଣିମାରେ ଓ ଶେଷ ହୁଏ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ । ବିଭିନ୍ନ ଗାଁରେ ଗାଁଲୋକେ ବିଭିନ୍ନ ପୂର୍ଣ୍ଣିମାରେ କରମ ପୂଜା ଅନୁଷ୍ଠାନ କରନ୍ତି । କେତେକ ବଂଶର ଲୋକମାନେ ମଧ୍ୟ ବ୍ୟକ୍ତିଗତ ସ୍ତରରେ କାରାମ ପୂଜା କରିଥାନ୍ତି । ପଶ୍ଚିମ ଓଡିଶାରେ କରମା କହୁଥିବା ବେଳେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ  କମାର, କୁମ୍ଭାର, କୁଳମୀ, ଲୋଧା, ଭୂୟାଁ, ଗଣ୍ଡ, ବାଥୁଡି ପାତ୍ରତନ୍ତୀ, ତାମାଳିଆ ପୁରାଣମାନେ ଏହାକୁ କରମ ପର୍ବ ପାଳନ୍ତି । କୋହ୍ଲ ହୋ ମୁଣ୍ଡା, ଭୂମିଜ ଓ ସାନ୍ତାଳମାନେ ଏହାକୁ କାରାମ ପରବ୍ କହନ୍ତି । ଲକ୍ଷ୍ୟ କରିବାର କଥା କୋହ୍ଲ-ହୋ ମାନେ ଏହାକୁ ମାର୍ଗଶୀର ମାସର ଗୁରୁବାର ଦିନ ପାଳନ କରନ୍ତି । ସାଧାରଣରେ ଧାରଣା ରହିଛି ଏଥିରେ ପଶୁ ପକ୍ଷୀଙ୍କ ବଳି ଦିଆଯାଏ ନାହିଁ । ଏହା ସତ୍ୟ ନୁହେଁ । ବହୁ ବିଶିଷ୍ଟ ଲୋକମାନଙ୍କ ପାଖରୁ ସଂଗୃହୀତ ତଥ୍ୟ ଅନୁସାରେ ଏହି କରମ ପୂଜାବେଳେ, ଅଣ୍ଡିରାମେଣ୍ଢା, ବୋଦା, ପେଣ୍ଠିଛେଳି, ପାରା, କୁକୁଡା ଆଦି ପଶୁପକ୍ଷୀଙ୍କ ବଳି ପଡେ । ବିଶିଷ୍ଟ ବ୍ୟକ୍ତିମାନେ ହେଉଛନ୍ତି-

(୧) ଶ୍ରୀ କାରୁକର ସୋରେନ- ଅବରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ-ଆଦିବାସୀ କଲ୍ୟାଣ ବିଭାଗ-ଓଡିଶା ସରକାର-ବାଘରେଡ ଦାରୋଗା ଡାହି ଛକ ବାରିପଦା ।

(୨) ଡଃ କୃଷ୍ଣଚନ୍ଦର ନାୟକ -ଅବସରପ୍ରାପ୍ତ ପ୍ରଧାପକ-ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଧରଣୀଧର କଲେଜ କେନ୍ଦୁଝର

୩. ଶ୍ରୀଧର ସିଂ - ଅବସରପ୍ରାପ୍ତ ଜିଲ୍ଲା ଇନସପେକ୍ଟର-ଶିକ୍ଷାବିଭାଗ-ଉଦଳା ଜିଲ୍ଲା ।

୪. ଶ୍ରୀ ଦୋଳଗୋବିନ୍ଦ ମହାନ୍ତ-ଅଧାପକ, ଇଂରାଜୀ ବିଭାଗ କୋଷ୍ଟାକଲେଜ, ମୟୁରଭଞ୍ଜ

୫. ଶ୍ରୀ ପ୍ରଧାନ ନାଏକ- ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ-ସରଗଡା-ବିଜାତଲା ବ୍ଲକ ।

ଓଡ଼ିଆ ଭାବ-

ଯତନରେ ଆଣି କରମ ଡାଳ ।
ଥାପିଛନ୍ତି ଗୋପୀ ଆଖାଡା ଶାଳ ॥
ସବୁ ଗୋପୀ ଏକାଦଶୀ ପାଳନ୍ତି ।
ଆଜିପରା ଏଇ କରମ ଗୀତ ॥
ଜଳାନ୍ତି ରେଶମୀ ସୂତାର ଦୀପ ବଳିତା
ଧରାଧରି ହୋଇ ନାଚନ୍ତି ଗୋପୀ ବନିତା ॥

(୨)

ପଡଲ ଭାଦର ମାସ ଶୁନ ଗୋ
ମୋର ଶଶୁର ସାସ
ଏହ ମାସେ କରମ୍ ପରବ୍ ମାସ ଗୋ
କରମ ପରବେ ନୈହର ଯାବ
କରମ ପରବେ ଭାରି ମିଲବ ଯତ ସହଚରୀ
ସବାୟ ମିଲେ ଯାଓ୍ୱା ଉଠାବ ସାସ୍ ଗୋ
କରମ୍ ପରବେ ନୈହର ଯାବ
କରମେକା ଏକାଦଶୀ ସବାୟ ଜାଲେନ୍ ଘିଏର ବାତି
ମନେ ପ୍ରାଣେ କହନି ଶୁନବ ସାସ ଗୋ
ତୋର ଘାରେ ଆରନି ରହବ

(ଲୋଧାଗୀତ)

ଓଡ଼ିଆ ଭାବ-

ଶୁଣ ଗୋ ଶଶୁର ଶାଶୁ ଗୋ ଶୁଣ ।
ଭୋଦୁଅ ମାସ ଅଇଲା ଗଲା ଶ୍ରାବଣ ॥
ଭୋଦୁଅ ମାସଟି କରମ ପରବ ମାସ ।
ବାପଘର ମୁହିଁ ଯିବି ଅବଶ୍ୟ ॥
ସାଙ୍ଗସାଥୀ ମେଳେ ମିଳିମିଶି ମୁହିଁ
କରମ ପରବ ପାଳିବି
ଜାଓ୍ୱା ଉଠାଇବି ସଭିଙ୍କ ସାଥିରେ
କରମ ପରବରେ ମାଆ ଘରକୁ ଯିବି ॥
ଘିଅ ଢାଳି ଦୀପ ଜଳାନ୍ତି ସଭିଏଁ

କରମ ଏକା ଦଶୀରେ ।
ମନ ପ୍ରାଣ ଦେଇ ଶୁଣିବି କଥା କାହାଣୀ
ଶାଶୁ ଗୋ
ଆଉ ମୁଁ ରହି ପାରିବିନି ତୋହରି ଘରେ ॥

(୩)
ଆଜାତରେ କରମ୍ ରାଜା ଘାରେ ଦୁଆରେ
କାଲତରେ କରମ୍ ରାଜା କେସ୍‌ନଦୀ ଧାରେ
ଦେବ ଦେବରେ କରମ୍ ଟିକିଲି ସିନ୍ଦୁର
ଆଗ୍ ଦେବରେ ନଲନା ଗାଜଲ୍

(କୁମ୍ଭାର ଗୀତ)

ଓଡ଼ିଆ ଭାବ-
ଆଜି ତ କରମ ରାଜା ବଇଛନ୍ତି ଘର ଦୁଆରେ
କାଲିଥିବ କେସ ନଈ କୂଳରେ
କରମ ସିନ୍ଦୁରଟିକା ଦେବୁରେ ଲଗାଇ ।
ନରେନା କଜଳ ଦେବୁରେ ନାଇ ॥

(୪)
କାରାମ୍ ଋଣ୍ଡୁ ମୁଲୁଃଲେନ୍
କରାମ୍ ଅଲାଃ ସାଲବାଲ୍
କାରାମ୍ ବଙ୍ଗାକ ଧେଆନ୍ ଧରମ୍ ଟାନ୍
ହାଇ ଜିଲୁକୁଦ କାକ ଜମ୍‌ଟାନ୍
କାରାମ୍ ଦାରୁକ ଆଗୁଲେଦ
ରାଋ ରେକ ବିଦ୍ ଲେଦ୍
ଚୁମାନ୍ ସିନ୍ଦୁର ଧୁନା ଧୁପ୍ କେଦ୍
କାରାମ୍ ବଙ୍ଗା ପୁଞ୍ଜି ଅମା କ -ଟାନ୍
କାଟାବ କୁଳିକ ହିଜୁଃ ଲେନ୍
ଋଲାବ ଚୁଲୁବ୍ ଚୁରିନ୍ ଲେକା
କାରାମ୍ ଦାରୁକ ଦୁବ୍ ବିୟୁର କେଦ୍
ଲେଲଃ ଟାନାକ ଚୁରିନ୍ ଲେକା
କାହାନୀ ଗୁର୍ କାଜିଟାନ୍

ସାବେ ପେଗ କାରାମ୍ କତ
କାରାମ୍ ବଙ୍ଗା ପୁଞ୍ଜି ଆମା ପେଆ

(ମୁଣ୍ଡା ଗୀତ)

ଓଡ଼ିଆ ଭାବ-

ଆକାଶେ କରମ୍ ଚାନ୍ଦ ଉଇଁଲ
କରମ ଘରେ ଗହଳି ଜମିଲା ॥
କରମ ଦେବତା ପୂଜା ଉପାସ ।
ଭକତେ ଛାଡିଲେ ଖିଆ ଆଇଁଷ ॥
ଅଗଣା ମଝିରେ
ପୋତିଲେ କରମ୍ ଡାଳ ଗୋଟିଏ ।
ଧୂପ ଦୀପ ଦେଇ ଆଳତି ଜଳାଇ
ସିନ୍ଦୁର ସଜାଇ କରମ ପୂଜା କରନ୍ତି ସଭିଏଁ ॥
କରମ ଦେବତା ସଭିଙ୍କୁ ଦିଅନ୍ତି ଧନ ସମ୍ପତ୍ତି ।
ଗଛ ଚଉପାଶେ ବେଢେଇ ବସନ୍ତି ସବୁ ଯୁବତୀ ॥
ଯୁବତୀ ଦିଶନ୍ତି ଡାହାଣି ପେତିନୀ ଅବା ଭୁତୁଣୀ ।
ଗଦ ଗଦ ହୋଇ ଗୁରୁ ବଖାଣନ୍ତି ଗୁଢ କାହାଣୀ ॥
କରମ ଡାଳକୁ ମୁଠେଇ ଧର ।
କରମ ଦେବତା ।
ତୋଷ ହେଲେ ଦେବେ ଧନ ଅପାର ॥

(୫)

କିରିକିଟି କୁମାରୁଣୀ
ବୋଝା ବହୁଇରେ କୁମ୍ଭାରୁଣୀ
ଡଲା ଧରି ନାଚଇରେ ଡମଣୀ
ହିଲେ ଖୋସା ନାଚଇରେ କୋହ୍ଲୁଣୀ

(କମ୍ଭାର ଗୀତ)

(୬)

ମାଦଲ ବାଜିଲାରେ ମାଦଲ ବାଜିଲା
ମାଦଲ ବାଜେ ରସିକ ଛଣ୍ଡା ଛମକି ନାଚିଲା

ମାଦଲ ବାଜିଲା ହୋ ମାଦଲ ବାଜିଲା
ମାଦଲ ଶୁନି ରସିକ ଟୋକି ଠମକି ନାଚିଲା
ମାଦଲ ବାଜିଲା

(ଲୋଧା ଗୀତ)

(୭)
ପୂରବ ପଶ୍ଚିମ ଅସ୍ତାତିକ ଉତ୍ତର ଦକ୍ଷିଣ ରଶିକାକ
ହୟ ବାର୍ଣ୍ଣୁ ଲେକା ଗେକ ହିଜୁଃ ସେଟେର ମାକ
ରକମ ରକମ୍ ତାଆଳ ତାକ କିଲିମିଲି ଦୁରାଂତାକ
ସୁସୁନ୍ ଦୁରାଂ ଆକାଳାରେ ଉଦୁବ୍ ସଦରେ ମାକ
ରାଶିତୁତାନ୍ ରଶିକାକ ଜାଦୁର ରୁତାନ୍ ଅସ୍ତାତିକ
ସୁସୁନ ଦୁରାଂ ଆକାଳାଦ ନେକ ରୁମୁଲେକ
ନେଲତାନ୍ କ ନେଲଜମପେ ଆୟୁମତାନକ ଆୟୁମ ଜମପେ
ରାସାଁ ତେପେ ବେଟାୟାନକ ଏଲା ସୁସୁନ ଜମପେ
ସୁସୁନତେପେ ଲାଗାୟାନରେ ବୁଲତେପେ ବାଟିୟାନରେ
ଆକାଳା କୁଟି ଜାଗାକରେ ଏଲା ଜାପିଡ ଜମ୍‌ପେ
ସେଟେରାକାନ୍ ହାଗାମିଶି ଚେପେଟ ଜମପେ ସିବିଲ ରାଶି
ସିରିମାରେ ସିଂବଙ୍ଗା.....ଅତେମୁଣ୍ଡୁ ନାଗେ ଏଙ୍ଗା
ସୁସୁନ୍ ଦୁରାଂ ଆକାଳାଦ ସାରି ରୁମୁଲେପେ
ସେଟେରାକାନ୍ ହାଗାମିଶି ଚେପେଟ ଜମପେ ସିବିଲ୍ ରାଶି
ଦୁରାଂ ଦିଲିଞ୍ଜ୍ ତୁଣ୍ଡୁକେଡା ଜହାର ତେଲା ତାପେ

(କୋହ୍ଲ- ହୋ ଗୀତ)

ଓଡ଼ିଆ ଭାବ-

ପୁରୁବ ପଶ୍ଚିମ ଦିଗରୁ ଅଇଲେ
ମାଦଲ ଓସ୍ତାଦ ଯାକ ।
ଉତ୍ତର ଦକ୍ଷିଣ ଆଡୁ ପହଞ୍ଚିଲେ
ଗୀତ ରସିକ ॥
ଅଲଗା ଅଲଗା ମାଦଳ ତାଳକୁ
ଅଲଗା ଅଲଗା ଗୀତ ॥

ନାଚ ଆଖଡାରେ ନାଚିଲେ ଗାଇଲେ
କଲେ ଗମାତ ॥
ମାଦଳ ଓସ୍ତାଦ ସବୁ ବଜେଇଲେ ଜାଦୁର ବାଜା ।
ଗୀତ ରସକିଆ ବାଢିଲେ ଗୀତରେ ମଜା ॥
ଗୀତରେ ନାଚରେ ଜମିଲା ନାଚ ଆଖଡା
ଦେଖନ୍ତି ଦେଖଣା ହାରୀ ।
ମନ ମଉଜରେ ଗୀତ ଶୁଣୁଥାନ୍ତି ପୁରୁଷ ନାରୀ ॥
ନାଚି ନାଚି ଗଲେ ଥକି
ମାତାଲ ହୋଇ ଗଲେକି
ଭୂଇଁରେ ପଡିଲେ ଗଡି
ଆଖାଡା କଡକୁ ଖୋଲା ଜାଗା ଖୋଜି
ଶୋଇଯାଅ ମାରୁଥାଉ ଘୁଂଗୁଡି ॥
ଆଇଚ ଯେତକ ଭଉଣୀ ଭାଇ ।
ମଧୁର ସଙ୍ଗୀତ ରସସବୁ ଯାଅ ପିଇ ॥
ବ୍ରହ୍ମାଣ୍ଡ କରତା ସିଂବଙ୍ଗା, ରହିଥାଅ ଉପରେ
ନାଗେ ମାତା ଅଛ ଏଇ ମାଟିରେ ।
ନାଚରେ ଗୀତରେ ମାଦଳ ନାଦରେ
ଉଠୁଛି ପଡୁଛି ନାଚ ଆସର
ଯେତକ ଭଉଣୀଭାଇ
ସଙ୍ଗୀତରେ ହୁଅ ବିଭୋର
ଗୀତ ସାଇଲି ମୁଁ କରୁଛି ଏବେ ଜୁହାର ॥
(୮)
"ରାମ ଯାଛେନ୍ ବନବାସ ସଂସାର ଛାଲିଏଁ ହେ,
ଚଲିତେ ତା ପାରେନ୍ ସୀତା କରିଛେନ୍ ବିକଲି ହେ
ଉପୁରେ ସୂରୁଜେର ଆଲ ତଲେ ତାତା ବାଲିହେ
ଚିଲିତେ ନ ପାରେନ୍ ସୀତା କରିଛେନ୍ ବିକଲି
ଭାଙ୍ଗି ଲୈଖନ ତରୁଡାଲ ଧରୁ ସୀତା ଶିରେ ହେ
ତାକରି ଛାଇଁରେ ସୀତା ଚଲେନ୍ ଧୀରେ ଧୀରେ ହେ"

(କାମାର ଗୀତ)

ଓଡ଼ିଆ ଭାବ-

ରାମ ଯାଉଛନ୍ତି ବନସ୍ତ ବାସ ।
ତେଜି ରାଜଗାଦି ରାଜ ଉଆଁସ ।।
ସୀତାଙ୍କର ପାଦ ଚଳଇ ନାଇଁ
କ୍ରନ୍ଦନ କରନ୍ତି ବିକଳ ହୋଇ ।।
ଉପରୁ ସୂରୁଜ ଢାଳଇ ନିଆଁ ।
ତଳେ ବାଲି ତାତି ପାଦକୁ ଚିଆଁ ।।
ଲଇକ୍ଷଣ ଭାଙ୍ଗି ଡାଳ ପତର ।
ଛାଇ କରିଛନ୍ତି ସୀତାଙ୍କ ଶୀର ।।
ଡାଳ କରିଛି ଖରାକୁ ଆପଟ ।
ଧୀରେ ଧୀରେ ସୀତା ଚାଲନ୍ତି ବାଟ ।।

(୯)

ଝିଙ୍ଗା ଫୁଲେର ଲଲକରି ଅଙ୍ଗେରେ ଯୌବନର ଭାରି
ହାଇ ହାଇ ଦଗାଦିଅ କାହେ ନା ଆସିଲ ଧନୀ ବଂଶଧାରୀ
ଯାଇତେ ଯମୁନାର ଜଲେ କେହୁ ଗୋ କଦମ୍ବର ତଲେ
ହାଇ ହାଇ ସହଚରୀ ପ୍ରେମରି ବେଦନାୟ ହାମେ ଝୁରି ମରି
(କାମାର ଗୀତ)

ଓଡ଼ିଆ ଭାବ-

ଜହ୍ନିଫୁଲ ରଙ୍ଗ ହଳଦୀ ସାଜ ।
ଅଙ୍ଗେ ଅଙ୍ଗେ ଭରା ଯୌବନ ବୋଝ ।।
ହାୟ ଦଗାଦିଆ ବଇଁଶୀ ଧାରୀ ।
ପ୍ରାଣସଖା ଆସିଲାନି କିପରି ।।
ଢେଉ ଉଚ୍ଛୁଳଇ ଯମୁନା ଜଳେ ।।
କିଏ ଲୋ ସେଇଠି କଦମ୍ବ ମୂଳେ ।।
ସହଚରୀ ମୁହିଁ ମରୁଛି ଝୁରି ।
ପ୍ରୀତି ବେଦନାରେ ହେଉଛି ଘାରି ।।

(୧୦)

ପ୍ରଶ୍ନ- କନ୍ ଦିନେ ବାଲି ଉଠା
କନ୍ ଦିନେ ଜାଓ୍ୱା ଜାଗାଓ୍ୱା

ହାଇରେ ସଖୀ
କନଦିନେ କରମେ ଗାଡାଏରେ
ଉତ୍ତର- ମଙ୍ଗଳ ବାରେ ବାଲିଉଠା
ବୁଧବାରେ ଜାୱା ଜାଗାୱା
ହାଇରେ ସଖୀ
ଗୁରୁବାରେ କରମେ ଗାଡାଏରେ

(୧୧)
ଆନାମାନା ଶାଗ୍ ତୁଲିଛି ଘିଏ ଭେଜିଛି
ଚିଙ୍ଗିଳି ମାଛେ ମେଲିଝଙ୍ଗା ମେସଲ ନାଇଁ
ଭାଶୁର ଗାଲ୍ ଦିଅନା
ଆର ଏମନ୍ କାମ୍ କରବଁ ନାଇଁ
ଭାଶୁର ଗାଲ୍ ଦିଅନା । (କୁଳମି ଗୀତ)

(୧୨)
ଶାଶେ କହେ ଋଖାନି
ଶଶୁର କହେ ଋେରନି
ସେଇଁୟା ମୋର କହେ
ଭାଲଇ ହେକେ ମୋର ସଜନୀ (କମାର ଗୀତ)

(୧୩)
ନିଜର ଘଇତା ନାଗି
କାନା ମାନା ଶାଗ ଯେ
ପରର ଭାତାର ନାଗି
ମାଟା ଝାଡା ମାଛ ଯେ
ନିଜର ତିର୍ଲା ନାଗି
ଏମନ୍ ତେମନ୍ ଶାଳି ଯେ
ତେମଣି ମାଇପନାଗି
କୁକୁ ଭୁକା ଶାଳୀ ଯେ (ଖଡ଼ିଆ ଗୀତ)

କରମ ପୂର୍ବରୁ ପ୍ରସ୍ତୁତି ଉତ୍ସବ ହେଉଛି ଜାୱା । ଏହାର ପ୍ରଥମ ପାଦରେ ଏକ ନୂଆ ଡାଲାରେ ବାଲି ଉଠାଇବା । ଏହି ଡାଲା ବାଲିରେ ଧାନ, ବିରି, ସୋରିଷ, ଚଣା, ମକା, କୁଳଥ, ମୁଗ ଆଦିର ମଞ୍ଜିକୁ ପୋତାଯାଏ ବା ଥୁଆଯାଏ । ଏହାପରେ (ରାତିସାରା) ଯୁବତୀମାନେ କରମ ରଜାଙ୍କ ଗୁଣଗାନ କରି ନାଚଗୀତ କରନ୍ତି ।

# ଜାୱା ଗୀତ

କାଁସାୟ ଲଦିକ୍ ବାଲି ଆନି ଜାଅଆ ପାତବ ଗ
ହାମର୍ ଜାଅଆ ଉଠବେ ରାଗେ ତାଲ୍ ଗାଛେକ୍ ସମାନ୍‌ଗ
ସୁରଜ ଉଠେ ଖିନ୍ ଖିନ୍
ଜାଅଆକ୍ ଲାଗିନ୍ କରବଁ ଉପାସ୍
ସାତ୍‌ଦିନ୍ ଜାଅଆ ଲାଗିନ୍ ନିୟମ୍ ପାଲନ୍‌ଗ
ତାଅ ହାମେ ଜାଅଆ କରବଁ

(କୁଳମାଲି ଗୀତ)

ଓଡ଼ିଆ ଭାବ-

କଂସାବତୀ ବାଲି ଆଣି ଅମେ ପୋତିବୁ ଜାଅଆ ।
ଗଜା ହେବ ଉଚ୍ଚ ତାଳ ଗଛ ପରି ବଢ଼ିବ ତାହା ॥
ନିଇତି ସୁରୁଜ ହେଉଛନ୍ତି ଉଦୟ ।
ଜାଅଆ ବୁଣିଅଛୁ ଗଜା ବାହାରୁନି ହାୟ ॥
ସାତଦିନ ନିୟମରେ ଜାଅଆ ଉପବାସ କରିବୁ ।
ଯାହା ହେଉ ପଛେ ଆମେ ତ ଜାଅଆ କରିବୁ ॥

(୨)

ଇତି ଇତି ଜାୱା କିଆ କିଆ ଜାୱା
ଜାଉଁଲ ମାଇଁ ଜାଉଁଲ ମାଇ କୁଳଥି ବହୁଲାରେ
ସିହରି ଜିଆଇବ ପନିଆ ପିଆଇବ
ଏକ ଯାଙ୍ଗା ଜାୱା ଶତ ପାତା ଜାୱା
ଜାଉଁଲମଇଁ କୁଳଥି ବହୁଲାରେ

(କୁଳମାଳୀ ଗୀତ)

ଓଡ଼ିଆ ଭାବ-

ଧାଡି ଧାଡି କରି ବୁଣିଲି କୋଳଥ ମଞ୍ଜି
ପାଣି ଢାଳି ଦେଲି ପାଣିରେ ଭିଜି ।
ଜାଡି ଜାଡି ଗଜା କେତେ ବାହାରିଛି ଆଜି ॥

(୩)

ବନ ବନ ବୁଲଲି ବନଫୁଲ ତୁଲଲି
ବଉରା ତଲେ ଦିଦିଗୋ ରଇଦେ ଘୁମାଲି
ତବଉ ବନ୍ଧୁର ଦେଖା ନାଇଁ ପାଲି
ଗାନ୍ଥଲି ଫୁଲେଇ ମାଲା ରଙ୍ଗଅ ଫୁଲେ ଝାଲାମାଲା
ବଉରା ତଲେ ଦିଦିଗୋ ରଇଦେ ଘୁମାଲି
ତବଉ ବନ୍ଧୁର ଦେକା ନାଇଁ ପାଲି

(କୁଳମାଲୀ ଗୀତ)

ଓଡ଼ିଆ ଭାବ-

ସାରାବଣ ବୁଲି ବଣ ଫୁଲ ସବୁ ତୋଳି ଆଣିଲ
ଖରାବେଳେ ଦିଦି ବଉଳ ଗଛର ଛାଇରେ ଶୋଇ ପଡିଲ
ଝିଲି ମିଲି ରଙ୍ଗ ଫୁଲରେ ଗୁନ୍ଥିଲ ମାଳ
ବଉଳ ଗଛର ଛାଇରେ ପଡିଲ ଶୋଇ
ବନ୍ଧୁଙ୍କ ଭେଟ ମିଳିଲାନି ଅନେଇ ଅନେଇ

କରମ ପର୍ବ ତିନିଟି ପର୍ଯ୍ୟାୟରେ ପାଳିତ ହେବା ପରମ୍ପରା ରହିଛି । ପ୍ରଥମ ପର୍ଯ୍ୟାୟ ଜାଓ୍ୱା ଉଠାଇବା, ଦ୍ୱିତୀୟ ପର୍ଯ୍ୟାୟରେ କରମ ଡାଳକୁ ଜଙ୍ଗଲର ଆଣି ପୂଜାସ୍ଥାନରେ ପୋତିବା, କାହାଣୀ କହିବା, ରାତିସାରା ନାଚିବା ଓ ଗୀତ ଗାଇବା, ଶେଷ ପର୍ଯ୍ୟାୟଟି ହେଉଛି ବାସିଦିନ କରମ ଡାଳକୁ ଉଠାଇ ନେଇ ପାଣିରେ ଭସାଇ ଦେବା, ଏହି କରମ ଡାଳକୁ ଜଳରେ ଭସେଇ ଦେବାକୁ ନେଇ ବିଭିନ୍ନ ଆଦିବାସୀ ଗୋଷ୍ଠୀ ଓ ବିଭିନ୍ନ ଜାତିଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଗୀତ ରହିଛି ।

(୧)

ଆମଡାଳ ଜାମଡାଲ୍ ବାଜିଗଲା କାପାଲେ
ଆଜରେ କରମ ରାଜା ଛାଡିଗଲୁ ସାକାଲେ

(୨)

(ଗଣ୍ଡ ଗୀତ)

କୁସୁମ ଠେଙ୍ଗା ବାଉଁଶ ଠେଙ୍ଗା
ବାଜିଗଲା କପାଲେ
ହାୟ ହାୟ ! କରମ ରାଜା ଋଲିଗଲା ସକାଲେ

(କୁମ୍ଭାର ଗୀତ)

(୩)
ବାଉଁଶ ଠେଙ୍ଗା କୁସୁମ ଠେଙ୍ଗା
ବାଜିଗଲା କପାଳେ
ହାୟ ହାୟ କରମ ରାଜା ଛାଡିଗଲା ସକାଳେ

(ଭୂୟାଁ ଗୀତ)

(୪)
ଆଜରେ କରମ ରାଜା ଖିରି ଖିଚିଡି
କାଲରେ କରମ ରାଜା ଦାନ୍ତ ଗିଜିଡି

(କୁମ୍ଭାର ଗୀତ)

(୫)
ଆଜତରେ କରମ ରାଜା ଘରେ ଦୁଆରେ
କାଲତରେ କରମ ରାଜା ବାଆଁଶନଟୀ ପାରେ
ଆମ୍ ଗାଜାଲୁ ଛଣ୍ଡା ଜାମ୍ ଗାଜାଲୁ
ଭାଲ ଭାଲ ଛଣ୍ଡାମାନଙ୍କୁ ବାଗେ କାଟ୍ଲୁ

(ଖଡିଆ ଗୀତ)

(୬)
ଟିସିଂ ଦୟା କାରାମ୍ ରାଜାମ୍ ରିଙ୍ଗିସିଙ୍ଗିଆ
ଗାପାଦରେ କାରାମ୍ ରାଜାମ୍ ନାଇଲ ଗାଲା ହାଇପୁ

(ହୋ ଗୀତ)

ଓଡ଼ିଆ ଭାବ-

ଟୋକାମାନେ ଆଜି
ହସ ଖୁସି ଯେତେ କରିଯାଅ
ମନ ମଉଜେ ମାତି ।
କାଲିକୁ ଧରିବ ଲଙ୍ଗଳ କଣ୍ଡି ॥

(୭)
ଯାଅ ଯାଅ କରମ ରାଜା
ଏହି ଛୟ ମାସ
ପଡିଲେ କରମ (ଭାଦର) ମାସ
ଆନବଁ ଘୁଁ ରାୟ

(କୁଳମୀ ଗୀତ)

(୮)

ତିସିଂ ତେୟାଦ କାରାମ୍ ରାଜା
ଦାଆରେ ତାୟୁମେ
କାଲମ୍ ନେକାଦିନ କାରାମ
ଅଡଃ ଲେ ଇଦିମେ
ଲାନ୍ଦା ଲାନ୍ଦା ତେ କାରାମ୍
କୁ ସେନ୍ଃ ମେ
ହାସୁ ରୁଆ ଜତ ତାଲେ
ଇଦି ଦାର୍ ଆମେ

(ଡୁମିଜ କାରାମ ଦୁରାଂ)

ଓଡ଼ିଆ ଭାବ-

ଆଜିଠାରୁ କରମ ରାଜା ଦେଉଛୁ
ନିଆ ପାଣିକୁ ବିଦାୟ
ଆସନ୍ତା ସନକୁ ଆଣିବୁ ତୁମକୁ
ଫେରିଲେ ଏଇ ସମୟ ॥
କରମ ରାଜା ହେ ଆନନ୍ଦରେ ଯାଅ ଫେରି ।
ଦୁଃଖକଷ୍ଟ ରୋଗ ବଇରାଗ ଆମରି ।
ସବୁ ନେଇଯାଅ ସଙ୍ଗେ ତୁମରି ॥

# ଅନ୍ୟ-କରମ ଗୀତ - କାରାମ୍ ଦୁରାଂ

ସାଲାକିଦ ବା ରାଙ୍ଗା ରାଙ୍ଗା
ଛାମଡା ଲାତାର ଜୁଲି ଜୁଲି କାରାମ୍
ଆସେ ଆଲେ ଆମକେ ଦେଙ୍ଗା
ଜଆର୍ ଠାକୁର କାରାମ୍ ବଙ୍ଗା
ଆମଗେ ଆପୁ-ଆମଗେ ବୁରୁବଙ୍ଗା
ଲେଲେ ଗେମ୍‌ଗା ଆକାଲ ରିଙ୍ଗା ଦୁକୁ ଦେଙ୍ଗା
ଆସେ ଆଲେ ଆମକେ ଦେଙ୍ଗା

(ଭୂମିଜ ଦୁରାଂ)

ଓଡ଼ିଆ ଭାବ-

ଉପରେ ଝୁଲାଇ ନାଲି କଇଁଫୁଲ ମାଳ ।
ପୋତିଛୁ ତୁମ ପ୍ରତୀକ ଯୋଡି କରମ୍ ଡାଳ ॥
ଆହେ ବୁରୁବଙ୍ଗା ତୁମେ ପର୍ବତ ଦେବତା ।
କରୁଣା କର ଆମକୁ ତୁମେ ପ୍ରଭୁ ପିତା ॥
ଦୂର୍ କର ପ୍ରଭୁ ଆମ ଦୁଃଖ ଅନାଟନ ।
ଭକତିରେ କରୁ ତୁମ୍ଭ ଚରଣ ପ୍ରଣାମ ॥

(୨)

ରିମିଝିମ୍ ରିମିଝିମି ପାନି ବରଷେ ହେ
ଛାତାଧର୍ ହୋ ଛୋଟ ଦିଅରା
ପାନ୍ ପତର୍ ଶାଢୀ ଭିଜିଗୋଲା ଯାଁ
ମଲ୍ଲୀଫୁଲ ଚମ୍ପାଫୁଲ ମହକ ଛାଡିଲା ହୋ
ପାଶେ ଥିବ ଛୋଟ ଦିଅରା
ମହକେ ମୋର ମନ ମହିନେଲା
ସୁଲୁସୁଲୁ ସୁଲୁସୁଲୁ ପବନ ବହିଲା ହୋ
ପାଶେଥିବ ହୋ ଛୋଟ ଦିଅରା
ପରତ ପଣତ କାନି ମୋର ଉଡିଗଲା

(ଲୋଧା ଗୀତ)

ଓଡ଼ିଆ ଭାବ-

ରିମିଝମି ରିମିଝିମି ବରଷିଲା
ପାଣିର ଧାର ।
ଆଗୋ ମୋ ସାନ ଦିଅର ॥
ଛତାକୁ ଟିକିଏ ଧର ॥
ଭିଜିଲା ମୋ ପାନ ପତରୀ ଶାଢୀ ।
ମଲ୍ଲୀଫୁଲ ଚମ୍ପାଫୁଲ ମହକ ଯାଉଛି ଉଡି ॥
ମହକରେ ମୋର ମନ ମୋହିଲା ।
ସୁଲୁସୁଲୁ ହୋଇ ବାଆ ବହିଲା ।
ଏତିକି ବେଳକୁ ଦିଅର ଗୋ ମୋର
ପାଖେ ପାଖେ ଥିବ ଭଲା ॥
ପଣତ କାନି ମୋ ଉଡି ଯାଉଛି ବାଆରେ ।
ଏମିତି ବେଳକୁ ଦିଅର ଗୋ ଥିବ ମୋ ପାଖରେ ॥

(୩)

ହରାହରାମ୍ ସେନତାତା ଅପା ଋଟୁମ ଦୁପିଲ୍ ତାତା
ଆଞ୍ଜଗେମନେଲତାନା ଆମଦ ଅକନହାତୁ ରିନିଃରେ
ଆଞ୍ଜ ଗେମ୍ ନେଏଲ୍ ତାନା
ହାତୁ ତାମ୍‌ଦ ଜାଗାରାଞ୍ଜମେ
କିଲି ତାମ୍‌ଦ କାଜି ଆଞ୍ଜମେ
ଆମଦ ଅକନ୍ ହାତୁ ରିନିଃରେ
ଆଞ୍ଜଗେମ୍ ନେଏଲ ତାନା - ହାଏ ହାଏ

(ହୋ- କାରାମ୍ ଦୁରାଂ)

ଓଡ଼ିଆ ଭାବ-

ବାଟେ ବାଟେ ତୁମେ କୁଆଡେ ଋଲିଛ
ମୁଣ୍ଡେଇ ହାଣ୍ଡି ।
ଅଟକି ଯାଉଛ ଅନେଇ ରହୁଛ
ମୋ ଆଡେ ଉଣ୍ଡି ॥
କାଇଁକି ମୋ ଆଡେ ଅନେଇ ରହୁଛ
କହୁନା କୋଉ ଗାଆଁର ।

ତମ ଗାଆଁ ନାଆଁ ବତେଇ ଦଉନା ଜାତି ଗୋତର
ମୁଁ ତ ଦେଖିଛି ମୋରି ଉପରେ ତମ ନଜର ॥
(୪)
ଆୟୁବ୍ ସିଙ୍ଗି ବା ଜାନ୍
ତିକିନ୍ ସିଙ୍ଗି ଗସଜାନ୍
ଅହଜୁଗି ଚେଣେ
ଆମ୍ ଚେଣେମ୍ ଗସ ଋବାଜାନ୍

(ମୁଣ୍ଡା ଦୁରାଂ)

ଓଡ଼ିଆ ଭାବ–

ସଞ୍ଜ ବେଳକୁ ଫୁଲ ଫୁଟିଲା
ଦୁଇ ପ୍ରହରକୁ ମଉଳି ଗଲା ॥
ଆହେ ! ଜୁଗି ଚଢେଇ
ତୁ ମଧ ମଉଳି ଗଲୁ ॥
(୫)
ଚେତେ ଲାଗିଦ୍ ହୋ କାରାମ୍ ଗୋସାୟଁ ଏମ୍ ରୁଷାଲେନ୍
ଚେତେ ଲାଗିଦ ହୋ କାରାମ୍ ଗୋସାୟେଁମ୍ ବାରିସାଲିୟେନ
ଲେଙ୍ଗା ତିତେ ହୋ କାରମୁ ଋପାଡ ଗିଡି କିଦିଞ୍ଜ
ଲେଙ୍ଗା ତିତେ ହୋ କାରମୁ ବିଦାୟ କିଦିଞ୍ଜ ଦ ହୋ
ଅନାତେଗେ ହୋ କାରମୁ ହୋଞ୍ଜ ରୁଷାଲେନ୍
ଅନାତେଗେ ହୋ କାରମୁଞ୍ଜ ବିରସାଲିୟେନ
ଆମ୍ ଉଇହାର୍ ତେଗେ କାରାମ୍ ଗୋସାୟଁ
ନାଏକେ ବାବାୟ ଉପାସ୍ ଆକାଦ୍
ଆମ୍ ଉଇହାର୍ ତେଗେ କାରାମ୍ ଗୋସାୟଁ
ନାଏକେ ବାବାୟ ତରାସ୍ ଆକାଦ

(ସାନ୍ତାଳ ସେରେଞ୍ଜ)

ଓଡ଼ିଆ ଭାବ–

କରମ ଗୋସେଇଁ କାଇଁକି ରୁଷିଲ ଅବା ରୋସିଲ
କାଇଁକି ଗୋସେଇଁ ବିରସ ହେଲ ॥
କାରମୁ ମୋତେ ବାଁ ହାତରେ ଫିଙ୍ଗିଲେ ।
ବାଁ ହାତରେ ସେ ବଦାୟ ଦେଲେ ॥

ରୋସି ନାଇଁ ମୁହିଁ କାରମ୍ବୁ ହେ ରୁଷିଲି ।
ସେଇଥି ପାଇଁ କାରମ୍ବୁ ମନ ବିରସ କଲି ॥
କରମ ଗୋସେଇଁ ତୁମକୁ ଇ ମନେକରି ।
ଉପାସ କରି ଅଛନ୍ତି ଗାଆଁ ପୂଜାରୀ ॥
ତୁମ କଥା ମନେ କରି ।
ରହିଛନ୍ତି ଆମ ଗାଆଁର ପୂଜକ ଡରି ॥
(୬)
ସାକାମ୍ ପେରେଏ ସୁନୁମ୍ ସିନ୍ଦୁରୀ
ଡିଗି ଡିଗିଲେ ସେବା ମେୟାଁ
କାଟାବ୍ କାଡେଲେ ସାଲାମ୍ ଜଆରାମେଁ
ଭଗ ତଆଲେ ଅମା ମେଆଁ
ଦିଆ ଅଲେ ବଲମା ମେଁ
କୁଳି କାରାମ୍ ଲେ ବିଦାମେଁ
ବା ଛାମଡା ଆଲାଁ ସଭାମେଁ
ଭଗ ତଆଲେ ଅମା ମେଁ

(ଭୂମିଜ ଗୀତ)

ଓଡ଼ିଆ ଭାବ-

ପତରେ ସଜେଇ ଅଛୁ ତେଲ (ସିନ୍ଦୁର) ହଳଦୀ
ଡିଗିଡିଗି ସେବା ପୂଜା ଅରଚନା ବିଧି ॥
ଭୋଗ ରାଗ ଦେଇ ଘିଅ ଦୀପଟିଏ ଜାଳି ।
ଦୁଆରେ ପୋତିଛୁ ଦୁଇ କରମର ଡାଳି ॥
ଗଛୁଡିରେ ଫୁଲ ଆମ ହୃଦୟରେ ଭକ୍ତି ।
କରମ ଦେବତା ଘେନ ଆମର ପ୍ରଣତି ॥
(୭)
କୁଲହି କୁଲହି ଯାତେ ଛିଲି
ସାଙ୍ଗାତେ୍ ସଙ୍ଗେ ଦେଖାହଲି
ସାଙ୍ଗାତ୍ ଆତର୍ ଆତର୍ ବାସେ
ସାଙ୍ଗାତ୍ ସାବନ୍ ସାବନ୍ ବାସେ
ରାଇତି ସପନ ଦେଖି ନିନ୍ଦ ନେହିଁ ଆସେ

(ଲୋଧା ଗୀତ)

ଓଡ଼ିଆ ଭାବ-

ଗାଆଁ ଦାଣ୍ଡେ ଦାଣ୍ଡେ
ଚାଲି ଯାଉଥିଲି ବାଟ
ସଙ୍ଗାତ ସାଙ୍ଗରେ ହେଇଗଲା ଭେଟାଭେଟ ॥
ସାବୁନ ଲଗେଇ ଅତର ପକେଇ
ସଙ୍ଗାତ ଦିହରୁ ଝରିପଡୁଥିଲା ସାବୁନ୍ ଅତର ଗନ୍ଧ ।
ସାରା ରାତି ଖାଲି ସପନ ଦେଖୁଚି
ଆଖିକୁ ଆସେନା ନିଦ ॥

(୮)

ନିଦା ନିଦାଞ୍ଚ ସେଏନ୍ କେନା
ପିଣ୍ଡିଗିରେଞ୍ଚ ଗିତିଃ ଗୋ ଲେନା
ରାସି ଡିୟାଁ କାପେ ଏମା ଡିଞ୍ଚା
ଧୋନି ମାଇଁ ଆଞ୍ଚାଃ ଲାଗିଡ୍
ଜୀଇଦ ଲଅ ତାନା

(ହୋ ଗୀତ)

ଓଡିଆ ଭାବ-

ରାତି ଅନ୍ଧାରିଆ ଗଲି
ତମ ବାରଣ୍ଡାରେ ଶୋଇ ପଡିଲି ॥
ଆଗୋ ଟୋକି ତମ ହୃଦୟରେ ପରା
ମୋ ପାଇଁ ଜଳୁଛି ନିଆଁ ।
ତମେ ଦେଲ ନାହିଁ ରସି ହାଣ୍ଡିଆ ॥

(୯)

ବିରିତେଞ୍ଚ୍ ସେନ କେନା ତଆ ବା ଦଇଁ ଲେଲ ଲେଦା
ବା ଲେଲତେ କୁଳାମ୍ ରେଆଳା ଜାନା
ହାୟରେ ତାଞ୍ଚ ସମୟ ସେନଃ ଜାନା
ହାତୁ ତେଇଁ ସୁଡା ଲେନା ଦାଙ୍ଗାଳିକ ସୁସୁନ ତାନା
ଦୁରାଂ ଲେଦାଇଁ କାକ ତେଲା କେଦା
ହାୟରେ ତାଞ୍ଚ୍ ସମୟ ସେନଃ ଜାନା

(ମୁଣ୍ଡା ଗୀତ)

ଓଡ଼ିଆ ଭାବ-

ବଣକୁ ଗଲି
ଫୁଲ ଫୁଟିଥିଲା ଦେଖି ଅଇଲି ॥
ଫୁଲରେ ଦିନ ତ ଫୁଲରେ ରାତି ।
ଫୁଲରେ ଶୀତଳ ଉଷୁମ ଛାତି ॥
ମନରେ ଫୁଲର କଅଁଳ ଶାନ୍ତି ।
ଫୁଲ ଦିନ ସବୁ ଯାଉଛି ବିତି ॥
ଏବେ ମୁଁ ଆଇଲି ଗାଁକୁ ଫେରି ।
ନାଚନ୍ତି ଯୁବତୀ ନୂଆଁ କୁଆଁରୀ ॥
ମନ ସରାଗରେ ଗାଇ ଦେଲି ଗୀତ
ମୋ ଗୀତ ସଇଲା ଜବାବ ଦେଲେନି କିଏ ।
ସମୟ ଓ ମୋର ଉଜୁଡି ଯାଇଛି ହାୟ ॥

(୧୦)

ଓହ ମରି ହାଇରେ ଅହରେ ଆଞ୍ଚାଁ ରମ୍ପା ବା
ଖଣ୍ଡକା ତେଗାମ୍ ବାଆ ଆକାନା ଆଞ୍ଚାଁବା ବାଗାନରେ
ନେ ଜୀବନରେ ଆଞ୍ଚାଁ ରମ୍ପା ବାରେ
ଖଣ୍ଡକା ତେଗାମ୍ ବାଆ ଆକାନା
ଆଞ୍ଚାଁ ବା ବାଗାନରେ କୁମୁରେମ ତାଇକେନା
ସଦର ଜାନା ଜୀବନରେ ଆଞ୍ଚାଁ ରମ୍ପା ବାଆରେ
ଖଣ୍ଡକା ତେଗାମ୍ ବାଲେନା ଆଞ୍ଚା ବା ବାଗାନରେ

(ଭୁମିଜ ଗୀତ)

ଓଡ଼ିଆ ଭାବ-

ହେ ମୋର ଚମ୍ପକ କଳି ।
କଳିଟିଏ ହୋଇ ମନ ବଗିଚରେ
ମଉଜେ ଖେଳୁଚ ଦୋଳି ॥
ସପନରେ ମୋର ଥିଲ
ଜୀବନରେ ଉଭା ହେଲ ।
କୁହ ଚମ୍ପାକଳି ହୃଦୟରେ ମୋର ।
ଫୁଟିବକି ହୋଇ ଫଲ ॥

(୧୧)
ବାୟମୂଳି ପାହାଲେ
ନାନା ରଙ୍ଗେକ୍ ଫୁଲଫୁଟେ ଦିଦିଗେ ଡାଲଏ
ତୁଲିତେ ମନକରେ
ଆଟୁଆ ଭରି ତୁଲିବ ଖସା ଭରି ଗୁଜଲ
ଦିଦିଗେ ଅଦେର ଲାଗି ଭାଗମ୍ କଲି ଋଲିଯେ
(କୁମ୍ଭାର କୁଳ ମାଲିଗୀତ)

ଓଡ଼ିଆ ଭାବ-
ରଙ୍ଗ ବେରଙ୍ଗର ଫୁଲ ଫୁଟେ
ବାୟମୂଳି ପାହାଡେ ।
ଡାଳରୁ ଫୁଲକୁ ତୋଳିବାକୁ
ମନଟାଣେ ସିଆଡେ ॥
ଋଙ୍ଗୁଡି ପୁରେଇ ଦିଦିଗୋ ତୋଳିବି ଫୁଲ ।
ଖୋସାରେ ଖୋସିବି ଦିଶିବ ଭଲ ।
ତାଆରି ପାଇଁ ମୁଁ ଦୋହଲି ଦୋହଲି
କରୁଥିବି ଋଲବୁଲ ॥
(୧୨)
ଆବାଗା କାଇଞ୍ ତାଇନା
କୁଲା ଜମି ସେତା ଗପଏ ଗେୟାଏ
ବିଂ ଅରେ ଅରର କିଂଞ୍ଚା
ସୁକୁରି ଦାଲେ ଦାଲ୍ କିଂଞ୍ଚା
ଆବାଗା କାଇଞ୍ ତାଇନା
କୁଲା ଜମି ସେତା ଗପଏ ଗେୟାଏ
(ମୁଣ୍ଡା ଗୀତ)

ଓଡ଼ିଆ ଭାବ-
ଆହା ବାପା ଆଉ ପାରିବିନି ଏଠି ରହି ।
କୁକୁର ପରିକା ସବୁବେଳେ ମାଡ ଖାଇ ।
କାଇଁକି କେଜାଣି ବାଘ ଝାମ୍ପି ନେଇ ।
ତାକୁ ଖାଇ ଯାଉନାହିଁ ॥

ସାପପରି ମୋତେ ନିଏ କରି ଘୋସାରି ।
ବାଡି ଖୁନ୍ଦମାରେ ମତେ ମୁଁ ଗୋଟେ ଘୁଷୁରି ।
କାଇଁକି କେଜାଣି ତାକୁ ବାଘ ଖାଉ ନାଇଁ ମାରି ॥

(୧୩)

କାକର ମାଥାଏଁ ଲାଲ ମାଟି ଗାମଛା
ଦେହିୟା ଚମ୍‌କି ଗେଲାଁଇ
କାକର୍ ମାଥାଏଁ ବଉରା ଫୁଲ୍ ଗୋ
ଖସିଆ ମହକି ଗେଲାଁଇ
ଦେରୋକା ମାଥାଇ ଲାଲ ମାଟି ଗାମଛା
ଦେହିୟା ଚମକି ଗେଲାଁଇ
ଭଉଜିକା ମାଥାଏଁ ବଉରାଫୁଲ ଗୋ
ଖସିଆ ମହକି ଗେଲାଁଇ

(କୁଳମୀ ଝିଙ୍ଗା ଫୁଲିଆ ଗୀତ)

ଓଡ଼ିଆ ଭାବ-

କାହାର ମୁଣ୍ଡରେ ମାଟି ନାଲି ଗାମୁଛାଟି
ଦେହ ଚମକି ଉଠୁଛି ।
ଗଭାରେ କିଏ ସେ ବଉଳ ଫୁଲ ଖୋସିଛି
ଭାରି ମହକି ଯାଉଛି ॥
ଦିଅର ବାନ୍ଧିଛି ମାଟି ନାଲି ଗାମୁଛାକୁ
ଚମକୁଛି ତା'ର ଦେହ ॥
ଗଭାରେ ଭାଉଜ ଖୋସିଛି ବଉଳ ଫୁଲ
ମହକୁଛି ମହ ମହ ॥

(୧୪)

ବାଘମୂଳି ପାହାଲେ ନାନା ବରନ୍ ଫୁଲ ଫୁଟେ, ଦିଦିଗୋ
ତାଲାୟାଂ ତୁଲିତେ ମନ୍ କରେ, ଦିଦିଗୋ
ଖସାଭରି ପରବଁ, ଖଇଂଛା ଭରି ତୁଲବଁ
ଆର୍‌ରେ ତୁଲବ ଗଟା ଝରି ଯେ

(କୁଳମୀ ଝିଙ୍ଗା ଫୁଲିଆ ଗୀତ)

ଓଡ଼ିଆ ଭାବ-

ବାଘମୂଳି ପାହାଡର ଉପରୁ ତଳ ।
ଦେଖ ଦିଦି ଗୋ ଫୁଟିଛି
ନାନାଜାତି ନାନାରଙ୍ଗ ଫୁଲ ।।
ଦିଦି ଲୋ ମନ ହଉଛି
ଠିଆ ହୋଇ ଫୁଲ ତୋଳିବି ।
ଗଭା ଭରା ଫୁଲ ପିନ୍ଧି ବି ।।
ଖଇଁଛା ପୁରିବାଯାଏ ଫୁଲ ତୋଳିବି ।
ଆହୁରି ଗୋଟା ଚାରିଟା ତୋଳି ଧରିବି ।।

(୧୫)

ଏକାଦଶୀ ରେମ୍ ହିଜ୍ ଲେନା
ଦ୍ୱାଦଶୀ ରେଲେ ବିଦାୟ ଲେମା
କରମା ଧରମା ରଂ ରାସିକା ହନ୍‌ଗାଣା
ସୁସୁନ୍ ଦୁରାଂ ବାଜ୍ ବାଜ୍‌ଣା ।।
ଇଦି ମେୟାଲେ କରମ୍ ଠାକୁର ଗଙ୍ଗା ଯମୁନା
ଅତଃ ଅଲଚିମ୍ ହାନାଅ ଅମ୍ କେଦାଲେ ଦାନ୍ ଦକ୍ଷିଣା
କରମା ଧରମା ରଂ ରସିକା ହନ୍‌ଗାଣା ।।

(ଭୂମିଜ ଗୀତ)

ଓଡ଼ିଆ ଭାବ-

ଏକାଦଶୀ ତିଥିଦିନ ଆଇଲ ।
ଦ୍ୱାଦଶୀ ତିଥିରେ ବାହୁଡ଼ି ଗଲ ।।
କରମା ଧରମା ତାଙ୍କ ପିଲାଛୁଆ ।
ନାଚିଲେ ଗାଇଲେ ଗୀତ ।।
ବଜାଇଲେ ମିଳି ବାଜା ବହୁତ ।।
ଠାକୁରେ ତୁମକୁ ନେବୁ ଗଙ୍ଗା ଯମୁନା
ମନ କରିବନି ଉଣା ।
ଆମେ ଦେଉଛୁ ଦାନ ଦକ୍ଷିଣା ।।
କରମା ଧରମା ତାଙ୍କ ପିଲାପିଲି ।
ଆନନ୍ଦିତ ଆମେ ତାଙ୍କ ଗହଣରେ ।
ନାଚି ଗାଇ ଝୁଲି ଝୁଲି ।।

(୧୬)

କାରାମ୍ ଗଣ୍ଟୁଃ ଲେଲ୍‌ଜାନା
ଇଲିଅଗ ତେୟାର୍ ଜାନା
ଆଞ୍ଚଲେଲ୍ ହିଜୁଃ ଆଚି କାକହିଜୁଃଆ
ତିସିଂତେ କାକ ଲେଲଃଆ
ଅନାମାଇ ମେନ୍‌ତେ ଜେତାଏ କାକ ଉଲୁଃଆ
ସାଙ୍ଗେ ହାଗା ମେନାଃକଆ
ସେନ୍ କାଃଏତେ ବୁ ଆଗୁଲିଆ
ମେନତେଅ ଜେତାଏ କାକ ଉଲୁଃଆ
ତିସିଂତେ କାକ ଲେଲଃଆ
ଅନାମାଇ ମେନ୍‌ତେ ଜେତାଏ କାକ ଉଲୁଃଆ
ତିସିଂତେ କାକ ଲେଲଃଆ

(ମୁଣ୍ଡା ଗୀତ)

ଓଡ଼ିଆ ଭାବ-

କରମ ଗନ୍ଦଟି ଉଇଁ ଆଇଲା ।
ହାଣ୍ଡିଆ ଲସିରେ ଘର ଭାସିଲା ॥
ମୋତେ ଦେଖିବାକୁ ଆସିବ କିଏ ।
ଦିଶେନା କାହାରି ମୁହଁ ଗୋଟିଏ ।
ମୋ କଥା ଟିକିଏ ଭାବୁଛି କିଏ ।
ଅଛି ବୋଲି ଆମ ଭଉଣୀଟିଏ ॥
ଭାଇମାନେ ସବୁ ପଡିଲେ ଶୋଇ ।
ଭଉଣୀର କଥା ଭାବିଲେ ନାଇଁ ॥
ମୋ କଥା ମନରେ ଭାବୁ ନାହାନ୍ତି ।
ଆଜିଯାଏଁ କେହି ଦେଖା ନାହାନ୍ତି ॥

(୧୭)

ପଡଲ ଭାଦର ମାସ, ଲାଗଲ ନଇହର୍ ଆଶ୍ ନନଦିନି
କବେରେ ଆଉତ୍ ଭୟା ମୋର ଗୋ ନନଦିନି
କାଶିଫୁଲ ଫୁଟି ଗେଲାଏଁ ମୋର ଆଶା ଛୁଟି ଗେଲ୍
ନନଦିନି ନହିଁରେ ଆଉତ୍ ଭୟା ମୋର ଗୋ ନନଦିନି

(କୁଳମି-ଝିଙ୍ଗାଫୁଲିଆ ଗୀତ)

(୧୬)

କାରାମ୍ ଗଣ୍ଡୁଃ ଲେଲ୍‌ଜାନା
ଇଲିଅଗ ତେୟାର୍ ଜାନା
ଆଞ୍ଚଲେଲ୍ ହିଜୁଃ ଆଚି କାକହିଜୁଃଆ
ତିସିଂତେ କାକ ଲେଲଃଆ
ଅନାମାଇ ମେନ୍‌ତେ ଜେତାଏ କାକ ଉଲୁଃଆ
ସାଙ୍ଗେ ହାଗା ମେନାଃକଆ
ସେନ୍ କାଃଏତେ ବୁ ଆଗୁଲିଆ
ମେନତେଅ ଜେତାଏ କାକ ଉଲୁଃଆ
ତିସିଂତେ କାକ ଲେଲଃଆ
ଅନାମାଇ ମେନ୍‌ତେ ଜେତାଏ କାକ ଉଲୁଃଆ
ତିସିଂତେ କାକ ଲେଲଃଆ

(ମୁଣ୍ଡା ଗୀତ)

ଓଡ଼ିଆ ଭାବ-

କରମ ଚନ୍ଦଟି ଉଇଁ ଆଇଲା ।
ହାଣ୍ଡିଆ ଲସିରେ ଘର ଭାସିଲା ॥
ମୋତେ ଦେଖିବାକୁ ଆସିବ କିଏ ।
ଦିଶେନା କାହାରି ମୁହଁ ଗୋଟିଏ ।
ମୋ କଥା ଟିକିଏ ଭାବୁଛି କିଏ ।
ଅଛି ବୋଲି ଆମ ଭଉଣୀଟିଏ ॥
ଭାଇମାନେ ସବୁ ପଡିଲେ ଶୋଇ ।
ଭଉଣୀର କଥା ଭାବିଲେ ନାଇଁ ॥
ମୋ କଥା ମନରେ ଭାବୁ ନାହାନ୍ତି ।
ଆଜିଯାଏଁ କେହି ଦେଖା ନାହାନ୍ତି ॥

(୧୭)

ପଡଲ ଭାଦର ମାସ, ଲାଗଲ ନଇହର୍ ଆଶ୍ ନନଦିନି
କବେରେ ଆଉତ୍ ଭୟା ମୋର ଗୋ ନନଦିନି
କାଶିଫୁଲ ଫୁଟି ଗେଲାଏଁ ମୋର ଆଶା ଛୁଟି ଗେଲ୍
ନନଦିନି ନହିଁରେ ଆଉତ୍ ଭୟା ମୋର ଗୋ ନନଦିନି

(କୁଲମି-ଝିଙ୍ଗାଫୁଲିଆ ଗୀତ)

ଓଡ଼ିଆ ଭାବ-

ଭୋଦୁଅ ମାସ ଆଇଲା ।
ମାଆଘର ଯିବି ନଣନ୍ଦ ଲୋ ॥
ମୋର ମନକହିଲା ।
ମୋତେ ନେଇଯିବା ପାଇଁ ॥
କେବେ ଆସିବ ମୋ ଭାଇ ।
କାଶିଫୁଲ ଫୁଟି ପଡିଲା ଲୋଟି ॥
ମନରୁ ଆଶାଟି ଗଲାତ ତୁଟି
ନଣନ୍ଦ ଲୋ ବାଟ ଅନେଇ ଅନେଇ ।
ତଥାପି ଆସିଲା ନାହିଁ ମୋ ଭାଇ ॥

(୧୮)

ରିମଝିମ୍ ରିମ୍‌ଝିମ୍ ପାନି ବରଷିଲା
ହାୟଦିଦି ! ଭାଙ୍ଗା ଛାଉନିଆ
ପାନି ବରଷି ସବୁ ଭିଜିଗଲା
ରିମଝିମ୍ ରିମଝିମ୍ ପାନି ବରଷିଲା

(ଲୋଧା ଗୀତ କୁଳମାଲି)

ଓଡ଼ିଆ ଭାବ-

ରିମଝିମ୍ କରି ବରଷିଲା ମେଘ
ଝରିଗଲା କେତେ ପାଣି ।
ଉଡି ଯାଉଛି ମୋ ଘର ଛାଉଣି ॥
ବରଷା ପାଣିରେ ସବୁତ ଭିଜି ଗଲାଣି ।
ହାୟ ଦିଦି ! ରିମଝିମ୍ ବରଷିଲା ପାଣି ॥

(୧୯)

ବନଧାରେ ହରନଟି ଡାହିଧାରେ ଚରେରେ
ରସିକ ଛଲାନ୍ ସିକମାରେ ମନକେସ କରେରେ

(କୁମ୍ଭାର କୁଳମାଲି)

ଓଡ଼ିଆ ଭାବ-

ଡାହି ହିଡେ ହିଡେ ବଣ କଡେ କଡେ
ଚରାବୁଲା କରେ ହରିଣୀ ଟିଏ ।

ରସିକିଆ ଟୋକା ସିଟି ମାରିଦେଇ
ମନଖୁସି କରିନିଏ ॥

(୨୦)

ସସଗଡା ଝାରାନା ନିମିନ୍ ବିର ବିତାରା
କାଞ୍ଚତାଇନା ଆଞ୍ଚାଦ କାଞ୍ଚ ତାଇନା
(ହାଏ ହାଏ ଆଞ୍ଚାଦ)
ନିମିନ୍ ବିର୍ ବିତାରା କାଞ୍ଚ ତାଇନା
ଗନଂସାତି ଏମେ ଗରେୟ ଟାକାସିକି ଗ ଏମେଗରେୟ
ଆଞ୍ଚାଦ କାଞ୍ଚ ତାଇନା ନିମିନି ବିରବିତାର
କାଞ୍ଚ ତାଇନା (ହୋ ଗୀତ)

ଓଡ଼ିଆ ଭାବ-

ଭାଲିଆ ପଡିଆ ଝରଣା ଦୂରିଆ
ଏମିତିଆ ବଣ ଭୂଇଁ ।
ଏ ଘୋର ବଣରେ ମୁଁ ରହି ପାରିବି ନାଇଁ ॥
ହାୟରେ ହାୟ କପାଳ ।
ଚଉହଦୀ ପୁଣି ଏତେ ଜଙ୍ଗଲ ॥
ଦେଇ ପକେଇଲ ଗୋରୁ ଗାଈ ପଣ
ଗଣି ଦେଲ ସିନା ସିକା କଉଡି
ଏମିତି ବଣରେ ରହି ପାରିବିନି
କେମିତି ରହିବି ପଡି ॥

(୨୧)

ଯମୁନା ଗାଡ଼ା ଢାପା କଦମ୍ ଦାରୁ ଦାଲାରେ
ରୁତୁଂ ଅରଂ ତାନାଏ କାଲା ଭାଗିନା
ତିରିତିରି ତିରିତିରି ତୁରୁ ସାଡିତାନା
ବଃ ରେ ମାରାଏ ପିଞ୍ଚାଲ ଅଟାଂ ତାନା ଆଞ୍ଚଲ
ରୁତୁ ଅରଂ ତାନାଏ କାଲା ଭାଗିନା
ତିରିତିରି ତିରିତିରି ରୁତୁ ସାଡିତାନା
ଦଲା ବୁନଗା ସବେନ୍ ଲେଲେଜମା....
(ଭୁମିଜ ଗୀତ ...ଲହରିଆ)

ଓଡିଆ ଭାବ-

କାଳିଆ ଭଣଜା କଦମ୍ବ ଡାଳେ ।
ବଇଁଶୀ ବଜାଏ ଯମୁନା କୂଳେ ॥
ଟିରିଟିରି ଟିରି ବାଜେ ବଇଁଶୀ ।
କାଳିଆ ଭଣଜା ବଜାଏ ବସି ॥
ମୟୁର ଚନ୍ଦ୍ରିକା ଖୋସି ମୁଣ୍ଡରେ ।
ଉତ୍ତରୀୟ ଉଡୁଛି ପବନରେ ।
ଦେଖିବାକୁ ଯିବା ଆସ ଆସରେ ॥

(୨୨)

ଯମୁନା ଗାଲା କୁଟିରେ କଦମ ଦାରୁ ବୁଟାରେ
ଅକନ୍ ସାହିରେ ପ୍ରଭୁଇ ଦୁବାକାନା
ଅକନ୍ ସାହିରେ ପ୍ରଭୁଇ ଦୁବାକାନା
ଓ..ରେତାଞ୍ଚି ମାଲିଫୁଲ ବାଲାଞ୍ଚି ଗୁତୁତାନା

(ହୋ ଦୁରାଂ)

ଓଡିଆ ଭାବ-

କୋଉ ପଟେ ପ୍ରଭୁ ବସିଅଛନ୍ତି
ଯମୁନା କୂଳରେ କଦମ୍ବ ମୂଳ ।
ହାୟ ହାୟ ମୁହିଁ ଗୁନ୍ଥୁଅଛି ମଲ୍ଲୀମାଳ ॥

(୨୩)

ତାଲ୍ ପାତେ ବାହାଙ୍ଗୀ ପାଇଦମ୍ ପାତେ ଶିକା
ଶ୍ରୀକୃଷ୍ଣକେ ଭରଦିଏ ଚଲିଲା ରାଧିକା
ଆଜ ଦଧି ବିକେ ଯାଉ ନାଇଁ ମଥୁରା ଲଗରେ

(କୁମ୍ଭାର କୁଳମାଲୀ)

ଓଡ଼ିଆ ଭାବ-

ତାଳ ପତର ବାହିଙ୍ଗା
ପଦୁଅଁ ପଦର ସିକା ।
କୃଷ୍ଣଙ୍କ ବାହୁରେ ଆଉଜି ଆଉଜି
ଗଲେ ରାଧିକା ॥
ଆଜି ଦହି ବିକିବାକୁ

ଯାଉନାଇଁ ରାଇ

ମଥୁରା ନଗର ଟାକୁ ॥

(୨୪)

ନେ ହାତୁ ତାଲାରେ ଗଲାଞ୍ଚିବା ବା ଲେନ୍

ଛଏଲା ଛକଡି ଦ ବାଏଃ ଗୁତୁତାନ୍

ଲେଲ କେତେଞ୍ ଦାନ୍ଦା ଗିଡିଜାନ୍

କାଟାରେ ଆଁ ଆଁଦୁ ମେନାଃ

ମାୟାଂ ରେଦ ପାଡିଆ କିଟିରି

ପାଡିଆ କିଟିରି ଦ ଅଟାଂତାନ୍

ହଟଃ ରେଦ ମୁଙ୍ଗା ମେନାଃ

ବଅଃ ରେଦ ବା ମେନାଃ

ସୁପିଦ୍ ଚେତାନ୍ ବାବିୟୁରାକାନ୍

ଲେଲ୍ କେତେଞ୍ଜ ଦାନ୍ଦା ଗିଡିଜାନ୍

(ମୁଣ୍ଡା ଦୁରାଂ)

ଓଡ଼ିଆ ଭାବ-

ଗାଁ ମଝିରେ

କାଠ ଚମ୍ପା ଫୁଲ ଫୁଟିଥିଲା ଚମ୍ପା ଗଛରେ

ଗଛରେ ଫୁଲ ତା ହାତରେ ଫୁଲ

କାନିରେ ବାନ୍ଧିଛି ଫୁଲ ଗଦାଏ ।

ମାଳା ଗୁନ୍ଥୁଥିଲା ଯୁବତୀଟିଏ

ମୁଁ ମରିଯାଏ ॥

ପାଦରେ ପାଉଁଜୀ ଅଣ୍ଟାରେ ଶାଢ଼ୀ

ବାଆରେ ଦୋହଲି ଯାଉଛି ଧଡି ॥

ବେକରେ ସରିଏ ମୁଙ୍ଗାର ମାଳ ।

ମୁଣ୍ଡରେ ଫୁଲ ତା ଗଭାରେ ଫୁଲ ॥

ଦିଶୁଥିଲା ଫୁଲ ପରାୟେ ସିଏ ।

ମୁଁ ମରିଯାଏ ॥

(୨୫)

ସାଜାଅ ସାଜାଅମେ ଆମ୍‌କି
ମିଦ୍ ଚୁପୁଦ୍ ଗୁରିଜ୍ ଦ ସାଜାଅମେ
ମିଦ୍ ଚୁପୁଦ୍ ଗୁରିଜ୍ ଦ
ସାଜାଅ ସାଜାଅମେ ଆମ୍‌କି
ମିଦ୍ ଲଟା ଦାଃ ଦ ସାଜାଅମେ
ମିଦ୍ ଲଟା ଦାଃଦ
ସାଜାଅ ମେସେ ଆମ୍‌କି
ସାଓ୍ୱାରିଲା ଦ ସାଜାଅମେ
ସାଜାଅ ସାଜାଅମେ ଆମ୍‌କି
ମିଦ ଗଟାଂ କାସା ଥାରିଦ
ସାଜାଅ ମେସେ ଆମକି
ମିଦ୍ ଗଟାଂ ଶାଁକାରୀ ଶାଙ୍ଖ ଦ
ସାଜାଅ ମେସେ ଆମ୍‌କି
ମିଦ୍ ଗଟାଂ ଶାଁକାରି ଶାଙ୍ଖ ଦ
ସାଜାଅ କେଃ ଆଞ୍ଜ ଆମ୍‌କା
ମିଦ୍ ଲଟା ଦାଃ
ସାଜାଅ କେଃଆଞ୍ଜ ଆମ୍‌କା
ମିଦ୍ ଗଟାଂ ଶଁକାରୀ ଶାଙ୍ଖଦ
ସାଜାଅ ସାଜାଅ ମେ ଆମକି
ଧୁବିଗର ଘାଁସ ଦ
ସାଜାଅ କେଃଆଞ୍ଜ ଆମ୍‌କା
ଧୁବିଘର ଘାଁସ ଦ

(ସାନ୍ତାଳ ଗୀତ)

ଓଡ଼ିଆ ଭାବ-

ଶୁଣ ଅମୁକ
ମୁଠିଏ ଗୋବର ସଜେଇ ରଖ ॥
ସମୁଜ ଭାଇ ।

ଗୋବର ମୁଠାଏ ଦେଲି ସଜାଇ ॥
ସଜାଅ ଅମୁକ
ଗୋଟିଏ ଡାଲରେ ପାଣି ।
ଆହୁରି ସଜାଅ
ପୂଜାର ସାମଗ୍ରି ଆଣି ॥
ଗୋଟିଏ କଂସା ଥାଳିରେ ଦୁବଘାସ ଥୋଇ
ସମସ୍ତ ସଜାଇ ରଖ ।
ସଜାଅ ଗୋଟିଏ ଶଙ୍ଖୁଆଳ ଶୁଭ ଶଙ୍ଖ
ସଜେଇଲି ଶଙ୍ଖ
ସଜେଇ ରଖିଲି ଡାଲରେ ପାଣି ।
ଦୁବଘାସ ମୁହିଁ ସଜାଇ ରଖିଛି ଜାଣି ॥

(୨୬)

କରଂମ ରାଜାକେ କାନ୍ଧେ ବହିୟାଁ
କାନେ ଖଁସାଇ ଗୁଞ୍ଜିଆ ଦିଆଁ
ଖୁସିମନେ ବିଦାୟ ଗୀତ ଗାୟା ଭାଇ ସଜନୀ
ଚଲାଯାବ କୁହ୍ଳିକୁହ୍ଳି ଗୀତ ଗାହକ କଲି କଲି
କରମ ରାଜାକେ ବିଦାୟକରେ ଭାଇ ସଜନୀ
ହେ ପ୍ରଭୁ କରମ ରାଜା କରହଁ ମୈଇଁ ତାରି ପୂଜା
ଆଅତକ ଭାଦର ମାସେ ଆନ୍‌ବ ଘୁରାଇଁ

(ଭାଇ ସଜନୀ)

କରମ ରାଜାକେ ବିଦାୟ କରେ,
ବାସୁଦେବ ମୁଖକେ ମନେ କରେଁ
ବାସି ଭାତେ ପାରନା କରମ ଭାଇ ସଜନୀ

(କୁଳମାଳୀ ଗୀତ)

ଓଡ଼ିଆ ଭାବ-

କାନ୍ଧରେ କାନ୍ଧେଇ କାନରେ ଗେଞ୍ଜି
କରମ ରଜାଙ୍କୁ ନେବି ମୁଁ ଆଜି ॥
ଶୁଣ ଗୋ ସଜନୀ ଭାଇ ।

ଆନନ୍ଦ ମନରେ କରମ ରଜାଙ୍କ ବିଦାୟଗୀତିକା ଗାଇ
କୁଲହୀଏ କୁଲହୀଏ ଚାଲିବି ମୁହିଁ ॥
ନାନା ଗୀତମାନ ଗାଏ ।
କରମ ରଜାଙ୍କୁ ବିଦାୟ ଦିଏ ॥
ହେ ପ୍ରଭୁ! କରମ ରଜା ।
କରଇ ମୁଁ ତୋର ପୂଜା ॥
ଆସନ୍ତା ଭୋଦୁଅ ମାସରେ ଆଣିବି ତୋତେ
ବିଦାୟ ଦେଉଛି ଆଜି ଫେରିଯା ॥
ବାସି ଭାତରେ ତ ପାରନା ହୁଏ
କରମ ରଜାଙ୍କୁ ବିଦାୟ ଦିଏ ॥

(୨୭)

ମାଆଃ ଲେଡାଞ୍ଜ ହୁରୁତୁଣ୍ଡୁ
ହେର୍ ଲେଡାଞ୍ଜ ଗୁନ୍ଦଲି
ମାଣ୍ଡି ଲେଡାଞ୍ଜ୍ ଲେଟେପେଟେ
ଉତୁ ଲେଡାଞ୍ଜ ଝିଙ୍ଗାରେ

(ହୋ କାରାମ)

ଓଡ଼ିଆ ଭାବ-

ଗଛଲତା କାଟି ଜମି ତିଆରିଲି
ବୁଣି ଦେଲି ମୁଁ ଗୁନ୍ଦଲି ।
ଫସଲ ଉତାରି ଯତନରେ ମୁହିଁ
ଗୁନ୍ଦଲିକୁ ଯାଉ କଲି ॥
କଅଁଳିଆ ଜମିରାଇ କରିଛି ମୁଁ
ଏଣିକି ଖାଇବା କଥା ।
ଗୁନ୍ଦଲି ଯାଉ ଜହ୍ନ ରାଇଜ ॥

# ବାହା ପାରାବ୍ ସେରେଞ୍ଜ ବା
# ବା ପରବ ଦୁରଂ

ଫଗୁଣ ମାସର ଆଗମନ ବେଳକୁ ଗଛରେ ପତ୍ର କଅଁଳି ଫୁଲ ଫୁଟେ । ଫୁଲ ଫୁଟି ଫଳ ଧରିବା ବି ହୋଇଯାଏ । ଏତିକି ବେଳେ ସାନ୍ତାଳ, କୋହ୍ଲ-ହୋ-ମୁଣ୍ଡା, ଭୁମିଜ, ମୁଣ୍ଡା, ଜୁଆଙ୍ଗ ଆଦିବାସୀମାନେ ଫୁଲର ପର୍ବ ବାହା ପାରବ୍ ବା ବା ପରବ ବା ଆମ୍ବନୂଆ ପର୍ବକୁ ମାଦଳ, ବା ଝଙ୍ଗୁ ବଜାଇ, ଗୀତ ଗାଇ ଗାଇ ନାଚିକୁଦି ମନ ଖୁସିରେ ପାଳନ କରନ୍ତି । ଏହି ପର୍ବକୁ ଫୁଲ ଭାଙ୍ଗୁଣୀ ପର୍ବ ମଧ୍ୟ କୁହାଯାଏ । ବାହା ବା' ବା' ଓଡିଆ ଅର୍ଥ ଫୁଲ । ଫୁଲକୁ ସାନ୍ତାଳମାନେ ବାହା କହିଥାନ୍ତି । କୋହ୍ଲ-ହୋ, ମୁଣ୍ଡା, ଭୁମିଜ ଓ ମୁଣ୍ଡାମାନେ ବା' କହନ୍ତି । ତେଣୁ ଫୁଲର ପର୍ବକୁ ସାନ୍ତାଳମାନେ ବାହା ପାରାବ୍, କୋହ୍ଲ-ହୋ-ମୁଣ୍ଡା, ଭୁମିଜ, ମୁଣ୍ଡାମାନେ ବା ପରବ କହନ୍ତି । ଜୁଆଙ୍ଗମାନେ ଏ ପର୍ବକୁ ଆମ୍ବନୂଆ ପର୍ବ କହନ୍ତି । ଭୁମିଜମାନେ ଏହି ପର୍ବବେଳେ ମାଦଲ ବଜାଇ ଗୀତ ଗାଇ ନୃତ୍ୟ କରନ୍ତି । ତାଙ୍କର ଗୀତଗୁଡିକ ଏହିପରି -

(୧)

ସିଂ ବଙ୍ଗା ସି-ତେଃ ଉତୁଂଜାନଦ
ଦୁଦୁଗାର୍ ଜାନଦ୍ କଆଁସି ଜାନଦ
ସିମ୍ହନ୍ ଚିଆବ୍ କେଦ୍ ଚେଣେ ହନ୍ ଚୁଁ କେଦ୍
ଆଂ ନାମ୍ତାନ୍ଦ ମାସକାଲ୍, ତାନ୍ଦ
ବା' ସବେନ୍ ହୟରେ ଅଟାଂ ଜାନାଦ
ଦୁମୁର-ଉରୁଦ ହୁରୁମ୍ ସୁକୁ ଦ
ଜିନିଂଏନ୍ ଜାନାକ ଜୁମୁରେନ୍ ଜାନାକ
ବା ଗୁଣ୍ଡଃ ହିଜୁତାନ୍ ସୁକୁ ସମାଏ ସେଟେର ତାନ୍

ଓଡିଆ ଭାବ-

ବାହାରିଲେ ଧରି ହଳ ଲଙ୍ଗଳ ।
ସିଂ ବଙ୍ଗା ବିଲରେ କରନ୍ତି ହଳ ॥
ଧୂଳି ଉଡେ ଦେଖ ଦିଗ ଦିଶେ ଧୂଆଁଳିଆ ।
ଚିଆବ୍ ଚିଆବ୍ କଲାଣି କୁକୁଡା ଚିଆଁ ।
ବସାରେ ଚଢେଇ ଛୁଆ ଚୁଁ ଚୁଁ କଲା ।

ସକାଳ ଆଲୁଅ ଫୁଟିଲା ରାତି ପାହିଲା ॥

ପବନରେ ଫୁଲ ହରଷେ ଖେଳନ୍ତି ଦୋଳି ।

ଟିକି ମହୁମାଛି ଉଲ୍ଲାସେ ଉଡନ୍ତି ବୁଲି ॥

ମହୁମାଛିମାନେ ଗୋଟିଏ ଜାଗାରେ ହୋଇଲେ ଠୁଳ ।

ଫୁଲ ପରବର ମାସ ଆସୁଅଛି ସୁଖଦ ବେଳ ॥

(୨)

ବା ବଙ୍ଗାରେ ଆଦିଂ କଋରେ

କେରେଃ ବରେଃ କାଲଟି

ନେଗ୍ ପରବ୍ ଆଦିଂ କଋରେ

ପୂଲୁଃ ପେରେ ରାସେ ଇଲି

ବଙ୍ଗା ବୁରୁରେ ହାପାଲୁମ୍ ନାଗେନ୍

ପୂଲୁଃ ପେରେ ରାସେ ଇଲି

ବୁରୁ ପୁନାଇଁ ବୁରୁ ବଙ୍ଗାରେ

ଗିପାଲ ଗପଲ ସାଣ୍ଡିସିମ୍

ଓଡ଼ିଆ ଭାବ-

ଫୁଲଭାଙ୍ଗୁଣୀ ପରବ ଗହଳି ।

ହାଣ୍ଡିଶାଳ କୋଣେ କେର କେର୍ କରେ

ପୂଜା ବେଳକୁ କାଟୁଳି ॥

ଠିକଣା ପରବ ଠିକଣା ଦିନ ।

ପବିତ୍ର ହାଣ୍ଡିଆ ରସି ଦୁନା ଭର୍ତ୍ତି

ସଜା ହାଣ୍ଡିଶାଳ କୋଣ ॥

ପୁରୁବ ପୁରୁଷମାନଙ୍କ ପାଇଁ ।

ହାଣ୍ଡିଆ ସାଙ୍ଗକୁ ଦୁନାଭରା ରସି

ପୂଜା ବେଳେ ଅଛି ରହି ॥

ପର୍ବ ପର୍ବାଣୀର ପରବ ପୂଜା ।

ନୀତି ନିୟମରେ ପାଳନ ହୁଅଇ

ଚଙ୍ଗ ଚଙ୍ଗ ହୁଏ ଗଞ୍ଜା ॥

(୩)

ଅବଲେ ବଲେ ହାତୁ ଗୁଡିରେ ସାରଜମ୍ ବା ଦ
ଡିଇ ତେୟ କାଗେ ତିୟୁଃଗ
ହାତୁ ତାଲାରେ ଡାଙ୍ଗୁଆ କୁଳି ହନ୍
କୁଲଗିଇ ରେୟଗା କାଏ ଜାଗାରା
ଅବଲେ ବାକୁଗା ତଲ୍ ଆଞ୍ଚପେ
ବାକୁ ତେଞ୍ ତେବାଗ
ଇଲିଗା ଆକି ଦାଞ୍ଚ ପେ
ଇଲି ନୁଉ କାତେଞ୍ଚ ଜାଗାରା

ଓଡ଼ିଆ ଭାବ-

ଗାଁ ମୁଣ୍ଡ ଶାଳ ଫୁଲ ଲୋ ବଲେ ବଲେ
ହାତପାଏ ନାହିଁ ତାକୁ ଲୋ ବଲେ ବଲେ
ଏଗାଁର କାଳୀଟୋକି ଲୋ ବଲେ ବଲେ
ଟୋକି କଥା କହେ ନାହିଁ ଲୋ ବଲେ ବଲେ
ନଗୀ ବାନ୍ଧିନିଅ ବାଗେଇ ବଲେ ବଲେ
ଫୁଲ ତୋଳିନିଅ ନଗୀ ନଗେଇ ବଲେ ବଲେ
ହାଣ୍ଡିଆ ରାନ୍ଧ ମୁଁ ପିଇବି ବଲେ ବଲେ
ପିଇଲେ ହାଣ୍ଡିଆ କଥା କହିବି ବଲେ ବଲେ

(୪)

ସାଏ ସାଏ ତେମ୍ ଲେଲିଞ୍ଚ ୟାଁ
ବଲେ ମଚ ମଚ ମଚକନି ମଚ ହେ
ମଚ ଲେକାମ୍ ଲାନ୍ଦାଇଞ୍ଚ ୟାଁ
ଅବଲେ ଡାଙ୍ଗୁଆ ସୁମୁଙ୍ଗେ ଗା
ମଚ ଲେକାମ୍ ଲାନ୍ଦାଇଞ୍ଚ ୟାଁ
ଅବଲେ ଡିଣ୍ଡା ସୁମୁଙ୍ଗେ ଗା
ସାଏ ସାଏ ତେମ୍ ଲେଲିଞ୍ଚ ୟାଁ

ଓଡ଼ିଆ ଭାବ-

କୋଣେଇ କୋଣେଇ ରହୁଁଛୁ
ବଲେ ମ଼ୁଚୁକି ମୁଚୁକି ହୁସୁଛୁ

ମୋତେ ଋହିଁ ହସି ଦେଉଛୁ

ବଲେ ଅଭିଆଡେ ମୋତେ ପାଇଛୁ

(୫)

ଓ ବଲେ ବଲେ, ପିଣ୍ଡିଗିରେ ଜୁଳିଗୁତୁ

ଆଲ ଯୋଗିମ୍ ଅରଂ ଏୟା

ଋଉର ଜକା ବାନାମ୍

ଆଲ୍ ଯୋଗିମ୍ ବାନାମ୍ ମେୟା

ଆଇଁଞ୍ଜ ଦରେ ଜାତି ଯୋଗି

ଆଇଁଞ୍ଜ ଦରେଇଞ୍ଜ ଅରଂ ଏୟା

ଆଇଁଞ୍ଜ ଦରେ ଜାତି ଜାତାରି

ଆଇଁଞ୍ଜ ଦରେ ଇଁଞ୍ଜ ବାନାମ୍ ମେୟା

ଓ ବଲେ ବଲେ ଆମବଲେ ବାନାମେରେ

ସେନଃଗେ ମେନେଇଞ୍ଜାୟା

ଓ ବଲେ ବଲେ ଆଇଁଞ୍ଜଦରେ ଜାତି ଯୋଗି

ଆଇଁଞ୍ଜ ଇଃଦ ଆଲମ୍ ସେନଃଆ

ବଲେ ଆଇଁଞ୍ଜ ଦରେ ଜାତି ଜାତାରି

ଆଇଁଞ୍ଜ ଲଃଦ ଆଲମ୍ ଜାରେନ୍

ଓଡ଼ିଆ ଭାବ-

ପିଣ୍ଡାରେ ରହିଛି ଯୋଡି ବଇଁଶୀ

ଚୌରା ପରିକା ବଡ କେନ୍ଦରା

କେନ୍ଦ୍ରା ବଇଁଶୀ ବଜାନା ଯୋଗୀ

ଯୋଗୀ ହୋଇଛି ମୁଁ

ଯୋଗୀ ପେସା ମୋର

ବଇଁଶୀ କେନ୍ଦରା ମୁଁ ବଜେଇବି

ବଇଁଶୀ କେନ୍ଦରା ବଜେଇଲେ ତୁହି

ତୋ ସଙ୍ଗେ ଯିବାକୁ ହେଉଛି ମନ

ମନ ଥୟ କର ମୋ ପଛେ ଆସନା

ପେସା ଗୋଟି ମୋର ଯୋଗୀର କାମ

(୬)

ଆଲାଗା ମାରୁବଅ୍ ଚେତାନ୍ ରେନାବାଇ ବିଣ୍ଡାଃ
ବିଣ୍ଡାଃ ଚେତାନ୍ ରେନା ଦାଇ କାଁଲାସା
ଆମାଆ ଉମୁଲ ଗେନା ଦାଇଏମ୍ ଲେଲତାନା
ଟେପେଲ୍ ମେଦ୍ ଦଲେ ତାନ୍
ହିଆଁତିଆ ମନେ ଆଇଁଗା
ବଅ୍ ଚେତାନରେ ନାମାଇଁ କାଁଲାସା
ଘକାଁତିଆ ସାନଇଁଆଗା
ଟେପେଲ୍ ମେଦ୍ ଦଲେ ତାନା (ଗେନା ଦୁରାଂ)

ଓଡ଼ିଆ ଭାବ-

ମଥା ମଥାନ୍‌ରେ ମୁଚୁଳା ଥୁଆ ।
ମୁଚୁଳା ଉପରେ ପାଣି ମାଠିଆ ॥
ଛାଇଟା ତୁମର ଦିଶୁଛି ନାନୀ ।
ହଲୁଛି ଶାଢୀର ପଣତ କାନି ॥
ପାଣି ମାଠିଆରେ ଭିଜେ ମୋ ମନ ।
ପଣତ କାନିରେ ହଜେ ସପନ ॥

(୭)

ଆଲାଗା ମାରୁ ଦେଗା ସାରୁ
ମାଦୁକମ୍ ଚିମ୍ ହାଲାଙ୍ଗ୍ ତାନା ଦାଇ ଗ
ଆଲାଗା ମାରୁ ଦେଗା ସାରୁ
ସାରଙ୍ଗମ୍ ଚିମ୍ ତୁମ୍ବାଲ ତାନା ଦାଇଗ
ଲଦବ୍ ଲେକାମ୍ ବାଆ ତାଦା
ଆଲାଗା ମାରୁ ଦେଗା ସାରୁ
ଆମ୍ ଲେଲେକ ହିଜୁଃ ଲେନା ଦାଇଗ
ଲେକା ଲେକାମ୍ ହାଲାଙ୍ଗ୍ ତାନା
ଆଲାଗା ମାରୁ ଦେଗା ସାରୁ
ଆମ୍ ଚିନାକ ସେଟେର ଲେନା ଦାଇଗ
ଲଦବ୍ ଲେକାମ୍ ବାଆ ତାଦା

(ଗେନା ଦୁରାଂ)

ଓଡ଼ିଆ ଭାବ-

ଆଲୋ ଭଉଣୀ
ଗୋଟଉଛୁ ମହୁଲ ଫୁଲ ଗଣି ।
ହାତରେ ମହୁଲ ଫୁଲ ଗଉଣି ॥
ଆଲୋ ଭଉଣୀ
ପେନ୍ଥି ପେନ୍ଥି ଶାଳଫୁଲ ତୋଳୁଛୁ ।
ଶାଳଫୁଲ ପେନ୍ଥି ଖୋସା ବାନ୍ଧିଛୁ ॥
ଆଲୋ ଭଉଣୀ
ପହଞ୍ଚିଲେ ଆସି ତୋତେ ଦେଖିବାକୁ
ମହୁଲ ତୁ ଗୋଟଉ ଥାଉ ।
କରିନେଇ ଯିବେ ଘରକୁ ବୋହୁ ॥
ଆଲୋ ଭଉଣୀ
ଆସିଗଲେ ତୋତେ ନେବାକୁ ଚିହ୍ନି
ସାଜିଅଛ ସତେ ଶାଳଫୁଲ ରାଣୀ ।
ଖୋସାରେ ଫୁଲ ତୋ ଫୁଲରେ ବେଣୀ ॥

(୮)

ହାତୁଗୁଡ଼ି ପୋଖରୀରେ ରାଙ୍ଗା ସାଲାକିଦ୍ ବା ଲେନା
ହାତୁ ଗୁଡ଼ି ପୋଖରୀରେ କୁଳିକ ରେୟାଳ ଜାନା
ଆଲାଗା ମାରୁ ଦେଗା ସାରୁ
ବା' ଯାକ ଗଦ୍ କେଦା
ବା' ଯାକ ତୁଦ୍ କେଦା
ବା'ଯାକ ସଗେ କେଦା ଦାଦା
ବଅ୍ ମା ସୁପିଦ ରେ
ଦାଃ ଯାକ ଦିପିଲ କେଦା ଦାଦା
ବଅମା ଚେତାନରେ

ଓଡ଼ିଆ ଭାବ-

ଗାଁ ମୁଣ୍ଡ ପୋଖରୀରେ ଫୁଟିଲା କଇଁ
ଟୋକିମାନେ ପୋଖରୀକୁ ଗଲେ ଗାଧୋଇ

ସବୁ ଫୁଲ ତୋଳିନେଇ କରିଲେ ଲଣ୍ଡା
ବେଣୀରେ ଖୋସିଲେ ଫୁଲ ପେଣ୍ଡାକୁ ପେଣ୍ଡା
କଳସୀରେ ପାଣି ଭରି ମୁଣ୍ଡରେ ରଖି
ଫୁଲକୁ ବେଣୀକୁ ଝୁଲେଇ ଫୁଲେଇ ଟୋକି

କୋହ୍ଲ-ହୋ-ମୁଣ୍ଡାମାନେ ବା' ପରବରେ ଜାଦୁର ମାଦଳକୁ ଛ ଗୋଟିଏ ତାଳରେ ବଜାଇ ଥାନ୍ତି । ପ୍ରଥମେ ଗାୟକମାନେ, ଆଖଡାରେ ଅର୍ଦ୍ଧଗୋଲାକାରରେ ବାହୁକୁ ବାହୁଛନ୍ଦି ଯୁବତୀ-ସ୍ତ୍ରୀଲୋକମାନେ ପାଖ ଲୋକର ଅଣ୍ଟାରେ ପାଖ ଲୋକର ହାତ ଧରି ଛିଡା ହେବା ପରେ ଗାୟକ କୌଣସି ଗୋଟିଏ ବା ପରବର ଗୀତ ସୁରରେ ଗୀତ ଗାଇବା ଆରମ୍ଭ କରନ୍ତି । ଯୁବତୀମାନେ ସେ ଗୀତର ପୁନରାବୃତ୍ତି କରି ଗୀତ ଗାଇବା ଆରମ୍ଭ କରିଦିଅନ୍ତି । ମାଦଳିଆମାନେ ସେହିଗୀତ ପାଇଁ ଉଦ୍ଦିଷ୍ଟ ତାଳରେ ମାଦଳ ବଜାଇବା ଆରମ୍ଭ କରିଦିଅନ୍ତି । ନର୍ତ୍ତକୀ/ନର୍ତ୍ତକମାନେ ସେହି ମାଦଳ ତାଳରେ ବାମରୁ ଡାହାଣକୁ ଆଗକୁ ବଢିଯାଇ ନାଚ କରିବା ଆରମ୍ଭ କରିଦିଅନ୍ତି ଗୀତ ଗାଇ ଗାଇ । ଗାୟକମାନେ ଗୀତ ଗାଉଥାନ୍ତି, ତାର ପୁନରାବୃତ୍ତି କରୁଥାନ୍ତି ଯୁବତୀମାନେ, ସେହି ଗୀତ ତାଳରେ ମାଦଳିଆ ମାଦଳ ବଜଉଥାଏ ଓ ନାଚ ମଧ୍ୟ ଚାଲିଥାଏ । ଏହିପରି ଚାରି ପାଞ୍ଚଥର ଆଖଡା ପରିକ୍ରମା ପରେ ନର୍ତ୍ତକୀ ଥକି ଯାଆନ୍ତି । ଗୀତ ଗାଇବା ବନ୍ଦ ହୋଇଯାଏ । ମାଦଳ ବଜା ମଧ୍ୟ ବନ୍ଦ ହୁଏ । ତତ୍ ସହିତ ନାଚ ମଧ୍ୟ ବନ୍ଦ ହୋଇଯାଏ । ଏହାପରେ ଆଉ ଗୋଟିଏ ଗୀତକୁ ଅନ୍ୟ ଏକ ସୁରରେ ଗାୟକ ଆରମ୍ଭ କରେ । ଯୁବତୀମାନେ ପୁନରାବୃତ୍ତି କରନ୍ତି ସେ ଗୀତକୁ ମାଦଳିଆ ମାନେ ମାଦଳ ବଜାଇବା ଆରମ୍ଭ କରିବା ମାତ୍ରେ ନାଚ ମଧ୍ୟ ଆରମ୍ଭ ହୋଇଯାଏ । ଏହି ବା' ନାଚବେଳେ ନର୍ତ୍ତକୀମାନେ ଗାୟକର ଗୋଡକୁ ଗଇଁଠା ମଧ୍ୟ ମାରିଥାନ୍ତି । ଏହା ହେଉଛି ଆଦି ପରମ୍ପରା । କିମ୍ବଦନ୍ତି ଅଛି ଆଦିପିତା-ଲୁକୁ ବୁଳାକୁ ଆଦିମାତା-ଲୁକମୀ ବୁଳୀ ଏହି ପର୍ବକୁ ଆରମ୍ଭ କରିବା ପୂର୍ବରୁ ପିଠିରେ ଓ ଛାତିରେ ଲାତ ଓ ଗୋଇଠା ମାରିଥିଲେ ।

(୧)

"କୁଲସୁଞ୍ଜ୍ କୁଲ୍ ସଞ୍ଜ ଦ
ଲିପିର କୁଆମରେ କୁଲ ସୁଞ୍ଜ ମେଁ
ତେଏଗାଞ୍ଜ ତେଏଗାଞ୍ଜ ଦ
ଦୟା ଦାବିରେ ନେଏଗାଞ୍ଜ ମେଁ"

ଓଡ଼ିଆ ଭାବ-

ମାର ଗୋଇଠା ମୋର ଦୁକୁଦୁକୁ
କରୁଥିବା ଛାତିକୁ
ଲାତ ମାରିବୁ ତ ମାରିଦେଏ
ମୋର କାନ୍ଧ ପିଠିକୁ"

ବା ପରବର ଅନ୍ୟ ଗୀତ ଏହିପରି-

(୨)

ନେଲାରେ ସାରାଜମ୍ ବାଲା
ନେଲାରେ ନାଁଣାଗୁନ୍ ମେଁ
ନେଲାରେ ସୁଲା ସାଙ୍ଗେନ
ନେଲାର ନସରେନ୍ ମେଁ
ନଲାଃ ଦଲେ ଦଲେ ସାରିଲ୍ ତାଡା
ନେଲାରେ ନାଁଣାଗୁନ୍ ମେ
ରାଛଦଲେ ଗୁରିଃ ତାଡା
ନେଲାରେ ନସରେନ୍ ମେଁ
କାଲଗି ମାଣ୍ଡି କେଆ ତାନା
ନେଲାରେ ନାଁଣାଗୁନ୍ ମେଁ
ରାମ୍ବାଲୁ ନୁଟୁ କେଆତାନା
ନେଲାରେ ନସରେନ୍ ମେଁ

ଓଡ଼ିଆ ଭାବ-

ତଳକୁ ଓହ୍ଲେଇ ଆସ
ଆସ ଗୋ ଶାଳ ଫୁଲ ।
ନଇଁ ଆସ ତଳେ
ପତ୍ର ସବୁଜ କଅଁଳ ॥
ମାଟି ଲେସି ଆମେ ସଜକରି ଅଛୁ
ଘରବାଡି ସମତଳ ।
ଘର ଅଗଣାରେ ବଡ଼ ସରାଗରେ
ଲିପିଛୁ ଗୋବର ଘୋଳ ॥

ତଳକୁ ଆସ ଗୋ ଡାକୁ ଅଛି ଭାତ ଡାଲି
ଡାକେ ତରକାରୀ ସୁଆଦିଆ ବିରିଡାଲି ।
ଓହ୍ଲେଇ ଆସଗୋ ଶରଧାରେ ପାଶେ
ଡାକୁ ଅଛୁ ଆସ ବୋଲି ॥
(୩)
ହାତୁକୁଟି କୁଦିମାଦୁକମ୍ ରିବିକେନ୍ ରିବିକେନା
ଦେସାଉଲି ବାଲେଃଏ ସାରାଜମ୍ ଲେସେକେନ୍ ଲେସେକେନା
ଜୁଲିଇ କଟିଇ ନେଲାନ୍ ତେ
କୁଦି ମାଦୁକମ୍ ରିବିକେନ୍ ରିବିକେନା
ଗାତିଇ କଟିଇ ନେଲାନତେ
ବାଲେଃଏ ସାରାଜମ୍ ଲେସେକେନ୍ ଲେସେକେନା
ଦାଆଡମ୍ ଟୁକିଂ ବାଇ ଆଞ୍ଚମେଁ
କୁଦି ମାଦୁକମ୍ ରିବିକେନ୍ ରିବିକେନା
ଦାଆ କାମାର୍ କଣ୍ଡେଃ ହାକେ ବାଇ ଆଞ୍ଚମେ
ଲକେ ସାରାଜମ୍ ଲେସେକେନ୍ ଲେସେକେନା

ଓଡ଼ିଆ ଭାବ-

ଗାଆଁର ମୁଣ୍ଡରେ ଟୁପୁର ଟାପୁର
ପଡୁଛି କୁନି ମହୁଲ ।
ଗାଆଁ ଜାହିରାରେ ଲେସି ହୋଇ ହସେ
ସବୁଜ ଶାଳ କଅଁଳ ॥
ଟୁପୁର ଟାପୁର ପଡୁଛି ମହୁଲ
ଦେଖିଲା ପରା ସଙ୍ଗୀକୁ ।
ଶାଳ ସବୁଜିମା ଲେସି ହୋଇଅଛି
ଦେଖିଲା କିବା ସାଥୀଙ୍କୁ ॥
ତିଆରି ଦେ ତମ ଟୋକେଇଟିଏ ।
କୁନି ମହୁଲକୁ ମୁଁ ଗୋଟେଇ ନିଏ ॥
ଦେଏରେ କମାର ଗଢ଼ିଦେ କୁରାଢ଼ି ଗୋଟେ ।
ଲେସେ ଲେସେ ବଙ୍କାଶାଳ ଡାଳିଆକୁ
ଦିଏ ମୁଁ ଖେଟେ ॥

(୪)
ବାକାଲି କଉରେ ଏଙ୍ଗାସିମ୍
କୁଉ ତାନାଏ ମାନ୍ଦାତାନାଏ ଏଙ୍ଗାସିମ୍
ବୁରୁ ଗେନା ଗେନାରେ ସାଣ୍ଡିସିମ୍
ରେଏଡ୍ ରାନୁଉଁ ତାମ୍ତାନା ସାଣ୍ଡିସିମ୍

ଓଡ଼ିଆ ଭାବ-

.ଉହାଁଟିଏଣେ ବଗିଉ କୋଣେ
ଥଣ୍ଡା ସରଦିରେ ଜଡସଡ ହୋଇ
କାଶୁଅଛି ପେଣ୍ଟି ପେଲୁଛି ଧଇଁ
ଅନାଟି ତେଣେ ପଶିକି ବଣେ
ଗଞ୍ଜା ଚେରିମୂଳୀ ଔଷଧ ଖୋଜୁଛି
ପେଣ୍ଟିର ଇଲାଜ କରିବା ପାଇଁ

(୫)
ବୁରୁ ଗେନା ଗେନାରେଞ୍ଜ
ହେର ଲେଡାଞ୍ଜ ରେୟାଲି
ପାମ୍ପାଲ ଇଲ୍ ତେୟାଃଆ ରେୟାଲି
ବୁରୁ ଜଲା ଜଲା ରେଞ୍ଜ
ହେର ଲେଡାଞ୍ଜ ରେୟାଲି
ସମ୍ବର୍ ଦିରିଞ୍ଜ ତେୟାଃଆ ରେୟାଲି

ଓଡ଼ିଆ ଭାବ-

'ବଣ ଗୋଡାଣିରେ ହରଡ ବୁଣିଲି
ଫୁଟିଲା ହରଡ ପ୍ରଜାପତି ଡେଣା ରଙ୍ଗ ।
ବଣ ସମତଳେ ହରଡ ବୁଣିଲି
ଫଳିଛି ହରଡ ଝିଣ୍ଟିକାର ଠିଆ ଶିଙ୍ଗ ॥

(୬)
ନରାରେ ସାରାଜମ୍ ବା ତିତେୟକା ତେପେବା
ନାତୁରେ ନେନ୍ଦେ ନାପାନୁମ୍ ମଉ ତେୟକାଏ କାପାଜି
ତି ତେୟ କା ତେପେବା ବାକୁଆ ତଲାଇପେ
ମଉ ତେୟ କାଏ କାପାଜି ଦୁତାମ୍ କୁଲାଇ ପେ

ବାଙ୍କୁଆ ତଲେ ଲେନା ବାଙ୍କୁଆ ରାପୁଡ୍ ଜାନା
ଦୁତାମେ କୁଲେଲେନା ଦୁତାମ୍ କାଟାଏ ରାପୁଡ ଜାନା

ଓଡ଼ିଆ ଭାବ-

ବାଟରେ ଘାଟରେ ଶାଳ ଫୁଲ ତାକୁ ହାତ ପାଏନାହିଁ ।
ଗାଁର ଛୋଟକି କାଳି ଟୋକି
ପଦେ କଥା କହେ ନାହିଁ ।।
ହାତ ନ ପାଇଲେ ଅଙ୍କୁଡ଼ି ଧର ।।
କାଳି ଟୋକି ପାଖେ ପଠାଅ ଚର ।।
ଅଙ୍କୁଡ଼ି ବାନ୍ଧିଲି ହେଲା ଦିଗଡ
ଚର ଯାଇଥିଲା ଭାଙ୍ଗିଲା ଗୋଡ ।।

(୭)

କଳା ହନେମ୍ ହନାନ୍ ରେଦ ମାଇଁତାଞ୍ଜ
ଲେସେର ପିନ୍ଦା ପିନ୍ଦା ତାଇମେ
କୁଳି ହନେମ୍ ହନାନ୍ ରେଦ ମାଇଁ ତାଞ୍ଜ
ଟୁଙ୍କି ଲେକା ଜୁଲା ତାଇମେ

ଓଡ଼ିଆ ଭାବ-

ଭଉଣୀ ଲୋ ମନେ ରଖିଥିବୁଟି
ଜନମ କରିବୁ ଯଦି ପୁଅଟି ।
ପିନ୍ଧେଇବୁ ତାକୁ
ଆଗ ପଛ କୁଞ୍ଚ ଦାଢୁଆ ଧୋତି ।।
ଯଦି କରିବୁ ତୁ ଝିଅ ଜନମ ।
କୁଡା ବାନ୍ଧି ଦେବୁ ନଉତି ସମ ।।

(୮)

ମାରାଂବୁରୁରେୟାଃ ସାରଜମ୍ ବାଲା
ଦିଉରି ରାୟରେଗେ ନାଁଣାଗୁନ୍ ଲେନ୍
ହୁଲିଞ୍ଜ ବୁରୁଲେୟାଃ ତିଲାଇ ବାଲା
ଜମ୍ ସିମ୍‌କ ରାୟ ରେଗେ ନସର୍ ଲେନ୍
ମାରାଂ ବୁରୁଦକ ସାଙ୍ଗାର ତାଡା

ହୁଲିଙ୍ଗ୍ ବୁରୁଦକ କେସେଡ୍ ତାଡା
ନାଟକାର୍ ଢମମେରେ ବିର୍ନା ବିର୍ ଜିଲୁ
ବାଲେ ବାୟାର୍ ମେୟାଁ ଯାକ
ସାର୍ ମାଇଲ ମେୟାଁ

ଓଡ଼ିଆ ଭାବ-

ଦେହୁରୀଙ୍କ ଘର ବଡ ଅଗଣା ।
ବଡ ଜଙ୍ଗଲରୁ ଶାଳଫୁଲ ସବୁ
ଉଡ଼ି ଉଡ଼ି ଆସି ହୋଇଲା ଜମା ॥
ଜମ୍ ସିମ୍‌ଙ୍କ ଅଗଣା ଛୋଟ ।
ଛୋଟ ଜଙ୍ଗଲରୁ ତିଲେଇ ଫୁଲ
ଉଡି ଉଡି ଆସି
ଅଗଣା ଭିତରେ ଜମିଛି ହାଟ ॥
ବଡ ଜଙ୍ଗଲରେ ଶିକାର କରନ୍ତି ଦଳେ ଶିକାରୀ
ଆଉ ଦଳେ ଜଗି ବସିଛନ୍ତି ଛୋଟ ଜଙ୍ଗଲକୁ ଘେରି
ଶୁଣରେ ମିରିଗ !
ତୁମକୁ ଧରିବେ ବସେଇ ଫାଶ
ଧନୁଗୁଣ ଦେଇ ତୀରକୁ ଚଳେଇ
କରିବେ ତୁମର ବଂଶ ନାଶ ॥

(୯)

ନକନ୍ ହାତୁରେକ ମାଗେନ୍ ତାନା
ବିରଜା ବିରଜିଲୁ ସାକଆ ଦ ରୁମୁଲ୍ ତାନା
ନକନ୍ ହାତୁରେକ ବା ପରବ ତାନା
ଧୁନା ଦୁପ୍ ନୁଲି ବାଲା ସଳାନ୍ ତାନା
ମାଗେ ପରବ୍ ଚାନାଟିକ ବା ପରବ ତାନା
କୁପୁଳ ଚେଁତାନ୍ ଦକ ହୁଲୁଡ଼ ତାନା
ବାଲିମାତା ଲେନା ଚିରେ ଲଆମାତା ଲେନା
ଚେଣେ ଚେତାନ୍ ଚେଣେ ଦକ ନାଁଣାଗୁନ୍ ତାନା

ଓଡ଼ିଆ ଭାବ-

କୋଉ ଗାଁଲୋକ ପାଳୁଛନ୍ତି ମିଶି ମାଗେ ପରବ
ଶୁଭ ଶଙ୍ଖବାଜେ ଉଛୁଳି ପଡୁଛି ଶିଙ୍ଗା ଶବଦ ।
କୋଉ ଗାଁ ଲୋକେ ପାଳୁଛନ୍ତି ପୁଣି ବା ପରବ
ଦୀପ ଝୁଣାଧୂପ ଚହଟି ଉଠୁଛି ଫୁଲ ସୁଗନ୍ଧ ॥
ମାଗେ ପରବ କି ବା' ପରବ ଗାଁରେ ହେଲା ॥
ଘରେ ଘରେ ଯେତେ ସବୁ କୁଣିଆଙ୍କ ଭିଡ ଜମିଲା ॥
ପେନ୍ଥି ପେନ୍ଥି ପାଚିଲେ ବରଫଳ ।
ପାଚେ ପେନ୍ଥା ପେନ୍ଥା ଡିମିରି ଫଳ ।
ଆକାଶରୁ
ଉଡ଼ି ଆସନ୍ତି ଚଢେଇ ପଲକୁ ପଲ ॥

(୧୦)

ମାଦୁକମ୍ ଦିସୁମରେ ଦାଦା
ନାଲରେମ୍ ଗଂଇଞ୍ଜା ଦାଦା
ସାର୍‌ଜମ୍ ଦିସୁମରେ ଦାଦା
ନାଲରେମ୍ ଘଲଇଞ୍ଜା ଦାଦା
ମାଦୁକମ୍ ଦିସୁମେଦ ଦାଦା
ନିଦା ରୁବୁଙ୍ଗ ରୁବୁଙ୍ଗା ଦାଦା
ସାରଜମ୍ ଦିସୁମେଦ ଦାଦା
ସିଂଗି ଲାୟୟା ଲୟୟା ଦାଦା

ଓଡ଼ିଆ ଭାବ-

ଭାଇ ମୋତେ ତୁହି ବାହା ଦେବୁ ନାହିଁ
ଶାଳବଣ ରାଇଜକୁ ॥
ଭାଇ କଥା ଦିଅ ଦେବନି ବିଦାୟ ।
ମହୁଲବଣ ଦେଶକୁ ॥
ମହୁଲ ବଣ ରାତିକୁ ଜାଡ ।
କୋଲ ମରିଯାଏ ମାଉଁସ ହାଡ ॥

ଶାଳବଣ ଦେଶ ସୁରୁଜଡିଆଁ ।
ଦିନସାରା ଖରା ଲଗାଏ ନିଆଁ ॥

ବା’ ପରବରେ ନାଚ ବେଳେ ମାଦଳିଆମାନେ (ଜାଦୁର ଦୁମାଂ ତାନକ୍) ଛଅ ଗୋଟି ଜାଦୁର ତାଳ ବଜାନ୍ତି । ଏହାର କାରଣ ହେଉଛି ବା ପରବ ଗୀତକୁ ଛଅ ଗୋଟି ସୁରରେ ବୋଲାଯାଏ । ଏହି ଜାଦୁର ତାଳ୍‌ଗୁଡିକ ନାମ ଏହି ପ୍ରକାରର (୧) ସାଉଁରିଆ ତାଳ (୨) ଦାଉଁଳିଆ ତାଲ୍ (୩) ଗେନା ତାଳ ( ୪) ଗାଡୁକ ତାଳ (୫) ଝଙ୍ଗୁଳିଆ ତାଲ୍ (୬) ଜପୋ/ ଜାପି ତାଲ୍

(୧) ସାଉଁରିଆ ତାଳ ବାଜେ ନିମ୍ନୋକ୍ତ ଗୀତକୁ ବୋଲିଲେ

(କ) ଦେଲାରେ ସାରଜମ୍ ବାଲା
ଦେଲାରେ ନାଁଣାଗୁନ୍ ମେ
ଦେଲାରେ ସୁଳା ସାଗେନ୍
ଦେଲାରେ ନସରେନ୍ ମେ
ନଳାଃ ଦଲେ ଗୁରିଃଇ ତାଡା
ଦେଲାରେ ନାଣାଗୁନ୍ ମେ
ରାଋଦଲେ ସାରିଲ ତାଡା
ଦେଲାରେ ନସରେନ ମେ

(ଖ) ଜାଂ ଜାଦୁର ଡେନଜାଂ ଦୂର ନାଙ୍ଗନାଙ୍ଗ୍

୨. ଦାଉଁଳିଆ ତାଳର ଗୀତ ଏହିପରି-

(କ) ନିଞ୍ଜାଃରେ ଜୁଳିଦିଗ ନାମାଃରେ ଗାଡି
ଗେଲବାର୍ ମୁଟଟୁ ତେକ ରାପପାଃତାଇୟା
ନିଞ୍ଜାଃରେ ଜୁଳିଚିଗ ନାମାଃରେ ଗାଡି
କଲମ ଲେକାନ୍ ସେରେଞ୍ଜ ତେକ
ତେନ୍ ତପପାଃ ତାଇୟା

(ଖ) ଜାଦୁର ମାଦଲ ତାଳଟି ଏହିପରି-
ଜାଂ ଜାଦୁର ଜାଂ ମେସାମ୍
ଜାଂ ଡିସିଂ ମେସାମ୍

୩.　ଗେନା ତାଳର ଗୀତ-

(କ)　ବା ବୁରୁଆ ଦାଦା ବଙ୍ଗା ବୁରୁଆ
ମିସା ରେୟଅ ଦାଦା ବିୟୁରା ତୁବେନ
ବାବୁରୁଆ ଦାଦା ବଙ୍ଗା ବୁରୁଆ
ବାର୍ସା ବାଲେଦ ଦାଦା ଆଚୁରାତୁବେନ୍

(ଖ)　ଜାଦୁର ଦୁମାଂ ତାଳ-
ଦିନିଙ୍ଗ ଦିନିଙ୍ଗ ଦାଁଦା
ମେତାଙ୍ଗ ଦେତାଙ୍ଗ ଦିତିଂ
ଦାଁ ଦାଁ ମେତାଙ୍ଗ

୪.　ଗାତୁକ ତାଳର ଗୀତ

(କ)　ଜୁ ଜୀବନ୍ ଏଲା ଜୀବନ
ମେତାଇ ଲେକା
ହୁଜୁଃ　ତାନାଏ ସେନଃ ତାନାଏ
ହୟ ଜକା ବନ୍ଦ ଜାନରେ
ନେନ୍ ଜୀବନ ସେନଃଆ

(ଖ)　ଜାଦୁର ଦୁମାଂ ତାଳ
ଡିନିଂ ଦିତିଂ ଦିନିଂ ଦିତିଂ ଦାଁ ଦାଁ
ମେତାଙ୍ଗ ଦେତାଙ୍ଗ ଦିତିଂ ଦାଁ ଦାଁ
ମେତାଙ୍ଗ

୫.　ଋଙ୍ଗୁଲିଆ ତାଳର ଗୀତ

(କ)　ନକକାରେ ଗାକ ଲାଳାଇ ଡାନା
ଲଆ ବା ନାଗରା ଦ ରୁମୁଲ ଜାନା
ଚିମେଏ କରେ ଗାକ କଲାନ୍ଦି ଚାନା
ନିୟଃ ବା ରଳସିଙ୍ଗେ କୁଲୁୟୁର ଜାନା

(ଖ)　ଜାଦୁର ଦୁମାଂ ତାଳ-
ଜାଗଦା ବିତାର୍ ଚିମିନ୍ ଡିପପା
ଚିମିନ୍ ଡିପପା ନାଙ୍ଗ ନାଙ୍ଗ

ଆଣିତେ ସେନେମ୍ ବୁଃଉକ ନେଲେମ
ଚିମିନ୍ ଡିପପା ଚିମିନ୍ ଡିପପା
ନାଙ୍ଗ ନାଙ୍ଗ

୬. ଜପେ ଜାପି ତାଳର ଗୀତ-

(କ) ହାୟଶିଶି ବାଲା ହାୟଶିଶି ବାଲା
ହୟ କିଚିମ୍ ନେଲାନତେ
ହାୟଶିଶି ବାଲାମ୍ ନେକେଲେନ୍ ତାନା
ହାୟ ନାରିବାଲା ହାୟ ନାରିବାଲା
ଗାମା କରିମ୍ ନେଲାନତେ
ହାୟ ନାରିବାଲାମ୍ ତାୟୁରେନ୍ ତାନା

(ଖ) ଜାଦୁର ଦୁମାଂ ତାଳ
ଡିନାଂ ମିସିଂ ଦେସାଂ·
ଡେସାଂ ମିସିଂ ଡେସାଂ

# ବାହା ସେରେଞ୍ (ସାନ୍ତାଳ)

ଯା ଗୋସାୟଁ ହେସା ମାଂ ଚଟରେ
ଯା ଗୋସାୟଁ ତୁଦେଦୟ ରାଆଃଲେ
ଯା ଗୋସାୟଁ ବାଲେମା ଲାଲେରେ
ଯା ଗୋସାୟଁ ଗୁତରୁଦ ଦୟ ସାହେଦଲେ
ଯା ଗୋସାୟଁ ଚିଲିଗର ଆଞ୍ଜମତେ
ଯା ଗୋସାୟଁ ତୁଦେ ଦୟ ରାଆଃଲେ
ଯା ଗୋସାୟଁ ଚିଲିଗର ଶବଦତେ
ଯା ଗୋସାୟଁ ଗୁତରୁଦ୍ ଦୟ ସାହେଦଲେ
ଯା ଗୋସାୟଁ ମାନମିକ ଆଞ୍ଜମତେ
ଯା ଗୋସାୟଁ ତୁଦେଦୟ ରାଆଃଲେ
ଯା ଗୋସାୟଁ ଗାଇକ ଶବଦ ତେ
ଯା ଗୋସାୟଁ ଗୁତୁରୁଦ ଦୟ ସାହେଦଲେ

ଓଡ଼ିଆ ଭାବ-

ଶୁଣ ଗୋସେଇଁ
ଓସ୍ତ ଗଛ ଉଞ୍ଚ ମଥାନରେ ଥାଇ ।
ରାବୁଅଛି କାଠହଣା ଚଢେଇ ॥
ଗୋସେଇଁ ଦେଖ ଇଆଡେ
ବରଗଛ ଡାଳ ପତ୍ର ଉହା ଡେ ।
ହଳଦୀ ବସନ୍ତ ଶୁଆସ ଛାଡେ ॥
କାହାକୁ ଶୁଣେଇ କାଠହଣା ଭାଇ
ରାବୁଛି ଏତେ ॥
କୋଉ ଶବଦରେ ହଳଦୀ ବସନ୍ତ
ନିଶ୍ୱାସ ପ୍ରଶ୍ୱାସ ନେଉଛି ସତେ ॥
ମଣିଷର ପାଟିଶୁଣି କାଠହଣା
ଛାଡିଛି ଡାକ ।

ଗାଇ ହମ୍ୟାଳକୁ ହଳଦୀ ବସନ୍ତ
ଦେଉଛି ନିଶ୍ୱାସ ପ୍ରଶ୍ୱାସ ଥାକ ॥

(୨)

ଯା ଗୋସାୟଁ ନାଇଗର ପାରମରେ
ଯା ଗୋସାୟଁ ଗାତେଞ୍ଜାଦୟ ଜାଡାୟ ହରୟ
ଯା ଗୋସାୟଁ ଗାଡାୟାନ୍ ପାରାରେ
ଯା ଗୋସାୟଁ ସାଙ୍ଗାତିଞ୍ଜା ଦୟ ନୀଳ ହରୟ
ଯା ଗୋସାୟଁ ଗାତେଞ୍ଜାଦୟ ଇଦିୟାଃପେ
ଯା ଗୋସାୟଁ ସନେର ଆରସି ନାକିଜ ଦ
ଯା ଗୋସାୟଁ ସାଙ୍ଗାତିଞ୍ଜାଦୟ ସେଟେରାୟପେ
ଯା ଗୋସାୟଁ ତଥା ଆର ଟାବେନ୍ ଦ
ଯା ଗୋସାୟଁ ଗାତେଞ୍ଜା ଦୟ ବାଂଆ କେଦ୍
ଯା ଗୋସାୟଁ ସନେର ଆରସି ନାକିଜ୍ ଦ
ଯା ଗୋସାୟଁ ସାଙ୍ଗାତିଞ୍ଜା ରେଆଲା କେଦ୍
ଯା ଗୋସାୟଁ ତଥା ଆର ଟାବେନ୍ ଦ

ଓଡ଼ିଆ ଭାବ-

ନାଇଗର ପାରି ଜଡାଗଛ ଜଗି
ବଇଚି ସାଙ୍ଗ
ନଈ ସେ ପାରିରେ ସାଥୀ ଜଗିଅଛି ନୀଳି
ଗୋସେଇଁ ଟିକେ ଦେଖ ଗୋ ॥
ସାଙ୍ଗଟି ପାଖରେ ସୁନାର ଆରିସି
ପାନିଆଁକୁ ନେଇ ଦିଅ
କ୍ଷୀର ଚୁଡା ନେଇ ସାଥୀକୁ ଦିଅ ।
ସୁନାର ଆରିସି ପାନିଆ ନେବାକୁ
ସାଙ୍ଗ କରିଦେଲା ମନା ।
କ୍ଷୀର ଥଣ୍ଡାକରି ଚୁଡା ଭିଜାଇଲା
ସାଥୀକୁ ଅନା ॥

(୩)

ଯା ଗୋସାୟଁ ଦେଜାବାବୁ ଦେଲାଢା ବାବୁ

ସେନ୍ଦରାଯାକ ନଡଂ ଘଲାଃକାନ୍

ଯା ଗୋସାୟଁ ତାଙ୍ଗିଞ୍ଜ ପେହ ମାପାଞ୍ଜିକ

ହ ଗୋସାୟଁ ହେସାଃ ମା ଚଟରେ

ହ ଗୋସାୟଁ ତୁଦେମାୟ ରାଗେତାନ୍

ହ ଗୋସାୟଁ ନାତୁ ବାହେର ବାଲେ ଲାଲେରେ

ହ ଗୋସାୟଁ ଗୁତୁରୁଦ ଦୟ ସାହେଦା

ଓଡ଼ିଆ ଭାବ-

ଆହେ ଗୋସେଇଁ ।

ଆସ ଆସ ବାବୁ ବାହାର ହୋଇ

ଶିକାର କରିବା ପାଇଁ ॥

ଆହେ ଗୋସେଇଁ ।

ଟିକିଏ ଅପେକ୍ଷା କର ମୁଁ ଆସୁଛି

ମୋ ପାଇଁ ଶିକାର ଭାଇ ॥

ଆହେ ଗୋସେଇ ।

ତୁଦ ତୁଦ ରାବେ ହଳଦୀ ବସନ୍ତ

ଅଶ୍ୱସ୍ଥ ଗଛରେ ଥାଇ ॥

ଆହେ ଗୋସେଇଁ

ବର ଓହଳରେ କାଠ ହଣା ପକ୍ଷୀ

ଗାଁ ବାହାରେ ରାବଇ ॥

(୪)

ଯା ଗସାୟଁ ତେହେଞ୍ଜଦ ନାୟକେଦୟଉମ କାନାହ

ଯା ଗସାୟଁ ତେହେଞ୍ଜଦ ନାୟକେ ଦୟ ନାଲକାଃ କାନାହ

ଡେଡେ ଦେଦୟ ଉମ୍ କାନାହ

ଡେଡେ ତେଦୟ ନାଲକାଃ କାନାହ

ତଓ୍ୱା ତେଦୟ ତୁମ୍ କାନାହ

ଦାହେ ତେଦୟ ନାଲକାଃ କାନାହ

ସେକେଜ୍ ସେକେଜ୍ ସାଡେ କାନାହ
ରୁୟଲେ ରୁୟଲେ କାନା

ଓଡ଼ିଆ ଭାବ-

ଗାଁ ପୁରୋହିତ ସ୍ନାହାନ କରନ୍ତି
ହେ ଗୋସେଇଁ ।
ମୁଣ୍ଡ ଧୋଉଛନ୍ତି ଗାଁ ପୁରୋହିତ
ହେ ଗୋସେଇ ॥
କେଉଁଥିରେ ପଡୁଛନ୍ତି ଗାଧୋଇ
କୋଉଥିରେ ପୁଣି ମୁଣ୍ଡକୁ ଧୋଇ ॥
ଗାଧଉ ଅଛନ୍ତି ସଜ ଦୁଧରେ
ମୁଣ୍ଡ ଧୋଉଛନ୍ତି ବସା ଦହିରେ ॥
ନଇପାଣି କରେ ସେକେଜ ସେକେଜ ଶବଦ ଧାର ।
ମୁଣ୍ଡବାଳ ଉଡେ ରୁୟଲେ ରୁୟଲେ ଫଅର ଫର ॥

(୫)

ତକା ଘାଟରେ ଦୟ ନୁମ୍ କାନାହ
ତକା ଘାଟରେ ଦୟ ନାଳକାଃ କାନାହ
ଯା ଗସାୟଁ ! ସସଘାଟରେ ଦୟ ନୁମ୍ କାନାହ
ଯା ଗସାୟଁ ! ମେରାଲ ଘାଟରେ ଦୟ ନାଳକାଃ କାନାହା
ସେକେଜ ସେକେଜ୍ ସାଡେ କାନାହ
ରୁୟଲେ ରୁୟୁଲେ ରୁୟୁଲେ କାନାହ

ଓଡ଼ିଆ ଭାବ-

ମୁଣ୍ଡବାଳ ଧୋଇ ଗାଧଉଛନ୍ତି ସେ କୋଉ ଘାଟରେ ?
ଗାଁ ପୁରୋହିତ ଗାଧଉଛନ୍ତି ସସ ଘାଟରେ ॥
ମୁଣ୍ଡ ସଫା କରୁଛନ୍ତି ପୁରୋହିତ ମେରାଲ ଘାଟେ ॥
ବାଲ ଫର ଫର ପାଣିରୁ ସେକେଜ୍ ସେକେଜ୍ ଛୁଟେ ॥

(୬)

ଯା ଗସାୟ ତକାବିର କ ଡିଲି କେଦାହ
ତକା ବିରକ୍ ବାର୍ତେ କେଦାହ

ନିଙ୍ଗଦୁଙ୍ଗ ଘଲାଃଆ ସେନ୍ଦ୍ରାହ
ନିଙ୍ଗଦୁଙ୍ଗ ଘଲାଃଆ କାରେ କାତେ
ଯା ଗସାୟଁ ! ସିଙ୍ଗ ବିରକ ଡିଲି କେଦାହ
ମାନବିରକ ବାର୍ଗେ କେଦାହ
ନିଙ୍ଗଦୁଙ୍ଗ ଘଲାଃଆ ସେନ୍ଦ୍ରାହ
ନିଙ୍ଗ ଦୁଙ୍ଗ ଘଲାଃଆ କାରେ କାତେ

ଓଡ଼ିଆ ଭାବ-

ଆହେ ଗୋସେଇଁ
କେଉଁ ବଣ ଆଉ କେଉଁଦିନ ଗୋଟି
ଠିକଣା କରିଛ ଶିକାର ପାଇଁ ।
ଜାଣିଲେ ମୁହିଁ
ଶିକାରୀ ଦଳରେ ମିଶିବି ଯାଇଁ ॥
ସିଂଜବିର ଠେଇଁ ହେବା ଏକାଠି ।
ମାନବିର ବଣେ ଶିକାର କରିବା ସଭିଏଁ ଜୁଟି
ମଇଧ ମୁଁ ପହଞ୍ଚିବି ସେଠି ॥

(୭)

ଜହାର୍ ଗସାୟଁ ମାରାଂ ଦେଓ୍ୱା ନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲୟା ତାଲାଂ ଆୟନମ୍ କାଜଲ
ଜହାର ଗସାୟଁମାରାଂ ଦେଓ୍ୱା ନାତାଂତାଲାଂ ପୁଣ୍ଡେଗର ବଦା
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗସାୟଁ ମାରାଂ ଦେଓ୍ୱାଂ ନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗସାୟଁ ମାରା ଦେଓ୍ୱା ନାତାଂ ତାଲା ନାରାଃପାଠି
ତେଲାୟ ତାଲାଂ ଆୟନମ୍ କାଜଲ୍

ଓଡ଼ିଆ ଭାବ-

ବଡ ଦେବତା ହେ ଜୁହାର ଘେନିବ
(ତେଲ) ସିନ୍ଦୁର କଜଳ ବୋଲି
ତୁମରି ପାଦରେ ଧଳା ବୋଦାଟିଏ
ଦେଉଅଛୁ ଆମେ ବଳି ॥

ଜାହିରା ଦେବୀ ଗୋ ପ୍ରଣାମ କରୁଛୁ
(ତେଲ) ସିନ୍ଦୁର କଜଳ ଘେନ ।
ନାଲି ପେଣ୍ଡି ବଳି ଦେଉଅଛୁ ତୋତେ
ମାଆଗୋ କର ଗ୍ରହଣ ॥
(୮)
ଭିତାର ରେମା ହାନ୍ ହାରିଞ୍
ଦୁଆର ରେମା ହଞ୍ ହାରିଞ୍
ଚିଲିବା ମେନାୟ ନଡକିଞହ
ଚିଲିବା ମେନାୟ ବାହେରିଞ୍ ହ
ହୟାତେ ଲିଓ୍ୱିଦଃ ହତାର ସେୟାତେ
ଟାଓ୍ୱେରଃ ।

ଓଡ଼ିଆ ଭାବ୍-

ଘରେ ଶୋଇ ଶାଶୁ ଘୁଙ୍ଗୁଡି ଦିଅନ୍ତି ଛାଡି ।
ଶ୍ୱଶୁର ଶୋଇଲେ ଦାଣ୍ଡ ଦୁଆରକୁ ମାଡି ॥
କିଏ ବା ଅଛଇ ମୋର ।
ନାଚ ଆଖଡାକୁ ନେଇଯିବ ମୋତେ
ଉଜୁଡିଯାଏ ମୋ ନାଚ ଗୀତର ଆସର ॥
ହସ ଖୁସିରେ ମୁଁ ପାରୁନାହିଁ ଟିକେ ମିଶି ।
ଦିହ ସହୁନାହିଁ
ଦୁଃଖ ବେଦନାରେ ମନ ହୋଇଯାଏ ପେଷି ॥
(୯)
ଯା ଗସାୟଁ ତକୟ ମାୟ ବେରେଲାହ ବିରଦିଶମଦ
ଯା ଗସାୟଁ ତକୟ ମାୟ ଦହୟାହ ନାତୁ ମାରମାର୍
ଯା ଗସାୟଁ ମାରାଂ ଦେଓ୍ୱାଂୟ ବେରେଲାହ ବିର୍ଦିଶମଦ
ଯା ଗସାୟଁ ଜାହେର୍ ନେରା ଦହୟାହ ନାତୁ ମାର୍ମାର୍

ଓଡ଼ିଆ ଭାବ-

ଆହେ ଗୋସେଇଁ
ବନ ମୁଲକକୁ କିଏ ସେ ଥାପିବ ?

ନିଞ୍ଜଦୁଞ୍ଜ ଗଲାଃଆ ସେଦ୍ରାହ
ନିଞ୍ଜଦୁଞ୍ଜ ଗଲାଃଆ କାରେ କାତେ
ଯା ଗସାୟଁ ! ସିଞ୍ଜ ବିରକ ଡିଲି କେଦାହ
ମାନବିରକ ବାର୍ରେ କେଦାହ
ନିଞ୍ଜଦୁଞ୍ଜ ଗଲାଃଆ ସେଦ୍ରାହ
ନିଞ୍ଜ ଦୁଞ୍ଜ ଗଲାଃଆ କାରେ କାତେ

ଓଡ଼ିଆ ଭାବ-

ଆହେ ଗୋସେଇଁ
କେଉଁ ବଣ ଆଉ କେଉଁଦିନ ଗୋଟି
ଠିକଣା କରିଛ ଶିକାର ପାଇଁ ।
ଜାଣିଲେ ମୁହିଁ
ଶିକାରୀ ଦଳରେ ମିଶିବି ଯାଇଁ ॥
ସିଂଙ୍ଗବିର ଠେଇଁ ହେବା ଏକାଠି ।
ମାନବିର ବଣେ ଶିକାର କରିବା ସଭିଏଁ ଜୁଟି
ମଇଧ ମୁଁ ପହଞ୍ଚିବି ସେଠି ॥

(୭)

ଜହାର୍ ଗସାୟଁ ମାରାଂ ଦେଓ୍ୱା ନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲୟା ତାଲାଂ ଆୟନମ୍ କାଜଲ
ଜହାର ଗସାୟଁମାରାଂ ଦେଓ୍ୱା ନାତାଂତାଲାଂ ପୁଣ୍ଡେଗର ବଦା
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗସାୟଁ ମାରାଂ ଦେଓ୍ୱାଂ ନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗସାୟଁ ମାରା ଦେଓ୍ୱା ନାତାଂ ତାଲା ନାରାଃପାଠି
ତେଲାୟ ତାଲାଂ ଆୟନମ୍ କାଜଲ୍

ଓଡ଼ିଆ ଭାବ-

ବଡ ଦେବତା ହେ ଜୁହାର ଘେନିବ
(ତେଲ) ସିନ୍ଦୁର କଜଳ ବୋଲି
ତୁମରି ପାଦରେ ଧଳା ବୋଦାଟିଏ
ଦେଉଅଛୁ ଆମେ ବଳି ॥

ଜାହିରା ଦେବୀ ଗୋ ପ୍ରଣାମ କରୁଛୁ

(ତେଲ) ସିନ୍ଦୁର କଜଳ ଘେନ ।

ନାଲି ପେଣ୍ଠି ବଳି ଦେଉଅଛୁ ତୋତେ

ମାଆଗୋ କର ଗ୍ରହଣ ॥

(୮)

ଭିତାର ରେମା ହାନ୍ ହାରିଞ୍ଜ୍

ଦୁଆର ରେମା ହଞ୍ଜ୍ ହାରିଞ୍ଜ୍

ଚିଲିବା ମେନାୟ ନଡକିଞ୍ଜହ

ଚିଲିବା ମେନାୟ ବାହେରିଞ୍ଜ୍ ହ

ହୟାତେ ଲିଓ୍ୱିଦଃ ହତାର ସେୟାତେ

ତାଓ୍ୱେରଃ ।

ଓଡ଼ିଆ ଭାବ୍-

ଘରେ ଶୋଇ ଶାଶୁ ଘୁଙ୍ଗୁଡି ଦିଅନ୍ତି ଛାଡି ।

ଶ୍ୱଶୁର ଶୋଇଲେ ଦାଣ୍ଡ ଦୁଆରକୁ ମାଡି ॥

କିଏ ବା ଅଛଇ ମୋର ।

ନାଚ ଆଖଡାକୁ ନେଇଯିବ ମୋତେ

ଉଜୁଡିଯାଏ ମୋ ନାଚ ଗୀତର ଆସର ॥

ହସ ଖୁସିରେ ମୁଁ ପାରୁନାହିଁ ଟିକେ ମିଶି ।

ବିହ ସହୁନାହିଁ

ଦୁଃଖ ବେଦନାରେ ମନ ହୋଇଯାଏ ପେଷି ॥

(୯)

ଯା ଗସାୟଁ ତକୟ ମାୟ ବେରେଲାହ ବିରଦିଶମଦ

ଯା ଗସାୟଁ ତକୟ ମାୟ ଦହୟାହ ନାତୁ ମାରମାର୍

ଯା ଗସାୟଁ ମାରାଂ ଦେଓ୍ୱାଂୟ ବେରେଲାହ ବିର୍‌ଦିଶମଦ

ଯା ଗସାୟଁ ଜାହେର୍ ନେରା ଦହୟାହ ନାତୁ ମାର୍‌ମାର୍

ଓଡ଼ିଆ ଭାବ-

ଆହେ ଗୋସେଇଁ

ବନ ମୁଲକକୁ କିଏ ସେ ଆପିବ ?

ଜଙ୍ଗଲ ଘେରିକୁ କିଏ ଘଣ୍ଟ ଘୋଡାଇବ ?
ଜଙ୍ଗଲ ଭୂଇଁକୁ ଆପନା କରିବେ ବଡ ଦେବତା
ଗାଁ କୁ ଆମର-
ବିପଦେ ଆପଦେ ସାହା ହୋଇଥିବ ଜାହିରା ମାତା

(୧୦)

କୁଳିକ ସେରେଞ୍ଜ ଆଁଜମେନା ବୁରୁକରେରେ
ବୁରୁ କରେରେଦ ବାଡା କୁଳିକ ମରେରେ
ଧୂଳି ନଟାଂ ଞ୍ଜୋଲେନା କୁଲହି ତାଲାରେ
କୁଲହି ତାଲାରେଦ ବାଡାକୁଳିକ ତାଲାରେ ।

ଓଡ଼ିଆ ଭାବ-

ଜଙ୍ଗଲ ସନ୍ଧିରେ ଉଠେ ଗମାତ ।
ଶୁଭୁଚି ଯୁବତୀମାନଙ୍କ ଗୀତ ॥
ଜଙ୍ଗଲ ଗାଉନି ଗୀତ ଲହର ।
ଇଏତ ଯୁବତୀମାନଙ୍କ ସୁର ॥
ଗାଁ ଦାଣ୍ଡ ଧୂଳି ଯାଉଛି ଉଡ଼ି ।
ଯୁବତୀ ନାଚନ୍ତି ଧୂଳି ଉଡ଼ାନ୍ତି
ଆଖଡା ଶାଳରେ ନାଚ ଲହଡ଼ି ॥



# ମୁଣ୍ଡା- ବା' ପରବ୍ ଦୁରାଂ

ବା' ଗଣ୍ଡୁଃ ମୁଲୁଃ ଲେନ୍
ସାରଜମ୍ ବା' ବା ତାନ୍
ବାଲେ ଅପାଦ ନାଆ ଦାଳରେ
ସୁଲା ସାଙ୍ଗେନ୍ ସୁଲାତାନ୍
ସାରଜମ୍ ବା' ବା ତାନ୍
ଦିଲେ ଦଙ୍ଗବ୍
ସୁଲା ସାଙ୍ଗେନ୍ ସୁଲାତାନ୍
ତିଞ୍ଜାର୍ ତଞ୍ଜାର
ଦିଲେ ଦଙ୍ଗବ୍
ବାତାଗେ ତପାଆକାନ୍
ତିଞ୍ଜିର ତଞ୍ଜୀର
ସୁଲାତେଗେ ଦାଲାବାକାନ୍

ଓଡ଼ିଆ ଭାବ-

ବା ମାସ ବନେ ଆସିଲା ।
ଶାଳଗଛ ଡାଳେ ସବୁଜ ପତର ହସିଲା ॥
ଫୁଲରେ ଫୁଲେଇ ଶାଳ ସୁନ୍ଦରୀ ।
ସବୁଜ ଶାଢୀରେ ନୂଆଁ କୁଆଁରୀ ॥
ଗଛ ଲୁଚିଯାଏ ।
ଉଜ୍ଜଳ ଫୁଲକୁ ନୂଆ ପଲ୍ଲବ ॥
ଲୁଚି ଦିଶୁଥାଏ ।
ଶାଳ ସଜନୀର ରୂପ ବିଭବ ॥

(୨)

ନେଲାରେ ସାରଜମ୍ ବା
ନେଲାରେ ନାଁ ଶାଗୁନ୍ ମେ
ନେଲାରେ ସୁଲା ସାଂଗେନ୍
ନେଲାରେ ନସରେନ୍ ମେ

ମାରେହନିଲି  କାଜି ନାକି ଦେପେ
ମାରେ ହଞ୍ଜ୍ ନାଁ ନାଣାଗୁନ୍ ଗେ
ମାରେ ହ ସିମ୍ କାଜି ତଲିପେ
ମାରେ ହଞ୍ଜ ନସରେନ୍ ଗେ
ମାରେ ହ ଦିନ୍ ମୁଣ୍ଡିରେ
ମାରେହଞ୍ଜ ନାଁ ଣାଗୁନ୍ ଗେ
ମାରେ ହ ବଛର ନେଂଡାରେ
ମାରେ ହଞ୍ଜ ନସରେନ୍ ଗେ

ଓଡ଼ିଆ ଭାବ-

ଅସ ଶାଳଫୁଲ ଆସରୋଗ ଏମାଟିକୁ ଓହ୍ଲେଇ
ଆସ ଆସ ନବ ପଲ୍ଲବ ଆସ ତଳକୁ ନଇଁ
ତଳକୁ ଯିବି ମୁଁ ରଖିଲେ ତୁମେ ହାଣ୍ଡିଆ ରାନ୍ଧି
ପହିଲେ କୁକୁଡା ଗୋଟିଏ ବାଛି ରଖିବି ବାନ୍ଧି
ବରଷ ପୁରିଲେ ମୋଅର ଓହ୍ଲେଇବା ସମୟ
ଉପରୁ ତଳକୁ ଓହ୍ଲେଇ ଆସିବି ନିଶ୍ଚୟ

(୩)

ଏଲାରେ ସାରାଜମ୍ ବା.।
ଏଲାରେମ୍ କାଉବାଉ ଜାନ୍ ॥
ଏଲାରେ ସୁଲା ସାଂଗେନ୍ ।
ଏଲାରେମ୍ ଏବେ ତବେଜାନ୍ ॥
ମାରେହ ଦିନ୍ ମୁଣ୍ଡି ହିଲୁଃଜାନା ।
ମାରେହଞ୍ଜ କାଉବାଉ ଜାନ୍ ॥
ମାରେହ ବଛର ନେଣ୍ଡା ସେଟେର ଜାନା ।
ମାରେ ହଞ୍ଜ ଏବେ ତବେ ଜାନ୍ ॥

ଓଡ଼ିଆ ଭାବ-

ଶାଳଫୁଲ ମାନେ ଏ ମାଟିକୁ ଆସ
ଟରଟରେଇ ।
ନବ ପଲ୍ଲବ ହେ ଆସ ବେଗି ବେଗି
ହଡ ବଡେଇ ॥

ଜାଣିନ କି ତୁମେ ତର ତର ମୁହିଁ
ପହଞ୍ଚି ଯାଉଛି ପରବ ଦିନ ।
ଜାଣିନକି ତୁମେ ବରଷକେ ଥରେ
ପରବ ଆସିଛି ହଡବଡ ମୁହିଁ ହୁଏ ଏସନ ॥
(୪)
ମାଦୁକମ୍ ଚୁଟି ରେପାଜାନ୍
ଟୁଙ୍କିତୁରି ବାଇ ଆଞ୍ଜମେ
ସାରାଜମ୍ ଚୁଟି ସୁଲାଜାନ୍
କଣ୍ଡେଃ ବାଲାଏ ବାଡୁଇ ଆଞ୍ଜମେ
ଟୁଙ୍କିତୁରି ବାଇ ଆଞ୍ଜମେ
ଗାତିଞ୍ଜ ଲଃଅଞ୍ଜ ହାଲାଂ ମାଦୁକମ୍
କଣ୍ଡେଃ ବାଲାଏ ବାଡୁଇ ଆଞ୍ଜମେ
ସାଙ୍ଗଞ୍ଜ ଲଃ ଅଞ୍ଜ ତୁମ୍ବାଲ ସାରାଜମ୍
ଓଡ଼ିଆ ଭାବ-
ମହୁଲ ଗଛରେ ଫୁଲ ସବୁ ଫୁଟିଲାଣି ।
ଡମଭାଇ ଦେ ଟୋକେଇ ଗୋଟିଏ ବୁଣି ॥
କଅଁଳିଲା ଶାଳଗଛରେ ନୂଆ ପତର ।
କୁରାଢି ଗୋଟିଏ ଗଢିଦେରେ କମାର ॥
ଡମଭାଇ ବୁଣିଦେ ତୁ ଟୋକେଇ ଗୋଟିଏ ।
ସାଥୀ ସଙ୍ଗେ ମିଶି ମହୁଲ ନେବି ସାଉଁଟି ॥
କୁରାଢି ଗଢିଦେ କମାର ମୁଁ
ଶାଳଗଛରୁ କାଟିବି ଡାଳ ।
ଡମ ଭାଇ ବୁଣିଦେ ଟୋକେଇଟିଏ
ସଙ୍ଗିନୀ ସାଥୀରେ ମାଟିରୁ
ଖୁସିରେ ଗୋଟେଇବି ଶାଳଫୁଲ ॥
(୫)
ଚିକାନ୍ ବା ନା ମାଇମ୍ ବା ତାଦା
ହୁରୁମ୍ ସୁକୁ ବିୟୁରେନ୍ ତାନ୍
ମେରେକାନ୍ ଡାଲି ମାଇମ୍ ଡାଲିତାଦା

ଲୁପୁଃ ତେରମ୍ ସେକରେନତାନ୍
ସାରାଜମ୍ ବା ନା ମାଇମ୍ ବା ତାନା
ହୁରୁମ୍ ସୁକୁ ବିୟୁରେନ୍ ତାନ୍
ସୁଲା ସାଗେନ୍ ମାଇମ୍ ଡାଲିତାଦା
ଲୁପୁଃ ତେରମ୍ ସେକରେନ୍ ତାନ୍

ଓଡ଼ିଆ ଭାବ-

କି ଫୁଲ ପିନ୍ଧିଛି ସଜନୀ
ଚଉହଦୀ ତୋର ଘୁରିବୁଲେ ମହୁମାଛି ।
କି ଡାଳ ବାନ୍ଧିଛୁ ସଜନୀ
ଟିକି ମହୁମାଛି ତୋତେ ଚକର କାଟୁଛି ॥
ମହୁମାଛି ଘୁରେ ତୋର ଘରିପାଖରେ
ଶାଳଫୁଲ ପିନ୍ଧିଅଛୁ ।
ଟିକି ମହୁମାଛି ଚକର କାଟୁଛି
ନୂଆ ପଲ୍ଲବ ବାନ୍ଧିଛୁ ॥

(୬)

ହରାରେ ସାରଜମ୍ ବାଦ ଲେସେକେନ୍
ଲେସେକେନ୍ ଡାରେରେ ହେନ୍ଦେ ହାପାନୁମ୍ ମଚକେନ୍ ମଚକେନ୍
ଲେସେକେନ୍ ଲେସେକେନ୍ ତି ତେହ କାଗେ ତେବାଗଃ
ମଚକେନ୍ ମଚକେନ୍ ମଘତେହ କାଗେ ଜାଗାରା
ତି ତେହ କାଗେ ତେବାଗଃ
ବାକଃ ହ ବାଇୟାଇପେ
ମଘତେହ କାଗେ ଜାଗାରା
ଲିକ ହ ଆଲ ଆଇପେ
ବାକଃହାଲେ ବାଇ ୟାଇୟା
ବାକଃ ହ ହୁଲାଃ ଜାନ୍
ଲିକହ ହାଲେ ଅଲ ଲାଇୟା
ଲିକହ ଚେଘଃଜାନ୍

ଓଡ଼ିଆ ଭାବ-

ବାଟ ଦୁଇକଡେ ଶାଳଫୁଲ ଲେସି ହୋଇଛି ।
ବାଟରେ ଭେଟିଲେ କାଳି ଟୋକି ମୁରୁକି ମୁରୁକି ॥
ଲେସି ହୋଇଥାଏ ସିନା ଶାଳଫୁଲ ହାତ ତାକୁ ପାଏନାହିଁ ।
ମୁରୁକି ମୁରୁକି ହଲସ କାଳିଟୋକି କଥାଦେ କହେନାହିଁ॥
ହାତ ନ ପାଇଲେ ନଗୀ ବାନ୍ଧି ତୋଳିନିଅ ।
କଥା ନ କହିଲେ ଚିଠିଟିଏ ଲେଖିଦିଅ ॥
ନଗୀ ବାନ୍ଧିଲି ଯେ ନଗୀ ଭାଙ୍ଗିଲା ।
ଚିଠି ଲେଖିଥିଲି ଚିଠି ହଜିଲା ॥

(୭)

ନାକିଗେନ୍ ମେନା ରିସା ସୁପିଜେନ୍ ମେ
ବୁରୁରେଦ ବାଜାନା ସାରାଜମ୍ ବା
ନାକିଦେନ୍ ମେନା ରିସା । ସୁପିଦେନ୍ ମେ
ବେଲା ରେଦ ଡାଲିଜାନା ସୁଲା ସାଂଗେନ୍
ନାକିଦେନ୍ ଜାନାଞ୍ଜି ଦାଦା ସୁପିଦେନ୍ ଜାନାଞ୍ଜି
ବୁରୁରେଦ ଗସଜାନା ସାରଜମ୍ ବା
ନାକିଦେନ୍ ଜାନାଞ୍ଜି ଦାଦା ସୁପିଜେନ୍ ଜାନାଞ୍ଜି
ବେଲାରେଦ ସୁଲା ସାଂଗେନ୍ ମଏଲା ଜାନା ।

ଓଡ଼ିଆ ଭାବ-

ମୁଣ୍ଡକୁ କୁଣ୍ଡେଇ ଖୋସା ବାନ୍ଧ ସାଥୀ ।
ଶାଳଫୁଲ ଫୁଟିଲାଣି ବଣରେ ॥
ବେଣୀ ବାନ୍ଧି ଖୋସା ସଜେଇ ଦେ ସଖୀ ।
ପଡ଼ିଆରେ ଭରା ॥
ନବ ପଲ୍ଲବକୁ ଫୁଲ ସାଥୀରେ ॥
ମୁଣ୍ଡ କୁଣ୍ଡେଇଲି ଖୋସା ବାନ୍ଧିନେଲି ସଖା ।
ବଣ ଶାଳଫୁଲ ମଉଳି ଗଲା ॥
ବେଣୀ କରି ଖୋସା ସଜାଇଲି ସଖା ।
ପଡିଆର ନବ ପଲ୍ଲବ ଝାଉଁଳି ଗଲା ॥

(୮)

ସନା ଲେକାନ୍ ସାରଜମ୍ ବାଏ ହିଜୁଃଲେନ୍
ସନା ଲେକା ଗେବୁ ଜଗାଓ କିଃଆ
ରୂପା ଲେକାନ୍ ସୁତା ସାଂଗେନେଃ ସେଟେର ଲେନ୍
ରୂପା ଲେକା ଗେବୁ ଜତନ୍ କିଃଆ
ସନା ଲେକା ଗେବୁ ଜଗାଅ ଲିଃଆ
ମେନ୍ଦ ତିସିଞ୍ଜ ଦଏ ବାଗେ ଜାଦବୁଆ
ରୂପା ଲେକା ଗେବୁ ଜତନ ଲିଃଆ
ମେନ୍ଦ ତିସିଞ୍ଜ ଦଏ ରାଲା ଜାଦବୁଆ

ଓଡ଼ିଆ ଭାବ-

ଶାଳଫୁଲ ଆସିଥିଲା ସତେ ସୁନାପରି
ସୁନାପରି ତାକୁ ଆମେ ରଖିଲୁ ଆଦରି ॥
ସବୁଜିମା ରୁପାପରି ରୂପରେ ଆସିଲା ।
ଶରଧା ଯତନ କଲୁ ମମତା ବଢିଲା ॥
ସୁନା ପରି ସାଇ ତିଲୁ
ରୂପା ପରି କରିଲୁ ଆଦର ।
ତଥାପି ସେ ଛାଡିଗଲା ।
ଆମକୁ ସେ କରିଦେଇ ପର ॥

(୯)

ସାରଜମ୍ ବା'ରେ କୁଇଲିମ୍
ହାଲାଗୁ ଲେନାୟା କୁଇଲି
ସୁଳା ସାଙ୍ଗେନରେ କୁଇଲିମ୍
ନସର ଲେନ୍
ଇଲି ମାଣ୍ଡି ନାଂଗେନଗେ କୁଇଲିମ୍
ନାଲାଗୁ ଲେନାୟା କୁଇଲି
ସିମ୍ କାଟା ନାଙ୍ଗେନ ଗେ କୁଇଲିମ୍
ନସର ଲେନ୍
ଇଲିମାଣ୍ଡି ଝବାଜାନ୍ କୁଇଲିମ୍

ରୁଆଲା ଲେନାୟା କୁଇଲି
ସିମ୍ କାଟା ତୁଣ୍ଡୁଜାନା କୁଇଲିମ୍
ନସରେ ଲେନ୍

ଓଡ଼ିଆ ଭାବ-

ଶାଳଫୁଲ ଫୁଟିଲା ଓହ୍ଲେଇ ଆଇଲ କୋଇଲି
ପତ୍ର ଶାଗୁଆ ହେଲା ଓହ୍ଲେଇ ଆଇଲ କୋଇଲି
ଓହ୍ଲେଇ ଆଇଲ କୋଇଲି ଭାତ ହାଣ୍ଡିଆ ନିଶା ॥
ଓହ୍ଲେଇ ଆଇଲ କୋଇଲି କୁକୁଡା ଗୋଡ଼ କଷା ।
ହାଣ୍ଡିଆ ପିଇଲ ଭାତ ଖାଇଲ ।
କୁକୁଡା ଗୋଡର ମଜା ମାଇଲ ॥
ସବୁ ସଇଲା ବୋଲି ।
ଫେରି ଯାଉଛ
ମୋ କଳା କୋଇଲି ।

ଏହି ବା' ପରବ ଗୀତ ସହ ମାଦଳ ତାଳରେ ନାଚ କରାଯାଏ; ଏତିକି ବେଳେ ବାଜୁଥିବା ମାଦଳ ତାଳ ଏହିପରି-

ତେୟାଙ୍ଗ ନଟାଙ୍ଗ ନଟାଙ୍ଗ ଦୂର
ଡିଦାଙ୍ଗ ତାଙ୍ଗ ଡିଦାଙ୍ଗ ଦୂର୍



# ଗେନା ଗୀତ

ଉପରୋକ୍ତ ଗୀତଗୁଡିକୁ ଜାଦୁର ଗୀତ ଶ୍ରେଣୀଭୂକ୍ତ କରାଯାଇଥାଏ । .ଗେନା ଗୀତଗୁଡିକ ଜାଦୁର ଗୀତର ପରିପୂରକ, ଯାହା ନୃତ୍ୟର ସୁବିଧା ପାଇଁ ରଚିତ । ସାଧାରଣତଃ ଦୁଇଟି ଜାଦୁର ଗୀତ ପରେ ଗେନା ଗୀତଟିଏ ଗାନ କରାଯାଏ; ଯାହାକି ଜାଦୁର ନୃତ୍ୟର ତାଳରେ ସାମୟିକ ପରିବର୍ତ୍ତନ ଆଣିଦିଏ ।

ଜାଦୁର ନୃତ୍ୟ ଶୈଳୀର କଠିନ ଉତଥାନ ପତନ ଉପରାନ୍ତ ସରଳ ଗେନା ନୃତ୍ୟରେ ଟିକିଏ ଆରାମ ମିଳେ ଓ ବାତାବରଣର ସମାନତାରେ ଟିକିଏ ପରିବର୍ତ୍ତନ ଘଟେ ଯାହାକି ରାତି ରାତି ଧରି ନୃତ୍ୟ ପରିବେଷଣ ପାଇଁ ଏକାନ୍ତ ଆବଶ୍ୟକ । ଗେନା ଗୀତର ସଂଖ୍ୟା ଜାଦୁର ଗୀତଠାରୁ ଯଥେଷ୍ଟ କମ୍ ଓ ଆକାରରେ ମଧ୍ୟ ଅପେକ୍ଷାକୃତ ଛୋଟ । ନୃତ୍ୟର ଲହରକୁ କ୍ଷୁଦ୍ରତର କରିବା ପାଇଁ ଗେନା ଗୀତ ମଧ୍ୟ ଛୋଟ ଛୋଟ ଧାଡି ବିଶିଷ୍ଟ ହୋଇଥାଏ ।

ସେତାଃଦଗୁରିଇ ଗିଡି ଲାଣ୍ଡିଆତେ
ସେତାଃ ଦମ୍ ତାରାସୁ ବାସୁଃନ୍
ନିମିତାଂ ଦ ଦୁଲକି ଦୁମାଂ ସାଳିତେ
ନିମିତାଂ ଦମ୍ ଋଲି ବାଲିନ୍
ଅକୟ କାଜି ତେନା ମାଇ
ସେତାଃ ଦମ୍ ତାରସୁ ବାସୁଃନ୍
ଚିମାଏ ବାକାଣା ତେନା ମାଇ
ନିମିତାଂ ଦମ୍ ଋଲି ବାଲିନ୍

ଓଡ଼ିଆ ଭାବ-

ଆଲୋ ସଜନୀ
ଗୁହାଳ ଗୋବର ପକେଇବୁ ବୋଲି
ସକାଳ ବେଳକୁ ପଡୁ ଘାଲେଇ
ଢୋଲକି ମାଦଳ ଶବଦ ଶୁଣି
ହୋଇ ପଡୁଥାଏ କନ କନେଇ ॥
କାହା ବୋଲେ ସଖୀ
ରାତି ପାହିଲେ ଅଳସେ ଶୋଉ

କାହା ବୋଲେ ସଖୀ
ମାଦଳ ବାଜିଲେ ଛଟ ପଟାଉ ॥
(୨)
ଉପାଲ ବା ପୁଖୁରି ଦଗୁଲେ ଗୁଲେ
ତାଲାଏ ବା ବାନ୍ଦେଲା ଦ ବିଜ୍ରିର ବଲଂ
ଅକଏ ଦେରାଂ ରେଆଲାନ୍ ତେଆ
ଚିମାଏ ଦେରାଂ ଉମେନ୍ ତେଆ
ସେକରି ସାରେଗ ରେଆଲାନ୍ ତେଆ
ବାମଣେ ଗଗୌତି ଉମେନ୍ ତେଆ
ଉପାଲ୍ ବା ଇକିର ଦ ଆଞ୍ଜୋଦ୍ ଜାନା
ତାଲାଏ ବା ବନ୍ଦେଲାଦ ଡୁଡା ଜାନା

ଓଡ଼ିଆ ଭାବ-

ପଦ୍ମୁଅଁ ପୋଖରୀ ପାଣି ନୀଳ ପରିମଳ ।
କଇଁଫୁଲ ଯୋଗୀ ପାଣି ଦିଶେ ଛଳଛଳ ॥
ନୀରୋଳା ଯୋରୀରେ ନୀଳ ପୋଖରୀରେ
କିଏ ଗାଧୋଇବ କହ ।.
ଶୀତଳ ପାଣିରେ ଶୀତଳ କରିବ
କିଏତାର ମନ ଦେହ ॥
ଶୀତଳ କରିବ ଦେହକୁ ତାହାର
ଜଣେ ଦରଦୀ ନାଉରୀ ।
ମନକୁ ତାହାର ଶୀତଳ କରିବ
ଜଣେ ପବିତ୍ର ପୂଜାରୀ ॥
ଶୁଖିଲା ଆଜି ସେ ପଦ୍ମୁଅଁ
ଫୁଲର ବେଣୁ ପୋଖରୀ ।
ଶୁଖିଲା ଆଜି ସେ କଇଁ
ଫୁଲ ଭରା ନିରୋଳା ଯୋରୀ ॥
(୩)
ଅକମୁଲି ରେଆ ହ ମେଟାମ୍
କୁଲି ଦାରୁ ଗଲାଞ୍ଜି

ଚିମାଏ ମଲି ରେଆ ହ ମେତାମ୍
ପାନ୍ତି ଦାରୁ ଆଟାଲ ବା
ସିଙ୍ଗି ତୁରଃ ରେଆ ହ ମେତାମ୍
ଜୁଲି ଦାରୁ ଗଲାଞ୍ଜି
ଘଣ୍ଟୁଃ ମୁଲୁଃ ରେଆ ହ ମେତାମ୍
ପାନ୍ତି ଦାରୁ ଆଟାଲ୍ ବା
ସିଙ୍ଗି ତୁର ତାନ୍ ଲେକାହ ମେତାମ୍
ଜୁଲି ଦାରୁ ଗଲାଞ୍ଜି
ଘଣ୍ଟୁ ମୁଲୁଃ ତାନ୍ ଲେକାହ ମେତାମ୍
ପାନ୍ତି ଦାରୁ ଆଟାଲ୍ ବା

ଓଡ଼ିଆ ଭାବ-

କୋଉଠି ଅଛି ହେ
କାଠଚମ୍ପା ଫୁଲ ଗଛ ଯୋଡିଏ ।
କୋଉଠି ଅଛି ହେ
ଟଗର ଫୁଲର ଗଛ ଧାଡିଏ ॥
ପୁରୁବ ଦିଗରେ
କାଠଚମ୍ପା ସେଠି ସୁରୁଜ ଉଠେ ।
ପଶ୍ଚିମ ଦିଗରେ
ଟଗର ସେଠିତ ଜହ୍ନ ଚହଟେ ॥
ନୂଆ ସୁରୁଜର ଆଲୁଅ କାଠ ଚମ୍ପା ଦିଶଇ ।
ଟଗର ଫୁଲରୁ ଯୋଛନା ଧାରେ ଝରି ପଡଇ ॥

ଏହିସବୁ ଗୀତକୁ ବୋଲିବା ପରେ ଏପରି ମାଦଲ ତାଳ ବାଜେ:-
"ଡାଇଁକ ଦୂର୍ ଡେଦାଙ୍ଗ ଦୂର୍
ଡେଦାଙ୍ଗ ନାଟାଙ୍ଗ ଟାଇଁକ୍ ଟାଇଁକ"

ଭୂମିଜ ମାନଙ୍କର ବା' (ହା) ପରବ ବେଳେ ଗୋଟିଏ କି ଯୋଡିଏ ଜାଦୁର ଗୀତ ବୋଲି ନାଚିବା ପରେ ଗୋଟିଏ ଗେନା ଗୀତ ଗୋଲାଯାଏ ନାଚରେ ଭିନ୍ନତା ଆଣିବା ପାଇଁ । ଜାଦୁର ଗୀତର ମାଦଳ ତାଳରେ ଦ୍ରୁତ ଗତିରେ ନାଚ କରା ଯାଉଥିବାରୁ ନାଚ କରୁଥିବା ନୃତ୍ୟକାରିଣୀମାନଙ୍କୁ ଟିକିଏ ବିରାମ ଦେବା ପାଇଁ ଗେନା ଗୀତ ଗାନ କରାଯାଇ ମାଦଳ ତାଲ ବଜାଯାଏ । ଯୋଉ ମାଦଲ ତାଳରେ ମନ୍ଥର ଗତିରେ ନୃତ୍ୟ କରାଯାଏ । ଏହି ଗେନାଗୁଡିକ ଏହିପରି-

(୧)

ନାକିଃଇ ଗେନ୍ ମେନା ରିସା ସୁପିଡେନ ସେନା

ବୁରୁରେଦ ବାଆଜାନା ବୁରୁ ସିସି ବାଆ

ନାକିଃଇ ଗେନ୍ ମେନାରିସା ସୁପିଡେନ ମେନା

ବେଡା ରେଦ ଡାଲିଆ କାନା ପୁଣ୍ଡି ରୁତା ଡାଲି

ନାକିଃଇ ଗେନ୍ ଜାନାଇଁ ଦାଦା ସୁପିଡେନ୍ ଜାନା

ବୁରୁରେଦ ସିସିବାଆ ବାଆ ଋବାଜାନା

ନାକିଃଇ ଗେନ୍ ଜାନାଇଁଦାଦା ସୁପିଡେନ ଜାନା

ବେଡା ରେଦ ରୁତା ଡାଲି ଡାଲି ତୁଣ୍ଡୁଜାନା

ଓଡ଼ିଆ ଭାବ-

ଶଶିଫୁଲ ଫୁଟିଅଛି ବଣରେ

ରୁତା ବା ଫୁଟିଅଛି ପଡିଆଟିରେ

ବାନ୍ଧବୀ ଲୋ ! ମୁଣ୍ଡବାଳ କୁଣ୍ଡେଇ ।

ଖୋସା ବାନ୍ଧିନିଅ ଫୁଲ ସଜେଇ ॥

ମୁଣ୍ଡ କୁଣ୍ଡେଇ ମୁଁ ଖୋସା ବାନ୍ଧିଲି ଯେ

ଶିଶିଫୁଲ ଫୁଟି ଝରିଗଲାଣି

ପଡିଆ ଭିତରେ ରୁତା ବା ଗଛରେ

ଫୁଲ ନାଇଁ ଫୁଲ ସରିଗଲାଣି ॥

(୨)

ଆଲାଗା ମାରୁ ରିଙ୍ଗି ସିଙ୍ଗି ବାଙ୍ଗାଲାରେ ଗାଡିଂ

ସାଲାକିଦ ଗାଡିଆରେ ଆମ୍ ଚିରେମ୍ ଉଡୁଂ ଲେନା ଗାଡିଂ

ଆମ୍ ଚିରେମ୍ ପାୟାର ଲେନା

ଆଲାଗା ମାରୁ ବା ଲେକାମ୍ ଉଡୁଂଲେନା ଗାଡିଂ

ବା ଲେକାନ୍ ଗସଜାନା

ଆଲାଗା ମାରୁ ଡାଲି ଲେକାମ୍ ଉପାଲ୍ ଲେନା ଗାଡିଂ

ଡାଲି ଲେକାମ୍ ମଏଲା ଜାନା

ଓଡ଼ିଆ ଭାବ-

ବଙ୍ଗଳା ଦିଶଇ ଚକ ଚକିଆ ।

ବଙ୍ଗଳା ପାଖରେ ପୋଖରୀ କଇଁ ॥

ଭରା ପାଣି କାଚ କେନ୍ଦୁ ଭଳିଆ ।

ପାଣିରେ ସଜନୀ ମାରୁଥିଲ ଚିତି ପହଁର ॥

ଫୁଲଟିଏ ହୋଇ ଫୁଟିଥିଲେ ଫୁଲ ନିଆରା ।
ସଜଫୁଲ ପରି ତୁମେ ଫୁଟିଲ ।
ବାସି ଫୁଲ ପରି ମଉଳିଗଲ ॥
ପୁରିଲା ପୁରିଲା ଫୁଲ ଚଙ୍ଗୁଡ଼ି ।
ଚଙ୍ଗୁଡ଼ିକ ଫୁଲ ଗଲା ଉଜୁଡ଼ି ॥

(୩)

ଆଲାଗା ମାରୁ ଅ;ସାଲୁରେ
ସାଲୁ ତିଙ୍ଗୁ ତାଙ୍ଗିଇଁମେ
ଆଲାଗା ମାରୁ ଅସାଲୁରେ
ସାଲୁ ଜାପାଃ ତାଙ୍ଗିଇଁ ମେ
ଆଲାଗା ମାରୁ ରଆ ହେସାଃରେ
ସାଲୁ ତିଙ୍ଗୁ ତାଙ୍ଗିଇଁମେ
ଆଲାଗା ମାରୁ ପଆ ବାଲେରେ
ସାଲୁ ଜାପାଃ ତାଙ୍ଗିଇଁମେ

ଓଡ଼ିଆ ଭାବ–

ଆଲୋ ଶାରୀ ଆଲୋ ଶୁଆ
ହୋଇଥିବୁ ତୁହି ଠିଆ ॥
ଶୁଆଲୋ ଶାରି ସୁହାଗୀ
ଠିଆ ହେବୁ ମୋତେ ଲାଗି ॥
ପୋତା ଅସ୍ତ ପୋତାବର ।
ତୁ ମୋର ତୁହି ତୋ ମୋର ॥

(୪)

ଚିକାନ୍ ବାହାମ୍ ବାହା ତାଦା ମାଇଁନା
ବାହା ବାହାମ୍ ସହାନ୍‌ନା ?
ଚିକାନ୍ ଡାଲିମ୍ ଡାଲିଲେନା ମାଇଁନା
ଡାଲି ଡାଲିମ୍ ସଆନ୍ ନା ?
ବାହା ତେଚିମ୍ ଉମ୍ ଲେନା ମାଇଁନା
ବାହା ବାହାମ୍ ସହାନ୍ ନା ?
ଡାଲି ତେଚିମ୍ ୟୋଲା ଲେନା ମାଇଁନା
ଡାଲି ଡାଲିମ୍ ସଆନ୍‌ନା ?

(ଭୂମିଜଜାପି ଗୀତ)

ଓଡ଼ିଆ ଭାବ-

ଖୋସାରେ କି ଫୁଲ ଖୋସିଛୁ ଟୋକି ।
ଫୁଲର ବାସନା ଉଠେ ମହକ ॥
କୋଉ ଫୁଲ ଡାଳ ଦେହରେ ବାନ୍ଧି ରଖିଛୁ ।
ଚହଟୁଛି ଗନ୍ଧଫୁଲ ଫୁଲ ତୁ ବାସୁଛୁ ॥
ଗାଧୋଉଛୁ କୋଉ ଫୁଲ ପାଣିରେ ।
ଅବା କୋଉଫୁଲ ଶାଖା ପାଣିରେ ॥
ଫୁଲ ପରି ଫୁଲ ଶାଖା ପରି କାଲି ବାସନା ଝରେ ॥

(୫)

ହେସାଃ ଜରମ୍ ଲେନା ଚିରେ
ବାଲେ ଗଦାର୍ ଲେନା
ଚେଣେ ଚେତାନ୍ ଚେଣେକ ଆଳଗୁଲେନା
ବା’ ବାସିଲେନା ଚିରେ, ବୁରୁ ବାସିଲେନା
କୁପୁଲ ଚେତାନ୍ କୁପୁଲ କ ହିଜୁଃ ଲେନା
ହେସାଃକ ଋବା ଲେନା ବାଲେଅ ଋବାଲେନା
ଚେଣେ ଚେତାନ୍ ଚେଣେକ ଆଫିର ଜାନା
ବା’ ବାସି ବାନୁଃକ ବୁରୁ ବାସି ବାନୁଃକ
କୁପୁଲ୍ ଚେତାନ୍ କୁପୁଲ୍ ଋଆଲ୍ ଜାନା

(ଜରଗା ଦୁରାଂ)

ଓଡ଼ିଆ ଭାବ-

ଓସ୍ତ ଫଳ ଅବା ପାଚିଥିଲା ବରଫଳ ।
ଓହ୍ଲେଇ ଆଇଲେ ଚଢେଇ ପଲ ॥
ବା ପରବ ନା ପରବ ବାସି ।
ଘରେ ପହଞ୍ଚିଲେ କୁଣିଆ ଆସି ।
ଓସ୍ତ ଫଳ ବର ଫଳ ସରିଲାଣି
ଚଢେଇ ପଲ ଉଡି ଗଲେଣି ॥
ବା’ ପରବ ନାଇଁ ପରବ ପର୍ବାଣୀ ଯାଇଚି ସରି ।
କୁଣିଆ ଯେତକ ଗଲେଣି ଫେରି ॥

# ସହରାୟ ବାଁଦନା / ସହରାଇ ସଙ୍ଗୀତ

ସାନ୍ତାଳମାନଙ୍କର ଅତି ବିଶିଷ୍ଟ ପର୍ବ ହେଉଛି ସହରାୟ ପର୍ବ । ଏହାକୁ ମୟୁରଭଞ୍ଜର କେତେକ ଗାଁରେ ହିନ୍ଦୁ କାଳୀପୂଜା ବେଳେ ଅମାବାସ୍ୟାରେ ପାଳନ କରୁଥିବା ବେଳେ କେତେକ ଗାଁରେ ତାପର ପୂର୍ଣ୍ଣିମାରେ ପାଳନ କରନ୍ତି । ଏହାକୁ ଫସଲ ଅମଳ ପର୍ବ ରୂପେ ମଧ ପାଳନ କରାଯାଏ । ଏହାକୁ ପାଞ୍ଚଦିନ ବ୍ୟାପି ପାଳନ କରନ୍ତି ମୟୂରଭଞ୍ଜର ସାନ୍ତାଳାମାନେ । ଏହା ମୁଖ୍ୟତଃ ତିନିଦିନ ବ୍ୟାପି ପାଳନ ହେଉଥିବା ବିଶେଷ ଭାବରେ ପରିଲକ୍ଷିତ ହୋଇଥାଏ । ଏଣୁ ଏପରି ସାନ୍ତାଳ ଗୀତ-

ତେହେଞ୍ଜ ଦଲେ ଉମକାନାହ ଜାଗମାଝୀ
ଗାପାଦଲେ ଦାକାୟା ହ ଜଗମାଝୀ
ମେୟାଙ୍ଗ ଦଲେ ଆଲାଃକଥା
ଗାତିଞ୍ଜ କାଡାକ ଦାଁଣାଏ ନାଏକେ ଆଙ୍ଗାନ୍
ଗାତିଞ୍ଜଦ ଡିମିନ୍ ଗେଚ ମାଝି ପାରନିକ
ହରକିଞ୍ଜ ଆଲାଗା ଗାତିଞ୍ଜଦ ଅରନ୍ ତଲକିଞ୍ଜ

ଓଡ଼ିଆ ଭାବ-

ଗାଧୁଆ ପାଧୁଆ ସଫା ପରିମଳ ଆଜି ।
କାଲି ରନ୍ଧାବଢ଼ା ଖିଆପିଆ ହେବ
ଜାଣିଥାଅ ଜଗମାଝି ॥
ପହରି ଦିନକୁ ଗୋରୁମାନଙ୍କୁ ସଜାଇ
ଖୁଣ୍ଟୁ ପୋତି ବାନ୍ଧିଦେବା ନଚେଇ ନଚେଇ ॥
ସାଙ୍ଗ ଯାଉଛନ୍ତି ଦେହୁରୀଙ୍କ ଅଗଣାକୁ ।
ବନ୍ଦେଇ ଆଁସିବ ପଣ୍ଡା ମଇଁଷୀ ମାନଙ୍କୁ ॥
ସହରାୟ ପରବ ପାଳନକୁ ନେଇ ଏହିପରି

ଗୀତ-

ସହରାୟ ସହରାୟ ହାତୀ ଲେକାନ
ତୁମଦାଃ ଟାମାକ୍ ସାଡେକାନ୍
ରିହିଲ୍ ବିଦିଲ୍ ରିହିଲ୍ ବିଦିଲ୍ ସାଡେକାନ୍
ନାତୁ ତାଲାରେ

କୁଲି କଲା ଦମେଲ ଦମେଲ କୁଲହି ତାଲାରେ

ନାୟଁଗ ନାୟଁ

ଇଞ୍ଚଦୁଞ୍ଚ ଘଲାଁ ଗାଇକ ଚୁମାଲ୍

ରିହିଲ୍ ବିଦିକ୍ ରିହିଲ୍ ବିଦିଲ୍ ସାଡେକାନ୍

ନାତୁ ତାଲାରେ

ଓଡ଼ିଆ ଭାବ–

ଆସିଚରେ ସହରାୟ ।

ଦୋହଲି ଦୋହଲି ଝୁଲି ଝୁଲି ସିଏ

ଆସିଛି ହାତୀ ପରାଏ ॥

ବାଜେ ନାଗରା ମାଦଳ

ଗାଁ ମଝିରେ ରିହିଲ୍ ବିଦିଲ୍

ମାଆଗୋ ମାଆ

ଗୋରୁ ବନ୍ଦେଇବା ପାଇଁ ମୁଁ ଯାଉଛି

ଘରେ ତୁ ଥାଅ ॥

ବାଜୁଛି ନାଗରା ମାଦଳ

ଗାଁ ମଝିରେ ରିହିଲ୍ ବିଦିଲ୍ ॥

ଆଗ କାଳରେ 'ସହରାୟ' ପାଳନ ଅବସରରେ ଅଶ୍ଳୀଳ ସଙ୍ଗୀତର ଲହରୀ ଛୁଟୁଥିଲା ବୋଲି ପୁରୁଖା ବ୍ୟକ୍ତିମାନେ କହନ୍ତି । ଏବେ ତାହାପ୍ରାୟ ନାହିଁ କିନ୍ତୁ, 'ଗଟ ବଙ୍ଗାହିଲଃ' (ଗୋଠ ପୂଜାଦିନ) ଅସଭ୍ୟ ମନ୍ତବ୍ୟ ଶୁଣିବାକୁ ମିଳୁଥିଲା ଆଗ କାଳରେ । ଏଣୁ ଗୀତ ମାଧ୍ୟମରେ ଯୁବକମାନେ ଗାଁର ଜଗମାଝୀଙ୍କୁ ଏବେମଧ୍ୟ, ପରମ୍ପରାକୁ ରକ୍ଷା କରି ଏପରି ଗୀତ ଗାଇ ଜଣେଇ ଦିଅନ୍ତି ।

"କୁଲିକଦ ସିଞ୍ଜ୍ କାନ ପେ

କାରହାଲ୍ କାକ ପେ ହୋ ଜଗମାଝୀ

କଲାକଦ ବାୟାର୍ ଆଲାଃ କପେ ।"

ଓଡ଼ିଆ ଭାବ–

ଜଗମାଝୀ ଶୁଣ ଭଲା ।

ଗମ୍ଭିରୀ ଭିତରେ ଟୋକିକୁ ପୁରେଇ

କବାଟରେ ଆଣ୍ଡ କିଙ୍କିଣୀ ପକେଇ

ରଖିଦିଅ ମାରିତାଲା ॥

ଜଗ ମାଝୀ ଶୁଣିଯାଅ ।
ଆମ୍ଭେ ଅଟୁ ଭେଣ୍ଡା ପୁଅ
କ୍ଷଣପରି ଆମକୁ ବୁଲିବାକୁ ଛାଡିଦିଅ ॥

ଗୋଠ ପୂଜାଦିନ ସନ୍ଧ୍ୟାବେଳେ ପ୍ରତ୍ୟେକ ଘରେ ସାନ୍ତାଳ ରମଣୀମାନେ ନୂଆ କୁଲାରେ ଦୀପ, ଦୁବ, ଅରୁଆ ଚାଉଳ ନେଇ ଗୁହାଳ ସମ୍ମୁଖରେ ଠିଆ ହୋଇ ଗାଈଗୋରୁମାନଙ୍କୁ ଚୁମାଉଳା । (ବନ୍ଦାପନା) କରିଥାଆନ୍ତି ଗୋ ସମ୍ପଦର ଅଭିବୃଦ୍ଧି ନିମନ୍ତେ ଗୀତମାନ ଗାନ କରନ୍ତି ।

ନେ ସୁଗୀ,
ଆମ୍ ସୁଗୀତେ ଶାୟ ସୁଗୀ
ଆମ୍ ହପନ୍ ଲେକ ହେଓ୍ୱେ ଲେକଦ
ଆୟୁର ଆଗୁ ସୁତୁଃ ଆଗୁ
ନିୟାଗଲା ନିୟା ଜାତରା
ପେରେଜ୍ କାଃ ଚଲାଓଂ କାଃ ମେ
ନେ ରାଙ୍ଗିଆ,
ଆମ୍ ରାଙ୍ଗିଆତେ ଶାୟ ରାଙ୍ଗିଆ
ଆମ୍ ଆୟୁର ଲେକ, ସୁତୁଃଲେକଦ
ନିଆ ଗଲା ନିଆ ଜାତରା
ପେରେଜ୍
କାଃ ଚଲାଓଂ କାଃ ମେ

ଓଡ଼ିଆ ଭାବ–

ଆଗୋ ସୁଗୀ ଗାଇ ବଉଳା ଗାଇ ।
ଶହେ ସୁଗୀ ତୋଠୁଁ ପାଇବି ମୁହିଁ ॥
ଆଦର କରି ଅତେଇ ଆଣିବୁ
ଗୁହାଳକୁ ମୋର ପଣେ ବାଛୁରୀ ।
ଗୁହାଳରେ ମୋର
ଗହଳି ଜମିବ ଯାତରା ପରି ॥
ଆରେ ରଙ୍ଗିଆ ।
ତୋ ପରି ବଳଦ ଥିଲେ
ମୋର ହେବେ ଶହେ ରଙ୍ଗିଆ ॥

ଆଗେ ଆଗେ ବାଟ କଢେଇ ନେବୁ ।
ପଣେ ବଳଦକୁ
ମୋର ଗୁହାଁଳରେ ପୁରାଇ ଦେବୁ ॥
ରଙ୍ଗିଆ ବଳଦ ସୁଗୀ ପରିଗାଇ ଥିଲେ ମୋହର ।
ଧନ ଧାନଭରା ପାଲଟିଯିବ ମୋ କୁଡିଆ ଘର ॥

ପୁରୁଷମାନେ ମଧ୍ୟ 'ସହରାୟ' ଅବସରରେ 'ଗାଇଦାଣା' କରିଥାନ୍ତି । ସେମାନେ ରାତିରେ ପ୍ରତ୍ୟେକ ଗୁହାଳକୁ ଯାଇ ମାଦଳ ବଜାଇ ନାଚନ୍ତି ଓ ଗାଇ ବଳଦ ଏବଂ ମଇଁଷିଙ୍କ ଉଦ୍ଦେଶ୍ୟରେ ଗୀତ ଗାଆନ୍ତି ।

ଅକୟ ଗାଇୟେ ଢିଲାଉଏୟା
ଲୁଖୀ ବାୟ ସାହାଓଏୟା
ଅକୟ ବିତକିଲ୍ ଢିଲାଉଏୟା
ଦୁକ୍ -ଏ- ଭୁଞ୍ଜାଉ ଆ
ଗାଇ ଦୟ ନେହରାଦ
ଜାହେର ଲୁଖୀଠେନ୍
ବିତକିଲ୍ ଦୟ ନେହରାଦ
ମାରାଂ ବୁରୁଠେନ୍
ସିରାଗାଇ ଦିପିଲ୍ କାତେ
ଲୁଖୀଦୟ ଆଗୁଲେଦେ
ଅନାତେଗେ ତଲ୍ ଆକଓ୍ୱା
ବହଃରେ ହୁଲୁ ଗେଲେଦ

ଓଡ଼ିଆ ଭାବ–

ଅଣହେଳା କରେ ଗାଈକୁ କରେ ଯିଏ ।
ଲକ୍ଷ୍ମୀ ଠାକୁରାଣୀ ତାକୁ ନ ସହେ ॥
ହତାଦର ମଇଁଷିକୁ କରିଲେ ।
ବହୁଦୁଃଖ ତାକୁ ମିଳଇ ଭଲେ ॥
ଜାହିରା ଦେବୀଙ୍କ ପାଖରେ ଗାଈ ମନାସେ ।
ମଇଁଷି ଜଣାଯାଏ ମାରାଂବୁରୁ ପାଶେ ॥
ଗୋପଲକ୍ଷ୍ମୀ ହୁଅଇ ପରିପୂର୍ଣ୍ଣ ।
ଗାଈ ମଇଁଷି କରନ୍ତି ନିବେଦନ ॥

ସୀରା ଗାଇ ପରା ଲକ୍ଷ୍ମୀ ଦେବତୀଙ୍କୁ
ଆଣେ ମୁଣ୍ଡରେ ମୁଣ୍ଡେଇ ।
ସହରାୟ ପର୍ବେ ଗାଇ ମୁଣ୍ଡେ ଦେଉ
ଧାନ କେଣ୍ଡାକୁ ଝୁଲେଇ ॥

ପର୍ବର ଦ୍ୱିତୀୟ ଦିନକୁ ଦାକା ହିଲଃ ବୋଲି ସାନ୍ତାଳମାନେ କହନ୍ତି । ଏହାକୁ ଭାତ ଖାଇବା ଦିନ କୁହାଯାଇପାରେ । ଏହିଦିନ ମାଂସଭାତ ଖାଇବା ଦିନ । ଏହିଦିନ ପଶୁପକ୍ଷୀଙ୍କୁ ବଳିଦିଆଯାଇ ତାଙ୍କ ମାଂସ ରାନ୍ଧି ଖାଇବା ଦିନ । ଛେଳି, ଘୁଷୁରି, କୁକୁଡା ଆଦି ବଳି ପଡନ୍ତି । ଏହି ଦିନର ଭୋଜି ଭାତରେ ସାମିଲ ହେବାପାଇଁ ଭଉଣୀ-ଭଉଣୀ ଜୋଇଁଙ୍କୁ ନିମନ୍ତ୍ରଣ ଦିଆଯାଏ- ନିମ୍ନଗୀତ ଏକଥା କହୁଛି ।

ଆପୁଞ୍ଜତେକ ମାଇଁରେ
ସୁକୁରି କ ତେଁଗେନ୍ କାନ୍
ବାରେଞ୍ଜ ତେକ ମାଇଁରେ
ପିଠାକ ସାମାନ କାନ୍
ନେଲ୍ ଆଲାଂ ମାଇଁରେ
ନେଓତା ମାଇଁରେ
ନେଓତା ଲେଂଲା ଖାନ୍
ଜମ୍ ଲୋଇ ମାଇଁରେ
ଞୁ ଲୋଇ ମାଇଁରେ
ଆମଦ ବାବୁ ହେବେ ଏମେ
ଇଞ୍ଜଦ ହାଣ୍ଡିଇ୍ ଦିପିଲା
ଆମ୍ ଦ ବାବୁ ହେବେ ଏମେ

ଓଡ଼ିଆ ଭାବ-

ଘୁଷୁରୀ ଗୋଟିଏ ବଳି ଦେବେ
ବାପା ମାଆ ଏସନ୍
ଭାଇମାନେ ପିଠାପଣା ସବୁ
କରିବେ ସମର୍ପଣ
ଆମକୁ ସେ କରିବେ ନିମନ୍ତ୍ରଣ ॥
ଆମେ ଦୁହେଁ ମିଶି ସେଠାକୁ ଯିବା ।
ଖାଇବା ପିଇବା ମଜା କରିବା ॥

ତୁମେ ଚାଲିଥିବ ପୁଅ କାଖେଇ ।
ହାଣ୍ଡିଆ ହାଣ୍ଡି ମୁଁ ଥିବି ମୁଣ୍ଡେଇ ॥

ଏହିଦିନ ସନ୍ଧ୍ୟାବେଳକୁ ଗୃହପାଳିତ ଗାଇ ମଇଁଷୀଙ୍କୁ ସ୍ୱାଗତ କରିବା ପାଇଁ ସ୍ତ୍ରୀ ଲୋକମାନେ ଦାଣ୍ଡ ଦୁଆରରୁ ଗୁହାଳ ପର୍ଯ୍ୟନ୍ତ ଝୋଟି ପକାଇଥାନ୍ତି । ଏହା କରାଯାଏ ଗୋରୁଗାଈ ଫେରିବା ପୂର୍ବରୁ । ଝୋଟିର ଉଭୟ ପାର୍ଶ୍ୱରେ ଘାସବିଣ୍ଡାମାନ ସଜାଇ ତା ଉପରେ ଫୁଲ ଖୋସି ଦିଆଯାଇଥାଏ.

ଚେଦ୍ ଦମ୍ ଚେକାୟ ରାନୀରେମ୍
ଗେଜ୍ ଗୁରିଜ୍ ଏଦ୍ (ଘୋଷା)
ଚେଦ୍ ଦମ୍ ଚେକାୟ ରାନୀରେମ୍
ଲିଖନ୍ ଗଲହନ୍ ଏଦ୍
ହାତୀ ଲେକାନ୍ ସହରାୟ
ନାୟଗ ବଲ ଏନ୍‌ଦ (ଘୋଷା)
ଅନା ଲାଗିଦ୍ ତେହେଞ୍
ଗେଜ୍ ଗୁରିଜ୍ ଏନ୍‌ଦ
ଅନା ଲାଗିଦ୍ ତେହେଞ୍
ଲିଖନ୍ ତଲହନ୍ ଏନ୍‌ଦ
ସିଂ ଘନ୍ଦ ନାୟଗ ବେଲା ହାସୁରେନ୍
ଗାଇକ କାଡାକ ଲେବେଦ୍ ଆଦେରାଃତିଂ

ଓଡ଼ିଆ ଭାବ-

କାହିଁକି ରାଣୀ ତୁ ଗୋବର ଲିପୁଛୁ ଘର ଦୁଆର ।
କାହିଁକି ଲୋରାଣୀ ଝୋଟି ପକଉଛୁ ଏତେ ସୁନ୍ଦର ॥
ସହରାୟ ପରା ଆସିଅଛି ହାତୀ ପରିକା ।
ସହରାୟ ପାଇଁ ଲିପାପାଛା ମୋର ଏ ଝୋଟି ପକା ॥
ସୁରୁଜ ତ ନଇଁ ଗଲେଣି ସଞ୍ଜ ହୋଇବ ଆସି ।
ଗୁହାଳେ ପଶିବେ ଝୋଟିଦେଇ ଗାଇ ମଇଁଷି ॥

(୧)

ଅକୟରିନ୍ ଗାଇକ୍ ଗାଇକ ବୁରୁଦ୍ ବୁରୁଦ୍
ତକୟରିନ୍ ବିତ୍‌କିଲ୍ ବିତକିଲ୍ କ ବିୟାଲ୍ ବୟଲ୍
ଫାଲନାରିନ୍ ଗାଇକ ଗାଇକ ବୁରୁଦ୍ ବୁରୁଦ୍

ଫାଲନାରିନ୍ ବିତ୍‌କିଲ୍‌କ ବିୟାୟ୍ ବୟଲ
ତଲ ଆକପେ ନାୟ ସାମାନମ୍ ଘାଣ୍ଟି
ନାରାଞ୍ଜ ଆକପେ ରିୟାଲ୍ ରୟଲ୍ ପାଇଙ୍ଗାନ୍

ଓଡ଼ିଆ ଭାବ–

କାହା ଗାଇମାନେ ଗୋଠ ହୋଇ ଏଠି ମିଶନ୍ତି ଆସି ।
ବିୟାଲ ବୟଲ ଚଲିଅଛନ୍ତି ପୁଣି କାହା ମଇଁଷି ॥
ଅମୁକଙ୍କ ଗାଇ ଜୁଟିଛନ୍ତି ଗୋଠେ ଗାଇଙ୍କ ପଲ ।
ସମୁକଙ୍କ ଘର ମଇଁଷି ଚଲନ୍ତି ବିୟାଲ ବୟଲ୍ ॥
ଗାଇଙ୍କ ବେକରେ ସୁନା ଘଣ୍ଟିମାନ ଦିଅ ଝୁଲାଇ ।
ମଇଁଷିମାନଙ୍କୁ ରିୟାଲ ରୟାଲ ପଇଁଝମ୍ ଆଣିଦିଅ ପିନ୍ଧାଇ ॥

ପ୍ରଥମ ଦିନ ପରି ଦ୍ୱିତୀୟ ଦିନ ମଧ୍ୟ ସାନ୍ତାଳ ରମଣୀମାନେ ଗୁହାଳ ସମ୍ମୁଖରେ ଠିଆ ହୋଇ ଗାଈବଳଦ, ମଇଁଷିମାନଙ୍କୁ ବନ୍ଦାଇ ଥାଆନ୍ତି ।

ତୃତୀୟ ଦିନ ହେଉଛି "ଖୁଣ୍ଟାଉ ହିଲଃ" । ଖୁଣ୍ଟାଉର ଅର୍ଥ ବଡ ଖୁଣ୍ଟରେ ବଳଦ କିମ୍ବା ପୋଡକୁ ବାନ୍ଧି ନଚାଇବା ।

"ଚେଦ୍ ଲାଗିଦ ରାନୀରେମ୍ ଜେ ଗୁରିଜ୍ ଏଦ୍
ଚେଦ ଦମ୍ ଚେତାୟ ରାନୀରେମ୍ ଦାରେମ୍ ରହୟ ଏଦ୍
ସିଂଚନ୍ଦ ନାୟଗ ବୋଲାୟ ହାସୁରେନ୍ (ଘୋଷା)"
ଦୁଲାଲ୍ ବେଟା ତିଞ୍ଜଦ୍ ନଣ୍ଡେଗେ ଖେଲଣ୍ଡଜଂ
ହୁଲୁ ଗେଲେ ତିଦୁଞ୍ଜ ସାଜାଓ ଓଡକେୟ
ଦିଓ୍ୱାଲା ବାତି ତେଦୁଞ୍ଜ୍ ଚୁମାଣ୍ ଆୟ

ଓଡ଼ିଆ ଭାବ–

କାହିଁକି ଗୋବର ଲିପୁଛୁ ରାଣୀ ।
କାହିଁକି ତୁ ଖୁଣ୍ଟ ପୋତୁଛୁ ପୁଣି ॥
ବୁଡିଲେଣି ମାଁ ଗୋ ସୁରୁଜ ଦେବ ।
ଗେହ୍ଲା ବଳଦ ପୁଅ ମୋ ଏଇ ଖୁଣ୍ଟ
ଚଉହଦୀ ପରା ବୁଲି ଆସିବ ॥
ତା ଶିଙ୍ଗରେ ଧାନ କେଣ୍ଡା ବାନ୍ଧିବି ।
ଶରଧାରେ ଦୀପ ଜଳେଇ ତାକୁ ବନ୍ଦଉଥିବି ॥

(୨)

ଚେତାନ୍ ଟଲାରେମା ଗାଇକ ତଲେ କାନ୍

ଲାତାର୍ ଟଲାରେମା କାଡାକ ତଲେକାନ୍

ଗାଇକ ତଲେକାନ୍ ଦ ତଲେ ସୁତାମ୍ତେ

କାଡାକ ତଲେକାନ୍ ଦ ବାନ୍ଧି ବାବେର୍ତେ

ଗାଇଦ ଏନେଜ ଜଂକାନ୍ ଧୂଳିଦୟ ନଟାଂଏଦ୍

କାଡାୟ ଖେଲଣ୍ଡ ଜଂକାନ୍ ହାସାଦୟ ଲକାଏଦ୍

ଓଡ଼ିଆ ଭାବ-

ବନ୍ଧାଯାଉଅଛି

ଉପର ସାହିରେ ଗାଈ ମାନଙ୍କୁ ।

ତଳ ସାହିରେ ପଣ୍ଡାଙ୍କୁ ॥

ଗାଈ ବନ୍ଧା ଅଛି

କପା ସୁତୁଲିରେ ଭିଡି ।

ପଣ୍ଡାର ବେକୁ ପାଳ ଦଉଡି ।

ଗାଈ ନାଚକରେ ଧୂଳି ଉଡାଇ ।

ଶିଂଗେ ମାଟି ତାଡି

ଉପରକୁ ଫିଙ୍ଗି ପଣ୍ଡା ଖେଳଇ ॥

ଚତୁର୍ଥ ଦିନକୁ "ଯାଜଲେ ହିଲଃ" ଭାବରେ ପାଳନ କରାଯାଏ । ସେହିଦିନ ସକାଳୁ ଯୁବକମାନେ ପୂର୍ବଦିନ ପୋତା ଯାଇଥିବା ଖୁଣ୍ଟ ସବୁକୁ ଉଠାଇ ଦିଅନ୍ତି । ସନ୍ଧ୍ୟା ସମୟରେ ଗ୍ରାମର ସମସ୍ତ ଯୁବକ ଯୁବତୀ ମିଳିମିଶି ଘର ଘରକୁ ଯାଇ ଗୀତ ଗାଇ ଚାଉଳ ପରିବା ସଂଗ୍ରହ କରନ୍ତି । 'ଯାଜଲେ' ବେଳେ ଲୋକେ ଚାଉଳ ଯାଚିଛନ୍ତି ମାତ୍ର ବାଡି ବଗିଚାରେ ବା ଘର ଛାଳରେ ଥିବା ପରିବାକୁ ଏ ଯୁବକ ଯୁବତୀମାନେ ତାଙ୍କ ଇଛା ଅନୁସାରେ ତୋଳି ନିଅନ୍ତି । ଏଥିରେ କେହି ପ୍ରତିବାଦ କରନ୍ତି ନାହିଁ. ଏ ପନିପରିବାକୁ ପୂର୍ବରୁ ଯୁବକମାନେ ଦେଖି ଠାବ କରିଥାନ୍ତି ଯାହାକୁ ସାନ୍ତାଳରେ 'ଜଗାରନା' କୁହାଯାଏ । ସଂଗୃହିତ ଚାଉଳ ଓ ପରିବାକୁ ଜଗମାଝିଙ୍କ ଘରେ ଠୁଳ କରାଯାଏ । ସନ୍ଧ୍ୟାବେଳକୁ ଏହାକୁ ରାନ୍ଧି ଭୋଜିଭାତ କରନ୍ତି ଓ ରାତି ସାରା ନାଚନ୍ତି ଓ ଗୀତ ଗାଆନ୍ତି ।

ପଞ୍ଚମ ଦିନକୁ "ହାକୁକାଟ୍‌କମ୍ ହିଲଃ" କୁହାଯାଏ । ଏହିଦିନ ନଦୀ ପୋଖରୀରୁ ମାଛ କଙ୍କଡା ଧରି ଖିଆଯାଏ । ହାକୁର ଅର୍ଥ ମାଛ ଓ କାଟ୍ କମର ଅର୍ଥ କଙ୍କଡା । ବିଶ୍ୱାସ ରହିଛି ଯେ ଶେଷଦିନ ମାଛ କଙ୍କଡା ଖାଇଲେ ମଣିଷ ଦୀର୍ଘଜୀବୀ ହୁଏ ।

ଅନ୍ୟାନ୍ୟ ସହରାୟ ଗୀତ-

ନେଙ୍ଗାଞ୍ଜ ଏ ଏଗେର ଆଦ ତୁଳି ସୁନୁମ ଜରଅ ଲେକା ।
ନାପୁଞ୍ଜ ରୁହିଦ ଆଦ ବାହା ତୁଲାମ୍ ଦଲବେଏ
ଦଲବେଏ, ହାୟରେନା ଦୁଖତିଞ୍ଜ ହାୟରେନା ବିପଦତିଞ୍ଜ୍
ନେଙ୍ଗାଞ୍ଜ ଆର୍ ନାପୁଞ୍ଜଦ ଦୁଖ୍ ଦୁକିଞ୍ଜ୍ ଗିଡ଼ିୟାଦିଞ୍ଜ୍,
ନେଙ୍ଗାଞ୍ଜ ଆର ନାପୁଞ୍ଜଦ ତେଲ୍ କୁପି ଗୟା ଘାଟରେ,
ସଲେ ହାକୁଲେକା ବିୟାଲେ ବିୟଲ-

ଓଡ଼ିଆ ଭାବ-

ମାଆ ଗାଳିଦେଲେ ସୋରିଷ ତେଲ
ଧାର ପଡୁଥିଲା ଝରି ।
ବାପା ଗାଳି ଦେଲେ ଦଲବଏ୍ ଦଲବ୍
ଫୁଲଝରେ ତୁଳା ପରି ॥
ବାଆ ମାଆ ମୋତେ ଦୁଃଖ ଦେଲେ ।
ମୋର ନଥିଲା ରାହା ॥
ବାପା ମାଆ ରହିଲେ ତେଲ କୁପି ଫିଠ ଗୟା ଘାଟରେ
ଶେଉଳ ମାଛ ସେ ବିୟାଲେ ବୟଲେ ହୁଅନ୍ତି ସିଏ ॥

(୨)

ହାତମ୍ ଗ ଗାଇ କିଷାଣ
ହାତମ୍ ଗ କାଡା କିଷାଣ
ହାତମ ଗ ହାଲାମ୍ କାଓ୍ୱାଁୟ
ହାତମ୍ ଗ ବାଂ ଗୁଞ୍ଜ କୁସିଲେନ୍
ଦୁଲାଲ୍ ଗ ନାଲାମ୍ ରାଗା
ଦୁଲାଲ୍ ଗ ନାଲମ୍ ହମର
ଦୁଲାଲ୍ ଗ ସିଞ୍ଜରନ୍ଦ
ଦୁଲାଲ୍ ଗ ସିକଳି ଜଲାଓକେଦ୍

ଓଡ଼ିଆ ଭାବ-

ପିଉସୀ ଗୋ ଗାଇ ଧନ ପଲ ପଲ୍
ଭରା ଗୁହାଳ ।

ପିଉସୀ ଗୋ ଖଳା କ୍ଷେତ ବାଡି ପଣ୍ଡା
ହଳକୁ ହଳ ॥
ପିଉସୀ ଗୋ ବୁଢାବର ଚହିଁ ଅନ୍ଧାର ଦିଶଇ
ଦିଗ ଦୁନିଆଁ ।
କେମିତି ଯୋଡିଲ ବୁଢାବର ସଙ୍ଗେ ଟୋକି କନିଆଁ ॥
ବୁଢାବରର ଭାରିଯା ହବାକୁ
ନ କର ବ୍ୟଥା ।
ଝିଆରି ଲୋଇଏ ଠାକୁରଙ୍କ ଡୋରୀ
ଦେଶର ପ୍ରଥା ॥
(୩)
ଏତମ୍ ପିଣ୍ଡାରେ ଦୁଲୁବ୍ ଦୁଲୁବ୍
ଏତମ ପିଣ୍ଡା ଦ ଦାସାଓ୍ୱ ଏନାରେ
କଞ୍ଜୋ ପିଣ୍ଡାରେ ଦୁଲୁବ୍ ଦୁଲୁବ୍
କଞ୍ଜୋ ପିଣ୍ଡା ହଁ ଲାନ୍ଦୁଲ୍ ଏନାରେ
ଦାଦାଦୟ ମେନ୍ ଆଦ ଦେମାଇଁ ଦେଲାମାଇଁ
ନତେ ବଲନ୍ ପେ
ହିଲିଦୟ ମେନଆଦ ନୁୟଦ ନୁକୁଦ
ଚିଲି ହୁୟୁଃତାମ୍

ଓଡ଼ିଆ ଭାବ-

ବାମ ପାଖ ପିଣ୍ଡା ଗଲି ମୁଁ ବସି
ବାମ ପିଣ୍ଡା ଗୋଟି ପଡିଲା ଧସି ॥
ଡାହାଣ ପିଣ୍ଡାରେ ବସି ପଡିଲି ।
ପିଣ୍ଡାଟା ଭୁଷୁଡି ପଡିଲା ଟଳି ॥
ବଡଭାଇ ଡାକି କହିଲେ ଆସ ଗୋ
ଏପଟେ ଆସ ଭଉଣୀ ।
ପଚାରନ୍ତି ବଡ ଭାଉଜ ତୁମର
କିଏ ସେ ଏମାନେ ପୁଣି ॥

# ବାଁଦନା ଗୀତ

କୁଳମାଲୀ ଭାଷା ଗୋଷ୍ଠୀର କୁଳମୀ ମହାନ୍ତ ମାନଙ୍କର ବାଁଦନା ଏକ ଜାତୀୟପର୍ବ । ଏହାକୁ ତିନିଦିନ ଧରି ପାଳନ କରାଯାଏ । ପ୍ରଥମ ଦିନ ଗୋଠ୍ ପୂଜା, ଦ୍ୱିତୀୟ ଦିନ ଗରଇଆ ପୂଜା ଓ ତୃତୀୟ ଦିନ ବୁଢ଼ୀ ବାଁଦନା ନାମରେ ପରିଚିତ । ଏହା କେବଳ ମଣିଷଙ୍କର ପର୍ବନୁହେଁ, ଗୋ ଜାତିର ମଧ୍ୟ ପର୍ବ । ଗୋ ବନ୍ଦନା ହିଁ ପର୍ବ ମୁଖ୍ୟ ବିଷୟ । ଆଉ ଏହି ପର୍ବକୁ କେନ୍ଦ୍ରକରି ବୋଲାଯାଉଥିବା ଗୀତକୁ ବାଁଦନା ଗୀତ କୁହାଯାଏ ।

ପ୍ରଥମ ଦିନ ଗୋଠ୍ ପୂଜା ପରେ ଅହିରା ଗୀତ ଗାଇ ଗାଇ ଲୋକେ ଶୋଭାଯାତ୍ରାରେ ଗାଁ ମୁଖିଆ (ମାହାତୋ) ଙ୍କ ଘରକୁ ଆସନ୍ତି ଧିଙ୍ଗୁଆନୀମାନେ ।

ଅହିରେ ଖୋଜା ଖୋଜାଇତେ ଗେଲ୍
ପହଞ୍ଚ ପହଁଚଇତେ ଗେଲ୍
କତି ଦୂରେ ଆହେ ଅହରିକା ଘାର୍
ଅହିରାକା ଘାରେ ଭାଲା
ତୁଲସୀକା ଚୌରା ଗୋ
ଉପରେତ ଉଡେଇ ରାଜାର ହାସ ।

ଏହାପରେ ପରେ ସେହି ଗ୍ରାମର ପ୍ରତ୍ୟେକ ଗୃହକୁ ଅହିରାମାନେ ଗୀତ ଗାଇ, ମାଦଳ ବଜାଇ ନାଚ ନାଚ କରି ଆସନ୍ତି ।

"ଜାଗୁଁ" ମାଁ ଲଛମନି ଜାଗୁଁ ମାଁ ଭଗବତୀ
ଜାଗଓ୍ୱେ ଗହାଲେକା ଗାୟରେ
ଜାଗୁକେ ପ୍ରତିଫଲ୍ ଦିଅବେ ଲଛମନୀ
ଏକଲାୟ ବାଢବେ ସାଙ୍ଗା ଲାଖରେ"

ଓଡ଼ିଆ ଭାବ-

ଜାଗ ଜାଗ ମାଆ ଲକ୍ଷ୍ମୀ ଠାକୁରାଣୀ
ଜାଗ ଭଗବତୀ ମାୟୀ ।
ଜାଗ ଜାଗ ଗୁହାଳର ସବୁ ଗୋରୁ ଗାଇ
ପ୍ରତିଫଳ ଦେବେ ମାଆ ଲକ୍ଷ୍ମୀ ଠାକୁରାଣୀ ।
ଗୋଟିଏରୁ କୋଟିଏ ଜନମିବେ ଗାଇ ବଳଦ ପୁଣି ॥

(୨)

କନେ ହିଁ ଗେ ଗେୟା ତକେନା ସିରିଜଲ୍

କନେ ତକେ ନାମହାଇଲ ମତ ଭୂମେରେ

କନେ ହିଁ ଗେ ଗେୟା ଘାରେ ଘାରେ ବାଁଟଲ

ମତ୍ତ ଭୂମେ ଦେଇ ଛଗୁଲାଇରେ

ଆରେ ଅହିରେ .......

ଈଶ୍ୱର ମହାଦେବ ତଲେ ନା ସିରିଜଲ

ଆରେ ଅହିରେ ....

ଗୁସାଁୟରାୟେ ଆନଲ ନାମହାଇରେ

ଗରୟାଁୟ ଯେ ଗେ ଘାରେ ଘାରେ ବାଁଟଲ

ମତ ଭୂମେ ଛଗୁଲାଇରେ

ଓଡ଼ିଆ ଭାବ–

କିଏ ସରଜିଲା ଗୋ ମାତା ତୋତେ ।

କିଏ ସେ ଆଣିଲା ତୋତେ ମରତେ ॥

ଘରେ ଘରେ କିଏ ତୋତେ ବାଣ୍ଟିଲା ।

ତୋ ରହିବା ପାଇଁ ଗୁହାଳ କଲା ॥

ଗୋ ମାତାକୁ ସୃଷ୍ଟିକଲେ ଶିବ ।

ଗୁସେଇରାଣୀ ଯେ ମର୍ତ୍ତରେ କରିଲେ ଠାବ ॥

ଗରଇଲା ମାଆଁ ବାଣ୍ଟିଦେଲେ ଘରେ ଘରେ ।

ଗୁହାଳ ଥାପିଲେ ମର୍ତ୍ତ୍ୟ ଭୂଇଁରେ ॥

(୩)

ଅହିରେ.......

ନା କାନ୍ଦାଓ, ନା କାନ୍ଦାଓ

ଶୀରମନୀ ଗରୟାକେ

ନା କାନଦାଓ ଜୀବେର ପରାନ୍

କାନ୍ଦାଲେ କାନ୍ଦିତେ ହବେ

ଏଇ ଭବେର ମାଝୁତେ

ଏଇତ ଶାସ୍ତ୍ରେର ବଖାନ୍‌ରେ

ଓଡ଼ିଆ ଭାବ-

ଶିରିମନୀଗରୟା ଦେବୀଙ୍କୁ କନ୍ଦାଅନା ।
ପ୍ରାଣୀର ପ୍ରାଣକୁ କଷ୍ଟ ଦିଅନା ॥
ଅପରକୁ କନ୍ଦାଇଲେ
ନିଜେ ବାନ୍ଦିବା ହୋଇବ ସାର ।
ଏଇ କଥା ଗୋଟି ଲେଖିଛି ନୀତି ଶାସ୍ତ୍ରର ॥

(୪)

ଅହିରେ -ଏ-
କତେକ ନାଚବଁ କତେକ ଡେଗବଁ
ଅଙ୍ଗନାତ ଧୂଳା ଉଳି ଜାୟରେ
ଆରେ ଭାଲା, ନହିଁ ଯଦି ଆଣ୍ଡତ୍
ନହିଁ ଯଦି ଯୁଟତ୍
ମୁଖେ ଦିଅନା ଜବାବରେ
ଧିଙ୍ଗଓ୍ୱାନୀ କେ ଦିଲେ ଭଲା
ପାନି ନାହିଁ ପଡତ୍
ଯୁଗେ ଯୁଗେ ରହିଯାତ୍ ନାମରେ

ଓଡ଼ିଆ ଭାବ-

କେତେ ଆଉ ଭଲା ନାଚିବୁ କୁଦିବୁ
ଧୂଳି ଉଡିଲାଣି ଅଗଣା ଗୋଟି ।
ଘରେ ଯଦି ନାହିଁ ଖାଇବା ପିଇବା ପାଇଁ
କହି ଦେଉନାହୁଁ ସେଇ କଥାଟି ॥
ଧିଙ୍ଗୁଆନୀକୁ ତା ଯାହା ଦେଇଥିବୁ ଭାଇ ।
ନାଆଁସିନା ରହିଥିବ ଯୁଗ ଯୁଗ ପାଇଁ ॥

(୫)

ଗୋରୁ-ଗାଇ ସିଙ୍ଘରେ ତେଲ ଦେବା ଗୀତ
ଅହିରେ କାକର ଶିଙ୍ଗ ଭାଲା
ହେଙ୍କୁର ନା ବେଙ୍କୁର
କାକର ଶିଙ୍ଘ ଛତର ନାଖ୍

କାକର ଶିଙ୍ଘ କରିଲ୍ ପଙ୍ଗ

ବୋଲିଆରେ ହୋ କାଳଆକା ଶିଙ୍ଘ ଭାଲା

ହେଙ୍ଗୁରୁ ନା ବେଙ୍କୁରୁ

ମଇସିନିକା ଶିଙ୍ଘ ଛତର, ନାଖ୍

ଭେଳୟାକା ଶିଙ୍ଘ ଭାଇରେ କାନରେ ଘୁରୟେ

ବରଦାକା ଶିଙ୍ଘ କରିଲ ପଙ୍ଗ୍ ।

ଓଡ଼ିଆ ଭାବ-

ହେଙ୍କୁଚୁ ବେଙ୍କୁଚୁ କାହା ସିଙ୍ଘ ଉଠିଥାଏ

କାହାର ସିଙ୍ଘ ଛତରନାଖ ପରାୟେ ॥

କାହା ସିଙ୍ଘ କାନ ତଳକୁ ଥାଏ ବଙ୍କେଇ ।

ବାଉଁଶ କରଡି ପରିକା କାହାର ସିଙ୍ଘ ଦିଶଇ ॥

ହରିଣ ସିଙ୍ଘ ହେଙ୍କୁଚୁ ବେଙ୍କୁଚୁ

ମଇଁଷିର ସିଙ୍ଘ ଛତର ନାଖ ।

କାନତଳେ ବାଙ୍କିଥାଏ ମେଣ୍ଢା ସିଙ୍ଘ

ବାଉଁଶ କରଡି ପରିକା ବଳଦ ସିଙ୍ଘକୁ ଦେଖ ॥

ଗୋରୁଗାଈକୁ ଧୂପଦୀପ ଦେଇ ବନ୍ଦାପନା କରାଯାଏ । ଝୋଟି ମୁରୁଜ ଦେଇ ତା ଉପରେ ଚଲାଇ ନିଆଯାଏ । ତାଙ୍କୁ ମୋଡ ବା ଧାନ ମୁକୁଟ ପିନ୍ଧାଇ ଦିଆଯାଏ ଏବଂ ଏକ ବିଶେଷ ଅନୁଷ୍ଠାନ ଗୋରୁଚୁମାନ ପାଳନ କରାଯାଏ ।

"ନାଲେ ଫାଟେକା ଶାଢୀ

ଡେଢିଆଇଁ ପିନ୍ଧିବଁ ମୁଡି

ବନାଓବଁ ଧାନେ କେରି ମୋଲରେ

ହାତେ ପିନ୍ଧିବଁ ଖାଡୁ

ବାହିଁ ତଲେ ଝୁଲାଇଁ ବାଜୁ

ହାମେ ଯାବଂ ବରଦା ଚୁମାୟେଁରେ ।"

ଓଡ଼ିଆ ଭାବ-

ନୀଳ ପାଟଶାଢୀ ପିନ୍ଧିବି ମୋଡି ।

ଅଣ୍ଟିକାଡି ଧାନ ବେଣୀ ସଜାଡି ॥

ବାଜୁ ବାନ୍ଧିବି ବାହୁରେ ହାତରେ ଖଡୁ ଗୋଳେଇ ।

ଯିବି ମୁଁ ଗୋମାତା ବନ୍ଦନା କରିବା ପାଇଁ ॥

# ବାନ୍ଦନା ପର୍ବର ଗୀତ

ଏହି ଅଞ୍ଚଳର ଭୂମିଜମାନେ ହିନ୍ଦୁପର୍ବ କାଳୀପୂଜା ବା ଦୀପାବଳୀ ଉତ୍ସବ ବେଳେ ବାନ୍ଦଣା ପର୍ବ ପାଳନ କରନ୍ତି । ଏହି ବାନ୍ଦନା ପର୍ବ ଗୃହପାଳିତ ପଶୁଙ୍କ ପାଇଁ ଉତ୍ସର୍ଗୀକୃତ । ଏହି ପର୍ବ ଅବସରରେ ଏମାନେ ଘରଦ୍ୱାର ସଫା ସୁତୁରା କରନ୍ତି । ଗୁହାଳ ଦୁଆରରୁ ଦାଣ୍ଡ ତାଟି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଧରଣର ଝୋଟି ଦିଆଯାଏ । ଝୋଟିର ସ୍ଥାନେ ସ୍ଥାନେ ଗୋବରର ଗୋଲିରଖି ତା ଉପରେ ଅପାମାରଙ୍ଗ ଡାଳ ପୋତି ଦିଆଯାଇ ତା ଉପରେ ସିନ୍ଦୁର ଟିପା ଦିଆଯାଏ ଓ ଗେଣ୍ଡୁଫୁଲ ରଖାଯାଏ । ସେମାନେ ଗୋ-ମହିଷାଦିଙ୍କୁ ଗାଧୋଇ ଦେଇ ସଫା କରନ୍ତି ଓ ଆଦର ଯତ୍ନରେ ଖାଇବାକୁ ଦିଅନ୍ତି । ଏହିପର୍ବକୁ ସେମାନେ 'ସହରାଇ' ପର୍ବ କହନ୍ତି । ମାଦଳ ବଜାଇ ସେମାନେ ଗୀତ ଗାନ କରି ଆନନ୍ଦିତ ହୁଅନ୍ତି ଏହି ପର୍ବରେ ।

ସହରାଇ - ଚୁମାଣା ଦୁରାଂ
ରେଇ ରେ ରେ ରେଇ ରେ ରେ
ରେଇ ରେ ରେ ରେଇ ରେ ହୋ
ତ୍ରାଇରେନା ନାନା ତ୍ରାନା ନାନା ଯେ
ହାରିଓରେ ତ୍ରାଇରେନା ନାନା ତ୍ରାନା ନାନା
ଅକୟେ ଚୁମାଣେ ଝିଲିମିଲି ଗରେୟା
ଅକୟେ ଚୁମାଣେ ଉରିଃ ଗାଇରେ
ହାରିଓରେ ଅକୟେ ଚୁମାଣେ ଉରିଃ ଗାଇରେ
ଅକୟେ ଚୁମାଣେ ଲୁତୁର ରେୟାଃ ସାମନମ୍
ଅକୟେ ଅମେ ଉରିଃ ସିନ୍ଦୁରି ଦ
ମାଏ ଚୁମାଣେ ତାନା ଝିଲିମିଲି ଗରେୟା
କିମିନେ ଚୁମାଣେ ଉରିଃ ଗାଇରେ
ହାରିଓରେ କିମିନେ ଚୁମାଣେ ଉରିଃ ଗାଇରେ
ଅଳାରେନ୍ ହନକଲା ଅମ କିୟା ସିନ୍ଦୁରି
ମିସିଏ ଚୁମାଣେ ଲୁତୁର ସାମନମ୍
ହାରିଓରେ ମିସିଏ ଚୁମାଣେ ଲୁତୁର ସାମନମ୍

ଓଡ଼ିଆ ଭାବ-

ଝିଲିମିଲି ବେଶ ସଜାଇ କିଏ ସେ
ବନ୍ଦାଉଛି ଗରେଇୟା ଦେବୀଙ୍କୁ ।

କିଏ ବନ୍ଦଉଛି ଗୋରୁ ଗାଇଙ୍କୁ ॥
ଗାଈ ବଳଦକୁ ସିନ୍ଦୁର ଲଗେଇ
ବନ୍ଦାପନା କରନ୍ତି ପୁଅ-ବୋହୁ
ଝିଲିମିଲି ବେଶ
ଗରେୟା ଦେବୀଙ୍କୁ ବନ୍ଦାଏ ବୋଉ ।
ଘର ପୁଅ ଦିଏ ଗୋରୁଙ୍କୁ ସିନ୍ଦୁର ନାଇ ।
ଭଉଣୀ କାନର ସୁନା ଗହଣାକୁ ବନ୍ଦାପନା କରୁଥାଇ ॥
(୨)
ନିୟା ପାରମ୍ ଗଙ୍ଗା ହାନା ପାରମ୍ ଯମୁନା
ଆଲାଂ ବାର୍ ହଲ କାନାଃ ଲାଂ ବିଚରେଆ
ହାରିଓରେ ଆଲାଂ ବାର ହଲ କାନାଃଲାଂ ବିଚରେଆ
ଭାଦର ଆଶିନ୍ ସେନକାତେ କାରିକିତ୍ ସେଟେରଜାନା
ଚିମୁତଂ ଦ ଉରିଃ କଲାଂ ସେବା କଆ
ଓଡ଼ିଆ ଭାବ-
ଏପଟେ ଗଙ୍ଗା ସେପଟେ ଯମୁନା
ଆମେ ଦୁହେଁ ଅବା କି ବିଚରିବା
ହରିଆହେ ! ଆମେ କିସ ବିଚାର କରିବା ॥
ଭୋଦୁଅ ଆଶିଣ ମେଲାଣି ନେଲେଣି ।
କାର୍ତ୍ତିକ ମାସଟି ପହଞ୍ଚି ଗଲାଣି ॥
କେବେ ଆମେ ଗାଈ ଗୋରୁଙ୍କୁ ପୂଜା କରିବା ।
ଗାଈ ଗୋରୁଙ୍କ ପର୍ବ ସହରାଇ
କେବେ ପାଳନ କରିବା ॥
(୩)
ଦାଣା ଦାଣା ତେଲେ ହିଃଜାନା
ସେଟେର୍ ସେଟେର ତେଲେ ହିଃଜାନା
ଗାଈ କଆ ଅଲା ଚିମିନ୍ ଦୂର
ହାରିଓରେ ଗାଈ କଆ ଅଲା ଚିମିନ୍ ଦୂର
ରାଚ୍ଛ ରେଲେ ଟିୟୁ କେଦା

ଲେଲ କେଦାଲେ ଲୁଣ୍ଡା ଗୁରି ଗାକାନା
ଚେତାନ୍ ରେଦ ରାଜା ହଁସଏ ବିୟୁରେନ୍ ତାନଦ
ହାରିଓରେ ଚେତାନ୍ ରେଦ ରାଜା ହାଁସଏ ବିୟୁରେନତାନ୍

ଓଡ଼ିଆ ଭାବ-

ଖୋଜି ଖୋଜି ଆସୁ ଆସୁ
ଆସି ପହଞ୍ଚି ଯାଇଛୁ
ଗାଈଙ୍କ ଗୁହାଳ କେତେ ଦୂରେ କି ?
ଆହେ ହରି । ଆଉ କେତେଦୂର
ଗାଈ ଗୁହାଳ ଗୋଟି ॥
ପହଞ୍ଚିଛୁ ଆସି ଅଗଣାଟିରେ ।
ଲିପାପୋଛା ହୋଇଛି ଗୋବରରେ ॥
ରାଜହଂସ ଉଡିବୁଲେ ଉପରେ ।
ରାଜହଂସ ଉଡି ବୁଲୁଛି ହରି ହେ ।
ଆକାଶେ ବହୁ ଉଚ୍ଚରେ ॥



# ସାକ୍ରାତ୍ ପାରାବ୍

ମୟୂରଭଞ୍ଜର ସାନ୍ତାଳମାନେ ମକରପର୍ବକୁ ଅତି ଧୁମଧାମ୍‌ରେ ପାଳନ କରନ୍ତି । ସେମାନେ ଏହାକୁ ସାକ୍ରାତ୍ କହନ୍ତି । ସାକ୍ରାତ୍ ପରଦିନ ଯୁବକ ଯୁବତୀମାନେ ଗାଲି ଆସେନ୍ (ମାଙ୍କଡ ବୁଲାଇବା) ନାଚ କରିଥାନ୍ତି । ଏତିକି ବେଳେ ବୋଲା ଯାଉଥିବା ଗୀତକୁ ଗାଲି ଏନେଜ୍ ସେରେଞ୍ଜ । ମାଙ୍କଡ ନାଚ ଗୀତ- କୁହାଯାଏ । ଏହି ଗାଲି ଆସେନ୍ ଗୀତକୁ ଠେଙ୍ଗାଗାଲି ସେରେଞ୍ଜ, ବୁଢୀଗାଲି ସେରେଞ୍ଜ ଓ ଡାର୍ମା ଗାଲି ସେରେଞ୍ଜ ଆଦିରେ ନାମିତ କରାଯାଇଛି ।

ଛୋଟ ପିଲା ଓ ବୃଦ୍ଧମାନେ ଠେଙ୍ଗା ଧରି ଘର ଘର ବୁଲି ପିଠା, ଚାଉଳ ଇତ୍ୟାଦି ମାଗି ସଂଗ୍ରହ କରନ୍ତି । ଠେଙ୍ଗାକୁ ଭଇଁରେ କଚାଡି ଗୀତ ଗାଆନ୍ତି ବୋଲି ଏହାକୁ ଠେଙ୍ଗା ଗାଲି ସେରେଞ୍ଜ କୁହାଯାଏ । ଏପରି ଗୀତ ବୋଲାଯାଏ ।

ଦିଓ୍ୱାଦାଂ ଦିଂଜ ଲୁଟୁ ପୁଣ୍ଡୁ
ଦାଁ ଦା ଭେଦାଂ ଭେଦାଂ ଦାଂ
କାଲମ୍ ନଙ୍କା ୯ଃ
ନେମ୍ ଖାନ୍ ଦ ନେମା ଲେପେ ଗ
ବାଂ କାନ୍ ଦ ମଣେ ମାହା
ଗାଲିୟା ଗାଲିଲେ ବାସା ଆପେୟା

ଓଡ଼ିଆ ଭାବ-

"ଏତିକି ବେଳକୁ ଆସନ୍ତା ସନକୁ
ମକରଟା ବାହୁଡିବ
ସଅଳ ସଅଳ ଭିକ ଦିଅ ଯିବି ଚାଲି
ନୋହିଲେ ମାଙ୍କଡ ଅଳସୁଆ ଭଳି
ପାଞ୍ଚଦିନ ତୁମ ଘର ଆଗେ ବସିଥିବି" ।
ଭେଦାଂ ତିଞ୍ଜାଦାଂ
ଭେଦାଂ ତିଞ୍ଜାଦାଂ ଘିଟିକ୍ ଦାଲକୁଚାଂ
ଭେଦାଂ ତିଞ୍ଜାଦାଂ ଭେଦାଂ
ତେହେଞ୍ଜ ଧାରିଜ୍ ଗେ

(୩)

ଧାତିଂ ଗୁଡ୍ରୁମ୍ ଦାଁ ଗୁଡ୍ରୁମ୍ ଖେନେଖେଚ
ଭେଦାଁ ଗୁଡ୍ରୁମ ଦାଁ କେନେଖେଚ
ତିଂଦାଁ ଗୁଡ୍ରୁମ୍ ଦାଁ ତିଂ ଦାଁ ଦାଣ୍ସି ଦାଁ
ଭେଦାଂ ତିଂଦାଁ ଗୁଡ୍ରୁମ ତେହେଞ୍ଜା ଧାରିଜଗେ
ବାଂଖାନ୍ ଦ ବାରସିଂ ଗାନ୍
ଗାଲିଆ ଗାଲିଏ ବାସା ଆପେୟା
ବାଂ ଖାନଦ ଆପେ ଅଲାଃରେ
ଗାଲିଆ ଗାଲିଏ
ବାରସିଂ ଗାନ୍ ବାସା ଅପେୟା
ଧାତିଞ୍ଜା ଧାତିଞ୍ଜା ଗୁଡ୍ରୁମ୍ ଦାଁ
ଅଲେଜ୍ ଅଲେଜ୍ ପାଟିଆ ବାନୁଁ ତାପେୟା
ରାପୁଡ୍ ରାପୁଡ ପାରାକମ୍ ବାନୁଃ ତାପେୟା
ଚେଡ ରେପେ ବାସା କାୟ
ଗାଲିଆ ଗାଲିଦ
ଭେଦାଁ ଗୁଡ୍ରୁମ୍ ଦାଂ ଗୁଡ୍ରୁମ
ଦାଲ୍ କାକଲା ଋଏଲମ୍ ଦାଲ୍କୁଋ

ଏ ଗୀତରେ କୌଣସି ଆକ୍ଷରିକ ଅର୍ଥ ବାହାର କରିବା ନିରର୍ଥକ । ଏ ଗୀତକୁ ଭଲଭାବରେ ନିରୀକ୍ଷଣ କଲେ ଜଣାପଡେ ଅଲସୁଆ ମାଙ୍କଡକୁ ଚଞ୍ଚଳ ବିଦାୟ ଦିଅ ଭିକ ଦେଇ । ନଚେତ୍ ସେ ଦୁଇଦିନ ପାଇଁ ତୁମ ଘରେ ବସା ରହିଯିବ । ତୁମ ଘରେ ତ ଛିଡା ପଟିଆ ନାହିଁ କି ଭଙ୍ଗା ଭଙ୍ଗା ଖଟ ମଧ୍ୟ ନାହିଁ । କୋଉଠି ସେ ଶୋଇବ ସେ ବସା ରହିଲେ

ବୁଚୀ ଗାଲି ସେରେଞ୍ଜା
ଋନ୍ଦାନ୍ ବୁରୁ ଋମ୍ପା ବାହା
ହିସିଦ୍ ହୟତେ 'ସ' ସେଟେରାଦିଞ୍ଜ୍
ଗାତେ ତାହେଁନ ରେସେନ୍ ଋମ୍ପା
ଆମ୍ ଦୁଞ୍ଜେ ବାହା କେମା
ନଆ ହଲମ୍ ନଆ ରୁପ୍ଦ ହୁନାଂଏ

ସାଜାଅ ରାକାବ୍ କେୟା

ତିନାଃ ଗାଜାଲ୍ ଝୁଲ୍‌ରେ

ଘମ୍ପା ବାହାମ୍ ବୁସାଳ ଆକାନ୍

ଦାନାଂ ରେଗେ ମସଦ କାତେମ୍

ହସର ଞୁର ଜଙା

ନଆ ଜିୱୀ ନଆ ହଳମ ତିଞହଁ

ଘମ୍ପା ବାହା ଲେକା

ନଆ ହଳମ୍ ହାସା ଧୂଳିରେ

ମାଣି ମେଟାଅ ଜଙା

ଓଡ଼ିଆ ଭାବ-

"ଚନ୍ଦନ ବନର ଚମ୍ପାଫୁଲ ଚହଟିଲା

ଧୀର ପବନରେ ବାସ ତାର ଖେଳିଗଲା ।"

ସାଥୀ ଥିଲେ ମୋର ଗଭାରେ ଖୋସନ୍ତି ଚମ୍ପା ଫୁଲକୁ

ଫୁଲରେ ସଜାଇ ସୁନ୍ଦର କରନ୍ତି ମୋର ଦେହକୁ ରୂପକୁ ॥

ବଣ ଉହାଡରେ କୋଉଠି ଫୁଟିଛି ଅନ୍ଧାରରେ ଶୁଖିଯିବ ।

ଏଇ ଦେହ ମୋର ଜୀବନ ଯୌବନ

ଚମ୍ପାଫୁଲ ପରି ମାଟିରେ ତ ମିଶିଯିବ ॥

ଡାର୍ମା ଗାଳି ଏନେଜ ସେରେଞ୍ଜ :-

ବେଳେବେଳେ ଯୁବକମାନେ ଯୁବତୀଙ୍କ ପରିବେଶ ହୋଇ ନୃତ୍ୟ କରନ୍ତି । ଏହି ନୃତ୍ୟକୁ "ଡାର୍ମାଗାଳି ଏନେଜ୍" କୁହାଯାଏ । ସେମାନେ ନୃତ୍ୟ କରୁଥିବା ବେଳେ ଗୀତ ବୋଲନ୍ତି । ତାହାକୁ ଡାର୍ମା ଗାଳି ସେରେଞ୍ଜ କୁହାଯାଏ ।

ଗାଡା ସୁଲା ଲେକା ମାଇଁରେ

ହଳମ୍ ଲେଗେଜ୍ ଲେଗେଜ୍

ମାଇଁରେ ନେଃ ଏୟାନ୍ ଗେ ସମୟ

ମାଇଁରେ ନେଃ ଏୟାନ୍ ଗେ ଅନ୍ତ

ମନ୍‌କୁସି ସାନ୍ତାଳ କଳା

ଗାତେ ବାଛାଅ ଜଙ ପେ

ଓଡ଼ିଆ ଭାବ-

ଟୋକିମାନେ ଭାରି ସତେଜ ଦିଶୁଛ
ନଈପଠା ଗଛସୁଳା ।
ତୁମରି ଯୌବନ ଏଇତ ଆସିଛି
ଏଇତ ତୁମର ବେଳା ॥
ମନ ମୁତାବକ ସାଆନ୍ତାଳ ଟୋକା ଦେଖି ।
ହୋଇଯାଅ ତାହାର ଜୀବନ ସାଥୀ ।

କାଠି ନାଚ (କାଟି ସୁସୁନ୍)

ଭୂମିଜମାନେ ତାଙ୍କ ମୁଖ୍ୟପର୍ବ "ମକର ପର୍ବ" ବେଳେ (ଜାନୁଆରୀ ମାସରେ) ଯୁବକମାନେ ଶାଢୀକୁ ଧୋତି ପିନ୍ଧିଲା ପରି ପିନ୍ଧି କାଠିନାଚ ନାଚ କରନ୍ତି । ସେମାନେ ଘୁଙ୍ଗୁର ମଧ୍ୟ ପିନ୍ଧନ୍ତି । ନାଚ ବେଳେ ନୃତ୍ୟକାରୀମାନେ ଗୀତ ବୋଲନ୍ତି । ଯାହାକୁ କାଟି ସୁସୁନ୍ ଦୁରାଂ କୁହାଯାଏ । ନାଚିଲା ବେଳେ କାଠିକୁ ତଳେ ବାଡେଇ କାଠି ଗୀତ ଗାଇ ଗାଇ ମାଦଳର ତାଳେ ତାଳେ ନାଚ କରାଯାଏ । ନାଚର ବାଦ୍ୟଯନ୍ତ୍ର ଭାବେ ମାଦଳ (ଜାଦୁର ଦୁମାଂ) ବଜାଯାଏ ଓ ଗୀତ ସହ ଯୁବକମାନେ ବଇଁଶୀ ବଜେଇଥାନ୍ତି । ନୃତ୍ୟକାରୀମାନେ ଘର ଘର ବୁଲି ନାଚନ୍ତି ଓ ମାଗଣା କରନ୍ତି ଏବଂ ଗାଁରୁ ଗାଁକୁ ଯାଆନ୍ତି । ସଂଗୃହୀତ ଚାଉଳ ଟଙ୍କାରେ ଭୋଜିର ଆୟୋଜନ କରାଯାଏ ।

କାଟି ସୁସୁନ୍ ଦୁରାଂ (କାଠିନାଚ ଗୀତ)

ପୁଖରି ରେୟାଃ ଉପୁନ୍ କୁଟାରେ
ହଂସ ରାଜାଅ ବାସ ।
ଏନ ହଂସ ଓ ଉଡାଉ ଜାନା
ତାଇଜାନା ଆୟାଃ ସରଧା ରେୟାଃ ବାସା

ଓଡ଼ିଆ ଭାବ-

ଚଉକୋଣୀ ସରୋବର
ହଂସ ଗୋଟିକର ଘର ।
ହଂସ ଉଡିଗଲା
ଖାଲି ରହିଗଲା ଶରଧାର ନୀଡ ତାର ॥

(୨)

ଗାଇକ ସେନଃଜାନ୍ ଆୟାର ଆୟାରତେ

ଚୁଇକ ସେନଃଜାନ୍ ତାୟମ୍ ତାୟମ୍ ତେ

ଆତିଂ ଜାନାକ ବିଜୁ ବିରରେ

ବାଟେନ୍ ଜାନାକ ଏନ୍ କଦମ୍ ଦାରୁ ସୁବାରେ

ହରିହେ ! ବାଟେନ୍ ଜାନାକ ଏନ୍ କଦମ ଦାରୁ ସୁବାରେ

ଓଡ଼ିଆ ଭାବ-

ଆଗେ ଗଲେ ଗାଇ ପଛରେ ବାଛୁରୀ

ବିଜୁବଣେ ଘାସ ଚରିଲେ ଯାଇ ॥

ଗୋଠ ହେଲେ ପୁଣି ପେଟେଇ ଶୋଇଲେ

କଦମ୍ବ ଗଛର ତଳରେ ଛାଇ ॥

ହରିହେ ପେଟେଇ ଶୋଇଲେ

କଦମ୍ବ ଗଛର ତଳରେ ଛାଇ ॥

(୪)

ମୁସିଂ ରେୟାଃ ରିଦ ସାସାଂ

ଆପିଦିନ୍ ହାବିଇ ତାଇନା

ହରିହେ ! ଆପି ଦିନ୍ ହାପିଇ ତାଇନା

ରେୟାଲେନତେ ସେନଃକାତେ

ଘାଟରେ ତାଇଜାନାଃ ଦୁବକାତେ ଗ

ହରିହେ ! ଘାଟରେ ତାଇଜାନାଃ ଦୁବ୍ କାତେଗ

ଓଡ଼ିଆ ଭାବ-

ଦିନେ ବଟା ହେଲା ହଳଦୀ

ତିନିଦିନ ପରେ ହୋଇଲା ବାସି ।

ହରିହେ ! ତିନିଦିନ ପରେ ହୋଇଲା ବାସି ॥

ନଇକୁ ଗାଧୋଇ ଗଲା ଯେ

ନଇ ଘାଟଠାରେ ରହିଲା ବସି ।

ହରିହେ ! ନଇ ଘାଟଠାରେ ରହିଲା ବସି ॥

ଅନ୍ୟାନ୍ୟ କାଠି ନାଚ ଗୀତ

(୫)

କାଠିଧର ମୁଠିଧର
ଧର ଭାଇ କାଠିରେ
ଚକେ ନାକେ ବାଜିଗେନେ
ମର ନାହିଁ ଦୁଷରେ

(ଲୋଧା ଗୀତ)

(୬)

ଉପରେ ସୁରୁଜେର ଆଲ
ତଲେ ତାତଲ ବାଲି ହାଏ ହାଏ
ଚଲିତେ ନା ପାରେନ୍ ସୀତା
କରିଛେନ୍ ବିକଲି ଗ
ରାମ ଭାଙ୍ଗେନ୍ ତରୁଡାଲ
ଲଖନ ଧରେନ୍ ଶୀରେ ହାଏ ହାଏ
ତାହାର ଛାଇଁରେ ସୀତା ଚଲେନ୍
ଧୀରେ ଧୀରେ ଗା

(କୁଳୁମାଲି ମହାନ୍ତ ଗୀତ)



# ବିବାହ ଗୀତିକା

ଆଦିବାସୀମାନଙ୍କ ସାମାଜିକତା ବୋଧ, ବିଧିବିଧାନ, ଧର୍ମବିଶ୍ୱାସ ଓ ସଂସ୍କୃତି ଆଦି ଅଣ ଆଦିବାସୀଙ୍କଠାରୁ ସମ୍ପୁର୍ଣ୍ଣ ରୂପେ ଭିନ୍ନ । ଏମାନଙ୍କ ସାମାଜିକ କର୍ମ କର୍ମାଣ, ପାରିବାରିକ ଜୀବନଯାତ୍ରା, ବିବାହ ଉତ୍ସବ ଧାର୍ମିକ କର୍ମକ୍ରିୟା, ପର୍ବପର୍ବାଣୀ, ନୀତି ନିୟମ ଓ ଗୋଷ୍ଠୀଗତ ଜୀବନଧାରା ଗୁଡ଼ିକ ଉପରୋକ୍ତ ଉପାଦାନ ଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହୋଇଥାଆନ୍ତି । କେତେଗୁଡ଼ିଏ ସାମାଜିକ ଓ ସାଂସ୍କୃତିକ ଚଳଣୀ ମଧ୍ୟ ଏପରି ଯାହା ବ୍ୟବସ୍ଥିତ ବିଧିବ୍ୟବସ୍ଥାର ବିରୋଧାଚରଣ କରିଥାଏ । ବିବାହ ବ୍ୟବସ୍ଥା ଏପରି ଯେ, ମହିଳାମାନଙ୍କୁ ଏମାନେ ତାଙ୍କର ମୂଲ୍ୟବାନ ସମ୍ପଦ ରୂପେ ମାନ୍ୟ କରନ୍ତି । ବିବାହ ବେଳେ ବରପକ୍ଷ କନ୍ୟାପକ୍ଷକୁ କନ୍ୟାପଣ ଦେବା ପରମ୍ପରା ଏବେ ବି ପ୍ରଚଳିତ । ବର କନ୍ୟାସୁନା ଦେବାକୁ ସକ୍ଷମ ନଥିଲେ ଗୋପନରେ ପ୍ରଣୟୀକୁ ନେଇ ପଳାଇଯାଇ ବିବାହ କରେ । ଆଦିବାସୀଙ୍କ ସାମାଜିକ ବ୍ୟବସ୍ଥା ଏପରି ମଧ୍ୟ ରହିଛି- ବିମୁଖ ପକ୍ଷକୁ ବିବାହ ହେବା ପାଇଁ ବାଧ୍ୟ କରିଥାଏ । କୌଣସି ଯୁବକ ପସନ୍ଦ କରୁଥିବା ଯୁବତୀକୁ ଜବରଦସ୍ତ ଘରକୁ ଟାଣି ଆଣି ବିବାହ କରିପାରେ । କୌଣସି ଯୁବତୀ ମଧ୍ୟ ସେ ପସନ୍ଦ କରୁଥିବା ଯୁବକର ଇଚ୍ଛା ବିରୁଦ୍ଧରେ ବା ଯୁବକର ପରିବାରର ଲୋକଙ୍କ ଇଚ୍ଛା ବିରୁଦ୍ଧରେ ତାଙ୍କ ଘରେ ପ୍ରବେଶ କରେ । ସେ ଯୁବକ ଘରେ ସବୁ ପ୍ରକାରର ନିନ୍ଦା ଓ ଅପମାନକୁ ବେଖାତିର କରି ସବୁ ପ୍ରକାରର ଘରୋଇ କାମ କରିଥାଏ । ଯେ ପର୍ଯ୍ୟନ୍ତ ତାଙ୍କୁ ସେ ଘରେ ପୁଅ ବୋହୂର ମାନ୍ୟତା ନ ମିଳିଛି । ପ୍ରେମ ବିବାହ ଆଦିବାସୀ ସମାଜରେ ବହୁଳଭାବେ ପ୍ରଚଳିତ । ଯୁବକ ଓ ଯୁବତୀର ମିଳନ ଓ ବିବାହକୁ ଉଭୟ ପରିବାରରେ ଲୋକେ ଗ୍ରହଣ କରୁ ନଥିଲେ, ସେମାନେ ପରସ୍ପରକୁ ଡକାଡକି ହୋଇ ପଳାଇଯାଇ ବିବାହ କରନ୍ତି । ଏପରି ସ୍ଥଳେ ଯୁବକ ତାର ପିଉସୀ ଘର ବା ଦିଦି ଘର ବା ମାମୁଁ ଘରକୁ ପ୍ରଣୟୀକୁ ଡାକି ନେଇ ବିବାହ କରେ । ଉପରୋକ୍ତ ବିଭିନ୍ନ ଭାବକୁ ବ୍ୟକ୍ତ କରୁଥିବା ଗୀତ-

(୧)

ଚେତାନ୍ ସଳପ ଦୁଲୁଇ ଲପଙ୍ଗ
ଲାତାର୍ ସଳପ ଦୁଲୁଇ ଲପାଙ୍ଗ
ଚେତାନ୍ ସଳପ ତେଲାଂ ଆଚି ଲାତାର ସଳପତେ
ବାରେମେକ ସାଙ୍ଗିତାନା, ଦାଦାମେ ଗୁଠିତାନା
ନିର୍‌ଜା ବେଟାଲାଂ ଆକ ଡିଣ୍ଡା ସମଦୀ କଁ

ସେନଙ୍ଗା ବେଟାଲାଂ ଆକ ଡିଣ୍ଡା ସମଦି

ତଟେ ଗସ ଲାଂ ଆକ ଡିଣ୍ଡା ସମଦି

ତଟେ ଗସ ଲାଂଆକ ଡିଣ୍ଡା ସମଦି (କଁ)

ହୋ- ମାଗେ ଦୁରାଂ)

ଓଡିଆଭାବ-

ଉପର ବାଟରେ ଧୂଳି ଉଡଇ ।

ତଳ ବାଟରେ ଧୂଳି ଉଡଇ ॥

କୋଉ ବାଟେ ଯିବା ପଳେଇ ।

ସଜନୀ ତୁମର ଅନେକ ଭାଇ ।

ଏକକୁ ଆରେକ ବଳି ପଡଇ ॥

ଘଳି ଘଳି ଆସି ଦଉଡି ଆସି ।

ଦୁଇ ଆଡୁ ଶର ଦେବେତ ପେଶି ॥

(୨)

ଅବଲେ ନେକାଲମ୍ କାପେ ଅମିଙରେ

ବାବା ଲେକା ବାନ୍ଦି ଡାଞ୍ଜପେ

ଅବଲେ ନେକାଲମ୍ କାପେ ଘଲିଞ୍ଜରେ

ଅବଲେ ନେକାଲାମ୍ କାପେ ନମିଙଁରେ

ବାଙ୍କୁ ରେଞ୍ଜ୍ ନିର୍ ବଲଆ

ଅବଲେ ନେକାଲମ୍ କାପେ ଘଲିଙଁରେ

ମିର୍ଜାରେଙଁ ନଜର ସଙ୍କଃ ଗେନ୍

ଅବଲେ ବାଙ୍କୁ ତାରେ ଲୁଲି ଦୁମାଂ ଗୋ

ବାଙ୍କୁରେଞ୍ଜ ନିର୍ ବଲଆ

ଅବଲେ ନେକାଲାମ୍ କାପେ ନିମିଙଁରେ

ମିର୍ଜାରେଙଁ ନଜର ସନ୍ଦଃ ଗେନ୍

(ଭୂମିଜ ଜାଦୁର୍ ଦୁରାଂ)

ଓଡିଆଭାବ-

ଏ ବରଷ ମତେ ବାହା ନ କରିଲେ

ବାନ୍ଧିଦିଅ ଯେମିତି ଧାନ ଓଲିଆ ॥

ଏ ବରଷ ମତେ ବିଦା  ନ କରିଲେ
ପୋତିଦିଅ ସାରୁ କନ୍ଦା ଭଳିଆ ॥
ଏ ବରଷ ମତେ ବାହା ନ କରିଲେ
ବାଙ୍କୁ ପାଖକୁ ମୁଁ ଦଉଡି ଯିବି ।
ଏ ବରଷ ମତେ ବିଦା ନକଲେ ମୁଁ
ମିର୍ଜା ପାଖରେ ଯାଇଁ ରହିବି ॥
ବାଙ୍କୁ ପାଖେ ଅଛି ଯୋଡି ମାଦଳ ମୁଁ
ବାଙ୍କୁ ପାଖକୁ ତ ଦଉଡି ଯିବି ।
ଏ ବରଷ ବିଭା ନ କରିଲେ
ମିର୍ଜା ପାଖରେ ପଶି ରହିବି ॥

(୩)

ଆଟା ମାଟା ବିରକ୍ ତାଲାରେ
ଆଲ ହମ୍ ନିରଜା ବାଗେଞ୍ଜ
ରାମାକାନ ମାରେଙ୍ଗରେ
ଆଲ ହମ୍ ନିରଜା ବାଗେଞ୍ଜ୍
କାଚିହମ୍ ଲେଲେ ଲେଦିଞ୍ଜ୍
ସେଙ୍ଗେଲ ଲେକାଞ୍ଜ ଜୁଲ୍ ତାନରେ
କାଚିହମ୍ ଚିନା ଲେଦିଞ୍ଜ୍
ଦାଃ-ଗେ ଲେକାଞ୍ଜ ଲିଞ୍ଜି ତାନରେ
କାଗେ ଚଅଞ୍ଜ ଲେଲେ ଲେଦମେ
ଦିସୁମ୍ ଦ ଦୁଦଗାର ଜାନ୍
କାଗେ ଚଅଞ୍ଜ ଚିନା ଲେଦ୍‌ମେ
ଗାମାଏଅ ଦ କଆଁ ସିଜାନ୍

(ମୁଣ୍ଡା ଜାଦୁର ଦୁରାଂ)

ଓଡିଆଭାବ-

ଯୁବତୀ-

ପେଲିଦିଅ ନାଇଁ
ଅଗନା ଅଗନି ବଣ ମଝିକୁ ॥

ଠେଲି ଦିଅ ନାଇଁ
ଅରମା ପଡିଆ କଣ୍ଟାଝଟାକୁ ॥
ନିଆଁ ଦାଉ ରୂପ ଉଜଳ
ତୁମେ କଣ ମୋତେ ଦେଖି ନଥିଲ
କାଚ କେନ୍ଦୁପରି ଝରଣା ଜଳ
ତୁମେ କ'ଣ ମୋତେ ଚିହ୍ନି ନଥିଲ ।

ଯୁବକ-

କେମିତି ଦେଖନ୍ତି ଅନ୍ଧକଲା ମୋତେ
ଅନ୍ଧାର ଗଳି ।
କେମିତି ଚିହ୍ନିବି ମୋ ଆଖି ଆଗରେ
କୁହୁଡି ଖାଲି ॥

ବେଳେବେଳେ ପଳେଇ ଯାଇ ବିବାହ କରିଥିବା ଯୁବକ-ଯୁବତୀଙ୍କ ବିଚ୍ଛେଦ ହୁଏ । ଝିଅର ବାପା-ଭାଇମାନେ ଝିଅକୁ ପୁଅଠାରୁ ଅଲଗା କରି ଫେରାଇ ନିଅନ୍ତି । ଆଉ କେତେକ କ୍ଷେତ୍ରରେ ପୁଅର ବାପା-ମାଆ ପୁଅକୁ ବାଧ୍ୟ କରନ୍ତି ଝିଅକୁ ତ୍ୟାଗ କରିବାକୁ ।

ଆଦିବାସୀମାନେ ନିଜ ନିଜ ଗୋଷ୍ଠୀ ମଧ୍ୟରେ ବିବାହ କରନ୍ତି । ଅନ୍ୟ ଗୋଷ୍ଠୀରୁ ବୋହୂ ଆଣିଲେ ସମାଜ ସ୍ୱୀକୃତି ମିଳେ ନାହିଁ । ଝିଅ ମଧ୍ୟ ଅନ୍ୟ ଗୋଷ୍ଠୀରେ ବିବାହ କଲେ ତାର ମା ବାପାଙ୍କୁ ସମାଜରେ ବହୁ ତାଡନା ସହିବାକୁ ହୁଏ । ନିଜ ଗୋଷ୍ଠୀ ଭିତରେ ଅନ୍ୟ ବଂଶର ଯୁବକ ବା ଯୁବତୀ ସହ ବିବାହ ହୋଇଥାଏ । ନିଜ ବଂଶରେ ବିବାହ ବର୍ଜନୀୟ ଓ ଦଣ୍ଡନୀୟ । ନିଜ ବଂଶରେ ବିବାହ କରିଥିବା ଯୁବକ ଓ ଯୁବତୀଙ୍କୁ ସମାଜରୁ ବହିଷ୍କାର କରାଯାଏ ।

ମୁଣ୍ଡା ଗୋଷ୍ଠୀର ହୋ କୋହ୍ଲମାନଙ୍କ ମଧ୍ୟରେ ମାମୁଁ ଝିଅ ବା ପିଉସୀ ଝିଅକୁ ବିବାହ ହେବା ପରମ୍ପରା ପ୍ରଚଳିତ । ସେଇଥି ପାଇଁ ବୋଧହୁଏ ଶାଶୁଙ୍କୁ, ପିଇସୀଙ୍କୁ ଓ ମାଇଁଙ୍କୁ ଏମାନେ ହାତମ୍ କହନ୍ତି ଠିକ୍ ସେହିପରି ଶ୍ୱଶୁରଙ୍କୁ ପିଇସାଙ୍କୁ ଓ ମାମୁଁଙ୍କୁ ଏମାନେ କୁମା କହନ୍ତି । ଏହି ଭାବକୁ ପ୍ରକାଶ କରୁଥିବା ଗୀତ-

(୧)

ବୁରୁନା ରେଦ ବୁଲାକ ମେନାଃଆ
ଗାଳାନା ରେଦ ବିଞ୍ଜକ୍ ମେନାଃଆ
ନାଇରି ହାଲାଇ ମାମୁଁର ବେଟୀ
ମିଶାଗ ତେଲାଙ୍ଗ୍ଆ

(ହୋ ମାଗେ ଦୁରାଂ)

ଓଡ଼ିଆ ଭାବ-

ବଣପଟେ ଗଲେ ପଡିବୁ
ବାଘ ହାବୁଡେ ଯାଇ ।
ସାପ ଦେବ କାମୁଡି
ପାରି ହେଲେ ତୁ ନଇ ॥
ଅବୁଝା ହୁଅନା ମୋ ମାମୁଁ ଝିଅ
ଡରଡର ତୁହି କେବେ ନହୁଅ ।
ଅଟକିଯା ଟିକେ ସାଥୀ ହୋଇଯିବା
ଆଉ କେଉଁଥିକି ନ ଥିବ ଭୟ ॥

(୨)

ଜାଇଃ କାକ ମେତାଞ୍ଜ ରେୟ
ଜେତାଇଃ କାକ ମେତାଞ୍ଜ ରେୟ
ହାଁତମିଞ୍ଜାଃ ହନଗେରେ ଚୁଙ୍ଗିଇ ମେତାଞ୍ଜ ।

(ହୋମାଗେ ଦୁରାଂ)

ଓଡ଼ିଆ ଭାବ-

ଯିଏ ଯାହା ପଛେ କହୁ ମୋର କି ଯାଏ
ମୋ ପିଇସା ଝିଅ ମୋତେ ଚୁଙ୍ଗି ଡାକିଦିଏ ।
ତାକୁ ମୁଁ ଭଲ୍ ପାଏ ଜାଣେ ମୋ ପାଇଁ ସିଏ ॥

ଆଦିବାସୀ ବିବାହରେ କନ୍ୟାସୁନା ବା ପଣ ଦେବା-ନେବା ପରମ୍ପରା ପ୍ରଚଳିତ । କନ୍ୟାର ପରିବାରର ସଦସ୍ୟମାନଙ୍କୁ ବରର ମୁଖିଆ କନ୍ୟାସୁନା ବା ପଣ ଦେଇଥାଏ । ଏହି କନ୍ୟାପଣକୁ ବିଷୟବସ୍ତୁ କରିଥିବା ଗୀତଗୁଡିକ ଏହିପରି-

(୧)

କଲା ହନଦ ଜାନାମ୍ ଲେନା ଉମାନା
ଗଣା ଦ ସୁନା ଜାନା ଉମାନା
ଗଣା ଦ ସୁନା ଜାନା
କୁଲି ହନଦ ଜାନାମ୍ ଲେନା ଉମାନା
ଗଣା ଦ ପେରେଏ ଜାନା ଉମାନା

ଗଣା ଦ ପେରେଏ ଜାନା

ଗଣା ଦ ପେରେଏ ଜାନା ଉମାନା

ହାଗାତେ ହିଲିତେ ଗୁରିଃରାଲ୍ ଜଃଜଃତେ ଲାନ୍ଦାତାନା

(ମୁଣ୍ଡା ବାଲାଦୁରାଂ)

ଓଡ଼ିଆ ଭାବ-

ପୁଅଟିଏ ଯେବେ ଜନମ ହୋଇଲା

ମାଆଲୋ ଗୁହାଳ ହେଲା ତ ଖାଲି ।

ସାରା ଗୁହାଳଟି ପୁରିଗଲା

ମାଆଲୋ ଝିଅ ଜନମିଲା ବୋଲି ॥

ଝିଅ ଜନମିଲା ଭାଇ ଭାଉଜଙ୍କ

ହସ ଖୁସି କୁରୁଳିଲା

ଅଗଣା ଭିତର ଖରକି ଖରକି

ଗୋବର ବଦା ଜମିଲା ॥

(୨)

ମାଇଁ ଏ ଜାନାମେନ୍ ହମୁଞ୍ଜ ଗୁରୁଞ୍ଜ

ବାବୁଇ ଜାନାମେନ୍ ଖନେ କେଜ୍

ବାବୁଇ ଜାନାମେନ୍ ଗଲାଏ ଉଜାଲ୍

ମାଇଁ ଏ ଜାନା ମେନ୍ ଗଲାଏ ପେରେଜ୍

(ସାନ୍ତାଳ ଦଂ ସେରେଞ୍ଜ)

ଓଡ଼ିଆ ଭାବ-

ଝିଅ ଜନମକୁ ମନ ବିରସ ।

ପୁଅ ଜନମକୁ ମନ ହରଷ ॥

ପୁଅ ଜନମିଲେ ଗୁହାଳ ସୁନ ।

ଝିଅ ଜନମିଲେ ଗୁହାଳପୂର୍ଣ୍ଣ ॥

(୩)

ନାଙ୍ଗଦମ୍ ଗଂଇଞ୍ଜ ଟାନା ଗ ବାରେଞ୍ଜ

ମଣେଆ ଉରିଃ ହାଜାରେ ଟାକାତେ

ନାଙ୍ଗଦମ୍ ଗଂଇଞ୍ଜ୍ ଟାନ୍

ବାଲାଗ ସାକାକ ହୁଜୁଉ ଲେନା
ସବେନ୍ କାଜିକ୍ ହବାଗ ଲେନା
ଗନଂ ସାତି ନାଁୟୁମ୍ ତେକ ଗୁଆଲାଜାନା
ନାଞ୍ଜଦମ ରାକାଞ୍ଜ ତାନାଗ ବାରେଞ୍ଜ
ଶିମିଳି ପାଲ୍ ଦାରୁକ ଲେକା
ନାଞ୍ଜ ଦମ୍ ରାକାଞ୍ଜ ତାନ୍
ନାଞ୍ଜଦମ୍ ଗଂଇଞ୍ଜ ତାନାଗ ବାରେଞ୍ଜ
ଉରିଇ ମେରମ୍ କେଲାକ ଲେକା
ନାଞ୍ଜ ଦମ୍ ଗଂଇଞ୍ଜ ତାନ୍
ସିମ୍ ସୁକୁରି ମିଣ୍ଡିକ ଲେକା
ନାଞ୍ଜ ଦମ୍ ଗଂଇଞ୍ଜ ତାନ୍

(ହୋ ମାଗେ ଦୁରାଂ)

ଓଡ଼ିଆ ଭାବ-

ଭାଇ ଗୋ ମୋତେ ତୁ ବାହା ଦେବୁ ବୋଲି କରିଛୁ ମନ ।
ପାଞ୍ଚ ଗୋଟିଏ ଗୋରୁ ହଜାରେ ଟଙ୍କା ତୋ କନିଆଁ ପଣ ॥
କେତେ ବରଘର ଲୋକେ ଆସିଲେ ।
ତୋ କନିଆଁ ପଣ କଥାଶୁଣି ବାହୁଡି ଗଲେ ॥
ଶିମୁଳି ପାଳ ଗଛ ପରି ମୋତେ ଅଛୁ ସଜେଇ ।
ଗାଈ ଛେଳି ପରି କୋଉ ହାଟରେ ବିକିବୁ ଭାଇ ॥
ମୋତେ ରଖିଅଛୁ ଘରେ ବସେଇ ।
କନିଆଁ ପଣତୁ ଆଣିବା ପାଇଁ ॥

(୪)

ଅବଲେ ବଲେ ସାଙ୍ଗିଞ୍ଜ୍ ଦିସୁମରେ ଦାଦାଭାଇ
ନାଲରେପେ ଅମିଇଁଆ
ଅବଲେ ବଲେ ଜିଲିଂ ଗାମାଡରେ ଦାଦାଭାଇ
ନାଲରେପେ ଋଲିଇଁଆ
ଅବଲେ ବଲେ ଗଣାତେକ ନିଗାପେରେ ଦାଦାଭାଇ
ନାଲରେପେ ଅମିଇଁଆ

ଅବଲେ ବଲେ ଫୁଇଲାତେକ ସଂଆଁପେରେ ଦାଦାଭାଇ
ନାଲରେପେ ଉଲିଇଁଆ
ଅବଲେ ବଲେ ସେଙ୍ଗେଲତେ ସୁକୁଲତେ
କାରେପେ ଲେଲେଇଁଆ
ଅବଲେ ବଲେ କୁମୁତେ କୁଦୁ ଗୁତେ ଦାଦାଭାଇ
କାରେପେ ଚିନାଇଁଆ

(ଭୂମିଜ କାଦୁର ଦୁରାଂ)

ଓଡିଆଭାବ-

ଦୂର ରାଇଜରେ ଦେବ ନାହିଁ
ଭାଇ ମୋର ବିବାହ ।
ଦୂର ମୂଲକକୁ କରିବନି
ଭାଇ ମୋତେ ବିଦାୟ ॥
ଦେବେ ଗୋରୁଗାଇ ଗୁହାଳ ଭରତି କନିଆ ପଣି ।
ମାପି ଦେଇଯିବେ ଗଉଣି ଗଉଣୀ କଉଡିଗଣି ॥
ଦୂର ମୂଲକକୁ କେବେ ଭାଇ ମୋତେ
ଦେବନି ବାହା ।
ସପନରେ ମୋତେ ଦେଖି ପାରିବିନି
ନିଆଁକୁ ଧୂଆ ॥
(୫)
ଏଦେଲ ବାହା ଶାଙ୍ଖା ଦାଦା
କିରିଞ୍ଜ୍ ଆଞ୍ଜମେ
ବାର ଧାଅ ବାରଧାଅ ତିଞ୍ଜ
ଗନଂ ଆମା ଟେକେର୍ ଟେକେର୍

(ସାନ୍ତାଳ ସେରେଞ୍ଜ)

ଓଡିଆଭାବ-

ଶିମୁଳି ଫୁଲିଆ ଶଙ୍ଖା ମୁଠିଏ
ଆଣିଦେଏ ଭାଇ
ମୁଁ ତୋର ଗେହ୍ଲେଇ ଭଉଣୀଟିଏ ॥
ବଡ ହେବି ଦିନେ ।
ରଖିଥିବୁ ମନେ ॥

କରିବୁ ତୁ ମୋର ବାହା ପୁଆଣି
ଦୁଇ ଦୁଇଥର
କନ୍ୟାପଣ ତୋତେ ଦେବି ମୁଁ ଆଣି ॥

(୬)

ଏଦେଲ୍ ବାହା ଶାଙ୍ଖା ଦାଦା କିରିଞ୍ଜ ଆଞ୍ଜମେ
ଘନ୍ଦା ଘନ୍ଦା କେଲାକିଞ୍ଜ ଗନାଂ ଆମ୍ ଗେୟା
ଏଦେଲ ବାହା ଶାଙ୍ଖା ମାଇଁ କିରିଞ୍ଜାମା
ଘନ୍ଦା ଘନ୍ଦା କେଲା କିଞ୍ଜ୍ ଗନଂ ଆଞ୍ଜ ମେ

(ହୋ ମାଗେ ଦୁରାଂ)

ଓଡ଼ିଆଭାବ-

ଶିମୁଳି ଫୁଲିଆ ଶଙ୍ଖା ମୋ ପାଇଁ
ଭାଇ ଦିଅ କିଣି ଆଣି ।
ଡଉଲ ଡାଉଲ ପଣ୍ଡା ମଇଁଷି
ପାଇବୁ କନିଆ ପଣି ॥
ଶିମୁଳି ଫୁଲିଆ ମନଲାଖି ଶଙ୍ଖା
ଦେବି ଲୋ ତୋତେ ଭଉଣୀ
ପଣ୍ଡା ମଇଁଷି ଯୋଡିଏ ଆଣିବୁ
ମୋ ପାଇଁ କନିଆଁ ପଣି ॥

ବିଚ୍ଛୁ-

ସାନ୍ତାଳ ପରମ୍ପରାରେ ଭାଇକୁ ମିଳେ ଗୋଟିଏ ବଳଦ । ଯାହାକୁ ବାରେତ ଇତାଦ -ଭାଇଙ୍କ ପାଇଁ ଉପହାର କୁହାଯାଏ । ଏହାକୁ ଭାଇ ବଳଦର ପିଠିକୁ ଆପୁଡାଇ ଗ୍ରାମ ପଞ୍ଚଙ୍କ ସାମନାରେ ଗ୍ରହଣ କରେ ଯାହାକୁ ସାନ୍ତାଳୀରେ କୁହାଯାଏ - ଗନଂ ଚେଟାଃ ବାରେତ୍- ପଣିକୁ ଆପୁଡାଇ ଥିବା ଭାଇ ।

ହୋ ପରମ୍ପରାରେ ଭାଇକୁ ମିଳିଥାଏ ଯୋଡିଏ ବଦଳ, ଭଉଣୀର ବିବାହରେ । ହୋ ସମାଜରେ ମିଳୁଥିବା ଭଉଣୀ ବିବାହରେ ଯୋଡିଏ ବଦଳକୁ ନେଲ୍ ଦାରାମ ହାଲା କିଞ୍ଜ- ସ୍ୱାଗତ କରୁଥିବା ବଳଦ ଯୋଡି କୁହାଯାଏ । ଯୋଉ ଭାଇକୁ ଏ ଯୋଡିଏ ବଳଦ ମିଳିଥାଏ, ତାହାର ଦାୟିତ୍ୱ ବନିଯାଏ- ଭଉଣୀ ଭିଣୋଇ ଗାଁକୁ ଘରକୁ ଆସିଲେ ତାଙ୍କୁ ସାଦରର ସହିତ ସ୍ୱାଗତ କରି ଅତିଥି ସତ୍କାର କରିବା । ତେଣୁ କୁହାଯାଏ "ଗନଂ ଜମ୍ ବାରେ" ପଣ ପାଇଥିବା (ଖାଇଥିବା) ଭାଇ । ଉପରୋକ୍ତ ଗୀତ ଯୋଡିଏରେ ସାନ୍ତାଳ ଓ ହୋ ସଂସ୍କୃତିରେ ରହିଥିବା ସାମାଜିକ ବ୍ୟବସ୍ଥାକୁ ଇଙ୍ଗିତ କରୁଛି । ଏହା ସହିତ ଦୁଇ

ସମାଜରେ ପ୍ରଚଳିତ କନ୍ୟାପଣ ଦେବା-ନେବା ଚଳଣିର ସ୍ୱଷ୍ଟ ଚିତ୍ର ତଥା ଭାଷା ଓ ଭାବର ଅଦଭୂତ ସାମଞ୍ଜସ୍ୟ ରହିଥିବା କଥା ଦେଖିବାକୁ ମିଳୁଅଛି ।

କେବଳ ଏହି ଯୋଡିଏ ଗୀତରେ ନୁହେଁ ଏ ମୁଣ୍ଡଗୋଷ୍ଠୀର ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ଥିବା ସାଂସ୍କୃତିକ ସାମଞ୍ଜ୍ୟସ୍ୟ ବହୁଗୀତରେ ଦେଖିବାକୁ ମିଳିଥାଏ ।

(୭)

ଗଂଗଗେ ଦିନ୍ ମୁଣ୍ଡି ତେବାଃଲେନ୍
ଡାଳି ଦାଃ ରେଗେମ୍ ଇଆମ୍ ତାନ୍
ଝଲେମେ ବଚର ନେଣ୍ଡା ପୁରାଲେନ୍
ସୁଦେ ଦାଃ ରେଗେମ୍ ସାୟେଦତାନ୍
ଡାଳି ଦାଃ ରେଗମ୍ ଇଆମ ତାନ୍
ଏଙ୍ଗାମ୍ ଆପୁମେ କମ୍ ଉଲୁଃତାନ୍
ସୁଦେ ଦାଃ ରେଗେମ୍ ସାୟେଦ ତାନ୍
ହାଗାମ୍ ବାରେ ମେକମ୍ ସାୟେଦ ତାନ୍
ଏଙ୍ଗାମ୍ ଆପୁ ମେକମ୍ ଉଲୁଃତାନ୍
ଭରିଃ ଲେକା ଗେକ ଆକାରିଂ ମେଆ
ହନେମ୍ ବାରେମ୍ କମ୍ ସାୟେଦ୍ ତାନ୍
ଆଲାଃ ଲେକା ଗେକ କେଜା ମେଆ
ଭରିଃ ଲେକା ଗେକ କେଜା ମେଆ
ଭରିଃ ଲେକା ଗେକ ଆକାରିଂ ମେଆ
ବାରଟାକା ତେକ ଆକାରିଂ ମେଆ
ଆଲାଃ ଲେକା ବେକ କେଜା ମେଆ
କାଣା ପଏସା ତେକ କେଜା ମେଆ

(ମୁଣ୍ଡା ଜାଦୁର ଦୁରାଂ)

ଓଡ଼ିଆ ଭାବ-

ପହଞ୍ଚିଲା ଆସି ତୁମକୁ ବିକିବା ଦିନଟିଏ
ଝରଣା ପାଣିରେ ଲୁହଢାଳି ଦେଲ ପାଣି ପ୍ରାୟେ
ତୁମେ ବିଦା ହେବା ଧାର୍ଯ୍ୟ ଦିନର ଆଜି ଶେଷ ।

ସମାଜରେ ପ୍ରଚଳିତ କନ୍ୟାପଣ ଦେବା-ନେବା ଚଳଣିର ସ୍ପଷ୍ଟ ଚିତ୍ର ତଥା ଭାଷା ଓ ଭାବର ଅଦଭୂତ ସାମଞ୍ଜସ୍ୟ ରହିଥିବା କଥା ଦେଖିବାକୁ ମିଳୁଅଛି ।

କେବଳ ଏହି ଯୋଡିଏ ଗୀତରେ ନୁହେଁ ଏ ମୁଣ୍ଡଗୋଷ୍ଠୀର ବିଭିନ୍ନ ଗୋଷ୍ଠୀଙ୍କ ମଧରେ ଥିବା ସାଂସ୍କୃତିକ ସାମଞ୍ଜ୍ୟସ୍ୟ ବହୁଗୀତରେ ଦେଖିବାକୁ ମିଳିଥାଏ ।

(୭)

ଗଂଗଗେ ଦିନ୍ ମୁଣ୍ଡି ତେବାଃଲେନ୍
ଡାଳି ଦାଃ ରେଗେମ୍ ଇଆମ୍ ତାନ୍
ଝଲେମେ ବଟର ନେଣ୍ଡା ପୁରାଲେନ୍
ସୁଦେ ଦାଃ ରେଗେମ୍ ସାୟେଦତାନ୍
ଡାଳି ଦାଃ ରେଗମ୍ ଇଆମ ତାନ୍
ଏଙ୍ଗାମ୍ ଆପୁମେ କମ୍ ଉଲୁଃତାନ୍
ସୁଦେ ଦାଃ ରେଗେମ୍ ସାୟେଦ ତାନ୍
ହାଗାମ୍ ବାରେ ମେକମ୍ ସାୟେଦ ତାନ୍
ଏଙ୍ଗାମ୍ ଆପୁ ମେକମ୍ ଉଲୁଃତାନ୍
ଭରିଃ ଲେକା ଗେକ ଆକାରିଂ ମେଆ
ହନେମ୍ ବାରେମ୍ କମ୍ ସାୟେଦ୍ ତାନ୍
ଆଲାଃ ଲେକା ଗେକ କେଜା ମେଆ
ଭରିଃ ଲେକା ଗେକ କେଜା ମେଆ
ଭରିଃ ଲେକା ଗେକ ଆକାରିଂ ମେଆ
ବାରଟାକା ତେକ ଆକାରିଂ ମେଆ
ଆଲାଃ ଲେକା ବେକ କେଜା ମେଆ
କାଣା ପଏସା ତେକ କେଜା ମେଆ

(ମୁଣ୍ଡା ଜାଦୁର ଦୁରାଂ)

ଓଡ଼ିଆ ଭାବ-

ପହଞ୍ଚିଲା ଆସି ତୁମକୁ ବିକିବା ଦିନଟିଏ
ଝରଣା ପାଣିରେ ଲୁହଢାଳି ଦେଲ ପାଣି ପ୍ରାୟେ
ତୁମେ ବିଦା ହେବା ଧାର୍ଯ୍ୟ ଦିନର ଆଜି ଶେଷ ।

# ଲୋଧା- ବିବାହ ଗୀତ - କନ୍ୟାସୁନା ନେବା କଥାକୁ ନେଇ

(୧)

ଟଙ୍କାତ ଝିକିମିକି ବାପାତ ଦେଲେନ୍ ବିବି

ଟଙ୍କାକେ କରଇଚ୍ ଝିଅକୁ କର ପିଠ

ଛାଡଗ ଝିଅର ବାପା ଝିଅର ମହାଶ

କାନ୍ଥେତେ ଲେଖେ ରଖିହି ଯଡା କଲସୀ

ଆଜଗେଲେ କାଲ୍ ଫିରେ ଆସବ୍ ଗ

(୨)

ବରପକ୍ଷ-

ଆଗ କନିଆର ମାଆ

ସୁଧା ଘର ନିଏ ତର ବେଟୀ କେ

ନିଏ ଯାବ ଚଡ ଚଡି ବାଜିଏଁ

କନ୍ୟାପକ୍ଷ-

ଥାଲି ଥାଲି ଟାକା ନିଲି

ବେଟୀ ଦିଲି ପଚେର ଘରେ



# ସିନ୍ଦରା ଦାନ୍ - ସିନ୍ଦୁର ଘୋଷା

ଆଦିବାସୀ ସମାଜରେ ବିବାହର ମୂଳ କ୍ରିୟା ହେଉଛି ବରଟି କନ୍ୟାର କପାଳରେ ସିନ୍ଦୂର ଟିପା ଦେବା, ବା ସିନ୍ଦୁର ଘୋଷିବା ସିନ୍ଦୁର ଲେସିବା । ଏହାକୁ ସିନ୍ଦଭା ଦାନ୍ କୁହାଯାଏ । ଏ ସିନ୍ଦରା ଦାନ କାର୍ଯ୍ୟଟି ସମ୍ପାଦିତ ହେବା ପରେ ବିବାହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଉପନିତ ହୁଏ । ଏକଥାକୁ ବିଷୟ ବସ୍ତୁ କରିଥିବା ଗୀତଗୁଡ଼ିଏ ଏହିପରି-

(୧)

ସିନ୍ଦୁରୀ ମେୟାଁ ବୟ ସିନ୍ଦୁରୀ ମେଁ
ତାଆଲା ମଲଂରେ ସିନ୍ଦୁରୀ ମେଁ
ସିନ୍ଦୁରୀ ମେନା ମାଇଁ ସିନ୍ଦୁରୀ ମେଁ
ହାତୀ ସାମାଂ ଡାଂଡାଂରେ ସିନ୍ଦୁରୀ ମେଁ

(ହୋ-ସିନ୍ଦୁର ଘୋଷା ବେଳ ଗୀତ)

ଓଡ଼ିଆ ଭାବ-

ସିନ୍ଦୁର ଘୋଷିଦେ ବାବୁ ସିନ୍ଦୁର ଆଜି ।
ସିନ୍ଦୁର ଝଲସୁ ତା କପାଳ ମଝି ॥
ସିନ୍ଦୁର ଲେସ ଦେ ଆଲୋ ସୁନ୍ଦରୀ ସଖୀ ॥
ତାଙ୍କରି ହାତୀ ମୁଣ୍ଡିଆ କପାଳ ଦେଖି ॥

ହୋ ପରମ୍ପରା ହେଉଛି ପ୍ରଥମେ କନ୍ୟାର କପାଳରେ ବା ସିନ୍ଥାରେ ସିନ୍ଦୁର ଦିଏ, ତା ପରେ କନ୍ୟା ମଧ୍ୟ ବର କପାଳରେ ସିନ୍ଦୁର ଲେସିଥାଏ । ଏ ନିଆରା ପରମ୍ପରା କୌଣସି ଅନ୍ୟ ଗୋଷ୍ଠୀରେ ଥିବା ଜଣାଯାଏ ନାହିଁ । ଏହାର ମାର୍ମିକ ଭାବ ହେଉଛି ଉଭୟ ବର ଓ କନ୍ୟା ପରସ୍ପରକୁ ଆନ୍ତରିକତାର ସହିତ ସ୍ୱାମୀ ଓ ସ୍ତ୍ରୀ ରୂପେ ଗ୍ରହଣ କରନ୍ତି । ଏତିକି ବେଳେ ଯୁବତୀମାନେ ବେଦୀ ଚାରିପଟେ

"ରୁଙ୍ଗ୍ ଲେଡାଞ୍ଜୀ, ସବଃ ଲେଡାଞ୍ଜୀ
ହେଲାତା ଲୁପୁଃ ରୁଙ୍ଗ ରୁଙ୍ଗ୍" ମାଦଳ ତାଳରେ
ନାଚି ନାଚି ଉପରୋକ୍ତ ଗୀତକୁ ଗାଇଥାନ୍ତି ।

(୨)

ଗାଲା ବେଲା ଦକତା ରଆ ଲେଡାଇଁ
ଦକତା ପାଣ୍ଡୁ ଜାନା

ପାଣ୍ଡୁ ବୁଲୀ ହନତେ ବୁଲୀ
ସିନ୍ଦୁର ବାଛି କିଆଇଁ
(ବିରହଲ୍ - ମାଙ୍କଡିଆ ଦଂସିରିଞ୍ଚ)

ଓଡ଼ିଆ ଭାବ-

ନଇପଠା ଦେଖି ଲଗେଇଲି ମୋତିହାର ।
ଗଛ ଗହଳିଲା ଦୋକତା ପାଚିଲା
ପାକଳ ହେଲା ପତର ॥
ଶାଗୁଆ ପତର ପାଲଟିଲା ହଳଦିଆ
ସିନ୍ଦୁର ଲଗାଇ ପାଣ୍ଡୁବୁଢୀ ଝିଅ
ହାତ ଧରି ବାହା ହେଲି ॥

(୩)

କାଟାରେ ଲ୍ପାଦ୍ କାତେ
ଚୁଟିରେୟାଃ ମଲଂରେ
ମାର୍ ଦୁଲା ! ମାର ସିନ୍ଦୁରିଇ ମେ
ଦେଶ୍ ପାଞ୍ଚ କଆଁ ତାଲାରେ
ବର ବରେୟାଃ ହାତୀକା ମାଣାଂରେ
ମାର ଦୁଲା ! ମାର ସିନ୍ଦୁଇମେ

ଓଡ଼ିଆ ଭାବ-

ଗୋଡରେ ପକାଇ କପାଳ ଉପରେ ଦେଖି
ଦେଏରେ ଦୁଲାଳ ସିନ୍ଦୁର ମାଖି ॥
ମୂଳକର ପାଞ୍ଚଲୋକଙ୍କ ଆଗରେ ।
ଦେଏ ଲୋ ଭଉଣୀ ସିନ୍ଦୁର ଘସିଦେ
ବର ଟୋକାଟାର ହାତୀ ପରି କପାଳରେ ॥

(୪)

ସିନ୍ଦୁରି ଦମ୍ ସିନ୍ଦୁରି କିଆ
ଉଲିସାଖୀ ଚାମତା ଲାତାରରେ
କାତିରି ଦରେମ୍ କାତିରି କିଆ
ଦେଶ ପାଞ୍ଚ କଆ ତାଲାରେ
ଦୁଲାରେ ! ପାଚେ ଦୁଲା । କାମ୍ ଆସୁଲିଆ
ଦୁଲାରେ ! ପାଚେ ଦୁଲାମ୍ ବାଲାଏ ଗିଆରେ
(ଭୂମିଜ ଆଣନ୍ଦି ଦୁରାଂ)

ଓଡ଼ିଆ ଭାବ-

ଛାମୁଡିଆ ତଳେ ଆମ୍ବ ସାକ୍ଷୀ କରି
ସିନ୍ଦୁରକୁ ଘୋଷି ଦେଲ ।
ଦେଶ ପାଞ୍ଚ ଲୋକ ଆଖି ସାମନାରେ
ତାକୁ ସ୍ତିରୀ କରି ନେଲ ॥
ଦୁଲାଳରେ ଜୋଇଁ ମୋର
ଭରଣ ପୋଷଣ କରିବ ତାର ।
କରିବ ତାକୁ ସିନିହ ଆଦର ॥

(୫)
ନିମିନ୍ ମାରାଂ ରିମ୍ବିଲ ଲାତାର
ଜିଲି ଋକାର ଅତେ ଚେତାନ
ଚିମିନ୍ ହଞ୍ଜ କୁଲି କେନା
ଚିମିନ୍ ହଞ୍ଜ କୁଦୁମ୍ କେନା
ଚି ହନ୍ ମଦ ଚକଏ ଲେକାନ୍
ହାସା ହଲମ ହୁଡିଂ ଲେକାନ୍
ଆହା ! ଆମ୍ ରେଗେ ଜାପାଃ ଜାନା
ଆହା ! ଆମ୍ ରେଗେ ଜୁଡାଃ ଜାନା
ମିଦ୍ କିଆ ସିନ୍ଦୁରି
ବାର ଥାଲି ସାସାଂ
ଆମ୍ ନାଙ୍ଗେନ୍ ଗେଞ୍ଜ ଜଗାଅ ଲେଦା
ଆମ୍ ନାଙ୍ଗେନ୍ ଗେଞ୍ଜ ଜତନ୍ ଲେଦା
ତିସିଞ୍ଜ ଜି ହଲମ୍ ସବେନ୍
ଆମ୍ ଗେଞ୍ଜ୍ ଅମାମ୍ ତାନା
ଆମ୍ ଗେଞ୍ଜ୍ ଜିମାମ୍ ତାନା

(ମୁଣ୍ଡା ଆଣନ୍ଦି ଦୁରାଂ)

ଓଡ଼ିଆ ଭାବ-

ମୁଣ୍ଡ ଉପରେ ଆକାଶ ପାଦ ତଳେ ମାଟି
ବୁଲିଛି ଖୋଜିଛି କେତେ ପଚାରି ବୁଝିଛି ॥
ମନ ମରୁଥିଲା ଦେହ ଯାଉଥିଲା ଶୁଖି ।
ଶେଷରେ ତୁମ ପାଖରେ ରହିଲା ଆଟକି ॥

ହଳଦୀ ଥାଳି-ଆଣିଲି ସିନ୍ଦୁର କିଣିଲି ।
ଜତନେ ସଜାଇ ତୁମ  ପାଇଁ ଠୁଳ କଲି ॥
ମୋ ପାଖରେ ଯାହା ଅଛି ଦେହ ମନ ପ୍ରାଣ ।
ଜିମା ନିଅ ତୁମ ପାଖେ କଲି ସମର୍ପଣ ॥

ସାନ୍ତାଳ ପରମ୍ପରା ହେଉଛି - ବିବାହ କାର୍ଯ୍ୟ - ସିନ୍ଦରା ଦାନ୍ - ସୂର୍ଯ୍ୟ ଉଦୟ ବେଳେ କିମ୍ବା ସୂର୍ଯ୍ୟାସ୍ତ ବେଳେ ସମ୍ପାଦନା କରିବା । ଉକ୍ତ ତଥ୍ୟକୁ ପ୍ରକାଶ କରୁଥିବା ଗୀତ-

ଋନ୍ଦୟ ରାକାବ୍ କାନା ହିରିଜିରି ମାସେ
ନିଞ୍ଜକ ତୁଲ ତୁଦିଞ୍ଜ କାନ୍ ଦାଉଲା ଚେତାନ
ଦାଉଲା ଚେତାନ୍ ଖନିଞ୍ଜ କୟଃ ଲେଦଦ ମାସେ
ତକା ୟେନା ପେରେ ଗାତେ କୁଳି
ନାୟୟ ନାତାଂ ଆକାଦ ଜଳା ଖାଣ୍ଡା ଲୁଗଲି
ବାବାୟ ନାତାଂ ଆକାଦ୍ ପନଟାକା
ଚିକାମେୟା ରେଲେ ଗାତେ କୁଳି

ଓଡ଼ିଆ ଭାବ-

ସଞ୍ଜ ନଇଁଲାଣି ଜହ୍ନ ଉଇଁଲେଣି
ଲୁଚକାଳି ଖେଳି ଖେଳି ।
ବାଉଁଶ ପାଡିଆ ଦାଉଳାରେ ଥୋଇ
ତଳୁ ମୋତେ ନେଲେ ତୋଳି ॥
ଦାଉଳାରେ ବସି ତଳକୁ ଋହୁଁଚି
ଖୋଜୁଅଛି ଚଉଦିଗ ।
କାହିଁଗଲେ ମୋର ଅତି ଆଦରର
ପିଲାଦିନ ସାଥୀ ସାଙ୍ଗ ॥
ମାଆ ତୋ ନେଲେଣି ମାଆ ଶାଢୀ ଯୋଡି
ବାପା ନେଲେ କନ୍ୟାପଣି ।
କିସ ଆଉ ଆମେ କରିବୁ ତୋ ପାଇଁ
ବିଋରା ସାଥୀ ସଙ୍ଗିନୀ ॥

ବିବାହ କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ କନ୍ୟାକୁ ଡଲାରେ ଥୋଇ ଋରିଜଣ ଲୋକ (ଭିଣୋଇ ବା ପିଉସାମାନେ) କାନ୍ଧେଇ ତାକୁ ଉପରେ ରଖନ୍ତି । ପାରମ୍ପରିକ ବିବାହରେ କନ୍ୟା ସିନ୍ଦୁର ପାଏ ତା ବର ପାଖରୁ ସେହି ଡାଲାରେ ଥାଇ ।

(୧)

ଌନ୍ଦୟ ରାକାବ୍ କାନା ବାରାଙ୍ଗ ଅହାୟ
ନିଙ୍ଗମାଞ୍ଜ୍ ଦେଜଃକାନା ଦାଉଲା ଚେତାନ୍
ଦାଉଲାମା ଚେତାନରେ ଲୁଗଲି ଦାନାଂ ଖନାଃ
ଆଦଓ୍ୱା ଌଓ୍ୱଲେ ତେମ୍ ସାଗୁନାଦିଞ୍ଜ,
ଦେସମା ସାମାଂରେ ପେରେଜ୍ ଲଟା ଦାଃତେ
ନୁଲେ ତାରଓ୍ୱାଃ ତେଦମ୍ ଜାତି କିଦିଞ୍ଜ,
ବାହା ସିନ୍ଦୁର ସାରି ରେଦଖନ୍ ରାଲା କାତେ
ବସମାତା ନାୟମ୍ ଏମାଦ ଦେଖାନ୍,
ହେଜ୍ ସେଟେର୍ ଆକାନ୍ ମାଝି ମଣେ ହଲକ
ମାରାଂବୁରୁ ମେନ୍‌ତେକ ହହ ଲେଦ ଖାନ୍,
ନିଙ୍ଗାଃ ମନଦ ସାରି ଗଟାୟେନ୍‌ଦ
ମନଦ ଗଟାୟେନା ଜିଓ୍ୱି ହିର୍ଲାୟେନା
ସନା ଌତମ୍ ତେଦୁଞ୍ଜ୍ ଉମୁଲ୍ ଆକାନ୍ ।

ଓଡ଼ିଆ ଭାବ-

ସକାଳେ ସୁରୁଜ ଉଇଁଲା ବେଳକୁ
ମୁଁ ଚଢିଲି ଦାଉଳାକୁ
ପରଦା ସେପଟୁ ବିଞ୍ଚିଲ ଅରୁଆ ଋଉଳ
ମୋତେ ସ୍ୱାଗତ କରିବାକୁ ॥
ସବୁରି ଆଗରେ ପାଣି ଢାଳରୁ
ପାଣି ସିଞ୍ଚିଦେଲ ହଲାଇ ଆମ୍ବଡାଳକୁ
ପତ୍ର ପୁଡିଆରୁ ସନ୍ଦୁର ଅରପଣ କଲ ବସୁମାତାକୁ ॥
ଗାଁର ମୁଖିଆ ଗ୍ରାମପ-୍ଚ ମିଳି
ମାରାଂ ବୁରୁ ମାରାଂବୁରୁ କହିଲେ
ମୋ ଜୀବନ ଧନ୍ୟ ହେଲା
ମୋତେ ଆଶରା ମିଳିଲା
ସୁନାଛତା ଛାଇ ତଳେ ॥

(୨)

ହରିବୋଲ୍ ମେନତେ ସିନ୍ଦୁର ସାରି

ହରି ବୋଲ୍ ମେନତେ ବାହା ସାରି

ହରିବୋଲ୍ ମେନତେ ସିନ୍ଦୁରେଏ ନଟାଂ ଆଦିଞ୍ଚ୍

ହରିବୋଲ ମନତେ ବାହାଃରେବେଦ୍ ଆଦିଞ୍ଚ

ଜିଓ୍ୱ ଜାତି ସାରି ଗଟାୟେନା

ଓଡ଼ିଆ ଭାବ-

ସିନ୍ଦୁର ପବିତ୍ର ସିନ୍ଦୁର ସତ

ଏ ସିନ୍ଦୁର ହରିବୋଲ

ପବିତ୍ର ଯେମିତି ସତ ବି ସେମିତି

ଏଇ ହରିବୋଲ ଫୁଲ

ହରିବୋଲ ସିନ୍ଦୁରକୁ

ଅରପଣ କଲେ ବସୁମାତାକୁ

ହରିବୋଲ ଫୁଲ ଆଣି

ଖୋସାରେ ମୋହର ଖୋସିଲେ ପୁଣି

ଏ ସାରା ଜୀବନ ଏ ମୋର ଗୋତ୍ର

ଗୋଟା ପଣେ ତାର ହୋଇଲା ମାତ୍ର

(୩)

ରାନ୍‌ଡି ଗେଚୟ ବାବୁ

ଛାଡୁଇ ଗେଚୟ

ଲେଙ୍ଗା ତିତେ ବାବୁ

ସିନ୍ଦୁରାୟ ମେ

ଓଡ଼ିଆ ଭାବ-

ରାଣ୍ଡିକି ଛାଡରି ସିଏ

ଜାଣିନୁ ଆରେ ।

ସିନ୍ଦୁର ଘୋଷିଦେ ତାକୁ

ବାଆଁ ହାତରେ ॥

ସିନ୍ଦୁର ଘୋଷିଦେ ତାକୁ
ବାଆଁ ହାତରେ ॥

ସାନ୍ତାଳ ବର କୁମାରୀ କନ୍ୟାର କପାଳ (ସିନ୍ଥା)ର ଡାହାଣ ହାତ ଅଙ୍ଗୁଳି ସାହାଯ୍ୟରେ ସିନ୍ଦୁର ଦେଇଥାଏ । କିନ୍ତୁ ସ୍ୱାମୀ ପରିତ୍ୟକ୍ତା କନ୍ୟାକୁ ବାମ ହାତ ଅଙ୍ଗୁଳି ସାହାଯ୍ୟରେ ବର କାଠଚମ୍ପା ଫୁଲରେ ସିନ୍ଦୁର ଲଗାଇ କନ୍ୟାର ଜୁଡାରେ ଖୋସିଦିଏ । କନ୍ୟାଟି ବିଧବା ହୋଇଥିଲେ ବର ବାମ ହାତରେ ଅଙ୍ଗୁଳି ସାହାଯ୍ୟରେ କପାଳରେ କାଦୁଅ ଲେସି ତାକୁ ସ୍ତ୍ରୀର ମାନ୍ୟତା ପ୍ରଦାନ କରେ କହିବା ବାହୁଲ୍ୟ ସାନ୍ତାଳ କନ୍ୟା ଯେ କୌଣସି ପରିସ୍ଥିତିରେ ମଧ୍ୟ ବରର କପାଳରେ ସିନ୍ଦୁର ଲଗାଇ ନଥାଏ ।

"ସିନ୍ଦୁରା ଦାନ୍" ସାନ୍ତାଳ ବିବାହର କେନ୍ଦ୍ରବିନ୍ଦୁ । ସିନ୍ଦୁର ହେଉଛି ସାନ୍ତାଳ ସମାଜରେ ଦେବ-ଦେବୀଙ୍କ ସହ ସମ୍ପର୍କ ସ୍ଥାପନ କରିବାର ମୂଳ ସାଧନ । ଏପରିକି ବଳି ପଡୁଥିବା ପଶୁପକ୍ଷୀଙ୍କ ମୁଣ୍ଡରେ ସିନ୍ଦୁର ବୋଳି ପୂଜର ବଙ୍ଗା (ଦେବତା)ଙ୍କୁ ଅର୍ପଣ କରିଥାଏ । ଅବିବାହିତ ଝିଅ ବାପାଙ୍କ ବଙ୍ଗାଙ୍କ ସହ ସମ୍ପର୍କ ରଖିଥାଏ । ସେ ଭିତାର (ଇଶାଣ କୋଣ) କୁ ପ୍ରବେଶ କରି ପରିଷ୍କାର ପରିଛନ୍ନ ମଧ୍ୟ କରିପାରେ । କିନ୍ତୁ ତା କପାଳରେ ବର ସିନ୍ଦୁର ଲଗାଇବା ଦ୍ୱାରା ସେ ସ୍ୱାମୀଙ୍କ ବଙ୍ଗାଙ୍କ ସମ୍ପର୍କୀୟ ବନିଯାଏ । ଫଳରେ ସେ ଦେବୀ-ଦେବତା (ବଙ୍ଗା) ମାନଙ୍କ ପୂଜାସେବା ବେଳେ ସ୍ୱାମୀଙ୍କ ସାହାଯ୍ୟ ଓ ସହଯୋଗ କରିବାକୁ ସକ୍ଷମ ହୁଏ । ସେ ସ୍ୱାମୀଙ୍କ ପୂର୍ବପୁରୁଷଙ୍କ ରହଣିସ୍ଥାନ 'ଭିତାର' କୁ ପ୍ରବେଶ କରିବାକୁ ଅନୁମତି ପ୍ରାପ୍ତ ହୁଏ । ବିବାହ ପରେ କିନ୍ତୁ ସେ ବାପାଙ୍କ ଭିତାର କୁ ପ୍ରବେଶ କରିବା ଅଧିକାର ହରାଇ ବସେ । ଏପରିକି ସେ ସ୍ୱାମୀ ପରିତ୍ୟକ୍ତା ବା ବିଧବା ପରେ ପୁନର୍ବିବାହ କଲେ ହେ ପର ଜଗତରେ ସେ ତାର ପ୍ରଥମ ସ୍ୱାମୀଙ୍କ ସହ ମିଳିତ ହୁଏ । ଏହାହୁଏ ଯେହେତୁ ତାର ପ୍ରଥମ ସ୍ୱାମୀ ହେଉଛି, ଯେହେତୁ ତାର ପ୍ରଥମ ସ୍ୱାମୀ ହେଉଛି ସେହି ପୁରୁଷ ଯିଏ ତା ସିନ୍ଥାରେ ପ୍ରଥମେ ସିନ୍ଦୁର ଲେସିଥିଲା । ଏଥିରୁ ସ୍ପଷ୍ଟ ପ୍ରତିତ ହେଉଛି ସିଦାର ଦାନ୍ କ୍ରିୟା ଯୋଗୁଁ ସାନ୍ତାଳ ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଇହକାଳ ଓ ପରକାଳର ସମ୍ପର୍କ ସ୍ଥାପିତ ହୋଇଯାଏ । ସେ ତାର ଦ୍ୱିତୀୟ ସ୍ୱାମୀଙ୍କ ପୂଜାବେଳେ ସହଯୋଗୀ ହୋଇପାରେ ନାହିଁ । ଅବଶ୍ୟ ଦ୍ୱିତୀୟ ସ୍ୱାମୀର ପୁତ୍ର ସନ୍ତାନର ମା ହେଲେ ସେ ପୂଜା ପାର୍ବଣରେ ସ୍ୱାମୀର ସବୁକାମରେ ସହଯୋଗୀର ମାନ୍ୟତା ହାସଲ କରେ ।

କନ୍ୟାର କାନ୍ଦଣା ଗୀତ
ସୁନୁମ୍ ସାସାଂ କ ଅଜଃ କିଦିଞ୍ଚ
ଭିତାର ବଲନ କ ବାରୁନ୍ କିଦିଞ୍ଚ

ମନେ ତିଞ୍ଜ ଲାଇୟା ଜିଓ୍ୱତିଞ୍ଜ ରାଗା
ଚେତାଃ ଗ ତଆ ଦାରେମ୍ ହାରାଲିଦିଞ୍ଜ
ଆପା ବାରେଖନ୍ ଇଞ୍ଜଦମ ସାହାଞ୍ଜକାନ୍
ବଙ୍ଗା ବୁରୁଖନ୍ ଦମ ଭେଗାରିଞ୍ଜ କାନ୍

ଓଡ଼ିଆ ଭାବ-

ତେଲ ହଳଦି ମୋ ଦିହରେ କଲେ ଲଗାଣ ।
ଭିତାର କୁ ପଶିବାକୁ ପୁଣି ମୋତେ କଲେ ବାରଣ ॥
ହୃଦୟ କାନ୍ଦୁଛି ମନହୁଏ କାଲୁ ବାଲୁ ।
କ୍ଷୀର ବୃକ୍ଷ ମୋତେ କାହିଁକି ବଢେଇ ଥିଲୁ ॥
ବାପା ଭାଇଙ୍କ ପାଖରୁ ଦେଲୁ ଦୂରେଇ
ଦେବ ଦେବୀଙ୍କଠୁ ଦେଲୁ ଅଲଗା କରେଇ ॥

ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀ ଲୋକଟି ପୁନଃ ବିବାହ କଲେ ମଧ୍ୟ ସେ ତା ସ୍ୱାମୀର ପୂର୍ବଜଙ୍କ ଇଶାଣ କୋଣକୁ ପ୍ରବେଶ କରିବାକୁ ଅନୁମତି ପାଏ ନାହିଁ । ଏହି ଭାବକୁ ବ୍ୟକ୍ତ କରୁଥିବା ଗୀତ (ଲାଗ୍ଣେଁ ସେରେଞ୍ଜ)

"ସାମାନମ୍ ଆଦିବାସୀ ଡାଙ୍ଗୁଆ କୁଳିବାହୁ
ଡାଙ୍ଗୁଆ କୁଳିବାହୁ ଡଗର ଭିତିରି କାନ୍ଧାରେ
ଭିତିରି କାନ୍ଧାରେ ରେ ଡଗର ବଙ୍ଗାକ ତାଲାରେ
ଛାଡୁଇ କୁଳିବାହୁ ଛାଡୁଇ କୁଳିବାହୁ
ଡଗର ବାହାରେ କାନ୍ଧାରେ
ବାହାରେ କାନ୍ଧାରେ ଡଗର ବଙ୍ଗାଙ୍କ ବାହେର୍‌ରେ"
କୁମାରୀ ଯୁବତୀର ବିବାହରେ ସେ

ସ୍ୱାମୀର ଇଶାଣ କୋଣ (ଭିରାରରେ)ରେ ପୂର୍ବଜଙ୍କ ସହ ସ୍ଥାନ ରହିଛି । ସ୍ୱାମୀ ପରିତ୍ୟକ୍ତା ଦ୍ୱିତୀୟ ସ୍ୱାମୀର ଇଶାଣ କୋଣର ବାହାରେ ହିଁ ତାର ସ୍ଥାନ ।

# ବର ଓ କନ୍ୟା ଶରୀରରେ ତେଲ ଓ ହଳଦୀ ଲଗେଇବା ପରମ୍ପରାକୁ ନେଇ ଗୀତ

ବହୁ ସମାଜରେ ବିବାହ ବେଳେ ବର ଓ କନ୍ୟାର ଦେହରେ ତେଲ ଓ ହଳଦୀ ଲଗେଇବା ଚଳଣି ପ୍ରଚଳିତ । ଆଉ ମଧ ପରମ୍ପରା ରହିଛି ଏତିକି ବେଳେ ମହିଳାମାନେ ଗୀତ ବୋଲିବା ସଂଖ୍ୟା । ଗରିଷ୍ଠ ସାନ୍ତାଳ ଆଦିବାସୀ ମାନଙ୍କ ବିବାହ ବେଳେ ସ୍ତ୍ରୀଲୋକମାନେ ଗାଉଥିବା ଗୀତ ଏହିପରି-

ଚନ୍ଦ ସୁରୁଜମୁନି, କୁନାମି ୟେନ୍
ନେଣ୍ଡା ସୁରୁଜମୁନି ସେଟେର ଏନତାମ୍
ତେହେଞ୍ଜ ଞିନ୍ଦା ଦଲେ ସୁନୁମ୍ ସାସାଙ୍ଗ ମେଁ ୟେଁ ।
ଗାପା ସିଙ୍ଗାଳ ରେଲେ ବିଦାୟ ମେଦ
ଚିରୁ ନାଙ୍ଗାରରେଦ ଜାନାମ୍ ସୁରୁଜମୁନି
ଚମ୍ପା ନାଙ୍ଗାର ରେଦ ନାମଦ ରାନୀ

ଓଡ଼ିଆ ଭାବ-

ସୁରୁଜ ମୁନି !
ବାହା ଲଗନ ତୋ ଚନ୍ଦ ପୂର୍ଣ୍ଣମୀ
ଅଲୋ ବଉଳ !
ସଞ୍ଜେ ଲଗେଇବୁ ହଳଦୀ ତେଲ
ସକାଳେ ଗଡିଲେ ଶାଶୁଘର ଯିବୁ ଉପର ବେଳ ॥
ସୁରୁଜ ମୁନି
ଚିରୁ ନଗରରେ ଥିଲୁ ଜନମୀ ॥
ଆଲୋ ସଜନୀ ।
ଚମ୍ପା ନଗରରେ ହେବୁ ତୁ ରାଣୀ ॥

ବିବାହ ଦୁଇଜଣ (ପୁରୁଷ ଓ ନାରୀ) ଙ୍କ ସହ ସମ୍ବନ୍ଧ ସ୍ଥାପନ କରିବା ସହ ଦୁଇ ପରିବାର ଦୁଇ ଗାଁ ମଧ୍ୟରେ ସମ୍ପର୍କ ସ୍ଥାପନ କରେ । ଉଭୟ ବର ଓ କନ୍ୟା ଗାଁର ଜନ ସମୁଦାୟ ବିବାହ ଉତ୍ସବରେ ବିଭିନ୍ନ କାର୍ଯ୍ୟରେ ଅଂଶ ଗ୍ରହଣ କରନ୍ତି । ବିବାହ କାର୍ଯ୍ୟ

ସମ୍ପାଦନ ପୂର୍ବରୁ ଗାଁର ମୁରବୀ - ମାଝି ହାଡାମ (ଗାଁ ମୁଖିଆ) ନାଏକେ, (ଗାଁ ପୂଜକ) ଆଦିଙ୍କୁ କନ୍ୟାର ମାତାପିତାଙ୍କ ସହ ଶରୀରରରେ ତେଲ ଲଗେଇବା ପରମ୍ପରା ସାନ୍ତାଳ ସମାଜରେ ରହିଛି ।

ମାଇଁ ଞୁତୁମ୍ ଗିରାକ୍ ତଲକେଦ
ମାଇଁ ଦ ଅଜଃ ଆୟପେ ବାହାସୁନୁମ୍
ମାଝି ଅଜଃ ଆୟପେ ବିରରେନାଃ
କୁଜୁରି ସୁନୁମ୍ - ବିରରେନାଃ କୁଜୁରି ସୁନୁମ୍
ନାଏକେ ଅଜଃ ଆୟପେ କୁଇନ୍‌ଡି ସୁନୁମ
ଆୟବାବା ଅଜଃ କିନପେ ନିମ୍ ସୁନୁମ୍
ଲୁତୁୟ ଲୁତୁୟ ବିଟି ସୁନୁମ୍ ଅଜଗମେ
ଜାଓ୍ୱାଁୟ ଅଲାଃରେ ବିଟି
ସନେର ଝାବରା ସନେର ଝାବରା
ଅନା ଅଲାଃରେ ବିଟିଲେ ଜାଓ୍ୱାଁୟ କାମା

ଓଡ଼ିଆ ଭାବ-

ଝିଅର ନାଁରେ ଲୁଗାର କାନିରେ
ଗଣ୍ଠିତ ପକେଇ ଦେଲ ।
ଝିଅର ଦେହରେ ଲଗେଇ ଦିଅ ଗୋ
ସୁବାସିତ ଫୁଲ ତେଲ ॥
ଗାଁ ମଖିଆଙ୍କୁ କୁଜୁରି ତେଲ ।
ଗାଁ ପୂଜାରିଙ୍କୁ କଚଡା ତେଲ ॥
ବାପା ମାଆଙ୍କୁ ତ ଲଗାଅ ନିମ୍ବର ତେଲ ।
ଲଗେଇ ନେଲୋ ଝିଅ ମୁଲାଏମ୍ ତେଲ ॥
ଚିକଣ  ହଳଦୀ ଝିଅ ଲୋ ନେଏ ଲଗେଇ ।
ଜୋଇଁ ଘରେ ଅଛି କାନଫୁଲ ତୋ ପାଇଁ ॥
ସେଇ ଘରକୁ ତ ବିଦା କରି ଦେବୁ
ତୋତେ ଆମେ ବିଭା ଦେଇ ॥

ସାନ୍ତାଳ ବିବାହବେଳେ ଅତୁଟ ବିବାହ ବନ୍ଧନ ଥିବା ତିନି, ବା ପାଞ୍ଚ ବା ସାତ ଯୋଡ ଦମ୍ପତିଙ୍କୁ ତେଲ ଲଗେଇ ଦେବା ପରମ୍ପରା ମଧ୍ୟ ରହିଛି । ସାନ୍ତାଳ ବିଶ୍ୱାସ ଏହି

ଯୋଡକ ରହିଥିବା ଅତୁଟ ବିବାହ ସମ୍ପର୍କ ପରି ନୂଆ ବରକନ୍ୟାଙ୍କ ବିବାହ ସମ୍ପର୍କ ମଧ୍ୟ ଜନ୍ମ ଜନ୍ମକୁ ରହିବ ।

ଅନ୍ୟ ଏକ ଆଦିବାସୀ ଗୋଷ୍ଠୀ ଯାହାଙ୍କୁ ଜମିଜୁମା ଦଲିଲରେ ଭୂମିଜ ରୂପେ ପଞ୍ଜିକୃତ କରାଯାଇଛି । ଏମାନେ ନିଜକୁ ମୁଣ୍ଡା ନା ମୁଣ୍ଡାରୀ ରୂପେ ପରିଚୟ ଦିଅନ୍ତି । କୋହ୍ଲ (ହୋ) ମାନେ ଏମାନଙ୍କୁ ତାମଡିଆ କିମ୍ବା ମୁଟକାନ୍ ରୂପେ ଜାଣନ୍ତି । ଅବଶ୍ୟ ସାନ୍ତାଳମାନେ ଏମାନଙ୍କୁ ମୁଣ୍ଡା କହନ୍ତି । ଏମାନଙ୍କ ବିବାହ ବେଳେ ସ୍ତ୍ରୀ ଲୋକମାନେ ବର କନ୍ୟାଙ୍କୁ ବା ବରକୁ ବା କନ୍ୟାକୁ ତେଲ ହଳଦୀ ଲଗେଇବା ବେଳେ ତାଙ୍କ ଭାଷାର ଗୀତଗୁଡିକ ବୋଲି ଥାନ୍ତି ।

(୧)

ସାବେନ୍ ଦିନ୍‌ମାଦୁଲା, ଅଳାଃରେ କାକ ଲେଲଃ ହଳ
ତିସିଂ ଟିଆରେ ଦୁଲା, ଅଳାଃରେ ମେନାଃ ହଳ
ହଳମାକ ମେସାନଜାନା ସାସାଂନାକ ବସଃ କେଦମେ
ଆବୁ ଦିସୁମ୍ ରେୟାଃ ସାସାଂ ବସଃ କେମା

ଓଡ଼ିଆ ଭାବ-

ସବୁଦିନେ ଧନ ଏତେ ଲୋକବାକ ଘରେ ନଥାନ୍ତି ।
ଆଜି କିଆଁ ଘରେ ଏତେ ଲୋକଭିଡ ଜମେଇଛନ୍ତି
ସଭିଏଁ ଏକାଠି ହୋଇଛନ୍ତି ଘର ଦୁଆରେ ଖୁନ୍ଦି
ହଳଦୀ ଲେପନ ଉଛବେ ଲେପି ଦେବେ ହଳଦୀ

(୨)

ଗିନା ଗିନା ଭରି ତେଲ
ଥାଳି ଥାଳି ଭରି ହଳଦୀରେ
ମାଖି ଲିଅ ଖାଁକି ଲିଅ
ମା ଗୋ ଧନୀ ! ଖାଁ କି ଲିଅ
ସାତ ବୁଟଲା ସିନ୍ଦୁର ଧନୀ
ପଇରା ତବେ ଧନୀ !
ଯାବେ ଶଶୁର ଘର

ଓଡ଼ିଆ ଭାବ-

ଗିନା ଭରା ତେଲ ଥାଳିରେ ହଳଦୀ
ନେଏ ତୋ ବୋଲି ।

ଦୁଲାଳୀ ତୋର ଦେହରେ ସିନ୍ଦୁର
ସାତ ପୁଟୁଳି ॥
ତେଲ ହଳଦୀ ତୁ ଲଗାଇ ପିନ୍ଧିଲେ
ସିନ୍ଦୁର ନାଇ ।
ଦୁଲାଳୀ ଗୋ ଶାଶୁ ଘରକୁ ପରାଲୋ
ଯିବୁଟି ତୁହି ॥

କୋଲ୍ହ (ହୋ -ମୁଣ୍ଡା) ମାନଙ୍କ ବିବାହ ପୂର୍ବରୁ ପୁଅ-ବର, ଝିଅ କନ୍ୟାଙ୍କୁ ସାତ ଦିନ ତେଲ ହଳଦି ଲଗେଇବା ଚଳଣୀ ରହିଛି । ଏତିକି ବେଳେ ହୋ ରମଣୀମାନେ ସୁଲଳିତ କଣ୍ଠରେ ଗୀତ ଗାନ କରନ୍ତି ବୋଲିଥାନ୍ତି । କନ୍ୟା-ଝିଅ ପାଇଁ ବାପ ଘର କେତେ ସୁନ୍ଦର ଓ ଶାଶୁଘର ସଦାବେଳେ କେତେ କଷ୍ଟଦାୟକ- ଏକଥା ବର୍ଣ୍ଣନା କରୁଥିବା ଗୀତ (ତେଲ ହଳଦୀ ଲେପନ କରିବା ବେଳର ଗୀତ) ।

ନେଙ୍ଗାମେ ନଲାଃ ସାସାଂ ମାଇନା
ନାପୁମେ ନଲାଃ ସୁନୁମ୍
ମିତି ଲଅକ ମିସାତାଡା ମିତି ମୁତୁଡ ମୁତୁଡ
ହାନାରମେ ନଲାଃ ସାସାଂ ମାଇନା
ହଞ୍ଜାରମେ ନଲାଃ ସୁଦୁମ୍
ଗିତିଲ ଲଅକ ମିସାତାଡା ଗିତିଲ ସେଗୟ ସେଗୟ ।

ଓଡ଼ିଆ ଭାବ-

ବାପଘର ତେଲ ମା ହାତର ହଳଦୀ
ଦେହକୁ ମୁଲାଏମ୍ ମହକି ଉଠେ ସୁଗନ୍ଧୀ ।
ଶାଶୁଘର ତେଲ ଶଶୁର ଘର ହଳଦୀ
ଦେହକୁ ରଗଡେ ବାଲିତ ହେଇଛି ଖୁନ୍ଦି ॥

# ବିବାହ ବେଳର ଅନ୍ୟାନ୍ୟ ଗୀତ

ଭୂମିଜ (ମୁଣ୍ଡା) ସଂସ୍କୃତିରେ ପଡୋଶୀ ହିନ୍ଦୁ ସଂସ୍କୃତିର ପ୍ରଭାବ ପଡିଥିବା କଥା ସ୍ପଷ୍ଟରୂପେ ବାରି ହୋଇଯାଏ । ସେମାନଙ୍କ ସାମାଜିକ କର୍ମକର୍ମାଣୀ ବେଳେ ବ୍ରାହ୍ମଣ, ଧୋବା, ବାରିକ ଆଦି ଜାତି ନିୟୋଜିତ ହୋଇଥାନ୍ତି । ଏହାକୁ କଥାବସ୍ତୁ କରିଥିବା ବିବାହ ବେଳେ ଏମାନଙ୍କ ମହିଳାମାନେ ଗାନ କରୁଥିବା ଗୀତ ।

(୧)

ବଙ୍ଗାଗେମ୍ ବାମ୍ହଣେ ସେବାଗେମ୍
ବାମଣେ ବଙ୍ଗାଗେମ୍
ଇଲିନ୍ତୁଃ ବାମଣେ ମାଆଗୋ ନମଂ ନମଂ ଯେଦାଃ
ମାଆଗା ନମଂ ନମଂ ଯେଦାଃ
ଗେଣ୍ଡାଜମ୍ ବାମଣେ ମାଆଗା ନମଂ ନମଂ ଯେଦାଃ ।

ଓଡ଼ିଆ ଭାବ-

ପୂଜା କରୁଛି ବ୍ରାହ୍ମଣ କରୁଛି ସ୍ୱାହା
ମାଗେ ନମଃ ନମଃ କରେ ହାଣ୍ଡିଆ ପିଆ
ନମସ୍ତେ ନମସ୍ତେ ଧୂପ ଦୀପ ଜଳାଇ
ଗେଣ୍ଡାଖିଆ ବ୍ରାହ୍ମଣଟା ପୂଜା କରଇ ॥

(୨)

ମାଣି ମାଣି ନାରନି ଉଦୁରେମ୍ ନାଉଁଆଁ
ଦାଦା ଆଲେୟାଃ ସାଆଗା ହନକଲା
ଆଲେୟାଃ ହନକଲା ସେନାଃ ହଞ୍ଜାର ଅଲା
ବୁଗିନ୍ ଆଲାତା ଅମେମେ ନାଉଁଆଁ
ସୀତା ଆଲାତା ସାଲାକାତେ ଲଗାଅମେ
ହନକଲା ଆଲେୟାଃ ସେନାଏ ହଞ୍ଜାର ଅଲା
ଉଲିସାକାମ୍ ବାଇକାତେ କାକନଏମ୍ ତଲକେଦ
ବାମଣେ ପଏତାମ୍ ନାମକେଦ୍
ଅକୟାଃ ହନକୁଳି ନାତେନ୍ ଦୁଲାତାଞ୍ଜି
ବାମ୍ହଣେ ପଏତାମ୍ ନାମ୍କେଦ

ଓଡ଼ିଆ ଭାବ-

ନହୁରୁଣୀ ପାତ ଚଳାରେ ନାପିତ
ହାତ କରୁଥିବୁ ଧୀର ।
ବରବେଶ ହୋଇ ଆମ ସୁନାଭାଇ
ଯିବଟି ଶ୍ୱଶୁର ଘର ॥
ଗାଢ ଅଳତାକୁ ବୁଢା ଅଙ୍ଗୁଳିରେ
ପାଦରେ ଦେବୁ ପିନ୍ଧେଇ ।
ନାଲି ଟହ ଟହ ପାଦ ନେଇ ଯିବ
ଶ୍ୱଶୁର ଘରକୁ ଭାଇ ॥
ଆମ୍ବ ପତରକୁ ହାତେ ବନ୍ଧେଇଲା
କିଏ ସେ କନିଆଁ ସିତା ।
ସେଇ କନିଆଁକୁ ସ୍ତିରୀ କରିବାକୁ
ପୁଅ କାନ୍ଧରେ ପଇତା ॥

ଭୂମିଜ ବର ବିବାହ ବେଳେ ପଇତା ପିନ୍ଧେ ଓ ବିବାହ ହେବାକୁ ଯାଏ । ଏହାପରେ ମଧ୍ୟ ତା କାନ୍ଧରେ ପଇତା ଧାରଣ କରିଥାଏ । ଏହା ହିନ୍ଦୁ ପଡୋଶୀର ପ୍ରଭାବ ଯୋଗୁଁ ହୋଇଛି ।

କୋହ୍ଲ (ହୋ-ମୁଣ୍ଡା) ମାନଙ୍କ ବିବାହ ପ୍ରସ୍ତାବ ବରଘରୁ ଆସିବା ପରେ କନ୍ୟାଘରର ଲୋକମାନେ ବରର ଘର ଦୁଆରକୁ ଦେଖିବାକୁ ଆସନ୍ତି । କନ୍ୟାପକ୍ଷର ଲୋକଙ୍କ ଗୋଡକୁ ତେଲ ପାଣିରେ, ପିଢାରେ ରଖି, ଧୋଇ ଦେବା ପରମ୍ପରା ରହିଛି । ସବା ଶେଷରେ ଧୋଡ ଧୋଇ ହେଉଥିବା ଲୋକର ଗୋଡକୁ ଧୋଇ ଦେଉଥିବା ସ୍ତ୍ରୀ ଲୋକଟି ଜାବୁଡି ଧରି ପାରିଶ୍ରମିକ ଦାବି କରେ । ଏହି ଘଟଣାକୁ ବିଷୟବସ୍ତୁ କରି ନିମ୍ନୋକ୍ତ ଲୋକୋକ୍ତି ଓ ଗୀତ ।

ନାମା ଦାଃ କାଳବ୍ ଦାଆଲ
ବାଲାକ କାଟା ଆବୁଙ୍ଗ ତାନରେ ବାତ୍‌କ

ଓଡ଼ିଆ ଭାବ-

ନୂଆ ପାଣି କଙ୍କଡା ଗୋଡକୁ ଭିଡି ଧରିବା
ଗୋଡ ଧୋଇଲା ବେଳେ ବନ୍ଧୁମାନଙ୍କ ପାଖରୁ ଉପହାର ଦାବି କରିବା

ଗୀତ

କାଟଃ କାଟାଃ ଦାଲ ତାଡ ମେୟା ବାଲା
କାଟଃ କାଟାଃ ଦାଲତାଡ ମେୟା ବାଲା
ହିସି ଟାକା ତେରେୟ ଦଁସି ଟାକା ତେୟେ
ହାଲେ ଅଡଂଏନ ମେୟାବାଲା

ଓଡ଼ିଆ ଭାବ–

କଙ୍କଡା ଗୋଡକୁ ଧରିଛି ଭିଡି ।
ଭାବୁଛକି ସିଏ ବିନା ମାହାସୁଲେ
ଦେବକି ଛାଡି ? ।।
ଶୁଣ ସମୁଦୀ ହେ ଫିଟା ଖୋସଣି ।
କୋଡିଏ ତିରିଶ ଦିଅ ତ ଗଣି ।
ଛାଡି ଦେଇ ନେବ ମୁକୁଳାଇ
ଛଟକେ ଆଣିବ ଗୋଡକୁ ଟାଣି ।।

କନ୍ୟା-ଝିଅ ଘରର ଲୋକଙ୍କ ପାଇଁ ବିବାହ ହେବା ପରେ କନ୍ୟାକୁ ବିଦାୟ ଦେଉଥିବା ଯୋଗୁଁ ମନରେ ଦୁଃଖ ଆସିଥାଏ । ଏହି ଦୁଃଖ ଭାବକୁ ପ୍ରସ୍ଫୁଟିତ କରୁଥିବା ମୁଣ୍ଡା ବିବାହ ଗୀତ –

"ଅକଏ ରାଗେ ଆଦିଂ ବିତାରରେ
ଅକଏ ରାଗେ ମାଂଚି ଚେତାନରେ
ଅକଏ-ଅକଏ ରାଗେ ଡାଳି ଦାଃରେ
ଅକଏ ରାଗେ ମାଣ୍ଡଆ ତାଲାରେ
ଏଙ୍ଗା ରାଗେ ଆଦିଂ ବିତାରରେ
ଆପୁ ରାଗେ ମାଂଚି ଚେତାନର
ଗାତି ସାଂଗାତିକ ରାଗେ ଡାଳିଦାଃରେ
କଏନଆ ରାଗେ ମାଣ୍ଡଆ ତାଲାରେ"

ଓଡ଼ିଆ ଭାବ–

କିଏ କାନ୍ଦୁଥାଏ ହାଣ୍ଡିଶାଳ କଣେ ପଶି
କିଏ କାନ୍ଦେ ପୁଣି ମାଞ୍ଚିଆ ଉପରେ ବସି ।।
କିଏ ସେ କାନ୍ଦନ୍ତି ଝରଣା ପାଣି ଘାଟରେ
କିଏ କାନ୍ଦଇ ଛାମଡିଆ ବେଦୀରେ ।।

ହାଣ୍ଡିଶାଳ କଣେ ମାଆ କାନ୍ଦୁଥାଏ

ବାପା ମାଙ୍ଗୁଆ ଉପରେ ।

ପାଣି ଘାଟେ ସୁହାଗି ସଂଗିନୀ

କନିଆଁ କାନ୍ଦେ ବେଦୀରେ ॥

(୨)

କୁଲମୀ (ମହାନ୍ତ) ଗୀତ-

ବାପ୍ କାନ୍ଦେ ସଭାୟ ବସି

ମାଇ କାନ୍ଦେ ଭିତର ଘାରେ

ଭାଇ କାନ୍ଦେ ଛାମଣ୍ଡା ଧରି

ବହିନ କାନ୍ଦେ ଆଞ୍ଚଲ ଧରି ଗୋ

ଓଡ଼ିଆ ଭାବ-

ବାପା କାନ୍ଦୁଛନ୍ତି ସଭା ମଝିରେ ।

ମାଆ କାନ୍ଦେ ପଶି ଗମ୍ଭୀର ଘରେ ॥

ଛାମୁଡିଆ ତଳେ ଭାଇ କାନ୍ଦୁଛନ୍ତି ପୁଣି ।

ପଣତ ଉହାଡେ କାନ୍ଦେ ଭଉଣୀ ॥

ସମଗ୍ର ଭରତବର୍ଷରେ ବିବାହ ଅବସରରେ ଗାନ କରାଯାଉଥିବା ଗୀତଗୁଡିକ ଭଳି ଏହି ବଣ ମୁଲକରେ ବିବାହ ଗୀତ ଗୁଡିକରେ ଗାଳି (ଭର୍ତ୍ସନା)ରେ ପରିପୂର୍ଣ୍ଣ। ଦୁଇ କୁଟୁମ୍ବଙ୍କର ମଧୁର ମିଳନ ଅବସରରେ ଏହି ବ୍ୟଙ୍ଗ ବିନୋଦଗୁଡିକ ଭାରି ସୁନ୍ଦର ଲାଗେ. କେତେକ ଗୀତ ବରକନ୍ୟାଙ୍କ ଆଶୀର୍ବାଦ ପାଇଁ ଓ ଆଉ କେତେକ ଆତ୍ମୀୟସ୍ୱଜନଙ୍କ ସ୍ୱାଗତ ପାଇଁ ଉଦ୍ଦିଷ୍ଟ ।

ମୁଲଗା ନାଲା ନାକ ସାସାଙ୍ଗ ତାତା

ସାସାଙ୍ଗ ତାତା

ରାସୁଇଁ ନାଲାଃନାକ ପିଆଜି ତାତା

ପିଆଜି ତାତା (ହୋ ଗୀତ)

ଓଡ଼ିଆ ଭାବ-

ଅଭିଲା କଥାଏ କେତେ ଅବାଗ ।

ଭଜା ହୋଇଅଛି ସଜନା ଶାଗ ॥

ହଳଦି ତହିଁରେ ମିଶା ।

ରସୁଣ ଶାଗରେ ପଡିଛି ପିଆଜ

କଥାଟା କ ଲୋକ ହସା ॥

ଉପରୋକ୍ତ ବିବାହ ବେଳର ହୋ ଗୀତଟି ସୂଚୀତ କରୁଛି ଯେ ବର କନ୍ୟାଙ୍କ ମଧ୍ୟରେ ରୂପରେ ତାରତମ୍ୟ, ଉଚ୍ଚତାରେ ତାରତମ୍ୟ, ରଙ୍ଗରେ ତାରତମ୍ୟ ରହିଛି । ଏହା ଏକ ବ୍ୟଙ୍ଗ ବିନୋଦ ଗୀତ । ଯେପରି ସଜନା ଶାଗକୁ ଭାଜିଲା ବେଳେ ହଳଦି ପଡେନାହିଁ କି ଗିଆଜ ଶାଗକୁ ରାନ୍ଧିଲା ବେଳେ ରସୁଣ ପଡିବା କଥା ଠିକ୍ ନୁହେଁ ସେହିପରି ବୁଢାବରକୁ କଞ୍ଚ କନିଆ, (ଯୁବତୀ କନିଆ) ଡେଙ୍ଗାବରକୁ ଗେଡି କନିଆ, କଳା ବରକୁ ଗୋରୀ କନିଆ ଆଦି କଥା ଶୁଣିବାକୁ ବା ଦେଖିବାକୁ ସୁନ୍ଦର ଲାଗେ ନାହିଁ । ଏପରି ଘଟଣା ଆଖିରେ ପଡିଗଲେ ହୋ ରମଣୀମାନେ ଏପରି ଗୀତ ଗାଇଥାନ୍ତି ।

(୨)

ଦୁନିଆ ଗଟା ଏରାମ୍ ସାଲାକେନ୍
ରାଇଜିଗଟା ନେରାମ୍ ସାଲାକେନ୍
କୁଣ୍ଡାମେରେ ସସ ମାଟିଆ ନାଂଜମ୍ ବରତେ
କାକ ନେମାଡ୍ ମେୟା ବାଲା
ନାଜମବର କାକ ନେମାଡ୍ ମେୟା ବାଁଲା
ଆଲେଗେଛ ସେଁୟାଁ ମେନତେ
ନେରାଲେ ଗଂଗ ଆଡ୍ ମେଁ

(ହୋ ବାପାଲାଦୁରାଂ)

ଓଡ଼ିଆ ଭାବ-

ସାରା ମୁଲକଟା ବୁଲିଲ ସମୁଦୀ
କନିଆ ଉଣ୍ଡି
ତମ ବାରିପଟ ଚାଳରେ ଝୁଲୁଛି
ଭାଲିଆ ହାଣ୍ଡି
ହାଣ୍ଡିରେ ଜହର ସଭିଏଁ ତଡିଲେ
ନ ଦେଲେ ବୋହୂ
ଆମେ ବିଚାରିଲୁ ଅଭିଆଡ ତମ
ପୁଅ ନ ରହୁ (ନହେଉ)
ତୁମକୁ ଆମର ଦେଲୁ କନିଆଁ
ଚାଳରେ ଏଣିକି ମୋଟେ
ଟାଙ୍ଗିବନୀ ହାଣ୍ଡି ଭାଲିଆ

(ହୋ ନିର୍ବନ୍ଧ ଗୀତ)

(୩)

କାଲିତୋଲା କୁଲହି ମୁଣ୍ଡରେ
ମାଲା ସେନା ମୁନ୍ଦାମ୍ ନାକ ହାଟ୍ ଆକାଦେ
ଅନାରେହଁ ବାୟ ବିକାଉ ଲେଦା
କାଲି ତୋଲା ବିକାଉ ଅଚଃ କ ଆଗୁଆ କାଦେ
ଝାଣ୍ଟି ଝିଙ୍ଗା ଲେକାଏ ଦେଦାଏ ଡଡ୍ ଚାବାଏନ୍
ବୋଗିରେ ଦାୟ ବାଇଲେ ନାଲେ ମାଇଁ ତା ହେକାନା
ଝାଣ୍ଟି ଝିଙ୍ଗାଦଏ ଗଦେଏ ତାରାକେଦ୍
ଦାଣ୍ଡ ମୁଣ୍ଡ ପାଖ ବାଟ ।
ସେଇଠି ବଇଚି ଫୁଲମାଳ ମୁଦି ହାଟ ॥
ବୁଢା ଜହ୍ନି କେହି କିଣିଲେ ନାଇଁ
କାଳିତୋଲା ଦାଣ୍ଡେ ବସିଛନ୍ତି ତାକୁ ବିକିବା ପାଇଁ
ବାଡି ଜହ୍ନି ବାଡେ ପାକଳ ହେଲା
କେହି ତୋଳିଲେନି
ଭାଗ୍ୟକୁ ଆମରି ଝିଅ ବୁଢା ଜହ୍ନି ତୋଳି ଆଣିଲା ॥

- (ସାନ୍ତାଳ ବିବାହ ନାଚଗୀତ)

(୪)

ନାଲେ ବାବୁଦ ବାବୁ ତାଲେଦ
କେଲାଏ ଗୁପି କେନାଏ କେଲା ରୁମଟାଂ
କେଲାଏ ଗୁପି କେନାଏ କେଲା ରୁମଟାଂ
ନାପେ ତାପେଦ ମାଇଁ ତାପେଦ
ସୁକୁରିକଏ ଗୁପିକେନାଏ ସୁକୁରି ଚୁମଟିଂ
ସୁକୁରିକଏ ଗୁପିକେନାଏ ସୁକୁରି ଚୁମଟିଂ

- (ମୁଣ୍ଡା ଆଣଦି ଦୁରାଂ)

ଓଡ଼ିଆ ଭାବ-

ଆମ ପୁଅତ ଆମ ପୁଅତ
ମଇଁଷି ଜଗୁଆ ଭେଣ୍ଡା ।
ବୁଢାହଡା ନୁହେଁ ମଇଁଷି ପରିକା କଳା ଭୁଷୁଣ୍ଡ ।

ତୁମ ଝିଅତ ତୁମ ଝିଅତ
ଚରଉଥିଲା ଘୁଷୁରି ।
ବୁଢୀ ହାଡି ନୁହେଁ ଘୁଷୁରି ପରିକା କାଳି କୁତୁରି ॥

(ମୁଣ୍ଡା ବିବାହ ଗୀତ)

(୫)
ମାଇ ତାଲେଦ ବୁଇ ତାଲେଦ
କୁଜୁରି ସୁବାରେଲେ ତିଙ୍ଗୁଲିଆଃ
କୁଜୁରି ନାଇକ ଲେକାଏଃ  ଲେକ ଚେଁଡଏ
ବାବୁ ତାପେଦ ବୟ ତାପେଦ
ହାତାନାଃ ସୁବାରେଃ ତିଙ୍ଗୁ କେନା
ହାତାନାଃ ଜ ଲେକାଏଃ ରେତପେତ
ତାତାନାଃ ଜ ଲେକାଏଃ ରେତ ପେତ

(ହୋ ଆଁଆଁ ଦି ଦୁରାଂ)

ଓଡ଼ିଆ ଭାବ-

କେତେ କଅଁଳିଆ ଛନ ଛନ ହୋଇ
ବଢିଛି କୁଜୁରି ଲତା ।
ସେହିଲତା ତଳେ ଠିଆ କଲୁ ଆମ
ଭଉଣୀ ଆମ ଦୁହିତା ॥
କୁଜୁରି ଲତାର ପରି ।
କେତେ କଅଁଳିଆ ଛନଛନ ହୋଇ ଦିହତା ଉଠିଛି ପୁରି ॥
ଅସନ ଗଛର ଫଳ ରହିଁ ଦେଖ
ଆବୁଡା ଖାପୁଡା ଦିହ ।
ତାହାରି ତଳରେ ହୋଇଥିଲା ଠିଆ
ସେହି ଟୋକା ତୁମ ପୁଅ ॥
ଅସନ ଫଳର ପରି ।
ପୁଅର ଚେହେରା ଗୋଟା ସାରା ଖାଲ
ଢିପରେ ଯାଇଛି ଭରି ॥

(ହୋ ବିବାହ ଗୀତ)

(୬)

ଏଲାନା ଦଲାନା ଫାଲନା କଆଃ

ହନ୍ ଜାମାଙ୍ଗ ଲେଲତେ

·କାନା ନାପେ ଲେଲାଇଆ ମିରୁ ମଚନା

ତାବେଲା ଗୁଟୁ (ଭୁମିଜ ଆଣଦି ଦୁରାଂ)

ଓଡ଼ିଆ ଭାବ-

ଦେଖିବା ତାଙ୍କର ଝିଅଜୋଇଁଙ୍କୁ ।

ତୁମେ କଣ କେବେ ଦେଖିନ ତାଙ୍କୁ ॥

ଟିଆ ପରି ମୁହଁ ବଙ୍କା ନାକିଆ ।

ନାକ ତଳେ ନିଶ ଧାର ଟାଙ୍ଗିଆ ॥

(୭)

ଅକନିଃ ନା ଅକନିଃ

ଦିତ୍ କିମିନ୍ ଦ

କାଚି ତେରେମ୍ ନେଲାଃଇୟା

ଦିତ୍ କିମିନ୍ ଦ

ନି-ଦୁନା-ନି ଦୁ

ବିଲାଇ ମୁଟା ଲୟମୁଙ୍ଗ

(ହୋ ଆଁଆଁଦି ଦୁରାଂ)

ଓଡ଼ିଆଭାବ-

କାହିଁଅଛି ତୁମ ନୂଆ କନିଆଟି

ଦେଖିଥାନ୍ତେଟିକେ ମୁହଁଟି ତାର

ହେଇ ଦେଖ ସେଠି ଠିଆଟା ହୋଇଛି

ବିଲେଇ ମୁହଁଟା ପକା ନଜର ॥ (ହୋ ବିବାହ ଗୀତ)

(୮)

ନାଲେ ତାଲେ ବାବୁ ତାଲେଦ

ତୁବାରେଏ ଜମକେନା ତୁବା କମ୍ କମ୍

ନାପେ ତାପେ ମାଇଁ ତାପେଦ

ତାତାରେଏ ଜମକେନା ତାତା ଏଲେଚେ କେଃ (ମୁଣ୍ଡା ଗୀତ)

ଓଡ଼ିଆ ଭାବ-

ଆମ ପୁଅ ତ
ଖାଉଥିଲା ବୋଲି କଂସା ବେଲାରେ
କଂସା ପରି ସେ ଚକମକ କରେ ॥
ତୁମ ଝିଅ ତ
କାଠ ତାଡାଏରେ ଅଢାରେ ଖାଏ ।
ଦିଶେ ଲୋଗ୍ଣ କୋଗ୍ଣ ତାଡାଏ ପ୍ରାୟେ ॥

(୮)
ଆପେ ଆପେ ଦୟା ବର ବରେଃହାତିକ
ସେଅ ସେକରତେ ଉଡ୍ଡୁଂ ବଲତେ
ଇଲିପେ ନୁଉ ତାନା ତୁମୁତ୍ ତୁମୁତ୍ ॥ (ଭୂମିଜ ଆଣନ୍ଦି ଦୁରାଂ)

ଓଡ଼ିଆ ଭାବ-

ବରଯାତ୍ରୀମାନେ
ତୁମେ ଏପଟ ସେପଟ ହେଉଛ ।
ଘର ଭିତରକୁ ପଶି ଯାଉଛ ॥
ବାହାରକୁ ପୁଣି ବାହାରି ଆସୁଛ ।
ବାରବାର ବସି ହାଣ୍ଡିଆ ଲସି ପିଉଛ ॥

(୯)
ନେ ଢିଙ୍କି କଗ୍ଣରେ ସେତା ଚିନାଏ ଗୟାକାନା
ଧାମଚୁରା-ଧାମଚୁରାଏ ସଆନା
କାଚି ମାଇରେମ୍ ନେଲାନା
କାଚି ମାଇରେମ୍ ଚିନାନା
ସେତା ଚିନାୟ ସୟାତାନା
ଧାମ୍‌ଚୁରା ଧାମଚୁରା ସାଆନା
(ମୁଣ୍ଡା ଆଣନ୍ଦି ଦୁରାଂ)

ଓଡ଼ିଆ ଭାବ-

ଢେଙ୍କିଶାଳ କୋଣେ
ମରି ପଡିଅଛି କୁକୁର କିନା
ଚହଟି ଉଠୁଛି
ଧାମଚୁରା ଧାମଚୁରା ବାସନା ॥

ଦେଖିନାହିଁ ଝିଅ  ଚିହ୍ନି ପାରୁନାହିଁ ପରା ।
କୁକୁର ବାସୁଛି ଧାମଚୁରା ଧାମଚୁରା ॥

ବିଦ୍ର.- ହାଣ୍ଡିଆ ବସାଯାଇଛି । ତିନିଦିନ ହେଲାଣି ତାହାକୁ ପ୍ରସ୍ତୁତ କରି ପରିସିବା ଯୋଗ୍ୟ ହେଲାଣି । ଫଳରେ ହାଣ୍ଡିଆର ବାସନା ମହକୁଛି । ସଙ୍କେତରେ ଏକଥାକୁ ଗୀତ ମାଧ୍ୟମରେ ଇଙ୍ଗିତ କରାଯାଇଛି । ଏ ଗୀତଟି ସୂଚାଇ ଦେଇଛି ମୁଣ୍ଡାମାନେ ବିବାହ ବେଳେ ହାଣ୍ଡିଆ ପାନ କରୁଥିବା କଥା ।

ମୂଳରୂପ-

ସେଦାୟ ଦ ନେଙ୍ଗାଞ୍ଜାଦ
ହାଟାଃତେ ଥାପଳେ ଲିଦିଞ୍ଜ
ଜନଃତେ ଫାବଳି ଲିଦିଞ୍ଜ ଦ
ନେତାରଦ ନେଙ୍ଗାଞ୍ଜାଦ
ବାରଟାକା ବାର ଖାଣ୍ଡାଞ୍ଜ ଗନଂ ଆଦେ
ନେତାରଦ ନେଙ୍ଗାଞ୍ଜ
ହାୟବିଟି ହାୟ ଦୁଲାଳ (ସାନ୍ତାଳ ଦଂସେରେଞ୍ଜ)

ଓଡ଼ିଆ ଭାବ-

ମୋହର କିଶୋରୀ ବେଳା
କୁଲାରେ ମାଁ ମୋତେ ବାଡଉଥିଲା ।
ମୋ ଉପରକୁ ଝାଡୁ ଫୋଡାଉଥିଲା ॥
ଯୁବା ବୟସ ଆସିଲା ।
ବାହା ଦେବା ବେଳ ହେଲା ॥
ମୋତେ ବାହାଦେଇ ନୂଆଟାକା, ଶାଢୀ ମା ପାଇଛି ।
ଝିଅ ପାଇଁ ହାୟ ବାହୁନି ବାହୁନି ଲୁହ ଢାଳୁଛି ॥

(୨)

ଆନ୍ ଦିନଯେ ମାରିସ ମାଁୟଗୋ
ବାଦାଳ ଭାଙ୍ଗିଏଁ
ଆଜ କେନେ କାନ୍ଦିସ୍ ମାଁୟଗୋ
ଆଞ୍ଚଲ ଧରିଏଁ (କୁଳମୀ - ମହାନ୍ତ)

(୨)

ଅତ ଦିନ ଯେ ମାର ମାଆଗ
ବାଦାଳ ଭାଙ୍ଗିଯେ (ପିଟାମାରା କରୁଥାଉ)
ଆଜ୍ କେନେ କାନ୍ଦ ମାଁ ଗୋ
ଆଁଚଲ ଧରିଯେଁ (ଲୋଧା ବିବାହ- ବିଦାୟ ଗୀତ)

# ଅନ୍ୟାନ୍ୟ କାନ୍ଦଣା ଗୀତ

ଗାଛେର୍ ବାଇଗନ୍ ତୁଲ ନା' ମା
ଗାଛ ହବେକ୍ ସୁଧା
କଲେର ବିଟି ବିକ ନା' ମା
କଲ ହବେକ ସୁଧା
(୨)
ଏକଟି ଡେଣିକା ମାଛ
ଖେଲିତେ ବାହିରାଇଲ
ଖେଲିତେ ଖେଲିତେ
ଛାଇଲାଇ ମାକେ ପାସୋରାଇଲ
(୩)
ଲାଲ ଟୁପାୟ ଗୋ ମା
ଘଲ ଭାଜା ଖାବ
ଆର କି ଗୋ ମା ତୋର ଘରେ
ବିଟି ଜନମ୍ ପାବ ॥

# ସାନ୍ତାଳ ବିବାହ ଗୀତ

ଗଲାରେ ଗୁରିଜ୍ ରାଘରେ ଜବରା
ହପନ୍ ମାଇଁ ଦୟ ତକାଏନା
ହପନ୍ ହପନ୍ ମାଇଁ ନାଲାମ୍ ହହ ବେଟା
ହଲା ସିଙ୍ଗାଲ୍ ରେଲେ ବିଦାୟ କେଦେ

ଓଡ଼ିଆ ଭାବ-

ଗୁହାଳେ ପଡିଛି ଗୋବର ଲଣ୍ଡା.
ଅଳିଆ ଅଗଣା ଦୁଆର ପିଣ୍ଡା
ସାନ ଭଉଣୀ ମୋ କାହିଁଗଲା ତାର ମୁହଁ ଦିଶେନା ।
କାଲି ମହଲଣ ଉପରଓଳି
ଆମ ସାନଝିଅ ବିଦା ହୋଇ ତାର ଶାଶୁଘର ଗଲା
ଛୋଟ ଭଉଣୀକୁ ଆଉ ଖୋଜନା ॥

# ଧର୍ମ ସମ୍ପର୍କିତ ସଙ୍ଗୀତ

ମୁଣ୍ଡା ଗୋଷ୍ଠୀଙ୍କ (ସାନ୍ତାଳ, କୋହ୍ଲ-ହୋ, ମୁଣ୍ଡା, ଭୂମିଜ) ଆଦିଧର୍ମ ଅଣଆଦିବାସୀଙ୍କ ଧର୍ମଧାରଣା ଠାରୁ ଭିନ୍ନ । ସେମାନଙ୍କ ଦେବ-ଦେବୀ ସମୂହଙ୍କ ମଧ୍ୟରେ ରହିଛନ୍ତି; ପରମ ସତ୍ତା-ସିଂବଙ୍ଗା, ଗ୍ରାମ ଦେବଦେବୀ, ପୂର୍ବପୁରୁଷଙ୍କ ଆତ୍ମାମାନେ ପ୍ରକୃତିରେ ଅଦୃଶ୍ୟ ଶକ୍ତିମାନ । ସେମାନଙ୍କର ଦେବଦେବୀଙ୍କ ରହଣିସ୍ଥାନ ହେଉଛି ପ୍ରକୃତିର ବଣଜଙ୍ଗଲ, ନଦୀ ଝରଣା, ବୃକ୍ଷ ଆଦିସ୍ଥାନ । ମନୁଷ୍ୟ ନିର୍ମିତ କୌଣସି କୃତ୍ରିମ ଆକୃତିରେ ସେମାନଙ୍କ ଦେବାଦେବୀମାନେ ବାସ କରନ୍ତି ନାହିଁ ।

ସେମାନଙ୍କ ଧର୍ମ ସ୍ୱତଃସ୍ଫୁର୍ତ୍ତ ଓ ତାହା କାଳାତିତ । ଏହା କୌଣସି ଅବତାର ବା ମସାହା ବା ପୈଗମ୍ବର ଆଶ୍ରିତ ନୁହେଁ ।

ସେମାନଙ୍କ ଦେବଦେବୀଙ୍କ କୌଣସି ରୂପନାହିଁ । ତେଣୁ ସେମାନେ ମୂର୍ତ୍ତିପୂଜାରେ ବିଶ୍ୱାସ ରଖନ୍ତି ନାହିଁ କିମ୍ୱା ସେମାନେ ଦେବଦେବୀଙ୍କ କୌଣସି ମୂର୍ତ୍ତି ଗଢନ୍ତି ନାହିଁ ।

ସେମାନଙ୍କ ବିଶ୍ୱାସ ଦେବଦେବୀଙ୍କଠାରେ ରହିଛି ବର୍ଷା, ଫସଲ ଓ ରୋଗ ବ୍ୟାଧିକୁ ନିୟନ୍ତ୍ରଣ କରିବା କ୍ଷମତା । ସେମାନେ ଦେବତାମାନଙ୍କୁ ତୁଷ୍ଟ କରିବା ପାଇଁ କୁକୁଡ଼ା, ପାରା, ଛେଳି, ମଇଁଷି, ଗାଈ ଆଦି ପଶୁପକ୍ଷୀଙ୍କୁ ବଳି ଦିଅନ୍ତି ।

ସେମାନଙ୍କ ବିଭିନ୍ନ ପର୍ବପର୍ବାଣି ଓ ଧର୍ମୀୟ ଉତ୍ସବରେ ଗାନ କରାଯାଉଥିବା ଗୀତରେ ରହିଥାଏ ସାମୂହିକ ମଙ୍ଗଳ କାମନା, ଭଲ ବର୍ଷା, ପ୍ରଚୁର ଫସଲ, ଜଙ୍ଗଲ ଓ ଗୋସମ୍ପଦର ସୁରକ୍ଷା ପାଇଁ ଦେବଦେବୀଙ୍କ ନିକଟରେ ଆକୁଳ ପ୍ରାର୍ଥନା ନିବେଦନ ।

ଏମାନଙ୍କ ଧାର୍ମିକ ବିଶ୍ୱାସ ଲକ୍ଷ ଲକ୍ଷ ଲୋକଙ୍କୁ ଆପଦବିପଦ ବେଳେ, ମାନସିକ ଓ ନୈତିକ ଶକ୍ତି ପ୍ରଦାନ କରେ । ଧର୍ମ ତାଙ୍କୁ ଆଣି ଦେଇଥାଏ ସୁଖ ଓ ଶାନ୍ତି ଏବଂ ନିକଟ ସମ୍ପର୍କୀୟଙ୍କ ମୃତ୍ୟୁଶୋକରେ ଓ ବିପଦ ବେଳେ ଦେଇଥାଏ ସାନ୍ତ୍ୱନା ।

ମୁଣ୍ଡା ଗୋଷ୍ଠୀଙ୍କ ଗାଁରେ ଗ୍ରାମଦେବଦେବୀଙ୍କ ଆରାଧନା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ସୁରକ୍ଷିତ ଥାଏ । ଏଠାରେ ଗ୍ରାମପୂଜକ ସମସ୍ତଙ୍କ ପାଇଁ ଦେବଦେବୀଙ୍କୁ ପୂଜା ସେବା ଦିଅନ୍ତି । ଏମାନଙ୍କ ପୂର୍ବଜଙ୍କ ରହଣି ସ୍ଥାନ ହେଉଛି ଇଶାଣ କୋଣ ।

# ଧାର୍ମିକ ସଙ୍ଗୀତ

ସୈୟାଡ୍ ସୁତାମ୍ ସୈୟାଡ କଲଂତେ
ଉପାନ୍ ଜାପାନ୍ କେନ୍ ସିଂବଙ୍ଗା
ପୁଞ୍ଜିକେନ୍ ପଆକେନ୍ ହାରାକେନ୍ ଦାରୁକେନ୍
ଆମାଃ ପରଜା ପାଇକି ହନ୍‌ଗାଣାକ
ନେଲଲେମ୍ ଆତେନଲେମ୍ ହରଲେମ୍ ଜାଙ୍ଗିଲେମ୍

(ହୋ ଗଆରି)

ଓଡ଼ିଆ ଭାବ-

ସ୍ୱୟଂବର ମେଲି ସୁତାରେ ବାନ୍ଧିଛ
ଶ୍ୱାସ ରୂପରେ ପବନ ।
ସୃଷ୍ଟିର କରତା ହେ ପାଳକ ପିତା
ତୁମେ ପରା ଭଗବାନ ॥
ତୁମେ ମହାତ୍ମ ତୁମରି ସନ୍ତାନ
ଆମେ ମାଟିର ମଣିଷ ॥
ରକ୍ଷାକର ପ୍ରଭୁ କରୁଣା ସାଗର
ଦିଅ ଅନନ୍ତ ଆଶିଷ ॥

ହରଲେମ୍ ଜାଙ୍ଗିଲେମ୍ ନେଲଲେମ୍ ଆତେନଲେମ୍ ଲେକାଲେମ୍, ଗାଣ୍ଡାଲେମ୍, ମେରାକୁଲା-ମେରାବିଞ୍ଜା ମେରା ଜାନୁମ୍ ମେରା ଚଗା, ହନଗାଣା, ଚୁଆପୁତା ସିୟୁଃ ଭରିଃ ସିୟୁଃକେଲା, ବୁଗିୟାକାନ୍ ନାପାୟକାନ୍ ହୟ-ଗାମାକ କରିଞ୍ଜଉକୁଃ କେଜାଉକୁଃଇମେ ରଗ ଜୁଗିଆକ ହାରଦାରମ୍, ଗୁମଦାରମେମ୍

(ହୋ ମାରାଂବଙ୍ଗା ଗଆରି)

ଓଡ଼ିଆ ଭାବ-

ଗ୍ରାମଦେବତା ହେ କରୁଛୁ ଗୁହାରି
ବାହୁ ଛାୟା ତଳେ ରଖ ।
ତୁମେ ସାହା ପ୍ରଭୁ ପଡିଲେ ଆମକୁ
ବିପଦଆପଦ ଦୁଃଖ ॥
ଠାକୁର ହେ ସଦା କୃପା କରିଥିବ

ଆମରି ଗୁହାରି ଶୁଣି
ରକ୍ଷା କରିଥିବ କୁଶଳେ ସଭିଙ୍କୁ
ଜଣ ଜଣ ଗଣି ଗଣି ॥
ବାଘ ସାପ ସ୍ଥାବର ଜଙ୍ଗମଠାରୁ (ଜନ୍ତୁ କବଳରୁ)
ରଖିବ କରି ଉହାଡ ।
କଣ୍ଟାଟିଏ କାହା ପାଦରେ ନ ଲାଗୁ
ଚାଲୁଛୁ ବଣ ପାହାଡ ॥
(୩)
ସିଂ ବଙ୍ଗା ରାଜା ଚି ଉପୁଜାନ୍ ଆପୁ
ଅତେ ଆର୍ ସିରମା ଦମ୍ ବାଇ ଆଦ୍‌ଲେଆ
ସିଙ୍ଗି ଚାଣ୍ଡୁଃଚି ଆପିଲ ରିମ୍ବିଲ
ସୁସାର୍ ନାଙ୍ଗେନେମ୍ ଆମାଦ୍‌ଲେଆ
ମା ସାଲ୍ ବା'ରେଲେ ଆଗମ୍ ଲେଦ୍‌ମେଆ
ହୁକୁ ସାଦାରମେ ସାଂଗମ୍ ଲେଦମେଆ
ହୁକୁ ଦାସାରେମ୍ ସାଂଗମ୍ କେଦଲେଆ
କଦେ ଏଙ୍ଗା ଚି ବାବା ଏଙ୍ଗା
ଲୁକି ଲଛମିଦମ୍ ଦେଙ୍ଗା କେଦ ଲେଆ
ଜତ ଧରତିରେନ୍ ଜିଉକରେ
ଦୟା ତାମେ ଦ ଧରମ୍ ତାମେ
ହୁକୁଦାସ ଗା କଟଂ କେମେ
ରକମ୍ ପୁଞ୍ଜି ନେରେ ପେରେଃତାମେ

(ମୁଣ୍ଡା ଗଆରି)

ଓଡ଼ିଆ ଭାବ-

ସୃଷ୍ଟିକର୍ତ୍ତା ପିତା ବ୍ରହ୍ମାଣ୍ଡ କରତା
ସିଂବଙ୍ଗା ପରମେଶ୍ୱର
ସୂର୍ଯ୍ୟ ଚନ୍ଦ୍ର ତାରା ପୃଥିବୀ ଆକାଶ
ଗଢ଼ିଲ ସାରା ସଂସାର ॥
ତୁମ ଦାତା ପଣେ ଜଗତ କଲ୍ୟାଣ
ଦେଇଛ ଆମକୁ ସବୁ ।

ଗଲାସନ ଫୁଲ ଭାଂଗୁଣୀ ପ୍ରାର୍ଥନା
ଶୁଣି ବଞ୍ଚାଇଛ ପ୍ରଭୁ ॥
ମହୁଆ ମା ସଙ୍ଗେ ଧାନ ମାଆ
ଦେଲ ଲଖି ଲଛମୀଙ୍କୁ
ତୁମରି କରୁଣା କରିବନି ଊଣା
ସହାୟ ହୁଅ ଆମକୁ ॥
ଏ ମାଟିର ସବୁ ପ୍ରାଣୀଙ୍କ ମଥାରେ
ତୁମ କୃପା ରହିଥାଉ ।
ତୁମରି ଦାନରେ ତୁମ କରୁଣାରେ
ଜଗତ କଲ୍ୟାଣ ହେଉ ॥
(୪)
ଜଆର୍ ଜଆର ସିରମାରେ ସିଂବଙ୍ଗା
ଅତେରେନ୍ ବସୁମାତା
ତାବେରକାତେ ଜଆର ବେନ୍‌ତାନା
ଆବେନାଃଗେ ସିର୍ଜନ ବିର୍ଜନ
ଆବେନାଃ ଦାୟାତେ ଆଲେମାନ୍‌କ ମେନାଃଲେୟା
ତିସିଂ ଋଷବାସ୍ ଚିଲକାବୁ ବାଇୟା
ବଙ୍ଗାବୁରୁ ଚିଲିକାକୁ ଲେଲେୟା
ବାବା ଏଙ୍ଗା ଅକ ଲେକା ସିର୍ଜନ୍ ଜାନା
ଇନା ନା ତେନୁ ବାକାଣାଆ
ଜଆର ଜତ ବଙ୍ଗାବୁରୁକ
ମା ଲଖୀ ଲଛମୀ ବାବା ଏଙ୍ଗା କଦେ ଏଙ୍ଗା
ଯତ କଗେବୁ ଜଆରା କଆ
(ଭୁମିଜ ପ୍ରାର୍ଥନା)

ଓଡ଼ିଆ ଭାବ–

ସ୍ୱର୍ଗପୁରେ ଘର ପରମେଶ୍ୱର
ସିଂବଙ୍ଗା ତୁମରି ନାମ ।
ଜଗତର ପିତା ବସୁମତୀ ମାତା
ପାଦରେ କରୁ ପ୍ରଣାମ ॥

ନାରୀ ଓ ପୁରୁଷ ସରବେ ମଣିଷ
ଅଟୁ ତୁମ ସରଜନା ।
ତୁମରି ଆଶିଷ କରୁଅଛୁ ରକ୍ଷବାସ
କରୁ ତୁମ ଆରାଧନା ।
ଲକ୍ଷ୍ମୀଦେବୀ ପରା ଧାନ ମା ଆମର
ଦେଇ କରନ୍ତି ପାଳନ ।
ତାଙ୍କ ପୂଜା ରୀତି କରୁଅଛୁ ସ୍ତୁତି
ମନରେ କରୁ ସ୍ମରଣ ।।
ଦେବତା ଦେବତୀ ଜନନୀ ଧରିତ୍ରୀ
କରୁଅଛୁ ନମାଃ ନମଃ ।
ଧାନ ମା ପୁଣି ଲକ୍ଷ୍ମୀ ଠାକୁରାଣୀ
ସବୁରି ପାଦେ ପ୍ରଣାମ ।।

(୫)

ଜହାର ଗୋସାଁୟ ମାରାଂଦେଓ୍ୱାନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲାୟ ତାଲାଂ ଆୟନମ୍ କାଜଲ୍
ଜହାର ଗୋସାଁୟ ମାରାଂ ଦେଓ୍ୱା ନାତାଂ ତାଲାଂ ପୁଣ୍ଡେଗର ବଦା
ତେଲାୟ ତାଲାଂ ଆୟନ୍ମ କାଜଲ୍
ଯା ଗୋସାଁୟ ଜାରଗେ ଦାଃ ଗାମା ମୁତୁଲେ ମୁତୁଲେ
ସିତା, ନାକା ହାଲାୟେ ହାଲାୟ
ଜହାର ଗୋସାଁୟ ଜାହେର୍ ନେରା ନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗୋସାଁୟ ଜାହେର ନେରା ନାତାଂ ତାଲାଂ ନାରାଃପାଠି
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗୋସାଁୟ ଜାରଗେ ଦାଃଗାମା ମୁତୁଲେ ମୁତୁଲେ
ସିତା ନାକା ହାଲାୟେ ହାଲାୟ
ଜହାର ଗୋସାଁୟ ମଣେକ ନାତାଂ ତାଲାଂ ସୁନୁମେ ସିନ୍ଦୁର
ତେଲାୟ ତାଲାଂ ଆୟନମ୍ କାଜଲ
ଜହାର ଗୋସାଁୟ ମଣେକ ନାତାଂ ତାଲାଂ ନାରାଃ ବଦା

ତେଲାୟ ତାଲାଂ ଆୟନମ୍ କାଜଲ
ଯା ଗୋସାଁୟ ଜାରଗେ ଦାଃଗାମା ମୁତୁଲେ ମୁତୁଲେ
ସିତାନାକା ହାଲାୟେ ହାଲାୟ

(ସାନ୍ତାଳ ବାଖେଣ)

ଓଡ଼ିଆ ଭାବ-

ବଡ ଦେବତା ହେ ଜୁହାର ଘେନିବ
ସିନ୍ଦୁର କଜ୍ଜଳ ବୋଳି ।
ତୁମରି ପାଦରେ ଧଳା ବୋଦାଟିଏ
ଦେଉଅଛୁ ଆମେ ବଳି ॥
ଜାହିରା ଦେବୀଗୋ ପ୍ରଣାମ କରୁଛୁ
ସିନ୍ଦୁର କଜ୍ଜଳ ଘେନ ।
ନାଲି ପେଣ୍ଡି ବଳି ଦେଉଅଛୁ ତୋତେ
ମାଆଗୋ କର ଗ୍ରହଣ ॥
ମଣେକ ଦେବତା ତୁମ ପଦେ ମଥା
ତେଲ କଜ୍ଜଳ ସିନ୍ଦୁର
ନାଲି ବୋଦାଟିଏ ସଜାଇଛୁ ଆମେ
ଏଇ ବଳି ଘେନା କର ॥
ତିନି ଠାକୁରଙ୍କ ଘର ଚଉହଦୀ
ଆଷାଢେ ବର୍ଷିଯାଉ ।
ସୀତା ମାତାଙ୍କର ଘରି ପାରୁଶରେ
ଝର ଝର ମେଘ ହେଉ ॥

ସାଏ ସାଏ ତେମ୍ ନେଲିଞ୍ଜ ୟାଁ
ବଲେ ମଚ ମଚ ମଚକନି ମଚ ହେ
ମଚ ଲେକାମ୍ ଲାନ୍ଦାଇୟାଁ
ଓ ବଲେ ଡାଙ୍ଗୁଆ ସୁମୁଙ୍ଗେ ଗା
ମଚ ଲେକାମ୍ ଲାନ୍ଦାଇଞ୍ଜ ୟାଁ
ଓ ବଲେ ଡିଣ୍ଡା ସୁମୁଙ୍ଗେ ଗା
ସାଏ ସାଏତେମ୍ ଲେଲିଞ୍ଜୟାଁ

(ଭୁମିଜ ବା ଦୁରାଂ)

ଓଡ଼ିଆ ଭାବ-

କଣେଇ କଣେଇ ଋହୁଁଛୁ
ବଲେ ମୁରୁକି ମୁରୁକି ହସୁଛୁ ।।
ମତେ ଋହିଁ ହସି ଦେଉଚୁ ।
ବଲେ ଅଭିଆଡି ମୋତେ ପାଇଚୁ ।।
(୨)
ଓହ ମରି ହାଇରେ ଅହରେ ଆଞ୍ଜାଁ ଋମ୍ପାବା
ଖଣ୍ଡକା ତେଗାମ୍ ବାଆ ଆକାନ୍ ଆଞ୍ଜାଁ ବା ବାଗାନରେ
ନେ ଜୀବନରେ ଆଞ୍ଜାଁ ଋମ୍ପାବା'ରେ
ଖଣ୍ଡକା ତେଗାମ୍ ବାଆ ଆକାନା
ଆଞ୍ଜାଁ ବାଁ ବାଗାନରେ କୁମୁରେମ୍ ଟାଇକେନା
ସଦର ଜାନାମ୍ ଜୀବନରେ ଆତାଞ୍ଜ୍ ଋମ୍ପା ବାଆରେ
ଖଣ୍ଡକା ତେଗାମ୍ ବା' ଲେନା ଆଞ୍ଜାଁ ବା ବାଗାନରେ

(ଭୁମିଜ କାରାମଦୁରାଂ)

ଓଡ଼ିଆ ଭାବ-

ହେ ମୋର ଚମ୍ପକ କଳି ।
କଳିଟିଏ ହୋଇ ମନ ବଗିଋରେ
ମଉଜେ ଖେଳୁଛ ଦୋଳି ।।
ସପନରେ ମୋର ଥିଲ

ଜୀବନରେ ଉଭା ହେଲ
କୁହ ଚମ୍ପାକଳି ହୃଦୟରେ ମୋର
ଫୁଟିବକି ହୋଇ ଫୁଲ ॥
(୩)
ଆଲାଂ ଦିସୁମରେଲାଂ ଜନମ୍ ଆକାନ୍
ପୁତାମ୍ ଲେକା ହଲାଂ କୁଲି ଜାନ୍
ଆଲାଂ ଗାମାଏ ରେଲାଂ ମାତା ଜାନ୍
ପାରାଏ ଲେକା ହଲାଂ ଜତ୍ ଜାନ୍
ପୁତାମ୍ ଲେକା ହଲାଂ କୁଲି ଜାନ୍
ମଦରେ ଗାତିଞ୍ଜ ରେଲାଂ ସୁସୁନ କାରାମ୍
ପାରାଏ ଲେକା ହଲାଂ ଜତ୍ ଜାନ୍
ଅଲାଙ୍ଗାଃ ଜି ସାବେନ୍ ମଦେଜାନ୍
ମଦରେ ଗାତିଞ୍ଜ ରେଲାଂ ସୁସୁନ୍ କାରାମ୍
କାରେ ଗାତିଞ୍ଜ ରେଲାଂ ବାପାଗେଆ
ଆଲାଙ୍ଗା ଜୀ ସାବେନ୍ ମଦେଜାନ୍
ଜୀବନ ସୁମୁଙ୍ଗେଲାଂ ଆପାସୁଲ୍

(ମୁଣ୍ଡା ଜାଦୁର ଦୁରାଂ)

ଓଡ଼ିଆ ଭାବ-

ଗୋଟିଏ ମାଟିରେ ଆମ ଏନ୍ତୁଡି ।
କପୋତ କପୋତୀ ଆମରି ଯୋଡି ॥
ବୟସ ବଢ଼ିଲା ହୋଇଗଲା ଯଉବନ ବେଳଟି ।
ସାଥୀ ହୋଇ ଆମେ ଉଡିଲେ ଲୋଟଣୀ ପାରା ଦୁଇଟି ॥
ଯୋଡି ପାରା ଆମେ ଯୋଡି କପୋତ ।
ନାଚିଲେ କରମ ଗାଇଲେ ଗୀତ ॥
ଦୁଇଟି ହୃଦୟ ଦୁଇଟି ମନ ।
ଏକ ହୋଇଗଲା ଆମ ପରାଣ ॥
ପ୍ରୀତିର ଏ ଯୋଡ ଛିଡି ନ ଯାଉ ।
ସୁଖରେ ଦୁଃଖରେ
ଭାଗି ହୋଇ ସାରା ଜୀବନ ଯାଉ ॥

(୪)

ଆମ ଡଣ୍ଡା ଆଞ୍ଜଃ ଡିଣ୍ଡା
କିତା ଚିରେମ୍ ଗାଲାଂ ତାନା
କିତା ଗାଲାଂ ହାଏ ହାଏ କିତା ଗାଲାଂ
କିତା ଗାଲାଂ ବାଗେତାମ୍ ସୁସୁନାଲାଂ
ଆକାଲା ରେକ ସୁସୁନ୍ ତାନା
ଜୁଲି ଦୁମାଂ ସାଳି ତାନା
ଜୁଲି ଦୁମାଂ ହାଏ ହାଏ ଜୁଲି ଦୁମାଂ
ଜୁଲି ଦୁମାଂ ସାଳି ସୁସୁନାଲାଂ
ଆକାଲାରେ ହାଏ ହାଏ ଆକାଲାରେ
ଜୁଲି ଦୁମାଂ ସାଳିତାନ୍ ସୁସୁନାଲାଂ

(ମୁଣ୍ଡା ଜାଦୁର ଗୀତ)

ଓଡ଼ିଆ ଭାବ-

ନହୁଲି ଯୁବତୀ ଲଚକ ମଣି ।
ବସିଛୁ ଖଜୁରି ଚଟେଇ ବୁଣି ॥
ତୁ ନୂଆ ଯୁବତୀ ମୁଁ ଯୁବକ ।
ଚଟେଇ ବୁଣିବା ରଖ୍ ଅଟକ ॥
ଚୁଲିକି ଯାଉ ତୋ ଚଟ ବୁଣିବା ।
ଆ ସାଥୀ ହୋଇ ଆମେ ନାଚିବା ॥
ଉଠୁଛି ପଡୁଛି ଆଖଡା ଶାଳ ।
ଜମକ ନାଚକୁ ଯୋଡି ମାଦଳ ।
ଦମ୍ ଦମା ଦମ୍ ମାଦଳ ତାଳ ।
ଝୁମ ଝୁମା ଝୁମ ନାଚିବା ଚାଲ ॥

(୫)

ନାମଃ ଡିଣ୍ଡା ନାଞ୍ଜଃ ଡିଣ୍ଡା ମାଇଁ
ପାରକମ୍ ଲାଂ ତେଙ୍ଗା ସାଜାଜମ୍
ନାମଃ ଡିଣ୍ଡା ନାଞ୍ଜଃ ଡିଣ୍ଡା ମାଇଁ
ଜାଟିଲାଂ ଗାଲାଂ ସାଜାଜମ୍ ॥
ସିଙ୍ଗି ଦଲାଂ କାମି ଜମା ମାଇଁ
ନିଦା ଦଲାଂ ଜାଦୁର ଜମା ମାଇଁ

ମିସା ସିମକ ରାଗେ ରେନା ମାଇଁ
ରେଙ୍ଗେଃ ଗେଲାଂ ନିହାତିଂଆ ।।
ମିସା ମାରାଃ ରାଗେ ରେନାମାଇ
ରାବାଂ ଗେଲାଂ ନିହାତିଂଆ ।।

(ହୋ ବା ଦୁରାଂ)

ଓଡ଼ିଆ ଭାବ-

ରସିକା ତୁହି ରସିଆ ମୁହିଁ
ଆସେ ବୁଣିବା ଖଟିଆ ।
ସୁନ୍ଦରୀ ତୁହି ଭେଣ୍ଡିଆ ମୁହିଁ
ଆ ବୁଣିବା ପଟିଆ ।।
ଖଟିବା ନିଗାଡି ଖରାରେ ଝାଳ ।
ନାଚିବା ରାତି ବଜାଇ ମାଦଳ ।।
ପହିଲି କୁକୁଡା ରାବିବା ଯାଏ
ସହି ନେଇଯିବା ଭୋକ ।
ଶୀତ ସହିନେବା ଯେ ଯାଏ
ଶୁଭିନି ପହିଲି ମୟୂର ଡାକ ।।

(୬)

ବାଡଚମ୍ ବାଲେ ତୁଙ୍ଗୁଇ ଲୁସୁଇ ଗାତିଞ୍ଜ
ବିୟୁର ଗେମ୍ ନେଲିଞ୍ଜା
ହେସା ସାକାମ୍ ଟେପେଲ ଟେପେଲ ଗାତିଞ୍ଜ
ସେକର ଗେମ୍ ନେଲିଞ୍ଜା
ଜିଲିଚିରେମ୍ ସୁକୁଜାନା ଗାତିଞ୍ଜ
ବିୟୁର ଗେମ୍ ନେଲିଞ୍ଜା
କୁଲାମ୍ ଚିରେମ୍ ରେୟାଲା ଜାନା ଗାତିଞ୍ଜ
ସେକର ଗେମ୍ ନେଲିଞ୍ଜା
ଜିଲି ବେଲେମ୍ ସୁକୁଜାନ୍ ରେଦ
ତିଲି ତେରେୟ ଚୁଣ୍ଡୁଲାଞ୍ଜ୍ ମେ
କୁଲାମ ବଲେମ୍ ରେୟାଲା ଜାନ ରେଦ
କାଟା ତେରେୟ ନୁଦୁବାଞ୍ଜ ମେ

(ହୋ ମାଗେ ଦୁରାଂ)

ଓଡ଼ିଆ ଭାବ-

ନହକା ସବାଇ ତୁଙ୍ଗଇ ଲୁସୁଇ ସଖୀ
ଘୁର ଘୁରି ମୋ ଆଡେ ଦେଉଥାଉ ଦେଖି ॥
ଫର ଫର ସଖୀ ଅଶ୍ୱସ୍ଥ ପତର ସତେ ।
କଣେଇ କନେଇ ଡେରଛି ଅନଉ ମୋତେ ॥
ହୃଦୟରେ ତୋର ଶାନ୍ତ ଶୀତଳ ଉଚ୍ଛଳା
ପ୍ରେମର ସୁଅ କଣେଇ କଣେଇ ଦେଉଛୁ ଅନେଇ
ଭଲ ପାଇବାର ମୋହ
ମୋ ପାଇଁ ଝୁରେ କି ପରାଣ ତୋର
ହାତ ଆଙ୍ଗୁଳିରେ ଇଶାରାରେ ମୋତ ଜଣେଇ ଦେ ।
ହୃଦୟରେ ଯଦି ମୋତେ ରହୁଁଛୁ ତୁ
ପାଦ ଆଙ୍ଗୁଳିରେ ଗାରଟିଏ କାଟିଦେ ॥

(୭)

ଆମାଃ ତ୍ରିୟାଉ ସାଡେ କିଆ ଝାର୍ନାରେ
ଇଞ୍ଜଦୁଞ୍ଜ ଆଞ୍ଜମ୍ ଇଂକାନ୍ ଦାଃଲୁ ଘାଟରେ
ମନେ ବାଲିଜ୍ ତ୍ରିୟାଉ ନାଲେରେମ୍ ଅରଂଆ
ଗାଡେ କୁଲିକକ ବାଗି ଆଞ୍ଜ୍କାନ୍
ଠିଲିଞ୍ଜ ଦହୟରେମା ହଲକ ରରଲା
ବାଞ୍ଜ ଦହୟ ରେମା ଗାଟିଞ୍ଜଏ କାହିଁ-ସଅ
ହଲକ୍ ରଅଲ୍ ଦରେଞ୍ଜ ସାହାଓ୍ଵ କାଃ ଗେ
ଗାଟିଞ୍ଜ କାହିଁସ ଦରେ ଅହଞ୍ଜ ସାହାଓକେ

(ସାନ୍ତାଳ ସହରାୟ ସେରେଞ୍ଜ)

ଓଡ଼ିଆ ଭାବ-

କିଆ ଝରନା ତୀରେ ତୁମ ବଇଁଶି ସୁରେ ।
ଶୁଣିଲେ ମୋ ମନ ହଜେ ପାଣି ଘାଟରେ ॥
ବଇଁଶୀ ବଜାନା ମୋର ମନକୁ ହଜାନା ।
ସାଥୀ ରଲିଯାନ୍ତି ମୁହିଁ ହୁଏ ଆନମନା ॥
ମାଠିଆ ଥୋଇଲେ ତଳେ ନିନ୍ଦିବେ ଲୋକ ।

ନ ଥୋଇଲେ ସାଥୀ ମୋର ପାଇବ ଦୁଃଖ
ଲୋକ ନିନ୍ଦା ଅପବାଦ ପାରିବି ସହି ।
ସାଥୀ ଦୁଃଖ କଲେ ଛାତି ସହିବ ନାହିଁ ॥

(୮)
ଜୁରି ଜୁରି ତିରି ପାରୱା ଜୁରି
ଜୁରି ଜୁରି ତିରି ପତାମ୍ ଜୁରି
ସିଞ୍ଜ ଦଲାଂ କାମିୟା
ଞିଦା ଦଲାଂ ଯପନତା
ତିରି ପୁରୁଷ ଦୁଲାଳ ତିରେ ଯୁଗେ
ଜୁରି ପାରୱା ଲେକା ଆଲାଂ ମେନାଃଲାଙ୍ଗା
ହାପାଟିଞ୍ଜ ଆଲାଂ ଉରଗୁମ୍ ଏଲାଂ
ଭାକ ଭାକୁରାଲାଂ ବାହା ବାନ୍ଦେଲାରେ
ଘନ୍ଦୟ ଉମୁଲ କାଲାଂ ତିରେ ଯୁଗ

(ସାନ୍ତାଳଲାଗଣେଁ ସେରେଞ୍ଜ)

ଓଡ଼ିଆ ଭାବ-

ଅମେ ଦୁହେଁ ଯୋଡି ଲୋଟଣୀ ପାରା ।
କପୋତ କପୋତା ପ୍ରୀତି ପସରା ॥
ସାରାଦିନ ଆମେ କାମ କରୁଥିବା ।
ଦିହେଁ ଦିହିଙ୍କର ସେବା କରୁଥିବା
ନ ଥିବ ଦୁଃଖ ।
ପ୍ରୀତି ଝୁଲଣାରେ ରାତି ବିତି ଯିବି
ଆମେ ହୋଇଯିବା ଦୁଇରୁ ଏକ ॥
ଠାକୁରଙ୍କ ଦୟା ତାଙ୍କରି ଇଛା ।
ଆମେ ଦୁଇ ପକ୍ଷୀ ତାଙ୍କ ବଗିଚ୍ଛ ॥
ଘୁମୁଘୁମୁ ପାରା ଆମେ ଘୁମୁରିବା ।
କପୋତ କପୋତୀ ଆକାଶେ ଉଡିବା ॥
ଆମ ନାଚ ଗୀତ ଫୁଲର ସଙ୍ଗୀତ
ବଣଲତା ନଇଁ ଗାଆଁ ଭୂଇଁ କ୍ଷେତ ॥

ସବୁ ଠାକୁରଙ୍କ ଦାନ ।
ଆମେ ତାଙ୍କର ସନ୍ତାନ ॥

(୯)

ହରତିଞ୍ ଘଲାଃ ବିରତିଞ୍ ଘଲାଃ
ଚେତ୍ ନାଁଣିତିଞ୍ଜ ତଲାକାନ୍
ନାତୁଗିଞ୍ଜ ଉଇହାର୍ ?
ବାଙ୍ଗଦ ସନାର ସିକଳି ବାଙ୍ଗଦ ରୁପାର ସିକଳି
ଚେତ ନାଁ ଣିତିଞ୍ଜ ତଲାକାନ୍
ନାତୁଗିଞ୍ଜ ନୁଇ ହାର ?
ସନାର ସିକଳି ବାଙ୍ଗକାନା
ରୁପାର ସିକଳି ହଁ ବାଙ୍ଗକାନା
ଗାତେ ମାୟାତେଞ୍ଜ ତଲାକାନ୍
ନାତୁଗିଞ୍ଜ ନୁଇହାର ।

(ସାନ୍ତାଳ ଲାଗଣେଁ ସେରେଞ୍ଜ)

ଓଡ଼ିଆ ଭାବ–

ବାଟରେ ଯାଏ କି ବଣରେ ଯାଏ
ଏମିତି ଲତାରେ ବାନ୍ଧି ହୋଇଛି ମୁଁ
ଗାଁକୁ ଖାଲି ମନେ ପକାଏ ॥
ସୁନାର ଲତା କି ରୁପାର ଲତା
କୋଉ ଲତାରେ ମୁଁ ବନ୍ଧା ହୋଇଛି
ଗାଁ କଥା ମୋର ମନେ ପଡୁଛି ॥
ସୁନାରୁପା ନୁହେଁ ପ୍ରୀତିର ଲତା ।
ସେହି ଲତାରେ ତ ବନ୍ଧା ମୋର ମନ
ମନେ ପଡେ ଗାଁ ମୋ ପ୍ରିୟା କଥା ॥

(୧୦)

ଆମାଗାଃ ନାଙ୍ଗେନ୍ ତେଞ୍ଜ ବଦନାମ୍ ଜାନା
ଆମାଗାଃ ନାଙ୍ଗେନ୍ ତେଞ୍ ସୁବାନାମ୍ ଜାନା
ମଣ୍ଡଳାଗାର ତେଞ୍ଜ ବଦନାମ୍ ଜାନାଦ

ମେଦେଲେପେଲ ତେଞ୍ଜ ସୁବାନାମ୍ ଜାନାଦ
ହିଆତିଞ୍ଜ ମନିଞ୍ଜ ବଦନାମ୍ ଜାନାଦ
ଘକାତିଞ୍ଜ ସାନାଞ୍ଜ୍ ସୁବାନାମ୍ ଜାନାଦି

(ମୁଣ୍ଡା ଜାଦୁର ଗୀତ)

ଓଡ଼ିଆ ଭାବ-

ମୋତେ ନେଇ ତୋ ନାଆଁରେ ଛୁଟେ ଅପବାଦ ।
ତୋତେ ନେଇ ମୋ ମଥାରେ ରଟେ ଅପରାଧ ॥
ଟିକେ ଗପସପ ହେଲେ ହୋଇଗଲା ପ୍ରଣବ ଅଶୁଦ୍ଧି ।
ଆଖିରେ ଆଖିରେ ମିଶି ଦେଖିଲେତ ହେଲେ ଅପରାଧୀ ॥
ଏଇ ଆମ ଅବସାଦ-
ଯେଉଁମାନେ ପୋକ ପକଉଥାନ୍ତି ସଜ ମାଉଁଶରେ ।
ସେଇମାନେ ନିଆଁ ଲଗେଇ ଦିଅନ୍ତି ବାସି ପାଉଁଶରେ ॥

(୧୧)

ଉଲ୍ ବିଲି ଲେକା ହଲମ୍ ଲେଲେମ୍ ଲେଲେମ୍
ଜବେ ଲାଡୁ ଲେକା ସରବର
ଏନେଜ୍ ଜଙଗେ ସାନାଞ୍ଜ
ସେରେଞ୍ଜ ଜଙଗେ ସାନାଞ୍ଜ୍
ଗାତେ ଜଙଗେ ସାନାଞ୍ଜ ବାହା ହଲମ

(ସାନ୍ତାଳସେ ରେଞ୍ଜ)

ଓଡ଼ିଆ ଭାବ-

ମନଲୋଭା ତୋର ଦେହଟି
ପାଚିଲା ଆମ୍ଭ ପରିକା ।
ରସରେ ଆମ୍ଭ ତ ଆମ୍ଭରେ ରସ ଶିରି ଶିରିକା ॥
ନାଚି ଯିବାକୁ ମୋ ପାଦ ଘନ୍ଟୁଛି ।
ଗୀତ ଗାଇବକୁ ଇଛା ହେଉଛି ॥
ଫୁଲ ପରି ତୋର ନରମ୍ ଦିହକୁ
ସାଥି କରିବାକୁ ମନ କହୁଛି ॥

# ପ୍ରକୃତି ଓ ସଙ୍ଗୀତ

ଏ ଅଞ୍ଚଳର ଅଧିବାସୀଙ୍କ ପ୍ରକୃତି ସହ ସମ୍ପର୍କ ଅନାଦି କାଳରୁ । ସେମାନେ ବଣ ଜଙ୍ଗଲ, ପାହାଡ, ନଈକୂଳରେ ବସତି ସ୍ଥାପନ କରିଥାନ୍ତି । ଏହି ପ୍ରାକୃତିକ ପରିବେଶରେ ହିଁ ତାଙ୍କରି ଜନ୍ମ । ପ୍ରକୃତି କୋଳରେ ଲୀଳା ଖେଳା କରି ବଡ ହୁଅନ୍ତି ଓ ତାଙ୍କର ମୃତ୍ୟୁ ଘଟେ ଏହି ଜାଙ୍ଗଲିକ ପରିବେଶ ମଧ୍ୟରେ । ପ୍ରକୃତିର ଗଛଲତା, ଫୁଲଫଳ, ପଶୁପକ୍ଷୀ, ନଈନାଳ ଆଦିର ବର୍ଣ୍ଣନା ଦେଖିବାକୁ ମିଳେ ତାଙ୍କ ଗୀତରେ । ତାଙ୍କ ଗୀତରେ ପ୍ରକୃତିର ଉପାଦାନଗୁଡିକ ମଧ୍ୟ ମାନବର ବିଭିନ୍ନ ଅବସ୍ଥାର ପ୍ରତୀକ ମଧ୍ୟ ହୋଇଯାନ୍ତି ।

## ପ୍ରକୃତି ବର୍ଣ୍ଣନା

ବା ରଣ୍ଟୁଃ ମୁଲୁଃ ଲେନା
ସାରାଜମ୍ ବା ବାତାନା
ବାଲେ ଆପାଦ ନାଆ ଦାଲାରେ
ସୁଲା ସାଂଗେନ୍ ସୁଲା ତାନା
ସାରଜମ୍ ବା ବାତାନା ଦିଲେ ଦଙ୍ଗବ
ସୁଲା ସାଂ ଗେନ୍ ସୁଲାତାନା ତିଞ୍ଜାର ତଞ୍ଜର
ଦିଲେ ଦଙ୍ଗବ ବାତେ ବାତପାଜାନ୍
ତିଞ୍ଜାର ତଞ୍ଜର ସୁଲା ତେଗେ ଦାଲବା କାନ୍

(ମୁଣ୍ଡା ବା ଦୁରାଂ)

ଓଡ଼ିଆ ଭାବ–

ବା ମାସ ବନେ ଆସିଲା ।
ଶାଳଗଛ ଡାଳେ ସବୁଜ ପତର ହସିଲା ।
ଚୂନା ଚୂନା ଫୁଲ ପତର ଗନ୍ଧକ ବାସିଲା ॥
ଫୁଲରେ ଫୁଲେଇ ଶାଳ ସୁନ୍ଦରୀ ।
ସବୁଜ ଶାଢୀରେ ନୂଆଁ କୁଆଁରୀ ॥
ଗଛ ଲୁଚିଯାଏ......
ଉଜ୍ଜଳ ଫୁଲ ନୂଆ ପଲ୍ଲବ ।
ଲୁଚି ଦିଶୁଥାଏ .....
ଶାଳ ସଜନୀର ରୂପ ବଭବ ॥

(୨)

ବିର୍ ବୁରୁ ସାକାମ୍ ସୁଲା

ରୁଆଲ୍ ଲେନା

ମଲ୍ଲୀ ବା ଦ ବାଲେନା

ଡାଳାଃ ପେରେଏ୍ ସୁଗାଲ୍

ଦିଶୁମ୍‌ରେନ୍ ଚେଣେ ହନ୍‌କ

ବିୟୁରେନ୍ ତାନା

(ଭୂମିଜ କାରାମ୍ ଗୀତ)

ଓଡ଼ିଆ ଭାବ–

ପଲ୍ଲବୀ ଉଠିଲା

ଗଛଲତା ସାରା ବଣ ମୂଳକ

ଚହଟି ଉଠିଲା

ଭରା ବଣ ମଲ୍ଲୀ ଫୁଲ ମହକ ॥

ଦେଖ କେମିତି ॥

ରାଇଜ ଯାକର ଚଢେଇ

ଚକର କାଟି ବୁଲନ୍ତି ॥

(୩)

ଶାରଜମ୍ ବାହା ହ ମାତକମ୍ ଗେଲେ

ମୁଲୁଃ ବଙ୍ଗାହ ବାହାବଙ୍ଗା

ନାୱା ବାହାହ ନାୱା ଗେଲେ

ହିସିଦ୍ ହୟ ଘ ସନ୍ଧାଣ ହୟ

ଜିୱି ନାୱାୟ ହ ହଲ୍ମୟ ନାୱାୟ

ଆତୁ ଦିସମ୍ ହ ହେସେଜ୍ ସେକେଜ୍

ଜିୱି ହଲ୍ମ ହ ଲେକେଜ ଲେକେଜ୍

(ସାନ୍ତାଳ ବାହା ସେରେଞ୍

ଓଡ଼ିଆ ଭାବ–

ଶାଳଫୁଲ ପୁଣି ମହୁଲ ଫୁଲର

ମାସ ହୋଇଲା ପ୍ରବେଶ ।

ନୂଆ ଫୁଲ ପୁଣି ନୂଆ ପେନ୍ଥାମାନ
ଅପୂର୍ବ ମଧୁର ବାସ ॥
ମନ୍ଦ ମଳୟରେ ଫୁଲବାସ ଆସେ ଭାସି ।
ଦେହ ମନକୁ ପରଶେ ॥
ସବୁ ନୂଆ ନୂଆ ବେଶ ।
ଗାଆଁ ଦେଶ ଫୁଲ ନବପତ୍ର ଶୋଭା
ଦେହରେ ପ୍ରାଣରେ ଆଣେ ଉଲ୍ଲାସ ॥
(୪)
ବାହା ବଙ୍ଗାହ ସେଟେରେନା
ଜତ ବାହାଗେ ବାହାୟେନା
ବାହା ଥପେରେ କୁଇଲି କୁହୁୟ ସେରେଞ୍ଜ
ଆତୁ କୁଲହି ଆଖଳାରେ କୁଳିକ ଡାହାର ସେରେଞ୍ଜ
(ସାନ୍ତାଳ ଡାହାର ସେରେଞ୍ଜ)

ଓଡ଼ିଆ ଭାବ–
ବସନ୍ତ ଆସି ଗଲାଣି ।
ଫୁଲସବୁ ଫୁଟିଲେଣି ॥
କୁହୁ କୁହୁ ଗୀତ କୋଇଲି ।
ଗାଉଛି ଫଳ କୁଞ୍ଜରେ ।
ଟୋକିମାନେ ଗାଉଛନ୍ତି ଡାହାର ଗୀତକୁ
ଗାଆଁଦାଣ୍ଡ ଆଖଡାରେ ॥
(୫)
ରାବାଂ ରବାୟାନା ଜେଟେଃ ହିଜୁଃ ତାନା
ଗୁଲାଂଚି ଗାଆଯାନା ଥମା ଥମା
ଚେଣେ ଚୂପୁର ଯତକ ଚେରେ ବେରେ ତାନା
ବାଆଦ ସଆନ୍ ତାନା ମଦଲ ମଦଲ
ଦାରୁ ପୁନୁର ସାକାମ୍ ସୁଳା ରୁଆଳ ତାନା
ସାକାମ୍ ଲେଲୋତାନା ଲଦବ ଲବଦ
ସୁଳା ଦାରୁକରେ ବାଆଦ ଆ'ଲା ଯାନା
ବାଆଦ ସଆନ୍ ତାନା ମଦଲ ମଦଲ

(ଭୁମିଜ କାରାମ ଦୂରାଂ)

ଓଡ଼ିଆ ଭାବ-

ଶୀତ ସରିଗଲେ ଖରାଦିନ ମାଡିଆସେ ।
ଫୁଲ କାଠଚମ୍ପା ଫୁଟେ ଥମ୍ପା ଥମ୍ପା ଦିଶେ ॥
ଚଢେଇ ଗାଆନ୍ତି ଗୀତ କିଚିରି ମିଚିରି ।
କାଠ ଚମ୍ପା ଫୁଲବାସ ମନ୍ଦ ମନ୍ଦ ପଡଇ ଝରି ॥
ଗଛେ ଲତାରେ ପତ୍ର କଅଁଳିଲା ପତର ଦିଶଇ ଲଦବ ଲଦ ।
ପତ୍ର ଗହଳରେ ଫୁଲ ଫୁଟିଅଛି ବାସୁଅଛି ମନ୍ଦ ମନ୍ଦ ॥

(୬)

ବୁରୁରେଞ୍ଚ ହେରଲେଡା ରେୟାଲି
ସମସର ଦିରିଞ୍ଚତେ ରେୟାଲି
ବେଲାରେଞ୍ଚ ହେର ଲେଡା ରାମ୍ବାଲା
ପାମ୍ପାଲ ଇଁୟାଲତେ ରାମ୍ବାଲା

(ହୋ ବା ଦୁରାଂ)

ଓଡ଼ିଆ ଭାବ-

ବଣରେ ହରଡ ବୁଣିଲି ମୁହିଁ ।
ଝିଣ୍ଟିକା ସିଂଘ ପରି ଲଟକିଛି ହରଡ ଛୁଇଁ
ବେଡାରେ ବୁଣିଲି ବିରି ।
ଫୁଲ ଫୁଟିଅଛି ଦିଶେ ପ୍ରଜାପତି ପରି ॥

(୭)

ବାକାଲି କରରେ ଏଙ୍ଗାସିମ୍
କୁଃଉ ତାନାଏ ମାନ୍ଦାତାନାଏ ଏଙ୍ଗାସିମ୍
ବୁରୁ ଗେନା ଗେନାରେ ସାଣ୍ଡିସିମ୍
ରେଏଡ ରାନୁ ନାମତାନାଏ ସାଣ୍ଡିସିମ୍

(ହୋ ବା ଦୁରାଂ)

ଓଡ଼ିଆ ଭାବ-

ଘରଟି ଏନେ ବଗିର କୋଣେ
ଥଣ୍ଡା ସରଦିରେ ଜଡସଡ ହୋଇ
କାଶୁଅଛି ପେଣ୍ଡି ପେଲୁଛି ଧଇଁ
ଅନାଟି ତେଣେ ପଶିକି ବଣେ

ଗଞ୍ଜା ଚେରମୂଳି ଔଷଧ ଖୋଜୁଛି ।
ପେଣ୍ଡିର ଇଲାଜ କରିବା ପାଇଁ ॥
(୮)
ଜିପିର ଜିପିର ଗାମାଲେଡା
ଜାଡାମ୍ ଜାଡାମ୍ ଗାମାଲେଡା
ଗାଲାନା କୁଟି ବାଇଦି କୁଣ୍ଡି
ଦାଃତେ ପେରେଏ ଜାନ୍
ଜିପିର ଜିପିର ଗାମାଲେଡା
ଜାଡାମ ଜାଡାମ୍ ଗାମାଲେଡା
ବେଲା ନାଶି ନାଶିତେ କଃକ ଆତିଞ୍ଜତାନ୍

(ହୋ ହେରଃଦୁରାଂ)

ଓଡ଼ିଆ ଭାବ-

ଝୁମୁ ଝୁମୁ ହେଲା ମେଘ ।
ଦୁମୁ ଦୁମୁ ମେଘ ଧଇଲା ବେଗ ॥
ଝିପିଝିପି ମେଘ ବିଲ ବଣନଇ
ଗୋହିରେ ପଶିଲା ପାଣି ।
ହୁ ହୁ ମେଘ ଢାଳିଲା ଯେମିତି
ବେଡା ବିଲ ହୁଡା କଡେ କଡେ
ଦେଖ ! ବଗ ସବୁ ଚରିଲେଣି ॥
(୯)
ଲଅର ରେଚି ସକଳାରେ
କୁଲାୟ ଦୁମାଂ ଏ ରୁତାନାରେ
ଦିନିଂନା ଲିସିଂନା ଡେଂଙ୍ଗାଂନା
କୁଲାୟ ଦୁମାଂ ଏ ରୁତାନ୍
ଦିରି ରେଚି ଘଟାନିରେ
ମାରାଃ ସିଙ୍ଗାର ସୁନ୍ତାନ୍
ଦିଲିଂନା ଲିସିଂ ନା ସୁନତାନ୍

(ମାଗେ ହୋ- ଦୁରାଂ)

ଓଡ଼ିଆ ଭାବ-

ନଈକୂଳ ଅବା ଗହୀର ବିଲ
ଉହାଡେ ଠେକୁଆ ଭାଇ ।
ଦିନିଂନା ଡେଂଙ୍ଗାଂନା ତାଳେ

ଦିଏ ମାଦଳ ବଜାଇ ॥
ପଥର ଉପରେ ଚଟାଣ ଉପରେ
ସଜେଇ ହୋଇ ଶୃଙ୍ଗାର ।
ଦିଲିଂନା ଲିସିଂନା ଛନ୍ଦ ତୋଳି
ନାଚେ ମୟୂର ଅଧୀର ॥

(ହୋବା ଦୁରାଂ)

(୧୦)
ନିରେ ନିରେ ମେଁୟାଂ ହର ଲିପାଲାଳେ
ସେନେ ସେନେ ମେଁୟାଂ କୁଲାୟ ଚୁଲୁ ଚୁଲୁ
ଡାଙ୍ଗ ଡାଙ୍ଗ ବୁରୁଦକ ସାଙ୍ଗାର ତାନା
ରାଜାକ ବନ୍ଦେଲା ଦକ ହେଲ ବଲାତାନା

ଓଡ଼ିଆ ଭାବ-
ଦୋହଲି ଦୋହଲି କଇଁଚ ହେ ତୁତ
ଦଉଡି ଯାଆ ।
ଖପ୍ ଖପ୍ ଡେଇଁ ଲାଞ୍ଜ ଟେକି ଚାଲ
ଆରେ ଠେକୁଆ ॥
ଦେଖ ସେ ପାଖରେ ଟାଙ୍ଗରା ପାହାଡେ
ଚାଲିଛି କେମିତି ଘୋର ଶୀକାର ।
ଚକଟି ମଚ୍ଛି ସେ କାଦୁଅ କରନ୍ତି
ରାଜାଙ୍କ ପୋଖରୀ କି ନାରଖାର ॥

(୧୧)
ମାରାଂ ବାରୁ ଟଣ୍ଡକ ଗଃଅ କେନା ମାଇଁ
ହୁଲିଞ୍ଜ୍ ବୁରୁ ମୁଇଃକ ଦୁପିଲ୍ କେନା
ଏନ୍ କାଜି କାପେ ସାଁରିୟଃ ଆଗ ।
କଆ କାଟାରେ ଚକେ ଦୁବା କାନ

(ହୋ ଗୀତ)

ଓଡ଼ିଆ ଭାବ-
ଜନ୍ଦା ଉଠାଇଲେ ବଡ ପାହାଡ ।
ପିମ୍ପୁଡି ଟେକିଲେ ସାନ ପାହାଡ ॥
ପରଡେ ହେଉନି ସାଙ୍ଗ ।
ହେଇ ଦେଖ ବଗ
ପାଦରେ ବସିଛି ବେଙ୍ଗ ॥

# ସଙ୍ଗୀତରେ ମୃତ୍ୟୁ ଚେତନା

ନିତ୍ ନଅୟ ନଙ୍କା
ଧିନାଂ ଅକା ଲେକା
କିୱ୍ରୀ ରେୟାଂ କାଥା ବାୟରଳଗଃ
ନିତ୍ ନଅୟ ନଣ୍ଡେ
ଯତ ମେନାଃ ବନା
ଧିନାଂ ଅକୟ କଚ ବାବ ତାହେଁନା

(ସାନ୍ତାଲ ଲାଗଣେଁ ସେରେଞ୍ଜ)

ଓଡ଼ିଆ ଭାବ–

ଆଜି ତ ଏମିତି ଅଛି ।
କାଲି ପୁଣି କିସ
ହେବ କିଏବା ଜାଣିଛି ॥
ମଣିଷ ଜୀବନ ଗଛ ଛାଇ ।
ଆଜି ଅଛି ପୁଣି ଏଇ ନାଇଁ ॥
ଆଜି ଅଛେ ସାଥୀ ହୋଇ
ସୁଖ ଦୁଃଖ କେବେ ଭାବ କେବେ ବା ଅଭାବ ।
ଏମିତି ଦିନ ଆସିବ ।
କିଏ ଥିବ କିଏ ଜାଣେ କିଏ ସେ ନ ଥିବ ॥

(୨)

ମାନମୀ ହନବୁ ଜନମାକାନ
ମାଦୁକମ୍ ବାଲା ଲେକା ଜିବନ୍ ତାବୁଆ (କଁ)
ତିସିଂ ମେନାଃ ଗାପାବାନଃ
ମାଦୁକମ୍ ବାଲା ଲେକା ଜୀବନ୍ ତାବୁଆ (କଁ)
ନିମିନ୍ ହୁଂଗୁଇ ଜୀବନ୍ ତାବୁ
ସାମାଲାଦା ସାମା ଜାଗାର କାବୁ ରବାୟା (କଁ)

(ହୋ ମାଗେ ଦୁରାଂ)

ଓଡ଼ିଆ ଭାବ-

ମଣିଷ ଜୀବନ ମହୁଲ ପରାଏ ।
ଆଜିଥାଏ ପୁଣି କାଲି ନ ଥାଏ ॥
ବଡ ଦୁରୁଲଭ ଆମ ଜୀବନ ।
ହେଉ ପଛେ ମହୁଲ ଫୁଲ ସମ ॥
ହସ ଖୁସି ଖାଲି ନାଚିବା ପାଇଁ ।
ଏ ଜୀବନଟା ନୁହଇ ଭାଇ ॥

(୩)

ନଲ ଜନମ ବାରସିଂ ନାଙ୍ଗେନ୍
ଲାନ୍ଦା ଜାଗାର ହିରତି ପିରତି
ନେ ଜୀବନ ଗାତିଞ୍ଜି
ନେ ଜୀବନ୍ କାବୁ ନାମେଗା
କାଂସା ପିତଲ ପଆଃ ଜାନରେ
କାଂସା ପିତଲ ବଦଲ ନାମଃଗା
ନେ ଜୀବନ କାହ ବଦଲଆ
କୁମ୍ଭାର ଘଟୁ ପଆଃ ଜାନ୍‌ରେ
କୁମ୍ଭାର ତାଃତେ କା ଗୁଆଲ୍
ନେ ଜୀବନ ଗାତିଞ୍ଜି କାହ ନାମଃଗା

(ମୁଣ୍ଡା ଜାଦୁର ଗୀତ)

ଓଡ଼ିଆ ଭାବ-

ମଣିଷ ଜୀବନ ଦି' ଦିନ ପାଇଁ ।
ହସରେ ଖୁସିରେ ଦିଅ ବିତେଇ ॥
ଜନମିଛେ ସଖା ମଣିଷ ହୋଇ ।
ଏ ଜୀବନ ଆଉ ମିଳିବ ନାଇଁ
ଜୀବନଟା ଆଉ ମିଳିବ ନାଇଁ
ଜୀବନଟା ନୁହେଁ କଂସା ପିତଳ
ଆଉ ଥରେ କରିଦେବ ବଦଳ ॥
ମାଟିରେ କୁମ୍ଭାର ଗଢଇ ଠେକି ।
ଠେକି ଭାଙ୍ଗିଗଲେ ଯୋଡି ହୁଏକି ॥

ହାଣ୍ଡି ଭାଙ୍ଗିଗଲେ କାତି ଖପରା ।
କୁମ୍ଭାରର ଆଉ ନ ଥାଏ ଘରା ॥
ହସରେ ଖୁସିରେ ଦିଅ ବିତାଇ ।
ଏ ଜୀବନ ଆଉ ମିଳିବ ନାହିଁ ॥

(୪)

କୁଲିମେରେ ଜାଗାର ମେରେ
ଜାଗାର କାମ୍ ଜାଗାର୍
ନେନ୍ ଜୀବନ୍ ସେନ୍ ଜାନ୍ ରେଗା
ଅଡଃ କା ନାମଆ
ଜାଂକିଲୁ ହାସା ହଲମ୍ ସେଙ୍ଗେଲ ଜମେୟା

(ଭୁମିଜ ଜାଦୁର ଦୁରାଂ)

ଓଡ଼ିଆ ଭାବ-

ପଇରିଲେ ପଦେ କଥା କହନାହିଁ
ସତେକି ପଡିଛି ପାଟିରେ ତାଲା ।
ଜୀବ ଚାଲିଗଲେ ପିଣ୍ଡ ପୋଡା ହେବ
ନିଆଁ ଲିଭିଗଲେ କଥା ସଇଲା ॥

(୫)

ଗିଦିଆ ଗିଦି ସନେର ଗିଦି
ଗିଦିଆ ଗିଦି ରୁପେର ଗିଦି
କୁଲିଞ୍ଜ ରେୟାଃ ମୋହର ଦବିନ୍
ନେଲେଗ ଲେଡାଚି ?
ଗାତିଞ୍ଜ ରେୟାଃ ମୋହର ଦବିନ୍
ଚିନାଗ ଲେଡାଚି ?
ନେଲେ ଗ ଦଲିଞ୍ଜ ନେଲେଗ ଲେଡା
ଚିନା ଗ ଦଲିଞ୍ଜ ଚିନା ଗ ଲେଡା
ରାଇରେ ମେନାଃ କାରକମ୍ ଚେତାନ୍‌ରେ
ଗାମାଚା ଦାପାଲା କାନ୍
ନିରେ ତେରେୟ କାରେମ୍ ବେଟାଇ

ସେନେ ତେରେୟ କାରେମ୍ ବେଟାଇ
ଯମୁନା ଗାଲା ଢ଼ିପାରେ ସାରି
ସାରଦି ସେଙ୍ଗେଲ ତାନ୍

(ହୋ ମାଗେ ଦୁରାଂ)

ଓଡ଼ିଆ ଭାବ–

ସୁନା ଶାଗୁଣା ହେ ରୁପାର ଶାଗୁଣା କୁହ ।
ଦେଖିଛ କି ମା ପ୍ରିୟ ସାଙ୍ଗଟିର ମୁହଁ ॥
ସାଙ୍ଗକୁ ଚିହ୍ନିଛୁ ସାଥୀକୁ କରିଛୁ ଦେଖା ।
ଅଗଣାରେ ଖଟ
ଖଟରେ ସଙ୍ଗାତ ଗାମୁଛା ହୋଇଛି ଢଙ୍କା ॥
ଗଲି ଗଲିଅବା ଗଲେ ତୁମେ ଧାଇଁ ଧାଇଁ ।
ଆଉ କେବେ ତୁମେ ସାଙ୍ଗକୁ ପାଇବ ନାହିଁ ॥
ଯମୁନା ନଇର ବାଲି ଢିପ ଗହୁଁ ଗହୁଁ ।
ତୁମ ସାଙ୍ଗ ଜଳେ ନିଆ ଜଳେ ହୁଁ ହୁଁ ॥

(୬)

ସେରେଞ୍ଚ ଚେତାନ୍ ଚେତାନ୍ ତେଦ
ଆମଚି ମାଇ ସେନ୍ ଲେଦ
ନାରାଏ ରୁଗୁଡି ଡାଡି ତେଦ
ଆମଚି ମାଇ ମାଣ୍ଡା ଲେଦ
ଆଞ୍ଜେ ଗେଲ ସେନେଲେଦ୍ ଏଙ୍ଗାଞ୍ଚ
ଏଗାଞ୍ଜେ କଞ୍ଚ ଦାଣା କେନ୍
ଆଞ୍ଜେ ଗେଲ ମଣ୍ଡାଲେଦ ଆପୁଞ୍ଚ
ଆପୁଞ୍ଜେ କଞ୍ଚ୍ କଜାର୍ କେନ୍
କାରେ ମାଇନାମ୍ ନାମେ କଆ
ଦିରିତେକ ତେନେନ ଜାନ୍
କାରେ ମାଇନାମ୍ ନାମେକଆ
ଜାନୁମ୍ ତେକ ରାମେନ୍ ଜାନ୍

(ମୁଣ୍ଡା ଦୁରାଂ)

ଓଡ଼ିଆ ଭାବ-

ବଣ ବୁଦା ହୁଡି ପଥର ବାଟରେ
ଝିଅଲୋ କୁଆଡେ ଯାଉ ।
ଖୋଜି ବୁଲୁଛି ମୁଁ ଏଇଠି କୋଉଠି
ଅଛନ୍ତି ମୋ ବାପା ବୋଉ ॥
କାହିଁକିଲୋ ତାଙ୍କୁ ଖୋଜୁଛୁ
ତୋ ବାପା ବୋଉଙ୍କୁ ପାଇବୁ ନାହିଁ ।
ବଣ ବୁଦା କଣ୍ଟା ପଥର ଭିତରେ
ପଡିଛନ୍ତି ସିଏ ଶୋଇ ॥
ଜୀବନ ଦୀପ ଲିଭିଗଲା ପରେ
ଶୋଇଗଲେ ବୁଜି ଆଖି ।
ମାଟିରେ ମିଶିଲେ ବଣ ବୁଦା ତଳେ
ପଥର ରଖିଛି ଢାଙ୍କି ॥

(୭)

ସାଙ୍ଗିଞ୍ଜ ଦିସୁମ ମିରୁ ସାଙ୍ଗିନ୍ ନାଇହାର
ଜନମେ ଯୁଗ ମିରୁ ଗାତେ ଆପାଦ
ଗୁଜୁଃ ବୁରୁ ମିରୁ ଖବର ସେଟେର ତେଗେ
ଅମନ୍ ନାମା ମିରୁ ଦୁବି ତାସାଦ

(ସାନ୍ତାଳ ସେରେଞ୍ଜ)

ଓଡ଼ିଆ ଭାବ-

ଶାଶୁଘର ତୋର ଶୁଆଲୋ
କେଉଁ ଦୂର ଦେଶରେ ।
ସାଙ୍ଗସାଥୀଙ୍କୁ ତୁ ଦେଖି ପାରିବୁନି
ସବୁ ରହିଯିବେ ଅନେକ ଦୂରେ ॥
ସିନିହ ଶରଧା ସୂତା ତୁଟିବ ।
ଏଇମିତି ଜୀବନଟା କଟିବ ॥
ମୁଁ ମରିଗଲେ ଖବର ପାଇବୁ କେତେ ଦିନରେ ।
ଦୁବଘାସ ଉଠି ସାରିଥିବ ମୋର ମଲା ଗାତରେ ॥

(୮)

ନଲମ ତାବୁ ନାସା ନଲମ

ଜୀବନ୍ ତାବୁ ନୟ ଜୀବନ୍ (କଁ)

ନେନ୍ ଜୀବନ୍ ମେନାଃ ରେବୁ ରାସିକାତୁଆଃ (କଁ)

ନେନ୍ ନଲମ ଦାନାଂ ୟାନରେ

ନେନ୍ ଜୀବନ ଅଟାଂ ୟାନରେ

ଦିରିନା ତେକ ତେନ୍ ବୁଆ

ହାସାନା ଜମ୍ ବୁଆ

(ହୋ ମାଗେ ଦୁରାଂ)

ଓଡ଼ିଆ ଭାବ-

ମାଟିର ପିଣ୍ଡରେ ଦେହଟି ଆମ

ଦେହରେ ଜୀବନ ବାୟୁର ପ୍ରାଣ ॥

ହସଖୁସି କରି ମନ ମଉଜ କରି ।

ଦିନ ବିତାଇବା ପରାଣ ଭରି ॥

ଏ ଦିହଟା ଦିନେ ଯିବ ଉଜୁଡି ।

ପ୍ରାଣବାୟୁ ଯିବ ଦେହକୁ ଛାଡି ।

ମାଟିର ଶରୀରକୁ ମାଟିରେ ଥାପି ।

ଉପରେ ଥୋଇବେ ପଥର ଚପି

ମାଟି ହୋଇଯିବ ମାଟି ଦେହଟି ॥

(୯)

ହାରା କେଦମେ ବାବୁ ବୁରୁ କେଦମେ

ଧୂଳି ଦାହାଲିତିଞ୍ଜ ସାଜାଓ କେଦମ

ଇଞ୍ଜ ବାବୁଞ୍ଜ ଗୁଜୁଉ ରେଦ

ନାଇ ତେଦ ବାବୁ ଇଦିଇଞ୍ଜମେ

ନାଇ ତେ ଇଦିରେଦ ମେଦାଦଃ ଆଲାମ୍ ଜରୟ

ବାହାମ ବହେଲ ରେଦ ବାବୁ ମେଦାଦଃ ଜରୟମେ

(ସାନ୍ତାଳ ଗୀତ)

ଓଡ଼ିଆ ଭାବ-

କୋଳରେ କାଖରେ ଶରଧା ଦୋଳିରେ
ପାଳିପୋଷି ତୋତେ କଲି ମୁଁ ବଡ ।
ପିନ୍ଧେଇଲି ଧୋତି ବାନ୍ଧିଲି ପଗଡି
ସାନରୁ ତୋତେ କରିଲି ପାହାଡ ॥
ମୁଁ ଗଲେ ମରି ଅସ୍ଥିଫୁଲ ଧରି
ବାବୁରେ ତୁ ମୋତେ ନଇକୁ ନେବୁ ॥
ଅସ୍ଥି ନେଇଯିବୁ ଅଶ୍ରୁ ନ ଢାଳିବୁ
ଫୁଲ ପରେ ଅସ୍ଥି ଭସେଇ ଦେବୁ ॥
ତା ପରେ ଢାଳିବୁ ଲୁହ ଦି ଟୋପା
ରଖିବୁରେ ବାବୁ ଏଇ ମୋ କଥା ॥

# ନିଶାଦ୍ରବ୍ୟ ପାନ ସମ୍ପର୍କିତ ଗୀତ

ବିଭିନ୍ନ ପ୍ରକାରର ଖାଦ୍ୟାଭ୍ୟାସ ସହିତ ଆଦିବାସୀମାନେ ଅନେକ ପ୍ରକାରର ପାନୀୟ ମଧ୍ୟ ବ୍ୟବହାର କରନ୍ତି । ରନ୍ଧାଭାତରୁ ପ୍ରସ୍ତୁତ ହାଣ୍ଡିଆ ତଥା ମହୁଲରୁ ପ୍ରସ୍ତୁତ ଦେଶୀ ମଦ ମହୁଲୀ ସେମାନଙ୍କୁ ବେଶୀ ପ୍ରିୟ । ସଦ୍ଧା ଭାତକୁ (ମେରାକୁ) ପାଣିରେ ମିଶାଇ ଭଲ ଭାବରେ ଘାଣ୍ଟି ସେମାନେ ହାଣ୍ଡିଆ (ଡିଆଂ ହୋ) ଇଲି (ମୁଣ୍ଡା ଓ ଭୂମିଜ) ହାଣ୍ଡି (ସାନ୍ତାଳ) ପ୍ରସ୍ତୁତ କରନ୍ତି । ସେମାନଙ୍କ ପର୍ବପର୍ବାଣି ଓ କର୍ମକର୍ମାଣି ବେଳେ ହାଣ୍ଡିଆ ପାନୀୟ ରୂପେ ବ୍ୟବହୃତ ହୁଏ । ଦେବ-ଦେବୀଙ୍କ ତୁଷ୍ଟିପାଇଁ ମଧ୍ୟ ହାଣ୍ଡିଆ (ମଦ) ନୈବେଦ୍ୟ ରୂପେ ପରିବେଷିତ ହୋଇଥାଏ ।

ଅନେକ ଆଦିବାସୀ ଗରିବ ହୋଇଥିବାରୁ ଖାଦ୍ୟର ଅଭାବରୁ ମଦ ହାଣ୍ଡିଆକୁ ଖାଦ୍ୟଭାବେ ପିଇ ଜୀବନଧାରଣ କରୁଥିବା ଦୃଷ୍ଟିଗୋଚର ହୋଇଥାଏ । ଏହି ହାଣ୍ଡିଆ ଓ ମଦକୁ ବିଷୟ ବସ୍ତୁ କରିଥିବା ଗୀତର ନମୁନା ତଳେ ପ୍ରସ୍ତୁତ କରାଗଲା ।

(୧)

ଠଟରୀ ଦହ ଦିଶମକ ଦାଣାନାଦ
କାଁସା ପିତଲ କ ଅଦଲ ବଦଲ୍
ଆବ ଦହ ବାଲାୟା କଦ
ମାରାଂ ଅଲାଃ ତାଲା ରେଦ
ଫୁଲୁଃ ହାଣ୍ଡି ବ ଅଦଲ ବଦଲ

(ହାଣ୍ଡି-ହାଣ୍ଡିଆ)(ସାନ୍ତାଳ ବିବାହ ଗୀତ)

ଓଡ଼ିଆ ଭାବ-

ଥଟାରୀ ବୁଲଇ ଗଣିଲୁ ମୁଣ୍ଡେଇ
ବାଟ ଘାଟ ପାରି ତଳ ତମାଳ ।
ଦେଶେ ଦେଶେ ପାଇଁ ବେପାର କରଇ
ଅଦଳ ବଦଳ କଂସା ପିତ୍ତଳ ॥
ଆମେ ସମୁଦିଏ ମଝି ଘର ଠାଏ
ପିଉଅଛୁ ଲସି ହାଣ୍ଡିଆ ଚଳା ।
ନିଶା ଟଳମଳ ଅଦଳ ବଦଳ
ମୋଅରି ଦୁକୁ ତୁମରି ଠୋଲ ॥

(୨)

ଏୟା କାରୁ ଏୟା ସୁନା
ପାତା ଦୟା ଘଃବିନ୍ ବାଗିକେଦ୍
ବତଲ ବତଲ ପାରୁଓ୍ୱାଲେଞ୍ଜୁ ଲେଦ୍
ଖାଲାଃ ଖାଲାଃ ଲାଡୁଲେ ଜମ୍ ଲେଦ୍
ଏୟା କାରୁ ଏୟା ସୁନା
ପାତା ଦୟା ଘଃ ବିନ୍ ବାଗିକେଦ୍
(ପାରୁଓ୍ୱା - ମହୁଲି ମଦ)

(ସାନ୍ତାଳ ପାତା - ସେରେଞ୍ଜ୍

ଓଡ଼ିଆ ଭାବ-

ଆହୋ କାରୁ ଆହୋ ସୁନା ।
ପାତା ନାଚ ଗୀତ କାଇଁକି ଛାଡିଲ ସିନା ॥
ବୋତଲ ବୋତଲ ମହୁଲୀ ପିଇଲୁ
ଦନା ଦନା ଲଡୁ ଖାଇଲୁ ଆମେ ॥
ପାତା ନାଚ ଗୀତ କାଇଁକି ଛାଡିଲ ତୁମେ ॥

(୩)

ଏକ ବୁତୁଲେ ଯେମନ୍ ତେମନ୍
ଦୁଇ ବୁତୁଲେ ରିମିଝିମ୍
ତିନ୍ ବୁତୁଲେ ମାତାଲି
ଚାର ବୁତୁଲେ ତିରିଂ ରିଙ୍ଗାଲି ।
ତୁଇ ମଦ୍ ଖାଇ ମାତାଲି
ରାତ୍ ବାରଟାୟ ଘର ଆଲି
ଅତ କେନ ମଦେର ମନଦିଲି ॥

(ଲୋଧା - ମାତାଲ ଗୀତ)

(୪)

କୁଲି ମୁଣ୍ଡାୟ ରଗଡ ପାଥର
କେମନ ସୁନ୍ଦର ବାଜବେ ମାଦଲ
କୁଲି କୁଲି ବାଜାବ ନାୟାଁ

କୁଲି କୁଲି ଯାବ ନାୟଁ
କୁଲିରେ ପିଣ୍ଡା ଛୁୟୋଁ ନାୟଁ
ନାଚିଲେ ଫୁଲେର ମାଲା ନିବ ନାୟଁ
ଟେଁକା ମଦେର ଦାମ୍ ଦିହା ନାୟଁ
ଧାଁତିରେ ଧାଁତି

(ଲୋଧା- କରମ ଗୀତ)

(୫)
ରେଙ୍ଗେତେ ତେତାଂ ତେ ଜୀଦ ଲଅତାନ୍
ଅବାଛାରେ ତାଇଁ ବାବାରେ ତାଇଁ
ଥିଙ୍ଗୁନତେ ଦାରୁ ସୁବା କାଗେ ନାମଆ
ସୁସୁନତେ ଦୁରାଂ ତେ ଇଲି ନାମଆ
ଅବାଛାରେ ତାଇଁ ବାବାରେ ତାଇଁ
ଥିଙ୍ଗୁନତେ ଦାରୁ ସୁବା କାଗେ ନାମଆ
ଅଲତେ ବାଲତେ ବୁଦ୍ଧି ନାମଆ
ଅବାଛାରେ ତାଇଁ ବାବାରେ ତାଇଁ
ଥିଙ୍ଗୁନତେ ଦାରୁ ସୁବା କାଗେ ନାମଆ

(ଭୁମିଜ-କାରାମ ଦୁରାଂ)

ଓଡ଼ିଆ ଭାବ-

ଭୋକରେ ଶୋଷରେ ପ୍ରାଣ ଆଉଟି ପାଉଟି ।
ବାପାରେ ପିଲାଏ କିଛି ମିଳିବନି
ଗଛତଳେ ଠିଆ ହୋଇ ଅଛଟି ॥
ନାଚିଲେ ଗାଇଲେ ମିଳିବ ହାଣ୍ଡିଆ ॥
ଗଛତଳେ ଠିଆ ହୋଇଥିଲେ ହବ ଶିଶୁ ପାଳିଆ ॥
ପଢିଲେ ଶୁଣିଲେ ବୁଦ୍ଧି କଅଁଳିବ ଜ୍ଞାନ ମିଳିବ ।
କିଛି ମିଳିବନି ଗଛତଳେ ଯଦି ଛିଡା ହୋଇଥିବ ॥

(୬)
ଓ ବଲେ ବଲେ ହାତୁ ଗୁଡିରେ ଶାରାଜମ୍ ବାଦ
ତି ତେୟ କାଗେ ତିୟୁଃଗ

ହାତୁ ତାଲାରେ ଡାଙ୍ଗୁଆ କୁଳିହନ୍
କୁଲିଗିଇ ରେୟଗା କାଏ ଜାଗାର
ଓ ବଲେ ବଲେ ବାକୁଗା ତଲଆଞ୍ଜା ପେ
ବାକୁତେଞ୍ଜା ତେବାଗ
ଇଲିଗା ଆକିଦାଞ୍ଜା ପେ
ଇଲି ନୁକାତେଞ୍ଜା ଜାଗାର

(ଭୁମିଜ ଜାଦୁର ଗୀତ)

ଓଡ଼ିଆ ଭାବ-

ଗା ମୁଣ୍ଡ ଶାଳଫୁଲ ଲୋ ବଲେ ଓ ବଲେ
ହାତପାଏ ନାହିଁ ତାକୁ ଲୋ ବଲେ ଓ ବଲେ
ଏ ଗାଁର କାଳି ଟୋକି ଲୋ ବଲେ ଓ ବଲେ
ଟୋକି କଥା କହେନାହିଁ ବଲେ ଓ ବଲେ
ନଗୀ ବାନ୍ଧିନିଅ ବାଗେଇ ବଲେ ଓ ବଲେ
ଫୁଲ ତୋଳିନିଅ ନଗେଇ ବଲେ ଓ ବଲେ
ହାଣ୍ଡିଆ ରାନ୍ଧ ମୁଁ ପିଇବି ବଲେ ଓ ବଲେ
ପିଇଲେ ହାଣ୍ଡିଆ କଥା କହିବି ବଲେଓ ବଲେ

(୭)

ସାରଜମ୍ ବାଲାରେ କୁଇଲିମ୍
ହାଲାଗୁ ଲେନାୟ କୁଇଲି
ସୁଲା ସାଙ୍ଗେନରେ କୁଇଲିମ୍
ନସର୍ ଲେନା
ଇଲି ମାଣ୍ଡି ନାଙ୍ଗେନ୍ ଗେ କୁଇଲିମ୍
ନାଲାଗୁ ଲେନାୟ କୁଇଲି
ସିମକାଟା ନାଙ୍ଗେନଗେ କୁଇଲିମ୍
ନସର ଲେନା
ଇଲିମାଣ୍ଡି ଉବା ଜାନା କୁଇଲିମ୍
ରୁଆଲା ଲେନାୟ କୁଇଲି
ସିମକାଟା ତୁଣ୍ଡୁଲେନା କୁଇଲିମ୍
ନାଚୁର ଲେନା

(ମୁଣ୍ଡା ଜାଦୁର ଦୁରାଂ)

ଓଡ଼ିଆ ଭାବ-

ଓହ୍ଲେଇ ଆଇଲ କୋଇଲି ଶାଳଫୁଲ ଫୁଟିଲା ।
ଓହ୍ଲେଇ ଆଇଲ କୋଇଲି ପତ୍ର ଶାଗୁଆ ହେଲା ॥
ଓହ୍ଲେଇ ଆଇଲ କୋଇଲି ଭାତ ହାଣ୍ଡିଆ ନିଶା ।
ଓହ୍ଲେଇ ଆଇଲ କୋଇଲି ପାଟୁକୁକୁଡା କଷା ॥
ହାଣ୍ଡିଆ ପିଇଲ ଭାତ ଖାଇଲ ।
କଷା କୁକୁଡା ମଜା ମାଇଲ ॥
ସବୁ ସଇଲା ବୋଲି
ଫେରି ଯାଉଛ ମୋ କଳା କୋଇଲି ॥

(୮)

ଜମେ ପେ ବାଲାକ ଜମେ ପେ
ଦିରି ରୁଗୁଡି ମାଣ୍ଡି ବାଲାକ ଜମେ ଲେକା ପେ
ନୁଇ ବାଲାକ  ନୁଇପେ
କୁଣ୍ଡାରେ ଆଃ ଇଲି ବାଲାକ ନୁଇ ଲେକାପେ
ଜମେ ଦଲେ ଜମେୟା
ସନା ଲେକାନ୍ କାଜି ତାବୁ ତାଇନଃକା
ନୁ ଦଲେ ନୁଇୟା ।
ରୁପା ଲେକାନ୍ ବାକଣା ତାବୁ ତାଇକାଃକା

(ମୁଣ୍ଡା ଅଣଦି ଦୁରାଂ)

ଓଡ଼ିଆ ଭାବ-

ଭାତରେ ତ ଗୋଡି ହେଇଛି ଖୁନ୍ଦି ।
ଖାଇ ଦିଅ ଆଗୋ ନୂଆ ସମୂଦି ।
କୁଣ୍ଡାରେ କରିଛୁ ହାଣ୍ଡିଆ ଲସି ।
ପିଅ ଗୋ ସମୁଦି ପିଢାରେ ବସି ।
ସୁନା ପରି ମାନ କଥା ରହିଲେ ।
ତେବେ ଯାଇ ଭାତ ଖାଇବୁ ଭଲେ ॥
ରୁପା ପରି କଥା ମାନିଲେ ହସି ॥
ଖୁସିରେ ପିଇବୁ ହାଣ୍ଡିଆ ଲସି ॥

(୯)

ଦାନା ବାଲାନେରା ନାଜି-ନାନାର ଡିଆଁ
ଦାନା ବାଲା ନେରା ଜାଗାଦାଃଆ ଡିଆଁ
ନାଜି ନାନାର ଡିଆଁ କାମ୍ ନେମେରେ
ହୁଡିଞ୍ଜ ହନ୍‌ମେ ନେରା ନେମାଲେମେ
ମାଲଚି ରେୟଲେ ମାଲଚି ମିସାଇୟା
ବୁଲୁଂ ରେୟଲେ ବୁଲୁଂ ମିସାଇୟା

(ହୋ -ଆଁଆଁଦି ଦୁରାଂଙ୍ଗ

ଓଡ଼ିଆ ଭାବ-

ସମୁଦୁଣୀ ଦିଅ ଆମକୁ ଦେଢଶାଗୁ ହାଣ୍ଡିଆ ।
ଆଣ ସମୁଦୁଣି ହାଣ୍ଡିଆ ଠେକି ରସ ରସିଆ ॥
ହାଣ୍ଡିଆ ନ ଦେଲେ ଦିଅ ତମ ସାନ ଝିଅକୁ ଆଣି ।
ଲୁଣରେ ପିଇବୁ ଖପାଇ ବାସି ତୋରାଣି ॥

(୧୦)

ମାରାଂ ବୁରୁ ରେୟାଃ ସାରଜମ୍ ବାଲା
ଦିଉରି ରାର୍ଦ୍ଧ ରେକ ସେଟେରତାଡା
ହୁଲିଂ ବୁରୁ ରେୟାଃ ସାରଜମ୍ ବାଲା
ଦିଉରି ରାର୍ଦ୍ଧ ରେକ ଅଗୁତାଡା
ମାରାଂ ବୁରୁ ରେୟାଃ ସାରଜମ୍ ବାଲା
ଇଲି ଡିୟାଁ ତେକ ଦିଲି ତାଡା
ହୁଲି ବୁରୁ ରେୟାଃ ସାରଜମ୍ ବାଲା
ସାରଜମ୍ ବାଲା ଦ ଲେବେର ଲେବେର୍

(ହୋ ବା' ଦୁରାଂ)

ଓଡ଼ିଆ ଭାବ-

ଦେହୁରୀଙ୍କ ଅଗଣାରେ
ବଡ ଜଙ୍ଗଲର ଶାଳ ଫୁଲ ପହଞ୍ଚିଲେ ।
ସାନ ଜଙ୍ଗଲର ଶାଳଫୁଲ ବି ଆସିଲେ ॥
ବଡ ଜଙ୍ଗଲର ଶାଳ ଫୁଲକୁ ସଙ୍ଗୋଳି
ହାଣ୍ଡିଆ ଯାଚିଲେ ରସି ପରସିଲେ ।

(୯)

ଦାନା ବାଲାନେରା ନାଜି-ନାନାର ଡିଆଁ
ଦାନା ବାଲା ନେରା ଜାଗାଦାଃଆ ଡିଆଁ
ନାଜି ନାନାର ଡିଆଁ କାମ୍ ନେମେରେ
ହୁଡିଞ୍ଜ ହନ୍‌ମେ ନେରା ନେମାଲେମେ
ମାଲଚି ରେୟଲେ ମାଲଚି ମିସାଇୟା
ବୁଲୁଂ ରେୟଲେ ବୁଲୁଂ ମିସାଇୟା

(ହୋ -ଆଁଆଁଦି ଦୁରାଂଙ୍ଗ

ଓଡ଼ିଆ ଭାବ-

ସମୁଦୁଣୀ ଦିଅ ଆମକୁ ଦେଢଶାଶୁ ହାଣ୍ଡିଆ ।
ଆଣ ସମୁଦୁଣି ହାଣ୍ଡିଆ ଠେକି ରସ ରସିଆ ॥
ହାଣ୍ଡିଆ ନ ଦେଲେ ଦିଅ ତମ ସାନ ଝିଅକୁ ଆଣି ।
ଲୁଣରେ ପିଇବୁ ଖପାଇ ବାସି ତୋରାଣି ॥

(୧୦)

ମାରାଂ ବୁରୁ ରେୟାଃ ସାରଜମ୍ ବାଲା
ଦିଉରି ରାରୁ ରେକ ସେଟେରତାଡା
ହୁଲିଂ ବୁରୁ ରେୟାଃ ସାରଜମ୍ ବାଲା
ଦିଉରି ରାରୁ ରେକ ଅଗୁତାଡା
ମାରାଂ ବୁରୁ ରେୟାଃ ସାରଜମ୍ ବାଲା
ଇଲି ଡିୟାଁ ତେକ ଦିଲି ତାଡା
ହୁଲି ବୁରୁ ରେୟାଃ ସାରଜମ୍ ବାଲା
ସାରଜମ୍ ବାଲା ଦ ଲେବେର ଲେବେର୍

(ହୋ ବା' ଦୁରାଂ)

ଓଡ଼ିଆ ଭାବ-

ଦେହୁରୀଙ୍କ ଅଗଣାରେ
ବଡ ଜଙ୍ଗଲର ଶାଳ ଫୁଲ ପହଞ୍ଚିଲେ ।
ସାନ ଜଙ୍ଗଲର ଶାଳଫୁଲ ବି ଆସିଲେ ॥
ବଡ ଜଙ୍ଗଲର ଶାଳ ଫୁଲକୁ ସଙ୍ଗୋଳି
ହାଣ୍ଡିଆ ଯାଚିଲେ ରସି ପରସିଲେ ।

# ସହାୟକ ଗ୍ରନ୍ଥସୂଚୀ


୧. ଡ. କୃଷ୍ଣଚନ୍ଦ୍ର ନାୟକ :

୨୦୦୩-କେନ୍ଦୁଝର ଲୋକ ନାଟକ;

ବିଜୟିନୀ ପବ୍ଲିକେଶନ-କଟକ

୨. ଡ. ବିନୋଦ କୁମାର ନାଏକ :

(i) ୨୦୦୨ - ହୋ ଲୋକ ସାହିତ୍ୟ; ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ - ଭୁବନେଶ୍ୱର

(ii) ୨୦୦୪ - ସାନ୍ତାଳ ଲୋକ ସାହିତ୍ୟ, ସିଦ୍ଧାର୍ଥ ନାଏକ, ଭୁବନେଶ୍ୱର

(iii) ୨୦୦୬ - ଶାଳ ବଣର ସଙ୍ଗୀତ, ସିଦ୍ଧାର୍ଥ ନାଏକ, ଭୁବନେଶ୍ବର

(iv) ୨୦୦୭ - ମୁଣ୍ଡା ଲୋକଗୀତ, ସିଦ୍ଧାର୍ଥ ନାଏକ, ଭୁବନେଶ୍ୱର

(v) ୨୦୦୮ - ଭୁମିଜ (ମୁଣ୍ଡା) ଲୋକ ସାହିତ୍ୟ, ସିଦ୍ଧାର୍ଥ ନାଏକ, ଭୁବନେଶ୍ୱର

(vi) ୨୦୦୮ - କୋହ୍ଲ (ହୋମୁଣ୍ଡା) ଲୋକ ସାହିତ୍ୟ ସିଦ୍ଧାର୍ଥ; ନାଏକ, ଭୁବନେଶ୍ୱର

(vii) ୨୦୧୦ - ବିର୍ ହଲ୍ ଲୋକ ସାହିତ୍ୟ; ତିଥି ବୁକ୍ସ୍, କଟକ

(viii) ୨୦୧୧ - କୁଲ୍‌ମି ଲୋକ ସାହିତ୍ୟ; ତିଥି ବୁକ୍ସ୍, କଟକ

୩. ଡ. ବିମ୍ବାଧର ବେହେରା :

(i) ୨୦୦୩ - ଓଡିଆ ଉପନ୍ୟାସରେ ଭୂୟାଁ ସମ୍ପ୍ରଦାୟ ଓ ରାଜପରିବାର, ଶ୍ରୀମତୀ ସନ୍ତୋଷିନୀ ବେହେରା, କେନ୍ଦୁଝର

(ii) ୨୦୦୬ - ଜନ ଜୀବନ ଓ ଅନ୍ୟାନ୍ୟ ପ୍ରସଙ୍ଗ, ଶ୍ରୀମତୀ ସନ୍ତୋଷିନୀ ବେହେରା, ଘୁଟୁର, କେନ୍ଦୁଝର

୪. ଡ. ଦମୟନ୍ତୀ ବେଶ୍ରା :

(i) ୨୦୦୬ - ଚାଇ ଚାମ୍ପାରୁ ଭଂଜ ଦିଶମ୍, ଜ୍ଞାନଯୁଗ ପବ୍ଲିକେଶନ୍, ଭୁବନେଶ୍ୱର

(ii) ୨୦୦୯ - ଦାମୋଦର ଧାରେଧାରେ, ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ବର

(iii) ୨୦୧୦ - ସମାଜ ଓ ସଂସ୍କୃତି ପୃଷ୍ଠପଟରେ ମୟୁରଭଞ୍ଜର ସାନ୍ତାଳ, ଅଦିବାସୀ ଭାଷା ସଂସ୍କୃତି ଏକାଡେମୀ, ଭୁବନେଶ୍ୱର

୫. ଓଡିଶା ସାହିତ୍ୟ ଏକାଡେମୀ

୨୦୦୪- ଦ୍ୱିତୀୟ ପ୍ରକାଶ-ଓଡିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି- ଓଡିଶା ସାହିତ୍ୟ ଏକାଡେମୀ

୬. ଡ. ନଗେନ୍ଦ୍ର ନାଥ ମହାପାତ୍ର

୨୦୦୨-ଲୋଧା ସଂସ୍କୃତି ଓ ଲୋକ ସାହିତ୍ୟ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର

୮. ୨୦୧୪ ଜୁଆଙ୍ଗ ଲୋକସାହିତ୍ୟ : ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ



